ଧରିତ୍ରୀ 52 Years

DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୩/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, February 3/2026 | Page 14 | ₹ 7.00

୫୨ଶ ଭାଗ ୭୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 71 | ମୂଲ୍ୟ ₹୭/-


# ଟ୍ରମ୍ପ୍ ନରମିଲେ

- **ଟାରିଫ୍ ୧୮%କୁ ହ୍ରାସ ଘୋଷଣା**
- **ବାଣିଜ୍ୟ ଚୁକ୍ତିନାମା ପାଇଁ ସହମତି**


ଡୋନାଲ୍ଡ ଟ୍ରମ୍ପ୍

**ନୂଆଦିଲ୍ଲୀ,୨।୨**

ଆମେରିକା ଓ ଭାରତ ମଧ୍ୟରେ କିଛିମାସ ଧରି ଚାଲିଥିବା ଟାରିଫ୍ ଯୁଦ୍ଧ ନୂଆ ମୋଡ଼ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତକୁ ବାରମ୍ବାର ଶୁଳ୍କ ଧମକ ଦେଇଆସୁଥିବାବେଳେ ନାଟକୀୟ ଘଟଣାକ୍ରମରେ ସୋମବାର ନିଜ ଦମ୍ଭରୁ ନରମିଛନ୍ତି। ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ଅତ୍ୟଧିକ ଟାରିଫ୍‌ର ବହୁଳାଂଶ ହ୍ରାସ କରିଛନ୍ତି। ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଯୋଗୁ ଆମେରିକା ରାଷ୍ଟ୍ରପତି ଉପରୋକ୍ତ ନିଷ୍ପତ୍ତି ନେଇଥିବା ସମୀକ୍ଷକମାନେ ମତ ଦେଇଛନ୍ତି।

ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୨୫% ଜବାବୀ ଟାରିଫ୍ ଲଗାଇବା ସହ ରୁଷିଆରୁ ନୂଆଦିଲ୍ଲୀ ତୈଳ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫% ଦଣ୍ଡାତ୍ମକ ଟାରିଫ୍ ଲଗାଇଥିଲେ। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଦୀର୍ଘଦିନ ଧରି ଆଲୋଚନା ଜାରି ରହିଥିବାବେଳେ ଏଥିରେ ଉଭୟ ଦେଶ ସହମତ ବୋଲି ଟ୍ରମ୍ପ୍ ସୋମବାର ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ ଜରିଆରେ ଘୋଷଣା କରିଛନ୍ତି। ଉକ୍ତ ଚୁକ୍ତିନାମା ଅନୁଯାୟୀ, ଆମେରିକା ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ୨୫% ଜବାବୀ ଟାରିଫ୍‌କୁ ୧୮%କୁ ହ୍ରାସ କରିବ। ☞ପୃଷ୍ଠା-୪

# ରେଳ: ଓଡ଼ିଶାକୁ ୧୦,୯୨୮ କୋଟି

## ରାଜ୍ୟର ଶିଳ୍ପ, ବାଣିଜ୍ୟକୁ ବଳ ଦେବ ପୂର୍ବ-ପଶ୍ଚିମ ମାଲ୍ ପରିବହନ କରିଡର

**୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ଓଡ଼ିଶା ରେଳ ଭିତ୍ତିଭୂମିର ବିକାଶ ପାଇଁ ବଡ଼ ପ୍ରୋତ୍ସାହନ ରାଶି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶା ପାଇଁ ବାର୍ଷିକ ହାରାହାରି ରେଳ ବଜେଟ ଆବଣ୍ଟନ ୮୩୮ କୋଟି ଟଙ୍କା ରହିଥିବାବେଳେ ୨୦୨୬-୨୭ରେ ଏହା ୧୩ ଗୁଣ ବୃଦ୍ଧିପାଇଛି। ଚଳିତବର୍ଷ ବଜେଟରେ ୧୦,୯୨୮ କୋଟି ଟଙ୍କାର ରେଳ ବଜେଟ୍ ଘୋଷଣା କରାଯାଇଛି। ଗତ ବର୍ଷର ଅନୁଦାନ ଥିଲା ୧୦,୫୯୯ କୋଟି ଟଙ୍କା। ତେବେ ରେଳ ବଜେଟରେ ଘୋଷଣା ହୋଇଥିବା ପୂର୍ବ-ପଶ୍ଚିମ ମାଲ ପରିବହନ କରିଡର ଓଡ଼ିଶା ଦେଇ ଯିବ, ଯାହାକି ରାଜ୍ୟର ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି।**


ଅଶ୍ୱିନୀ ବୈଷ୍ଣବ

**ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)**

ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଗତ ଦଶନ୍ଧି ମଧ୍ୟରେ ଅନୁଦାନ ରାଶି ଆବଣ୍ଟନ ବଢ଼ିଚାଲିଥିବାବେଳେ ଚଳିତବର୍ଷ ମଧ୍ୟ ଏହି ଧାରା ଜାରି ରହିଛି। ଭୁବନେଶ୍ୱରସ୍ଥିତ ରେଳସଦନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲରେ ଯୋଗଦେଇ କହିଛନ୍ତି, ଏହି ନିରନ୍ତର ନିବେଶ ଫଳରେ ସମଗ୍ର ରାଜ୍ୟରେ ରେଳ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ ଆସିଛି, ବର୍ତ୍ତମାନ ୯୦,୬୫୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର କାର୍ଯ୍ୟ ଜାରି ରହିଛି। ଏଥିରେ ନୂତନ ଲାଇନ ନିର୍ମାଣ, ଦୋହରୀକରଣ ଏବଂ କ୍ଷମତା ବୃଦ୍ଧି, ଷ୍ଟେଶନ ପୁନଃବିକାଶ ଏବଂ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୃଦ୍ଧି, ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାବେଶୀ ଅଭିବୃଦ୍ଧି ଏବଂ ଉନ୍ନତ ସଂଯୋଗୀକରଣ ସୁନିଶ୍ଚିତ କରିବା ସହିତ ଜଡିତ ପ୍ରକଳ୍ପଗୁଡ଼ିକ ଅନ୍ତର୍ଭୁକ୍ତ।

ଯାତ୍ରୀ କୈନ୍ଦ୍ରିକ ପଦକ୍ଷେପ ଉପରେ ଆଲୋକପାତ କରି ବୈଷ୍ଣବ କହିଛନ୍ତି, ଅମୃତ ଷ୍ଟେଶନ ଯୋଜନା ଅଧୀନରେ ୨,୪୩୯ କୋଟି ଟଙ୍କାର ମୋଟ ବିନିଯୋଗରେ ଓଡ଼ିଶାର ୫୯ଟି ଷ୍ଟେଶନକୁ ବ୍ୟାପକ ପୁନଃବିକାଶ ପାଇଁ ଚିହ୍ନଟ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶଦ୍ୱାର), ବାରିପଦା, ବରପାଲି, ବିମଳାଗଡ଼, ପାରଳାଖେମୁଣ୍ଡି ଏବଂ ତାଳଚେର ଭଳି ୬ଟି ଷ୍ଟେଶନରେ କାର୍ଯ୍ୟ ସମାପ୍ତ ହୋଇସାରିଛି। ସେହିପରି ଆଧୁନିକ ଟ୍ରେନ ସେବା ପ୍ରଚଳନ ସହିତ ରାଜ୍ୟରେ ରେଳ ସଂଯୋଗ ଏକ ଗୁଣାତ୍ମକ ପରିବର୍ତ୍ତନ ଦେଖିଥିବା ସେ କହିଛନ୍ତି। ବର୍ତ୍ତମାନ ଓଡ଼ିଶାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବୋତଲ ବେପାର


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



46001/3/2526


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁଭଦ୍ରା

ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ବିଭୂତି ଭୂଷଣ ଜେନା — ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି, ଓଡ଼ିଶା
ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ — ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଓଡ଼ିଶା
ଡଃ ପ୍ରଦୀପ କୁମାର ପାଣିଗ୍ରାହୀ — ସାଂସଦ, ବ୍ରହ୍ମପୁର
ଶ୍ରୀମତୀ ଅନିତା ଶୁଭଦର୍ଶିନୀ — ସାଂସଦ, ଆସିକା
ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ — ସାଂସଦ, କନ୍ଧମାଳ

ଏବଂ ବିଧାୟକ ବୃନ୍ଦ, ଗଞ୍ଜାମ

୦୩ ଫେବୃଆରୀ ୨୦୨୬ | ମା' ତାରା ତାରିଣୀ ମନ୍ଦିର, ପୁରୁଷୋତ୍ତମପୁର, ଗଞ୍ଜାମ

ଯୋଜନାର ଲାଭ: ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା | ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ | ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା: ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ | ବୟସ: କନ୍ୟା: ୧୮-୩୫ ବର୍ଷ, ବର: ୨୧-୩୫ ବର୍ଷ | ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା: ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର: ପୁଲିସ୍ ହେଲ୍ପଲାଇନ୍ ୧୧୨ | ମହିଳା ହେଲ୍ପଲାଇନ୍ ୧୮୧ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

OIPR-46001/46005/2/25-26/0003

ଦିଲ୍ଲୀରେ ଆଜି



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନୂଆଦିଲ୍ଲୀସ୍ଥିତ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ସୋମବାର ନିର୍ବାଚନ କମିଶନରଙ୍କୁ ଭେଟିବା ପରେ ଖବରଦାତାମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି। (ଫଟୋ- ଚମନ ଗୌତମ)

# ସିଇସିଙ୍କ ସହ ବୈଠକ ଅଧାରୁ ଉଠିଆସିଲେ ମମତା

ନୂଆଦିଲ୍ଲୀ,୨।୨(ପି.ଟି.)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗରେ ସୋମବାର ନୂଆଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କୁ ଭେଟିଥିଲେ। ତେବେ ସେ ଉଠାଇଥିବା ପ୍ରସଙ୍ଗ ଉପରେ ଇସି ଶୀର୍ଷ ଅଧିକାରୀଙ୍କ ଜବାବ ନ ଶୁଣି ବୈଠକ ଅଧାରୁ ଉଠିଆସିଥିବା ଜଣାପଡ଼ିଛି। ଆଇନର ଶାସନ ବଳବତ୍ତର ରହିବ ଏବଂ ଯେଉଁମାନେ ଆଇନକୁ ହାତକୁ ନେବେ ସେମାନଙ୍କ ବିରୋଧରେ ଆଇନର ବ୍ୟବସ୍ଥା ଏବଂ ନିର୍ବାଚନ କମିଶନଙ୍କ ଉପରେ ନ୍ୟସ୍ତ କ୍ଷମତାର ପ୍ରୟୋଗ କ୍ରମେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଇସି ଟିଏମ୍‌ସି ନେତାମାନଙ୍କୁ କହିଛନ୍ତି। ନିର୍ବାଚନ କମିଶନ ଭାଜପାର ଦଲାଲ ଭାବେ କାର୍ଯ୍ୟ କରୁଛି ବୋଲି ମମତା ଅଭିଯୋଗ କରିବା ପରେ ସିଇସି ଉପରୋକ୍ତ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମମତା ପ୍ରତିବାଦ ସ୍ୱରୂପ କଳା ଚଦର ଘୋଡାଇ ହୋଇ କେତେଜଣ ଦଳୀୟ ନେତା ଏବଂ ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ କେତେକ ପରିବାର ସହ ନିର୍ବାଚନ କମିଶନରଙ୍କୁ ଭେଟିଥିଲେ। ପ୍ରଥମେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ଓ ପରେ ମମତା ନିର୍ବାଚନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

ସିଇସିଙ୍କୁ ଭେଟିବା ପୂର୍ବରୁ ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ବଙ୍ଗ ଭବନ ବାହାରେ ମୁତୟନ ପୋଲିସ ସହ ମମତାଙ୍କର ମୁହାଁମୁହିଁ ହୋଇଥିଲା। ଏସ୍‌ଆଇଆର୍ ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ଟିଏମ୍‌ସି ଜାତୀୟ ରାଜଧାନୀକୁ ଆଣିଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଧମକ ଦେବା ସହ ହଇରାଣ କରୁଥିବା ମମତା ଅଭିଯୋଗ କରିଥିଲେ। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି।

## ଯୁଦ୍ଧ ଏଡ଼ାଇବାକୁ ଇରାନର ଉଦ୍ୟମ, ଟ୍ରମ୍ପଙ୍କ ସ୍ୱାଗତ

ୱାଶିଂଟନ୍,୨।୨

ଆମେରିକା-ଇରାନ ଯୁଦ୍ଧ ଆଶଙ୍କା ଆପାତତଃ ହ୍ରାସ ପାଇଛି। ଇତିମଧ୍ୟରେ ଇରାନ ଆମେରିକା ସହ ବ୍ୟାକ୍ ଚ୍ୟାନେଲ୍‌ରେ ଆଲୋଚନା ପାଇଁ ଉଦ୍ୟମ ଆରମ୍ଭ କରିଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେବା ସହିତ ଇରାନର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଇରାନ ବିରୋଧରେ ଆମେରିକା କୌଣସି କଠୋର ପଦକ୍ଷେପ ନେବା ପୂର୍ବରୁ ଏହି ଉଦ୍ୟମ କିଛି ସମାଧାନ ଆଣିବା ଲାଗି ବାଟ ଫିଟାଇବ ବୋଲି ସେ କହିଛନ୍ତି। ଇରାନ ପ୍ରତ୍ୟକ୍ଷ ଭାବେ ଆମେରିକା ସହିତ ଆଲୋଚନା କରିବାକୁ ଚାହୁଁନାହିଁ। ପରୋକ୍ଷ(ବ୍ୟାକ୍ ଚ୍ୟାନେଲ୍) ଭାବେ ମଧ୍ୟସ୍ଥ ଜରିଆରେ ଆଲୋଚନା କରିବାକୁ ପ୍ରସ୍ତୁତ ରହିଛି। ଏଥିପାଇଁ ଆମେରିକା ତୁର୍କୀ ରାଜଧାନୀ ଆଙ୍କାରାରେ ଏକ ବୈଠକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ କାତାର ସହ ଆଲୋଚନା କରୁଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ପୂର୍ବତନ ସେନାମୁଖ୍ୟଙ୍କ ପୁସ୍ତକକୁ ନେଇ ଲୋକ ସଭାରେ ହଙ୍ଗାମା

## ରାହୁଲ-ରାଜନାଥ ମୁହାଁମୁହିଁ

ନୂଆଦିଲ୍ଲୀ,୨।୨



ରାହୁଲ ଗାନ୍ଧୀ



ରାଜନାଥ ସିଂ

ପୂର୍ବତନ ସେନା ମୁଖ୍ୟ ଏମ୍.ଏମ୍. ନରୱଣେଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକର ଉଦ୍ଧୃତ ଅଂଶକୁ ନେଇ ସୋମବାର ଲୋକ ସଭାରେ ହଙ୍ଗାମା ହୋଇଛି। ଏହି ପୁସ୍ତକ ପ୍ରକାଶିତ ହୋଇ ନଥିଲେ ମଧ୍ୟ ୨୦୨୦ରେ ଲଦାଖର ଡୋକଲାମ୍ ଏବଂ ଗଲୱାନ୍ ଘାଟିରେ ଭାରତ-ଚାଇନା ସଂଘର୍ଷ ସମୟର ସ୍ମୃତିକୁ ନେଇ ଜେନେରାଲ ନରୱଣେ 'ଫୋର୍ ଷ୍ଟାର୍ସ ଅଫ୍ ଡେଷ୍ଟିନି' ଶୀର୍ଷକ ପୁସ୍ତକ ଲେଖିଛନ୍ତି। ଏହି ପୁସ୍ତକର କିଛି ଅଂଶ'ଦି କାରାଭାନ'ରେ ପ୍ରକାଶ ପାଇଥିଲା ବେଳେ ଏହି ତଥ୍ୟକୁ ନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ସୋମବାର ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ସମୟରେ ରାହୁଲ ଗାନ୍ଧୀ ଜେନେରାଲ ନରୱଣେଙ୍କ ଏହି ପୁସ୍ତକର କିଛି ତଥ୍ୟ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ, ଯାହାକି ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲା। ଲଦାଖର ଡୋକଲାମସ୍ଥିତ ଭାରତୀୟ ସୀମାରେ ଚାଇନାର ୪ଟି ଟ୍ୟାଙ୍କ ପହଞ୍ଚି ସାରିଥିଲା ବୋଲି ରାହୁଲ କହିଥିଲେ। ରାହୁଲ ଗୃହରେ ଏଭଳି ମନ୍ତବ୍ୟ ଦେବା ପରେ ପ୍ରଥମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିରୋଧ କରିଥିଲେ। ଯଦି ପ୍ରକାଶ ପାଇଥିବା କୌଣସି ପୁସ୍ତକରେ ଏଭଳି ବିଷୟ ଉଲ୍ଲେଖ ରହିଛି, ରାହୁଲ ତାହାର ପ୍ରମାଣ ଦିଅନ୍ତୁ,ନଚେତ୍ ଏହି ପ୍ରସଙ୍ଗରେ ଆଲୋଚନା କରିବା ବନ୍ଦ କରନ୍ତୁ ବୋଲି ରାଜନାଥ କହିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏବଂ ଗୃହମନ୍ତ୍ରୀ ଅମିତ ଶାହା ରାହୁଲଙ୍କୁ ବିରୋଧ କରିଥିଲେ। ଯେଉଁ ପୁସ୍ତକ ପ୍ରକାଶ ପାଇନାହିଁ , ତାହାକୁ କିଭଳି ରାହୁଲ ଉଦ୍ଧୃତ କରି ଗୃହରେ ବକ୍ତବ୍ୟ ରଖୁଛନ୍ତି ବୋଲି ଶାହା ପ୍ରଶ୍ନ କରିଥିଲେ। ଏହାସତ୍ତ୍ୱେ ରାହୁଲ ତାଙ୍କ ବକ୍ତବ୍ୟ ଜାରି ରଖିଥିଲେ। ସେ ପ୍ରାୟ ୪୬ ମିନିଟ୍ ଧରି କହି ଚାଲିଥିଲା ବେଳେ ବାଚସ୍ପତି ଓମ୍ ବିର୍ଲା ଗୃହ ନିୟମ ଦର୍ଶାଇ ତାଙ୍କ ବକ୍ତବ୍ୟ ବନ୍ଦ କରିବାକୁ କହିଥିଲେ। ଏହାପରେ ଗୃହରେ ହୋହଲ୍ଲା ହେବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଦିନ ୩ଟା ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ରାହୁଲ ପୁଣିଥରେ ଏହି ପ୍ରସଙ୍ଗ ଉଠାଇଥିଲେ। ଏହାକୁ ନେଇ ଗୃହରେ ହୋହଲ୍ଲା ହେବାରୁ ୯ ମିନିଟ୍ ପରେ ବାଚସ୍ପତି ୪ଟା ପର୍ଯ୍ୟନ୍ତ ଗୃହକାର୍ଯ୍ୟ ମୁଲତବୀ ରଖିଥିଲେ। ଏହାପରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପୁଣି ସମାନ ସ୍ଥିତି ଦେଖାଯାଇଥିଲା। ପରେ ପରେ ବାଚସ୍ପତି ଗୃହକୁ ମଙ୍ଗଳବାରଯାଏ ମୁଲତବୀ ଘୋଷଣା କରିଥିଲେ।

## ଦୁର୍ନୀତି ମାମଲାରେ ଶେଖ୍ ହାସିନାଙ୍କୁ ୧୦ ବର୍ଷ ଜେଲ

ଢାକା,୨।୨(ପି.ଟି.)

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ୨ଟି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ସୋମବାର ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ରାଜଧାନୀ ଢାକା ଉପକଣ୍ଠ ପୁର୍ବାଚୋଲରେ ରାଜୁକ ନ୍ୟୁଟାଉନ୍ ପ୍ରୋଜେକ୍ଟ ଅଧୀନରେ ବାସୋପଯୋଗୀ ଜମିକୁ ହାସିନା ନିଜ କ୍ଷମତାର ଦୁରୁପଯୋଗ କରି ତାଙ୍କ ଝିଆରୀ ବ୍ରିଟେନ୍‌ର ଲେବର ପାର୍ଟି ଏମ୍‌ପି ତଥା ପୂର୍ବତନ ମନ୍ତ୍ରୀ ଟୁଲିପ୍ ସିଦ୍ଧିକ ଓ ଅନ୍ୟମାନଙ୍କୁ ପ୍ରଦାନ କରିଥିଲେ। ସିଦ୍ଧିକଙ୍କ ସାନ ଭଉଣୀ ଆଜମାନ ସିଦ୍ଧିକ ଏବଂ ଭାଇ ରାଦ୍ୱାନ ମୁଜିବ ସିଦ୍ଧିକ ବବିଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସମସ୍ତଙ୍କ ଅନୁପସ୍ଥିତିରେ କୋର୍ଟ ଦଣ୍ଡ ଶୁଣାଣି କରିଥିଲେ।

## କେନ୍ଦ୍ର, ୧୨ ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନୋଟିସ

### ଧର୍ମାନ୍ତରଣ ନିରୋଧୀ ଆଇନ ବିରୋଧରେ ପିଆଇଏଲ୍

ନୂଆଦିଲ୍ଲୀ,୨।୨(ପି.ଟି.)

ଧର୍ମାନ୍ତରଣ ନିରୋଧୀ ଆଇନର ବୈଧତାକୁ ଚ୍ୟାଲେଞ୍ଜ କରି ଜାତୀୟ ଖ୍ରୀଷ୍ଟିଆନ ପରିଷଦ ତରଫରୁ ଦାଏର ସାନି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ଏବଂ ୧୨ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲଗାଇବାକୁ ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଚର୍ଚ୍ଚେସ୍ ଇନ୍ ଇଣ୍ଡିଆ (ଏନ୍‌ସିସିଆଇ) ପକ୍ଷରୁ ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଆରୋରା ଅଦାଲତଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏନ୍‌ସିସିଆଇର ଆବେଦନକୁ ବିଚାରକୁ ନେଇ କେନ୍ଦ୍ର ଏବଂ ୧୨ ରାଜ୍ୟର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଆରୋରା କହିଛନ୍ତି, ଓଡ଼ିଶା ଏବଂ ରାଜସ୍ଥାନ ସେମାନଙ୍କର ଅଲଗା ଆଇନ ଆଣିଥିବାବେଳେ ପୂର୍ବ ପିଟିଶନରେ ସେଗୁଡ଼ିକୁ ଚ୍ୟାଲେଞ୍ଜ କରାଯାଇ ନ ଥିଲା। ଅନ୍ୟାନ୍ୟ ଆଇନରେ ହୋଇଥିବା ସଂଶୋଧନଗୁଡ଼ିକୁ ମଧ୍ୟ ଚ୍ୟାଲେଞ୍ଜ କରାଯାଇ ନାହିଁ। କେତେକ ରାଜ୍ୟର ଆଇନ ଏଭଳି ରହିଛି, ଯାହା କଥିତ ଧର୍ମାନ୍ତରଣ ବିରୋଧରେ ଅଭିଯୋଗ କରିବା ପାଇଁ ସଚେତନ ଦଳଗୁଡ଼ିକୁ ପ୍ରୋତ୍ସାହିତ କରୁଛି। ଏହି କାରଣରୁ ଅନେକ ଅଭିଯୋଗ ଦାଖଲ ହେଉଥିବା ସେ କହିଛନ୍ତି। କେନ୍ଦ୍ର ବ୍ୟତୀତ ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା, ଛତିଶଗଡ଼, ଅରୁଣାଚଳପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ହରିୟାଣା, ମଧ୍ୟପ୍ରଦେଶ, କର୍ଣାଟକ ଏବଂ ହିମାଚଳପ୍ରଦେଶକୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି।

## କଶ୍ମୀରରେ ଭୂକମ୍ପ

ନୂଆଦିଲ୍ଲୀ,୨।୨(ପି.ଟି.)

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ସୋମବାର ଭୋର ସମୟରେ ୪.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ପାଟ୍ଟନ ଓ ବାରାମୁଲ୍ଲା ଆଖପାଖ ଅଞ୍ଚଳ ଦୋହଲିଯାଇଥିବାବେଳେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ତେବେ ଭୂକମ୍ପଜନିତ କୌଣସି କ୍ଷୟକ୍ଷତି ଖବର ମିଳିନାହିଁ। ନ୍ୟାଶନାଲ ସେଣ୍ଟର ଫର୍ ସିସ୍‌ମୋଲୋଜି ଅନୁଯାୟୀ, ଭୋର ୫ଟା ୩୫ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହାର କେନ୍ଦ୍ରସ୍ଥଳ ପାଟ୍ଟନ ଅଞ୍ଚଳର ୧୦ କି.ମି. ଗଭୀରରେ।

# ୨ ଦିନରେ ୧୭୭ ଆତଙ୍କବାଦୀ ନିହତ

### ବେଲୋଚ ବିଦ୍ରୋହୀଙ୍କ ବିରୋଧରେ ପାକ୍‌ସେନାର କାର୍ଯ୍ୟାନୁଷ୍ଠାନ

ଇସ୍‌ଲାମାବାଦ,୨।୨

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ବେଲୋଚ ଆତଙ୍କବାଦୀ ଏବଂ ପାକିସ୍ତାନ ସେନା ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଏବେ ମଧ୍ୟ କିଛି ଇଲାକାରେ ଜାରି ରହିଛି। ଇତିମଧ୍ୟରେ ପାକ୍ ସେନା ଗୁଳିରେ ଆଉ ୨୨ ବେଲୋଚ ଆତଙ୍କବାଦୀ ନିହତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୭୭ ଆତଙ୍କବାଦୀ ନିହତ ହୋଇଥିବା ପାକ୍ ସେନାର ଜଣେ ପ୍ରବକ୍ତା ସୂଚନା ଦେଇଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ୩୦ରୁ ଅଧିକ ପାକ୍ ସେନାଧିକାରୀଙ୍କ ମୃତ୍ୟୁ ହୋଇସାରିଛି। ଶୁକ୍ରବାର ରାତିରୁ ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ) ପକ୍ଷରୁ ବେଲୁଚିସ୍ତାନ ପ୍ରଦେଶର ବିଭିନ୍ନ ଜିଲାରେ ସଂଗଠିତ ଆକ୍ରମଣ କରାଯାଇଥିଲା। ପାକିସ୍ତାନର ସରକାରୀ ସଂସ୍ଥାନ, ପୋଲିସ ଏବଂ ସେନା କାର୍ଯ୍ୟାଳୟ ଉପରେ ବହୁ ଆତ୍ମଘାତୀ ଆକ୍ରମଣ ହୋଇ ୨୦ରୁ ଅଧିକ ପାକ୍ ଅଧିକାରୀ ପ୍ରାଣ ହରାଇଥିଲା ବେଳେ ୪୫ରୁ ଅଧିକ ଆତଙ୍କବାଦୀଙ୍କୁ ପାକ୍ ସେନା ହତ୍ୟା କରିଥିଲା। ଏହାପରେ ବିଭିନ୍ନ ଇଲାକାରେ ସେନା ଖାନତଲାସି କରି ଆତଙ୍କବାଦୀଙ୍କୁ ନିପାତ କରିଚାଲିଛି।

### ଆତଙ୍କବାଦୀଙ୍କ ମଧ୍ୟରେ ମହିଳା ଆତ୍ମଘାତୀ

ବିଏଲଏ ଆକ୍ରମଣରେ ବହୁ ମହିଳା ଆତ୍ମଘାତୀ ଆତଙ୍କବାଦୀ ସାମିଲ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା ପ୍ରଥମ ବୋଲି ଜଣାପଡ଼ିଥିଲା ବେଳେ ଦୁଇ ମହିଳା ଆତ୍ମଘାତୀ ଆତଙ୍କବାଦୀ ପାକ୍ ସେନା ଉପରେ ଆକ୍ରମଣ କରିବା ପରେ କିଭଳି ଗୁଳିରେ ନିହତ ହେଉଛନ୍ତି ତାହାର ଭିଡିଓ ଭାଇରାଲ ହୋଇଛି। ଗତ ଶନିବାର ପାକିସ୍ତାନ ସେନା ପୋଷ୍ଟ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଦୁଇ ମହିଳା ଆତ୍ମଘାତୀ ବିଦ୍ରୋହୀ ସାମିଲ ଥିଲେ ବୋଲି ବିଏଲଏ ପକ୍ଷରୁ ସେମାନଙ୍କ ଫଟୋ ଜାରି କରାଯାଇଛି।





## ପୁଣି ଇନ୍ଧନ ସୁଇଚ୍‌ରେ ସମସ୍ୟା

### ସେବାନିବୃତ୍ତ ହେଲା ଏୟାର ଇଣ୍ଡିଆ ବିମାନ

ବେଙ୍ଗାଲୁରୁ,୨।୨

ଏୟାରଇଣ୍ଡିଆର ଏକ ବୋଇଂ ୭୮୭ ଡ୍ରିମ୍‌ଲାଇନର ବିମାନର ବାମପାର୍ଶ୍ୱ ଇନ୍ଧନ ନିୟନ୍ତ୍ରଣ ସୁଇଚ୍ ୨ ଥର ରନ୍ ସ୍ଥିତିରେ ନ ରହି କଟ୍‌ଅଫ୍ ହୋଇଯିବାରୁ ଉକ୍ତ ବିମାନକୁ ସେବାନିବୃତ୍ତ କରାଯାଇଛି। ବିମାନଟି ଲଣ୍ଡନରୁ ବେଙ୍ଗାଲୁରୁ ଆସୁଥିବାବେଳେ ଫୁଏଲ୍ କଣ୍ଟ୍ରୋଲ ସୁଇଚ୍‌ରେ ତ୍ରୁଟି ଥିବା ଜଣେ ପାଇଲଟ୍ ରିପୋର୍ଟ କରିଥିଲେ। ପ୍ରାଥମିକ ସୂଚନା ପାଇବା ପରେ ବିମାନକୁ ସେବାରୁ ହଟାଯିବା ସହ ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏକୁ ଜଣାଇଦିଆଯାଇଥିବା ମୁଖପାତ୍ର କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୧୨ରେ ଅନୁରୂପ କାରଣରୁ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାରଇଣ୍ଡିଆ ଫ୍ଲାଇଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୬୦ ଜଣଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତ ରିପୋର୍ଟରୁ ଏହା ଜଣାପଡ଼ିବା ପରେ ଡିଜିସିଏର ନିର୍ଦ୍ଦେଶକ୍ରମେ ସମସ୍ତ ବୋଇଂ ୭୮୭ ବିମାନର ଫୁଏଲ୍ କଣ୍ଟ୍ରୋଲ ସୁଇଚ୍ ଯାଞ୍ଚ କରାଯାଇଥିବାବେଳେ କୌଣସି ତ୍ରୁଟି ମିଳି ନ ଥିଲା।

## ଟାରିଫ୍ ହ୍ରାସ: ଭାରତ ଉପରେ ପଡ଼ିପାରେ ତେଲ ବୋଝ

ନୂଆଦିଲ୍ଲୀ,୨।୨




ଭାରତ-ଆମେରିକା ବାଣିଜ୍ୟ ବୁଝାମଣା ପରେ ଆମେରିକା ଭାରତ ଉପରୁ ଟାରିଫ୍ ହ୍ରାସ କରିବାକୁ ଘୋଷଣା କରିଛି। ପୂର୍ବରୁ ଭାରତ ଉପରେ ୫୦% ଟାରିଫ୍ ରହିଥିଲା ବେଳେ ଏବେ ଏହା ୧୮%କୁ ଖସିଛି। ରୁଷିଆରୁ ଭାରତ ତୈଳ ଆମଦାନୀ ବନ୍ଦ କରିବାକୁ କହିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଟାରିଫ୍ ହ୍ରାସ ସମ୍ପର୍କରେ ଘୋଷଣା କରିଛନ୍ତି। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ସ୍ୱାଗତ କରି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାପରେ ଭାରତୀୟ ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ଆନନ୍ଦ ପ୍ରକାଶ ପାଇଛି।ଶିଳ୍ପପତି ଓ ରପ୍ତାନି ଉଦ୍ୟୋଗପତି ଟାରିଫ୍ ହ୍ରାସକୁ ସ୍ୱାଗତ କରିଛନ୍ତି। ପୂର୍ବରୁ ଆମେରିକା ଲଗାଇଥିବା ୫୦ ପ୍ରତିଶତ ଟାରିଫ୍‌କୁ ନେଇ ଭାରତୀୟ ରପ୍ତାନି ଉଦ୍ୟୋଗ କ୍ଷେତ୍ର ଚିନ୍ତାରେ ପଡ଼ିଥିଲା। ଅଧିକ ଟାରିଫ୍ ଯୋଗୁ ଭାରତୀୟ ସାମଗ୍ରୀ ମୂଲ୍ୟ ବଢ଼ିବା ସହ ଆମେରିକାକୁ ରପ୍ତାନି ହ୍ରାସ ପାଇବ ବୋଲି ଆଶଙ୍କା ଥିଲା। କିନ୍ତୁ ଟାରିଫ୍ ଘୋଷଣା ପରେ ଏହି ଆଶଙ୍କା ଦୂର ହୋଇଛି। ଏହିକ୍ରମରେ ମଙ୍ଗଳବାର ଶେୟାର ବଜାରରେ ମଧ୍ୟ ଅନୁକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ବଢ଼ିଛି। ହେଲେ ଟାରିଫ୍ ହ୍ରାସ ଦ୍ୱାରା ଭାରତୀୟ ବଜାର ଉପରେ ତେଲ ବୋଝ ପଡ଼ିପାରେ ବୋଲି ଆଶଙ୍କା ବଢ଼ିଛି। କାରଣ ରୁଷିଆରୁ ଭାରତ ତେଲ ଆମଦାନୀ ବନ୍ଦ କରିବା ପରେ ନିଜର ଆବଶ୍ୟକ ତେଲ ଅନ୍ତର୍ଜାତୀୟ ବଜାରରୁ କିଣିବ। ଅନ୍ତର୍ଜାତୀୟ ବଜାର ମୁଖ୍ୟତଃ ବ୍ରେଣ୍ଟ ଇଣ୍ଡେକ୍ସ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା ବେଳେ ନୂଆଦିଲ୍ଲୀ ଆମେରିକା ତୈଳ କମ୍ପାନୀଗୁଡିକରୁ ତେଲ ଆମଦାନୀ କରିବାକୁ ବାଧ ହେବ। ଫଳରେ ଭାରତକୁ ଅଧିକ ଅର୍ଥ ପୈଠ କରିବାକୁ ପଡ଼ିବ। ବର୍ତ୍ତମାନ ଭାରତ ରୁଷିଆରୁ ବ୍ୟାରେଲ୍ ପିଛା ୫୦ରୁ ୫୫ ଡଲାରରେ ତୈଳ ଆମଦାନୀ କରୁଛି। କିନ୍ତୁ ଅନ୍ତର୍ଜାତୀୟ ବଜାରରୁ ତୈଳ ଆମଦାନୀ କଲେ ବ୍ୟାରେଲ୍ ପିଛା ୬୨ରୁ ୬୫ ଡଲାର ପୈଠ କରିବ। ବ୍ୟାରେଲ୍ ପିଛା ୭ରୁ ୧୨ ଡଲାର ଅଧିକ ମୂଲ୍ୟରେ ତୈଳ କିଣିବା ସହିତ ପରିବହନ ଏବଂ ବୀମା ଖର୍ଚ୍ଚ ଯୋଡିଲେ ଭାରତର ତୈଳ ଆମଦାନୀ ଉପରେ ସାମଗ୍ରିକ ଭାବେ ୯ରୁ ୧୨ ବିଲିୟନ ଡଲାରର ବୋଝ ପଡ଼ିବ ବୋଲି ବିଶ୍ଳେଷକମାନେ ଅନୁମାନ ଲଗାଇଲେଣି। ଏହି ବୋଝ ଭରଣା କରିବାକୁ ଭାରତୀୟ ତୈଳ ବିପଣନକାରୀ କମ୍ପାନୀ ମୂଲ୍ୟ ବୃଦ୍ଧି କରିବାକୁ ବାଧ ହେବେ। ଫଳରେ ଏହାର ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିବାର ଆଶଙ୍କା ବଢ଼ିଛି।

## ଷ୍ଟାଇଲ୍ କୁଇନ୍ ସୋନମ୍

ମୁମ୍ବାଇ



ସୋନମ୍ କପୁର

ବଲିଉଡ ଫ୍ୟାଶନ ଆଇକନ୍ ତଥା ଷ୍ଟାଇଲ୍ କୁଇନ୍ ସୋନମ୍ କପୁର ଆଜିକାଲି ଜୀବନର ଏକ ସୁନ୍ଦର ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଖୁବ୍‌ଶୀଘ୍ର ଦ୍ୱିତୀୟ ସନ୍ତାନ ଜନ୍ମ ଦେବାକୁ ଯାଉଛନ୍ତି। ବେବି ବମ୍ପ ସହ ସୋନମ୍ ଆହୁରି ସୁନ୍ଦର ଲାଗୁଛନ୍ତି। ନିକଟରେ ସୋନମ୍ ମୁମ୍ବାଇରେ ନଜର ଆସିଥିଲେ। ସେ ତାଙ୍କ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏକ ଖୋଲା ଶର୍ଟ ପିନ୍ଧି ସେ ବେବି ବମ୍ପକୁ ଦେଖାଉଥିବା ନଜର ଆସିଛନ୍ତି। ସବୁଥର ଭଳି ସୋନମ୍ ପ୍ରମାଣ କରିଛନ୍ତି ଯେ, ଫ୍ୟାଶନ ତାଙ୍କ ପାଇଁ କେବଳ ପୋଷାକ ନୁହେଁ, ବରଂ ଆତ୍ମବିଶ୍ୱାସ ଏବଂ ମନୋଭାବର ଏକ ଅଂଶ। କୁହାଯାଉଛି ଯେ, ଚଳିତବର୍ଷ ମାର୍ଚ୍ଚରେ ସେ ତାଙ୍କର ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେବେ। ବ୍ୟବସାୟୀ ଆନନ୍ଦ ଆହୁଜାଙ୍କୁ ବିବାହ କରିଥିବା ସୋନମ୍‌ଙ୍କର ପୂର୍ବରୁ ଏକ ପୁଅ ଅଛି।



କିନ୍ନର ଅଞ୍ଜଳିଙ୍କ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ, ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ସହ କ୍ଷତିପୂରଣ ପ୍ରଦାନ ଦାବିରେ ସୋମବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଛକ ନିକଟରେ କିନ୍ନର ସଂଘ ପକ୍ଷରୁ ରାସ୍ତାରୋକୋ। (ଫଟୋ: ମନୋରଞ୍ଜନ ମିଶ୍ର)

# ୨୮ ଏନ୍ଏସି, ୭ ପୌର ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

## ୧୮ ଜିଲାପାଳଙ୍କୁ ପୌର ପ୍ରଶାସନର ନିର୍ଦ୍ଦେଶ

**ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ଘୋଷଣା ହୋଇଥିବା ନୂଆ ୨୮ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ଏବଂ ୭ ପୌରପାଳିକା(ମ୍ୟୁନିସିପାଲିଟି)ର ନିର୍ବାଚନ ଲାଗି ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏସଂକ୍ରାନ୍ତରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ୧୮ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ନୂତନ ଏନ୍ଏସି ଏବଂ ପୌରପାଳିକାଗୁଡ଼ିକର ୱାର୍ଡ ସୀମା ନିର୍ଦ୍ଧାରଣ ସହିତ ଆସନ ସଂରକ୍ଷଣ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶକ ଡାକୁଆ ସୋମବାର ଅନୁଗୋଳ, ବଲାଙ୍ଗୀର, ବାଲେଶ୍ୱର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ନୟାଗଡ଼, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏନେଇ ସରକାରଙ୍କୁ ଓଡ଼ିଶା ପୌରପାଳିକା ଆଇନ-୧୯୫୦ ଅନୁଯାୟୀ ଅବଗତ କରାଯିବା ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉକ୍ତ ନୂତନ ଏନ୍ଏସି ଏବଂ ପୌରପାଳିକାରେ ସୀମା ନିର୍ଦ୍ଧାରଣ ସହିତ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ହେବ। ଏହି ସମୟ ମଧ୍ୟରେ ଜନସାଧାରଣଙ୍କ ପକ୍ଷରୁ ଯେଉଁ ଆପତ୍ତି ଏବଂ ପରାମର୍ଶ ଆସିବ ଜିଲା ପ୍ରଶାସନ ତାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ। ଯଦି ଏସଂକ୍ରାନ୍ତରେ କୌଣସି ଅଭିଯୋଗ ଆସେ ତେବେ ଜିଲାପାଳ ତୁରନ୍ତ ତାହାକୁ ସ୍ୱତନ୍ତ୍ର ବାର୍ତ୍ତାବହ ମାଧ୍ୟମରେ ପ୍ରେରଣ କରିବେ। ଏନେଇ ମାର୍ଚ୍ଚ ୧୫ରେ ଖାରବେଳ ଭବନରେ ଶୁଣାଣି କରାଯିବ ବୋଲି ଡାକୁଆ ଦର୍ଶାଇଛନ୍ତି।

ଏଥିସହିତ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ପ୍ରକାର ନିର୍ବାଚନ ବିଜ୍ଞପ୍ତି ପ୍ରକ୍ରିୟା ସାରିବାକୁ ହେବ। ଏହାପୂର୍ବରୁ ଚଳିତ ମାସ ୧୨ରୁ ୨୧ ତାରିଖ ମଧ୍ୟରେ ନୂତନ ଏନ୍ଏସି ଏବଂ ୱାର୍ଡଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ କରିବାକୁ ହେବ। ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ ଅନୁଯାୟୀ, ନୂତନ ଏନ୍ଏସି ଏବଂ ପୌରପାଳିକାର ସୀମା ନିର୍ଦ୍ଧାରଣ ସହିତ ଆସନ ସଂରକ୍ଷଣ ନେଇ ବିଜ୍ଞପ୍ତି ଜାରି କରାଯିବ। ଏନେଇ ଆପତ୍ତି ଅଭିଯୋଗ ଗ୍ରହଣର ଶେଷ ତାରିଖ ଫେବ୍ରୁଆରୀ ୨୧ ରହିଛି। ଏହାପରେ ସମ୍ପୃକ୍ତ ନୂତନ ☞ପୃଷ୍ଠା-୪

# ବିକାଶର ନେତୃତ୍ୱ ନେଉଛନ୍ତି ମହିଳା: ମୁଖ୍ୟମନ୍ତ୍ରୀ

## ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ ସହ ଏକାଧିକ ଯୋଜନାର ଶୁଭାରମ୍ଭ





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ସଂଘର ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ରାୟଗଡ଼ା,୨।୨(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶାରେ ମହିଳାମାନେ ଏବେ ସବୁ କ୍ଷେତ୍ରରେ ଅଗ୍ରସର ହୋଇ ବିକାଶର ନେତୃତ୍ୱ ନେଉଛନ୍ତି। ଗ୍ରାମାଞ୍ଚଳରେ ବିକାଶର ଯେଉଁ ଜୟଯାତ୍ରା ଆମେ ଦେଖୁଛୁ, ତା'ର ନେତୃତ୍ୱ ଆମର ଏସ୍ଏଚ୍‌ଜି ଗୋଷ୍ଠୀର ମହିଳାମାନେ ନେଉଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କ ସକ୍ରିୟ ଯୋଗଦାନରେ ଓଡ଼ିଶା ନିଶ୍ଚିତ ଭାବରେ ବିକଶିତ ଓଡ଼ିଶାରେ ପରିଣତ ହେବ ବୋଲି ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଜେଏସ୍‌କୋ ପଡ଼ିଆରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାକୁ ସୋମବାର ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥିସହ ରାୟଗଡ଼ା ଜିଲା ପାଇଁ ମୁଖ୍ୟମନ୍ତ୍ରୀ ମାଝୀ ୩୪୦କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୨୨୧କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଜିଲାକୁ ବିକାଶ ପଥରେ ଅଗ୍ରଗତି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମେଳା ଉଦ୍‌ଘାଟନ ପରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଲଗାଯାଇଥିବା ଷ୍ଟଲ୍‌ଗୁଡ଼ିକର ଶୁଭାରମ୍ଭ କରିଥିଲେ। ଏଥିସହ ଡଙ୍ଗରିଆ କନ୍ଧଙ୍କ ହାତ ତିଆରି କପଡ଼ାଗୁନ୍ଥା ଶାଲ୍ ଓ ଲାଞ୍ଜିଆ ସଉରାଙ୍କ ଦ୍ୱାରା ଚିତ୍ରିତ ହୋଇଥିବା ଇଡ଼ିତାଲ ଚିତ୍ର ଦେଖି ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହାକୁ ଆହୁରି ପ୍ରଚାରପ୍ରସାର କରାଯିବ ବୋଲି ସେ କହିଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ମହିଳାଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସୁଭଦ୍ରା ଶକ୍ତିମେଳା ମାଧ୍ୟମରେ ଜିଲାର ମହିଳାମାନେ ନିଜର ପ୍ରସ୍ତୁତ ସାମଗ୍ରୀ ଲୋକଲୋଚନକୁ ଆଣିବା ସହ ଅର୍ଥ ଉପାର୍ଜନକରି ସ୍ୱାବଲମ୍ବୀ ହୋଇପାରିବେ। ରାୟଗଡ଼ା ଜିଲାରେ ୨୦୨୫-୨୬ ଆର୍ଥିକ ବର୍ଷରେ ୪୨୧୭ ଏସ୍ଏଚ୍‌ଜିଙ୍କୁ ପାଖାପାଖି ୨୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଏହି ଜିଲାରେ ହଜାର ହଜାର ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ସେହିଭଳି ଚଳିତ କେନ୍ଦ୍ରୀୟ ବଜେଟ ମହିଳାଙ୍କ ପାଇଁ ଉତ୍ସର୍ଗୀକୃତ ବଜେଟ। ମହିଳା ଓ ଶିଶୁଙ୍କ ପାଇଁ ଏଥିରେ ୫ ଲକ୍ଷ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ତୃଣମୂଳସ୍ତରରେ ମହିଳାଙ୍କ ଆର୍ଥିକ ଅଂଶ ଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ ସ୍ୱୟଂ ସହାୟକ ଉଦ୍ୟୋଗୀ ମାର୍ଟ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉଦ୍ୟୋଗୀ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। କୋଲ୍‌ନରା ବ୍ଲକ ପଞ୍ଚାୟତସ୍ତରୀୟ ମହିଳା ସଂଘକୁ ଆର୍ଥିକ ସହାୟତା ବାବଦରେ ୩୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ରାୟଗଡ଼ା ଜିଲାରେ ଗଢ଼ିଉଠିଥିବା କାରଖାନାଗୁଡ଼ିକରେ ଯୋଗ୍ୟତା ଅନୁଯାୟୀ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ରହ୍ମପୁରରୁ ଜୟପୁର ପର୍ଯ୍ୟନ୍ତ ଯାଇଥିବା ୩୨୬ନଂ. ଜାତୀୟ ରାଜପଥକୁ ୬ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଏବଂ ରାୟଗଡ଼ାରେ ଖୁବଶୀଘ୍ର ମେଡିକାଲ କଲେଜ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସଭାରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା, ବିଷମକଟକ ବିଧାୟକ ନୀଳମାଧବ ହିକକା ଏବଂ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ପ୍ରମୁଖ ସମ୍ମାନିତ ଅତିଥି ଏବଂ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ମଞ୍ଚାସୀନ ଥିଲେ। ଜିଲାର ୩ ବିଧାୟକ ନିଜର ଅଭିଭାଷଣରେ ରାୟଗଡ଼ା ଜିଲାରେ ଏକ ମେଡିକାଲ କଲେଜ ଦାବି ସହିତ ନିଜ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ମୁଖ୍ୟମନ୍ତ୍ରୀଙ୍କ ନଜରକୁ ଆଣିଥିଲେ। ଏହି ପରିପ୍ରେକ୍ଷୀରେ ☞ପୃଷ୍ଠା-୪

# ସିନ୍ଧୁ ନଦୀଜଳ ଚୁକ୍ତି: ଅନ୍ତର୍ଜାତୀୟ ଅଦାଲତ ନିର୍ଦ୍ଦେଶକୁ ଭାରତର ପ୍ରତ୍ୟାଖ୍ୟାନ

**ନୂଆଦିଲ୍ଲୀ,୨।୨**

ସିନ୍ଧୁ ନଦୀଜଳ ଚୁକ୍ତିକୁ ନେଇ ଦି ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତ ଦେଇଥିବା ନିର୍ଦ୍ଦେଶନାମାକୁ ଭାରତ ପ୍ରତ୍ୟାଖ୍ୟାନ କରିଛି। ସିନ୍ଧୁ ନଦୀଜଳ ବିବାଦରେ ପାକିସ୍ତାନ ଅନ୍ତର୍ଜାତୀୟ ଅଦାଲତର ଦ୍ୱାରସ୍ଥ ହୋଇଥିଲାବେଳେ ଏହି ପ୍ରସଙ୍ଗରେ ଅଦାଲତ ଶୁଣାଣି କରିଥିଲେ। ଫେବୃଆରୀ ୨ ଓ ୩ ଦୁଇ ଦିନ ଧରି 'ଦି କୋର୍ଟ ଅଫ୍ ଆର୍‌ବ୍ରିଟେସନ୍ (ସିଓଏ)' ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିବା ସହିତ ଏହି ନଦୀ ଉପରେ ଭାରତର ଜଳବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଦସ୍ତାବିଜ୍ ଦାଖଲ କରିବାକୁ ଭାରତ ସରକାରଙ୍କୁ କହିଥିଲେ। ହେଲେ ଭାରତ ସରକାର ଅଦାଲତଙ୍କ ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିବା ସହିତ ଏହାକୁ ଆଦୌ ଗୁରୁତ୍ୱ ଦେଇନାହାନ୍ତି। ସମ୍ପୃକ୍ତ ସିଓଏକୁ ଭାରତ ସରକାର ବେଆଇନ ଦର୍ଶାଇ ଏଭଳି ମଧ୍ୟସ୍ଥତାକୁ ଆମେ ସ୍ୱୀକୃତି ଦେଇନାହୁଁ ବୋଲି କହିଛନ୍ତି। ପାକିସ୍ତାନ ନିଜର ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଚାଲ୍ ଚଳାଇ ଏହି ଅଦାଲତ ମାଧ୍ୟମରେ ପ୍ରୟାସ ଜାରି ରଖିଛି। ହେଲେ ଭାରତ ଏହି ଅଦାଲତ ନିର୍ଦ୍ଦେଶନାମାକୁ ମାନିବାକୁ ବାଧ୍ୟ ନୁହେଁ। ଏହାଛଡ଼ା ଭାରତ ସିନ୍ଧୁ ନଦୀଜଳ ଚୁକ୍ତିକୁ ରଦ୍ଦ କରିସାରିଥିବାରୁ ଏଥିପାଇଁ ଅଦାଲତକୁ କିଛି କାରଣ ଦର୍ଶାଇବା ଆବଶ୍ୟକତା ନାହିଁ ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ବିରୋଧରେ କଡ଼ା ☞ପୃଷ୍ଠା-୪





# ଦଲାଇଲାମାଙ୍କୁ ଗ୍ରାମୀ ପୁରସ୍କାର

**ଲସ୍ ଏଞ୍ଜେଲ୍ସ,୨।୨(ପି.ଟି.)**

ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କୁ ତାଙ୍କର ମୌଖିକ କାହାଣୀ ଆଲବମ୍ 'ମେଡିଟେଶନ୍ସ: ଦି ରିଫ୍ଲେକ୍‌ଶନ୍ସ ଅଫ୍ ହିଜ୍ ହୋଲିନେସ୍ ଦି ଦଲାଇଲାମା' ପାଇଁ ମର୍ଯ୍ୟାଦାଜନକ ଗ୍ରାମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ୯୦ ବର୍ଷୀୟ ଆଧ୍ୟାତ୍ମିକ ଗୁରୁଙ୍କୁ ପ୍ରଥମ ଥର ପାଇଁ ଗୋଲ୍ଡେନ୍ ଗ୍ରାମୋଫୋନ୍ ମିଳିଛି।



କ୍ରିପ୍ଟୋ ଡଟ୍ କମ୍ ଆରେନାରେ ରବିବାର ରାତିରେ ଅନୁଷ୍ଠିତ ୬୮ତମ ଗ୍ରାମୀ ପୁରସ୍କାର ଉତ୍ସବକୁ ଟ୍ରେଭୋର ନୋଆହ ହୋଷ୍ଟ କରିଥିଲେ। ୯୦ଟି ବିଭାଗରେ ବିଜେତାମାନଙ୍କୁ ଏହି ଅବସରରେ ସ୍ୱୀକୃତି ପ୍ରଦାନ କରାଯାଇଛି। ଦଲାଇଙ୍କୁ ଗ୍ରାମୀ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ହିମାଚଳପ୍ରଦେଶର ଧର୍ମଶାଳା ସହର ଏବଂ ଅନ୍ୟତ୍ର ରହିଥିବା ତାଙ୍କ ଅନୁଗାମୀମାନେ ଉତ୍ସବ ପାଳନ କରିଛନ୍ତି। ଏହି ପୁରସ୍କାର ପାଇଁ ଭାରତୀୟ ତଥା ଭାରତୀୟ ମୂଳ କଳାକାର ଅନୁଷ୍କା ଶଙ୍କର, ଫ୍ୟୁଜନ୍ ବ୍ୟାଣ୍ଡ୍ ଶକ୍ତି ଏବଂ ସିଦ୍ଧାନ୍ତ ଭାଟିଆଙ୍କୁ ମନୋନୀତ କରାଯାଇଥିଲେ ମଧ୍ୟ ସେମାନେ ବିଜୟୀ ହେବାରେ ବିଫଳ ହୋଇଛନ୍ତି। ଦଲାଇଲାମାଙ୍କ ତରଫରୁ ଗାୟକ ରୁଫୁସ୍ ୱେନ୍‌ରାଇଟ୍ 'ଅଡିଓ ବୁକ୍ସ, ନ୍ୟାରେଶନ ଏବଂ ଷ୍ଟୋରିଟେଲିଂ' ବର୍ଗରେ ପୁରସ୍କାର ଗ୍ରହଣ କରିଥିଲେ। କବୀର ସେହଗଲଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ ଆଲବମ୍‌ରେ ସରୋଦ ବାଦକ ଉସ୍ତାଦ ଅମଜାଦ ଅଲି ଖାନ୍, ତାଙ୍କ ପୁଅ ଅମାନ ଅଲି ☞ପୃଷ୍ଠା-୪

### ଚାଇନାର ସମାଲୋଚନା

**ବେଜିଂ,୨।୨(ପି.ଟି.)**

ଦଲାଇଲାମାଙ୍କୁ ଗ୍ରାମୀ ପୁରସ୍କାର ପ୍ରଦାନକୁ ଚାଇନା ସୋମବାର ନିନ୍ଦା କରିଛି। ତିବ୍ବତୀୟ ଧର୍ମଗୁରୁ ଉକ୍ତ ସ୍ୱୀକୃତିକୁ ଚାଇନା ବିରୋଧୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ବେଜିଂ ଦୃଢ଼ ବିରୋଧ କରୁଥିବା କହିଛି। ଦଲାଇଙ୍କୁ ଗ୍ରାମୀ ପୁରସ୍କାର ମିଳିବା ନେଇ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଲିନ୍ ଜିଆନଙ୍କ ପ୍ରତିକ୍ରିୟା ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ, ୯୦ ବର୍ଷୀୟ ଆଧ୍ୟାତ୍ମିକ ଗୁରୁ ଧର୍ମ ନାମରେ ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକଦିବସୀୟ ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ପାରମ୍ପରିକ ଖାଦ୍ୟପେୟ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।
- ଶୈଳେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ଉତ୍ସବ, ସ୍ଥାନ: ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଧଉଳି କଳିଙ୍ଗ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ଓଡ଼ିଶା ଡ୍ୟାନ୍ସ ଏକାଡେମୀ, ୟୁନିଟ୍ ୮, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଇଟି ପକ୍ଷରୁ ୫୧ ତମ ନ୍ୟାଶନାଲ ଥିଏଟର୍ ଫେଷ୍ଟିଭାଲ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଚାଷୀ ଓ ଚାଷ ବଞ୍ଚାଅ ଅଭିଯାନ ପକ୍ଷରୁ ମଣ୍ଡି ଅବ୍ୟବସ୍ଥା ନେଇ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ପୁରୀ**
- ବନ୍ଦେ ଭାରତ ସାଇକ୍ଲୋଥନ୍, ସ୍ଥାନ: ନୀଳାଦ୍ରି ବିଚ୍, ସମୟ: ସକାଳ ୮ଟା।
- ସେବାୟତ ପ୍ରିମିଅର୍ ଲିଗ୍, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ହେଲିପ୍ୟାଡ୍ ପଡ଼ିଆ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିରିଗିମୁଣ୍ଡି, ରୂପସା, ସମୟ: ସକାଳ ୮ଟା।
- ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ବାରାପାଳ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ସମାବର୍ତ୍ତନ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

**ଭଦ୍ରକ**
- ମଠଡିହ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମଠଡିହ, ଆରଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସାହୁସାହି, ଧୁଷୁରୀ, ସମୟ: ଅପରାହ୍ନ ୨ଟା।
- ଶକୁନ୍ତଳା ନାୟକ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ, ସ୍ଥାନ: ମଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।

**ମୟୂରଭଞ୍ଜ**
- ମା' ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା, ସ୍ଥାନ: କଉଡିଖିଣି, ସୁହାଗପୁର, ବଡ଼ସାହି,ସମୟ: ସକାଳ ୬ଟା।

**ଗଞ୍ଜାମ**
- ଦିବ୍ୟ ପବ୍ଲିକ ସ୍କୁଲର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର,ଦିଗପହଣ୍ଡି, ସମୟ: ଅପରାହ୍ନ ୪ ଟା ୩୦।

**ଢେଙ୍କାନାଳ**
- ୩୯ତମ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପ୍ରବଚନ ମହାଯଜ୍ଞ, ସ୍ଥାନ: ଢେଙ୍କାନାଳ କୁଞ୍ଜକାନ୍ତ ସୁରପ୍ରତାପ ସ୍ମୃତିପୀଠ, ସମୟ: ସକାଳ ୮ଟା୩୦।

**ଅନୁଗୋଳ**
- ବିଶାଳ ହିନ୍ଦୁ ସମ୍ମିଳନୀ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ମାରୱାଡି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୧ଟା।
- ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।

**ଜଗତ୍‌ସିଂହପୁର**
- ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୃଷ୍ଣଚନ୍ଦ୍ରପୁର, ଏରସମା, ସମୟ: ପୂର୍ବାହ୍ନ ୧୧ଟା।
- ଆଦିଦେବ ଏଣ୍ଟରଟେନମେଣ୍ଟ ସଂସ୍ଥା ପକ୍ଷରୁ ବିୟୁଟି କଣ୍ଟେଷ୍ଟର ଗ୍ରାଣ୍ଡ ଫାଇନାଲ, ସ୍ଥାନ: ଜୟଦେବ ଭବନ ପଡିଆ, ବଡ଼ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିଅମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯାଜପୁର ଜିଲାକୁ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ମା' ବିରଜା ପୀଠ, ସମୟ: ସକାଳ ୯ଟା୩୦।
- ବ୍ୟାସ ସରୋବର ମେଳାର ୭ମ ଦିନରେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉଦ୍‌ଯାପନୀ ଉତ୍ସବରେ ଛାୟା ସଂସଦ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ବଣିକ ମହାସଂଘର ବାର୍ଷିକ ଉତ୍ସବ, ସ୍ଥାନ:ଦଶପଲ୍ଲା ବଣିକ ମହାସଂଘର ଗୃହ, ସମୟ: ଅପରାହ୍ନ ୩ଟା।

**ନବରଙ୍ଗପୁର**
- ଜେପି ଟ୍ରଷ୍ଟ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଉମରକୋଟ ଡିଏନକେ ଖେଳ ପଡିଆ, ସମୟ: ଅପରାହ୍ନ ୫ଟା।
- ରେଶପ ବ୍ୟାୟାମଶାଳା ଉଦ୍‌ଘାଟନ, ସ୍ଥାନ: ଉମରକୋଟ ନୂତନ ବସଷ୍ଟାଣ୍ଡ ନିକଟ, ସମୟ: ଅପରାହ୍ନ ୫ଟା।

**କୋରାପୁଟ**
- ଭିନ୍ନକ୍ଷମ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଶାସ୍ତ୍ରୀ ମୈଦାନ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତା, ସ୍ଥାନ: ଉଚ୍ଚ ବିଦ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ: ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଅରବିନ୍ଦ ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବାଣ୍ଟୁଆଗୁଡା ବିଦ୍ୟାଳୟ ପରିସର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟାଙ୍ଗଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ମିଳନୀ କକ୍ଷ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସୁଭଦ୍ରା ମେଳା ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।
- ଜିଲା ଖଣିଜ ପାଣ୍ଠିର ଅର୍ଥରେ ଚାଲିଥିବା କାର୍ଯ୍ୟର ଭରଚୁଆଲରେ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

**ସମ୍ବଲପୁର**
- ପଶ୍ଚିମଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ପରମାଣପୁର ଧନୁଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।
- ସେଲିବ୍ରିଟି କପ କ୍ରିକେଟ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ପାଟଣେଶ୍ୱରୀ ମହୋତ୍ସବ, ସ୍ଥାନ: ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ସକାଳ ୯ଟା।
- ତହସିଲ ପକ୍ଷରୁ ରାଜସ୍ୱ ମେଳା, ସ୍ଥାନ: ପିଡବ୍ଲୁଡି ଡାକବଙ୍ଗଳା ପରିସର, କଣ୍ଟାବାଞ୍ଜି, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ଆନ୍ତଃଶ୍ରେଣୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଡିପିଏସ୍, ସମୟ: ପୂର୍ବାହ୍ନ ୧୦ଟା।
- ଏଲ୍‌ଆଇସି ମ୍ୟୁଚୁଆଲ ଫଣ୍ଡ କାର୍ଯ୍ୟାଳୟ ଶୁଭାରମ୍ଭ, ସ୍ଥାନ: ପାନପୋଷ ରୋଡ୍, ସମୟ: ଅପରାହ୍ନ ୩ଟା।
- ଭାଗବତ କଥା ପ୍ରବଚନ, ସ୍ଥାନ: ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' ବାଟ ମଙ୍ଗଳା ପୀଠର ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ସୁନ୍ଦରଗଡର ବାର୍ଷିକ ଅଧିବେଶନ, ସ୍ଥାନ: ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ, ରେଭିନ୍ୟୁ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।

**ବରଗଡ଼**
- ଅବସରପ୍ରାପ୍ତ ସୈନିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୯ଟା।
- ଶିକ୍ଷକ ପ୍ରଶିକ୍ଷଣ ଶିବିର, ସ୍ଥାନ:ବୀର ସୁରେନ୍ଦ୍ର ସାଏ ହାଇସ୍କୁଲ, ବରଡୋଲ, ସମୟ:ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ବିଜେଡି ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ ଓ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜୁନାଗଡ଼ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବାବା କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

**ସୁବର୍ଣ୍ଣପୁର**
- ସୁଭଦ୍ରା ଶକ୍ତି ମେଳାର ତୃତୀୟ ସନ୍ଧ୍ୟା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଷ୍ଟାଡିୟମ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ମହାଶିବରାତ୍ରି ଜାଗର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ, ସମୟ: ଅପରାହ୍ନ ୩ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରବୋଡ ବସ୍ତିପଡା, ସମୟ: ଅପରାହ୍ନ ୫ଟା।

# ମନୋଜ ଏସ୍‌ପିସିବି ସଦସ୍ୟ ସଚିବ ନିଯୁକ୍ତ

## ସନଥ କୁମାର ନନ୍ଦନକାନନ ନିର୍ଦ୍ଦେଶକ

ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୋମବାର ଭାରତୀୟ ବନସେବା(ଆଇଏଫ୍ଏସ୍) ଅଧିକାରୀସ୍ତରରେ ଛୋଟ ଧରଣର ଅଦଳବଦଳ କରାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ନନ୍ଦନକାନନ ନିର୍ଦ୍ଦେଶକ ତଥା ୨୦୦୧ ବ୍ୟାଚ୍‌ର ଆଇଏଫ୍ଏସ୍ ମନୋଜ ଭି. ନାୟାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଓଏସ୍‌ପିସିବି)ର ସଦସ୍ୟ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ଏହାସହିତ ତାଙ୍କୁ ଏପିସିସିଏଫ୍(ବନ୍ୟପ୍ରାଣୀ) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୦୦୧ ବ୍ୟାଚ୍‌ର ଆଇଏଫ୍ଏସ୍ ତଥା 'କାମ୍ପା' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜି. ରାଜେଶଙ୍କୁ ଭୁବନେଶ୍ୱର ଘାଟିକିଆସ୍ଥିତ ଓଏଫ୍ଏସ୍‌ଡିପିର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ୨୦୧୨ ବ୍ୟାଚର ଆଇଏଫ୍ଏସ୍ ସନଥ କୁମାର ଏନ୍.ଙ୍କୁ ନନ୍ଦନକାନନ ବାୟୋଲୋଜିକାଲ ପାର୍କ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ରେଳ: ଓଡ଼ିଶାକୁ...

| ଆର୍ଥିକ ବର୍ଷ | ଆବଣ୍ଟିତ ରେଳ ବଜେଟ (କୋଟି ଟଙ୍କାରେ) |
|---|---|
| ୨୦୨୦-୨୧ | ୪,୩୭୩ |
| ୨୦୨୧-୨୨ | ୬,୯୯୫ |
| ୨୦୨୨-୨୩ | ୯,୭୩୪ |
| ୨୦୨୩-୨୪ | ୧୦,୦୧୨ |
| ୨୦୨୪-୨୫ | ୧୦,୫୮୬ |
| ୨୦୨୫-୨୬ | ୧୦,୫୯୯ |

୬ ଯୋଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ଚଳାଚଳ କରୁଛି, ଯାହା ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ଯାତ୍ରା ବିକଳ୍ପ ପ୍ରଦାନ କରୁଛି। ୨୦୧୪ରୁ ଓଡ଼ିଶାରେ ପ୍ରାୟ ୨,୨୦୦ କିଲୋମିଟର ନୂତନ ରେଳ ଟ୍ରାକ ନିର୍ମାଣ କରାଯାଇଛି, ଯାହା ମାଲେସିଆର ସମଗ୍ର ରେଳ ନେଟୱର୍କଠାରୁ ଅଧିକ ବୋଲି ଦର୍ଶାଯାଇଛି। ରାଜ୍ୟ ୧୦୦ ପ୍ରତିଶତ ବିଦ୍ୟୁତୀକରଣ ହାସଲ କରିଛି, ଏହି ସମୟ ମଧ୍ୟରେ ୧,୫୫୯ କିଲୋମିଟର ରେଳ ଲାଇନ୍ ବିଦ୍ୟୁତୀକରଣ ହୋଇଛି, ଯାହା ଶକ୍ତି ସଞ୍ଚୟ ଏବଂ ଉତ୍ତମ ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଛି। ଏହାବ୍ୟତୀତ ସୁରକ୍ଷା ବୃଦ୍ଧି ଏବଂ ନିରବଚ୍ଛିନ୍ନ ସଡ଼କ ରେଳ ଚଳାଚଳ ସୁନିଶ୍ଚିତ କରିବା ପାଇଁ ୬୩୨ଟି ସଡ଼କ ଓଭରବ୍ରିଜ ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। କବଚ ଭଳି ଉନ୍ନତ ସୁରକ୍ଷା ବ୍ୟବସ୍ଥା ମଧ୍ୟ କ୍ରମାଗତ ଭାବରେ କାର୍ଯ୍ୟକାରୀ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ରୁଟ୍ କିଲୋମିଟର ଉପରେ କାର୍ଯ୍ୟ ଏବଂ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି, ଯାହା ଟ୍ରେନ ପରିଚାଳନା ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ।

ରେଳମନ୍ତ୍ରୀ କହିଛନ୍ତି, ଏହି ଐତିହାସିକ ପଦକ୍ଷେପଗୁଡ଼ିକ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ଅଭିଜ୍ଞତା ଏବଂ ବର୍ଦ୍ଧିତ ଲଜିଷ୍ଟିକ୍ସ କ୍ଷମତା ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ବିକାଶ ଇଞ୍ଜିନରେ ପରିଣତ କରିବା ପାଇଁ ରେଲୱେର ଦୃଷ୍ଟିକୋଣକୁ ରେଖାଙ୍କିତ କରୁଛି। ଏହା ରାଜ୍ୟର ଦୀର୍ଘକାଳୀନ ସାମାଜିକ. ଆର୍ଥିକ ବିକାଶ ପାଇଁ ପଥ ପ୍ରଶସ୍ତ କରିବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

### ମୁଖ୍ୟ ବିଶେଷତ୍ୱ

**ପୂର୍ବ-ପଶ୍ଚିମ ମାଲ୍ ପରିବହନ କରିଡର (ଇଷ୍ଟ-ୱେଷ୍ଟ ଫ୍ରେଇଟ୍ କରିଡର):** ପଶ୍ଚିମବଙ୍ଗର ଡାଙ୍କୁନିରୁ ଗୁଜରାଟର ସୁରଟ ପର୍ଯ୍ୟନ୍ତ ଏହି କରିଡର ଓଡ଼ିଶା ଦେଇ ଗତି କରିବ। ଫଳରେ ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ର ସଶକ୍ତ ହେବ। **ଚାଲୁ ରହିଥିବା ପ୍ରକଳ୍ପ:** ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ୯୦,୬୫୯ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ନୂତନ ଅନୁଦାନ ସହିତ ମୋଟ ନିବେଶ ୧ ଲକ୍ଷ କୋଟି ଟପିଯାଇଛି। **ଅମୃତ ଷ୍ଟେଶନ ଯୋଜନା:** ଓଡ଼ିଶାର ୫୯ଟି ରେଳଷ୍ଟେଶନର ପୁନଃବିକାଶ ପାଇଁ ୨,୪୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କଟକ (ଦ୍ୱିତୀୟ ପ୍ରବେଶ ପଥ), ବାରିପଦା, ତାଳଚେର ଭଳି ୬ଟି ଷ୍ଟେଶନର କାମ ସରିଥିବା ବେଳେ ଅନ୍ୟଗୁଡ଼ିକ ପ୍ରକ୍ରିୟାଧୀନ ଅଛି।

**କବଚ:** ଟ୍ରେନ ଦୁର୍ଘଟଣା ରୋକିବା ପାଇଁ 'କବଚ' ସୁରକ୍ଷା ପ୍ରଣାଳୀ ଓଡ଼ିଶାର ୭୭୨ କିଲୋମିଟର ରେଳପଥରେ ଲଗାଯିବ। ଏହାସହିତ ହାତୀ ମୃତ୍ୟୁ ରୋକିବା ପାଇଁ ଏଆଇ-ଆଧାରିତ ଥର୍ମାଲ କ୍ୟାମେରା ଏବଂ ଅପ୍ଟିକାଲ ଫାଇଭର କେବୁଲ ଲଗାଯିବ। **ରେଳ ସଂଯୋଗ:** ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାରେ ୨,୨୦୦ କିଲୋମିଟର ନୂତନ ରେଳ ଲାଇନ ନିର୍ମାଣ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୬ ଯୋଡ଼ା ବନ୍ଦେ ଭାରତ ଏବଂ ୬ ଯୋଡ଼ା ଅମୃତ ଭାରତ ଏକ୍ସପ୍ରେସ ଚାଲୁଛି।

## ଟ୍ରମ୍ପ୍ ନରମିଲେ...

ଏଥିସହିତ ଭାରତୀୟ ସାମଗ୍ରୀ ଉପରେ ଆମେରିକା ଲଗାଇଥିବା ଅତିରିକ୍ତ ୨୫% ଦଣ୍ଡାତ୍ମକ ଟାରିଫ୍ ସମ୍ପୂର୍ଣ୍ଣ ହଟାଇ ଦିଆଯିବ। ଫଳରେ ଆମେରିକା ଭାରତୀୟ ସାମଗ୍ରୀ ଉପରେ ଲଗାଇଥିବା ମୋଟ ୫୦% ଶୁଳ୍କ ଏବେ ୧୮%କୁ ହ୍ରାସ ପାଇଛି।

ଏହି ଘୋଷଣା ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ ବୋଲି ଭାରତରେ ଆମେରିକାର ରାଷ୍ଟ୍ରଦୂତ ଥିବା ସର୍ଗିଓ ଗୋର୍ ସୂଚନା ଦେଇଛନ୍ତି। ୨ ଦେଶ ମଧ୍ୟରେ ବନ୍ଧୁତା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ସ୍ୱରୂପ ତାଙ୍କ ଅନୁରୋଧକ୍ରମେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିନାମା ପାଇଁ ଆମେ ରାଜି ବୋଲି ଟ୍ରମ୍ପ୍ କହିଛନ୍ତି। ଏଥିସହିତ ଆମେରିକା ଭାରତୀୟ ସାମଗ୍ରୀ ଉପରୁ ଜବାବୀ ଶୁଳ୍କ ୨୫ରୁ ୧୮%କୁ କମାଇବ ବୋଲି ସେ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି। ତଦନୁଯାୟୀ ଭାରତ ଆମେରିକୀୟ ସାମଗ୍ରୀ ଉପରେ ଲଗାଇଥିବା ଟାରିଫ୍ ଏବଂ ଅଣଟାରିଫ୍ ପ୍ରତିବନ୍ଧକ ଶୂନକୁ କମାଇବ ବୋଲି ଟ୍ରମ୍ପ୍ କହିଛନ୍ତି। ସେ ଆହୁରି କହିଛନ୍ତି, ରୁଷିଆ ତୈଳ କିଣା ବନ୍ଦ କରିବାକୁ ଭାରତ ରାଜି ହୋଇଛି। ଆମେରିକା ଏବଂ ଭେନେଜୁଏଲାରୁ ନୂଆଦିଲ୍ଲୀ ଅଧିକ ତୈଳ କିଣିବ। ଏହା ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାରେ ସହାୟକ ହେବ ବୋଲି ଟ୍ରମ୍ପ୍ କହିଛନ୍ତି।

ଆମେରିକା ପ୍ରତିଦ୍ୱନ୍ଦ୍ୱୀ ରପ୍ତାନି ଅର୍ଥନୀତିଗୁଡ଼ିକ ଉପରେ ଲଗାଇଥିବା ଟାରିଫ୍ ମଧ୍ୟରେ ଏହା ସର୍ବନିମ୍ନ। ଅର୍ଥାତ୍ ଭାରତ ଉପରେ ଲଗାଯାଇଥିବା ସର୍ବାଧିକ ଟାରିଫ୍ ଏବେ ସର୍ବନିମ୍ନ ସ୍ତରକୁ ଖସିଛି। ଉଲ୍ଲେଖଯୋଗ୍ୟ, ଇଣ୍ଡୋନେସିଆ ଉପରେ ଆମେରିକା ୧୯% ଟାରିଫ ଲଗାଇଥିବାବେଳେ ଭିଏତ୍‌ନାମ ଉପରେ ୨୦%, ବାଂଲାଦେଶ ଉପରେ ୨୦% ଏବଂ ଚାଇନା ଉପରେ ୩୪% ଟାରିଫ୍ ଲଗାଇଛି। ଭାରତ ଉପରେ ଟାରିଫ୍ ହ୍ରାସ ଦୁଇ ଦେଶର ନେତାଙ୍କ ମଧ୍ୟରେ ଦୃଢ଼ ବନ୍ଧୁତ୍ୱର ପ୍ରତିଫଳନ ବୋଲି ଆମେରିକା ରାଷ୍ଟ୍ରଦୂତ ଗୋର୍ କହିଛନ୍ତି।

ଟାରିଫ୍ ହ୍ରାସ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇବା ସହ ଭାରତର ୧୪୦ କୋଟି ଜନତାଙ୍କ ତରଫରୁ ସାଧୁବାଦ ଜଣାଇଛନ୍ତି। ଏଣିକି ଭାରତୀୟ ସାମଗ୍ରୀ ଆମେରିକାରେ ଅପେକ୍ଷାକୃତ କମ୍ ଦରରେ ବିକ୍ରି ହେବ ବୋଲି ସେ 'X'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

## ୨୮ ଏନ୍ଏସି...

ଏନ୍ଏସି ଏବଂ ପୌରପାଳିକାଗୁଡ଼ିକର ପ୍ରୋଭିଜନାଲ ବିଜ୍ଞପ୍ତି ୨୬ରେ ପ୍ରକାଶ ପାଇବ। ୨୬ରୁ ମାର୍ଚ୍ଚ ୧୩ ଯାଏ ପ୍ରକାଶିତ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନ ଗ୍ରହଣ କରାଯିବ। ମାର୍ଚ୍ଚ ୧୬ରୁ ୨୮ ତାରିଖ ମଧ୍ୟରେ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନର ଶୁଣାଣି କରାଯିବା ପରେ ମାର୍ଚ୍ଚ ୩୧ରେ ଜିଲାପାଳଙ୍କ ପକ୍ଷରୁ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଡାକୁଆ ଦର୍ଶାଇଛନ୍ତି।

## ସିନ୍ଧୁ ନଦୀଜଳ ଚୁକ୍ତି...

ଆଭିମୁଖ୍ୟ ଗ୍ରହଣ କରି ଭାରତ ସିନ୍ଧୁ ନଦୀଜଳ ଚୁକ୍ତିକୁ ନେଇ ବଡ଼ ନିଷ୍ପତ୍ତି ନେଇଥିଲା। ୧୯୬୦ ମସିହାରେ ସ୍ୱାକ୍ଷରିତ ହୋଇଥିବା ସିନ୍ଧୁ ନଦୀଜଳ ଚୁକ୍ତିକୁ କେନ୍ଦ୍ର ସରକାର ରଦ୍ଦ କରିବା ସହିତ ନଦୀଜଳ ପ୍ରବାହ ସମ୍ପର୍କିତ କୌଣସି ତଥ୍ୟ ପାକିସ୍ତାନକୁ ଦିଆଯିବ ନାହିଁ ବୋଲି କହିଥିଲେ।

## ବିକାଶର ନେତୃତ୍ୱ...

ରାୟଗଡ଼ା ଜିଲାରେ ୯,୩୩୫ ଏସ୍ଏଚ୍‌ଜି ପାଇଁ ୧୪ କୋଟି ଟଙ୍କାର ରିଭଲ୍‌ଭିଂ ଫଣ୍ଡ, ୧୬୪ଟି ଏସ୍ଏଚ୍‌ଜିଙ୍କୁ ୫୩.୧୪ କୋଟି ଟଙ୍କାର ପାଣ୍ଠି, ୪୧୯୫ଟି ଏସ୍ଏଚ୍‌ଜିକୁ ୩୭.୫୫ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଜିଲା ପାଇଁ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି। ଶୁଭାରମ୍ଭ ହୋଇଥିବା ମୋଟ ୧୦୯ଟି ଉନ୍ନୟନମୂଳକ ପ୍ରକଳ୍ପ ମଧ୍ଯରୁ ୨୩୮ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୩୬୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୮୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିସହ ୩୭ କୋଟି ଟଙ୍କା ବିନିଯୋଗରେ ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମଝିଘରିଆଣୀ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି।

## ଦଲାଇଲାମାଙ୍କୁ ଗ୍ରାମୀ...

ବଙ୍ଗାଶ ଏବଂ ଆୟାନ ଅଲି ବଙ୍ଗାଶଙ୍କ ସମେତ ଆମେରିକୀୟ ସାକ୍ସୋଫୋନିଷ୍ଟ ଟେଡ୍ ନାଶ୍, ଗାୟକ ତଥା ଗୀତ ରଚୟିତା ଦେବୀ ନୋଭା ଏବଂ ବାଦ୍ୟଯନ୍ତ୍ର ସଙ୍ଗୀତକାର ଟୋନି ସୁକାର ରହିଛନ୍ତି। ପୁରସ୍କାର ପାଇଥିବାରୁ ଦଲାଇଲାମା କୃତଜ୍ଞତା ଜ୍ଞାପନ କରିବା ସହ ଏହାକୁ ସେ ଏକ ବ୍ୟକ୍ତିଗତ ସଫଳତା ଭାବେ ଦେଖୁନାହାନ୍ତି। ଆମର ମିଳିତ ସାଧାରଣ ଦାୟିତ୍ୱକୁ ଏହା ଏକ ସ୍ୱୀକୃତି ବୋଲି କହିଛନ୍ତି।

ଦଲାଇଲାମାଙ୍କ ସମେତ ଟେଞ୍ଜିନ୍ ଗ୍ୟାଟ୍‌ସୋ, ନିର୍ଦ୍ଦେଶକ ଷ୍ଟିଭେନ୍ ସ୍ୱିଏଲବର୍ଗ ଏବଂ କେ-ପପ୍ ପାଇଁ ପ୍ରଥମ ଗ୍ରାମୀ ପୁରସ୍କାର। 'ମ୍ୟୁଜିକ୍ ଫର୍ ଜନ୍ ୱିଲିଅମ୍ସ' ପାଇଁ ସ୍ୱିଏଲବର୍ଗଙ୍କୁ ମ୍ୟୁଜିକ୍ ଫିଲ୍ମ ବର୍ଗରେ ପୁରସ୍କାର ମିଳିଛି। ସେହିପରି 'କେପପ୍ ଡେମନ ହୁଣ୍ଟର୍ସ'ରୁ ଲୋକପ୍ରିୟ ଗୀତ 'ଗୋଲ୍ଡେନ'କୁ ଗ୍ରାମୀ ପୁରସ୍କାର ପ୍ରଦାନ କରାଯାଇଛି।

## ଚାଇନାର ସମାଲୋଚନା...

ବିଚ୍ଛିନ୍ନତାବାଦୀ କାର୍ଯ୍ୟ ଚଳାଇଛନ୍ତି। ଦଲାଇଲାମା ଜଣେ ସମ୍ପୂର୍ଣ୍ଣ ଧର୍ମୀୟ ବ୍ୟକ୍ତି ନୁହନ୍ତି ବୋଲି ଲିନ୍ ଗଣମାଧ୍ୟମକୁ କହିଛନ୍ତି। ଧର୍ମ ନାମରେ ଚାଇନା ବିରୋଧୀ ବିଚ୍ଛିନ୍ନତାବାଦୀ କାର୍ଯ୍ୟ ପାଇଁ ସେ ରାଜନୈତିକ ନିର୍ବାସନରେ ରହିଛନ୍ତି। ତେଣୁ ପୁରସ୍କାରକୁ ଏକ ଅସ୍ତ୍ର ଭାବେ ଚାଇନା ବିରୋଧୀ କାର୍ଯ୍ୟକଳାପରେ ବ୍ୟବହାରକୁ ବେଜିଂ ଦୃଢ଼ ବିରୋଧ କରୁଛି ବୋଲି ଲିନ୍ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଜାତିକୁ ବଣିଜ ଅଡୁଆ।**

ପୂର୍ବକାଳରେ ଗୋଟିଏ ଜାତିର ଲୋକେ ଗୋଟିଏ ପ୍ରକାର ବଣିଜ ବା ବେପାର କରୁଥିଲେ। ସେମାନେ ସେ ବେପାରର ସମସ୍ତ ତତ୍ତ୍ୱ ବା ହାନିଲାଭ ବେଶ୍ ଭଲ ଭାବେ ଜାଣିଥିଲେ। ଅନ୍ୟ ଜାତିର ଲୋକେ ସେ ବେପାର କଲେ ସେଥିରେ ସେତେଟା ପ୍ରତିଷ୍ଠା ପାଇପାରୁ ନ ଥିଲେ। ତେଣୁ ଯେଉଁ ବ୍ୟକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଦକ୍ଷତା ନାହିଁ ସେ ସେଭଳି କାର୍ଯ୍ୟରେ ହାତ ଦେବା ଠିକ୍ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅଜା ଗଜା, ବୁଢ଼ା ମେଷ,**
**ଦୁଧର ଉପର ଦହିର ଶେଷ,**
**ମାଛର ମା' ଶାଗର ଝି,**
**ଯାକୁ ନ ଖାଇବ କି ?**

ଖାଦ୍ୟ ଦେହକୁ ପୁଷ୍ଟ କରେ। ଉତ୍ତମ ଶରୀର ପାଇଁ ପୌଷ୍ଟିକ ଆହାରର ଆବଶ୍ୟକତା ରହିଥାଏ। ଛୋଟ ଛେଳି, ବଡ଼ ମେଣ୍ଢା, ଦୁଧର ସର, ତଳ ତଳିଆ ଦହି, ବଡ଼ ମାଛ ଓ କଅଁଳିଆ ଶାଗ ଖାଇବାକୁ ଭଲ ଲାଗେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କେତୁଯୁକ୍ତ ଚନ୍ଦ୍ର କୋଣଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ଟେନ୍‌ସନ ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ପ୍ରତ୍ୟୁଷଯାତ୍ରା, ବାଣିଜ୍ୟ, ପରିବହନରେ କୌଣସି ଅସୁବିଧା ରହିବନାହିଁ। ଆବଶ୍ୟକତାନୁଯାୟୀ କୌଣସି ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** — ଦୀର୍ଘଦିନରୁ ସରକାରୀସ୍ତରରୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ଆଜି ବନ୍ଧୁମିଳନ ସାଙ୍ଗକୁ ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ିମୋଟର ବ୍ୟବସାୟରୁ ଲାଭବାନ୍ ହୋଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବା ପୂର୍ବରୁ କଳହର ସମ୍ମୁଖୀନ ହେବାକୁପଡ଼ିପାରେ।

**ମିଥୁନ** — ଆଜି ଚନ୍ଦ୍ରଙ୍କର ଏକାଦଶ ରାଶିରେ ବୃହସ୍ପତି ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ଲାଭକରିବେ। ଆନୁଷ୍ଠାନିକ କ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ସକାଶେ ଚିନ୍ତା କରିପାରନ୍ତି। ଶିଳ୍ପ, ବ୍ୟବସାୟ, କାରିଗରି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବେ। ଆଜି ସାମାନ୍ୟ ବିଳମ୍ବରେ ହେଲେ ମଧ୍ୟ ସ୍ଥଗିତ ରହିଯାଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** — ଆଜିର ଗ୍ରହଯୋଗ ନୂତନ ବନ୍ଧୁସମ୍ପର୍କ ସହ ସମ୍ମାନଜନକ ସ୍ଥିତିକୁ ନେବାରେ ସାହାଯ୍ୟ କରିବ। ଦୀର୍ଘଦିନର ଆଶା ଫଳବତୀ ହେବ। ପାରିବାରିକ ସ୍ତରରେ ଆତ୍ମୀୟସ୍ୱଜନଙ୍କ ଦ୍ୱାରା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସୂଚନା ରହିଛି।

**ସିଂହ** — ମଙ୍ଗଳ ଓ ବୁଧ ୬ଷ୍ଠ ସ୍ଥାନରେ ରହିଥିବାରୁ ବନ୍ଧୁ ଗହଣରେ ସତ୍ୟ କହି ବିରୋଧୀ ହୋଇପାରନ୍ତି। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବା ସାଙ୍ଗକୁ ଲକ୍ଷ୍ୟପୂରଣରେ ଅସୁବିଧା ରହିବ ନାହିଁ। ପରିବାରର ଗୁରୁତ୍ୱପୂର୍ଣ୍ଣ କାମ ଅର୍ଦ୍ଧସମ୍ପୂର୍ଣ୍ଣ ରହିଯାଇପାରେ। କର୍ମକ୍ଷେତ୍ରରେ ଆଲୋଚନାର ଶେଷ ସମୟରେ ନିଷ୍ପତ୍ତି ବଦଳାଇପାରନ୍ତି।

**କନ୍ୟା** — କେନ୍ଦ୍ର ଓ କୋଣସ୍ଥାନରେ ଗ୍ରହଙ୍କ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତାଜନିତ ଖୁସି ରହିବେ। ଦୀର୍ଘଦିନରୁ ଲାଗି ରହିଥିବା ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ। ବିବାଦୀୟ ଘଟଣା, ଜମିଜମା କଳହ ତଥା ମାଲିମକଦ୍ଦମା ସମାଧାନର ଆଶା ରହିଛି। ସନ୍ତାନଙ୍କ କୃତି ଓ କୃତିତ୍ୱ କାରଣରୁ ନିଜକୁ ଗୌରବାନ୍ୱିତ ମନେକରିବେ।

**ତୁଳା** — ଭାଗ୍ୟସ୍ଥାନସ୍ଥ ବୃହସ୍ପତି ଯୋଗୁ ଆଜିର ଜୀବନଚର୍ଯ୍ୟା ଅନୁକୂଳ ବାତାବରଣରେ ପ୍ରୀତିପ୍ରଦ ରହିବ। ସାମାଜିକ ଚଳଣିରେ ଅର୍ଥ, କର୍ମକ୍ଷେତ୍ରରେ ସମ୍ମାନ ସହ ବନ୍ଧୁମିଳନରେ ଆପ୍ୟାୟିତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ପଡ଼ୋଶୀ ସାହାଯ୍ୟର ପ୍ରତିଶ୍ରୁତି ଦେବା ସୂଚନା ରହିଛି।

**ବିଛା** — ନୂତନ ଯୋଜନା ପ୍ରଣୟନ ସହ ସାମାଜିକ ସମ୍ମାନ ଲାଭକରିବେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନର ଅଭିବୃଦ୍ଧିରୁ ଖୁସି ରହିବେ। ପାରିବାରିକ ଅବ୍ୟବସ୍ଥା, ଅଫିସ୍ କାମରେ ଅନ୍ୟମନସ୍କତା ଓ ଈର୍ଷାଳୁଙ୍କ କୁତ୍ସାରଟନାରୁ ଚିନ୍ତିତ ରହିବେ। ଶୁକ୍ରଙ୍କ ପ୍ରଭାବରୁ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରର ସମସ୍ୟା ସମାଧାନ ହେବ।

**ଧନୁ** — ପରିସ୍ଥିତିର ବିଷମତାକୁ ସାମ୍ୟତା ପ୍ରଦାନ କରିବାରେ ଆପଣଙ୍କ ଉଦ୍ୟମ ମୂଲ୍ୟହୀନ ହେବନାହିଁ। ବନ୍ଧୁବର୍ଗଙ୍କ ପ୍ରଶଂସା, ଆର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସୁଦୃଢ଼ ସ୍ଥିତି ମନୋବଳ ବୃଦ୍ଧିକରିବ। ପୂର୍ବାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ବୃଦ୍ଧି ଯୋଗୁ କାମ ଉତ୍ସାହପ୍ରଦ ହେବନାହିଁ। ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ପାଇବେ।

**ମକର** — ରାଶିରେ ଏକାଧିକ ଗ୍ରହଙ୍କ ସ୍ଥିତି ଚିନ୍ତାରେ ନିମଗ୍ନ କରାଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା କାରଣରୁ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ସୌଭାଗ୍ୟ ଅର୍ଜନ କରିବେ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟରେ ହସ୍ତକ୍ଷେପ କରିବା ଜମା ଠିକ୍ ହେବନାହିଁ।

**କୁମ୍ଭ** — କୋଣଭାବସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହେବେ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ବନ୍ଧୁ ଓ ପରିଜନଙ୍କ ସହ ଦର୍ଶନୀୟ ସ୍ଥାନ ଭ୍ରମଣର ସୁଯୋଗ ପାଇ ଖୁସି ହେବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ କିମ୍ବା ଯାନ୍ତ୍ରିକ ତ୍ରୁଟିଜନିତ କ୍ଷୋଭ ପ୍ରକାଶ କରିପାରନ୍ତି।

**ମୀନ** — ଆଜିର ଅନୁକୂଳ ଗ୍ରହ ସଂଯୋଗ ଅର୍ଥ, ସମ୍ମାନ ସହ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ। ଶୁଣାକଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ମନଗଢ଼ା କଥା କହି ବୁଲିବେ। ବାଣିଜ୍ୟ, ଲେଖାପଢ଼ା, ଆଲୋଚନା, ମନୋରଞ୍ଜନରୁ ଖୁସି ରହିବେ।

ଆଜି ଫେବୃଆରୀ ୩ ତାରିଖ, ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା ମଙ୍ଗଳବାର। ରାଶିନକ୍ଷତ୍ର-ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୨ ଗତେ ଘ.୧୦।୫୩ ମଧ୍ୟେ, ଘ.୦୧।୦୭ ଗତେ ଘ. ୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୮ ଗତେ ଘ.୦୪।୧୨ ମଧ୍ୟେ ରାହୁକାଳ।

## ଟି୨୦ ବିଶ୍ୱକପ୍‌ରେ ଭାରତ ମ୍ୟାଚ୍‌କୁ ପାକିସ୍ତାନ ବୟକଟ୍ ପ୍ରସଙ୍ଗ




# ଉତ୍କଳ ଦିବସରୁ ମିଶନ ଶକ୍ତି ମହିଳାଙ୍କୁ ମିଳିବ ନୂଆ ଡ୍ରେସ୍ କୋଡ୍

**ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)**



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଧ ଫେରସ୍ତ କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଉପସ୍ଥିତ ଅଛନ୍ତି ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଓ ଅତିରିକ୍ତ ଶାସନ ସଚିବ ଜ୍ୟୋତିଶଙ୍କର ମହାପାତ୍ର।

- ସିଆର୍‌ପିଙ୍କୁ ମିଳିବ ସ୍ମାର୍ଟ ଫୋନ, ସିଆର୍‌ଏସ୍‌ଏସ୍‌ଙ୍କୁ ଡ୍ରେସ୍, ଆଇକାର୍ଡ
- ଏସ୍‌ଏଚ୍‌ଜି ମାଆମାନଙ୍କୁ ୧୯୭. ୬୬ କୋଟି ସୁଧ ଟଙ୍କା ଫେରସ୍ତ ହେଲା

ମିଶନ ଶକ୍ତି ମହିଳାଙ୍କ ଡ୍ରେସ୍ କୋଡ୍ ବଦଳିବ। ଏପ୍ରିଲ ୧ ଉତ୍କଳ ଦିବସରୁ ସେମାନେ ନୂଆ ଡ୍ରେସ୍ କୋଡ୍‌ରେ କାର୍ଯ୍ୟ କରିବେ। ଶାଢ଼ୀରେ ରହିବ ଓଡ଼ିଆ ଅସ୍ମିତାର ଝଲକ। ୪୬ ହଜାରରୁ ଉର୍ଦ୍ଧ୍ୱ କମ୍ୟୁନିଟି ରିସୋର୍ସ ପର୍ସନ୍ସ (ସିଆର୍‌ପି) ମହିଳାଙ୍କୁ ନୂଆ ସ୍ମାର୍ଟ ଫୋନ୍ ଏବଂ କମ୍ୟୁନିଟି ରିସୋର୍ସ ସପୋର୍ଟ ଷ୍ଟାଫ୍ (ସିଆର୍‌ଏସ୍‌ଏସ୍)ଙ୍କୁ ନୂଆ ଡ୍ରେସ୍ କୋଡ୍ ସହ ଆଇକାର୍ଡ ଦିଆଯିବ। ମିଶନ ଶକ୍ତି ଭବନଠାରେ ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଚତୁର୍ଥ ପର୍ଯ୍ୟାୟ ସୁଧ ଫେରସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଘୋଷଣା କରିଛନ୍ତି।

ପ୍ରଭାତୀ କହିଛନ୍ତି, ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ଓଡିଶାର ସାମଗ୍ରିକ ବିକାଶର ମୁଖ୍ୟ ଆଧାର। ଏହି ଲକ୍ଷ୍ୟକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ କରି ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଜୀବିକାମୂଳକ ଓ ଦୀର୍ଘକାଳୀନ ଆର୍ଥିକ ମଡେଲ ଉପରେ କାମ କରୁଛନ୍ତି। ବ୍ୟାଙ୍କ ଋଣ ମାଧ୍ୟମରେ ଏସ୍‌ଏଚ୍‌ଜି ସଦସ୍ୟାମାନେ ନିଜ ଉଦ୍ୟୋଗକୁ ଆଗେଇ ନେଇପାରୁଛନ୍ତି। ଋଣରେ ସୁଧ ବୋଝ କମିଥିବାରୁ ସେମାନଙ୍କ ଆୟ ଓ ବ୍ୟବସାୟ ବୃଦ୍ଧି ପାଉଛି। ରାଜ୍ୟ ସରକାର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣରେ ବାର୍ଷିକ ସୁଧହାରକୁ ଶୂନ ପ୍ରତିଶତ କରି ଏହାର ସମ୍ପୂର୍ଣ୍ଣ ସୁଧ ରାଶି ଏସ୍‌ଏଚ୍‌ଜି ସଦସ୍ୟାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଭାବେ ଫେରସ୍ତ କରୁଛନ୍ତି। ଏହି ଅବସରରେ ସେ ୨,୮୦,୫୮୬ଟି ଏସ୍‌ଏଚ୍‌ଜିଙ୍କୁ ୧୯୭.୬୬ କୋଟି ଟଙ୍କାରୁ ଅଧିକ ସୁଧ ଫେରସ୍ତ ରାଶି ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୫୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଯାଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡିକୁ ଆର୍ଥିକ ଭାବେ ଅଧିକ ସଶକ୍ତ କରିବା ସହ ରାଜ୍ୟର ଆର୍ଥିକ ପ୍ରଗତିରେ ମହିଳାମାନଙ୍କ ଅବଦାନକୁ ଆହୁରି ସୁଦୃଢ଼ କରିଛି। କେନ୍ଦ୍ର ସରକାର ବଜେଟରେ ଲକ୍ଷପତି ଦିଦି ଯୋଜନାର ସମ୍ପ୍ରସାରଣ ଓ ସି-ମାର୍ଟ ଉପରେ ଗୁରୁତ୍ୱ ଦେଇ କ୍ଲଷ୍ଟର ସ୍ତରରେ ମହିଳା ସଶକ୍ତୀକରଣକୁ ଏକ ସୁଦୃଢ ଓ ଶକ୍ତିଶାଳୀ କର୍ମଦକ୍ଷ ଭାବେ ରୂପାନ୍ତରିତ ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ଅତିରିକ୍ତ ଶାସନ ସଚିବ ଜ୍ୟୋତିଶଙ୍କର ମହାପାତ୍ର ଉପସ୍ଥିତ ଥିଲେ। ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନର ଅଧିକାରୀ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲା ଓ ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ଏବଂ ଏସ୍‌ଏଚ୍‌ଜି ମାଆମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।

# ଲୋକଭବନରେ ରାଷ୍ଟ୍ରପତି

- ଆଜି ଯାଜପୁର, ବାଲେଶ୍ୱର କାର୍ଯ୍ୟକ୍ରମ ପରେ ପୁରୀ ଗସ୍ତ
- ସ୍ୱାଗତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)**



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ସ୍ୱାଗତ କରୁଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ୬ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିଛନ୍ତି। ବିମାନବନ୍ଦରଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଛନ୍ତି। ସେଠାରୁ ରାଷ୍ଟ୍ରପତି ସିଧାସଳଖ ଲୋକଭବନ ଅଭିମୁଖେ ଯାଇଛନ୍ତି। ଲୋକଭବନରେ ମଧ୍ୟ ଆଉଥରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ତାଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଲୋକଭବନଠାରେ ରାତ୍ରିଯାପନ କରିବା ସହିତ ମଙ୍ଗଳବାର ଯାଜପୁର ଅଭିମୁଖେ ଗସ୍ତ କରିବେ। ଭୁବନେଶ୍ୱର ବିମାନବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଜପୁର ପ୍ରଶାସନିକ ପଡ଼ିଆଠାରେ ଅବତରଣ କରିବେ। ସେଠାରୁ ସିଧା ମା' ବିରଜାଙ୍କ ଦର୍ଶନ କରିବେ। ଏହାପରେ ନାଭିଗୟାଠାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ବାଲେଶ୍ୱର ଯାଇ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ଏକ ନୂଆ ଅଡିଟୋରିୟମ ଉଦ୍‌ଘାଟନ କରିବେ। ଏହାପରେ ସେ ସିଧାସଳଖ ପୁରୀ ଅଭିମୁଖେ ଗସ୍ତ କରିବେ। ପୁରୀ ଲୋକଭବନରେ ସେ ରାତ୍ରିଯାପନ କରି ସକାଳୁ ଶ୍ୱେତଗଙ୍ଗା ପୁଷ୍କରିଣୀରେ ପିଣ୍ଡଦାନ କରିବା ପରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ସେ ମୟୂରଭଞ୍ଜ ଅଭିମୁଖେ ଗସ୍ତ କରିବେ। ସେଠାରେ କେତେକ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏହି ଅବସରରେ ତାଙ୍କ ସହିତ ଯୋଗଦେବେ। ୬ ତାରିଖରେ ଆଦିବାସୀ ସମ୍ପ୍ରଦାୟର ମହିଳା ଏବଂ ଯୁବକମାନଙ୍କ ସହିତ ବାର୍ତ୍ତାଳାପ କରି ଭୁବନେଶ୍ୱରଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ୭ ତାରିଖରେ ସେ ଛତିଶଗଡ଼ ଅଭିମୁଖେ ଗସ୍ତ କରିବେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର, ଯାଜପୁର, ବାଲେଶ୍ୱର ଏବଂ ପୁରୀଠାରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ରାଜଧାନୀରେ ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଇଗ୍ନୁ ନାମଲେଖା, ପୁନଃ ପଞ୍ଜୀକରଣ ଅବଧି ୧୫କୁ ବୃଦ୍ଧି

**ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟାକୁ ଫେବୃଆରୀ ୧୫କୁ ବୃଦ୍ଧି କରାଯାଇଛି। ବିଜ୍ଞପ୍ତି ଅନୁସାରେ, ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା), ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଇଛି। ସ୍ନାତକ ପ୍ରୋଗ୍ରାମ - କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତି ସୁବିଧା ପାଉଥିଲେ ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଓ ସୂଚନା ଇଗ୍ନୁ ୱେବ୍‌ସାଇଟ www.ignou.ac.in ଏବଂ ଲିଙ୍କ୍ http//ignouadmission.samarth.edu.inରେ ଉପଲବ୍ଧ ରହିଛି। ଇଗ୍ନୁର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

# ଭାରତର ବିକାଶଶୀଳ ଇକ୍ୱିଟି ବଜାର ଏବଂ ଫ୍ଲେକ୍ସି କ୍ୟାପ୍ ଫଣ୍ଡର ଡିଜାଇନ୍

ଯଦି ଆପଣ କିଛି ବର୍ଷ ଧରି ଭାରତୀୟ ଇକ୍ୱିଟି ଉପରେ ନଜର ରଖି ଆସିଛନ୍ତି, ତେବେ ଆପଣ ବୋଧହୁଏ ଗୋଟିଏ କଥା ଲକ୍ଷ୍ୟ କରିଥିବେ ଯେ, ବଜାର ନେତୃତ୍ୱ କଦାପି ଅଧିକ ସମୟ ଧରି ବଜାୟ ରହି ନ ଥାଏ । ବେଳେବେଳେ, ଲାର୍ଜ କ୍ୟାପ୍ ଷ୍ଟକ୍ ଗୁଡ଼ିକ ସବୁଠାରୁ ସୁରକ୍ଷିତ ସ୍ଥାନ ଭଳି ଅନୁଭୂତ ହୋଇଥାଏ । ଅନ୍ୟ ସମୟରେ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ କମ୍ପାନୀଗୁଡିକ ବିନା ଜାକଜମକରେ ରିଟର୍ଣ୍ଣ ଚାର୍ଟକୁ ଅଧିଗ୍ରହଣ କରିନିଅନ୍ତି । ଏହି ନିରନ୍ତର ପରିବର୍ତ୍ତନ ଅସ୍ୱାଭାବିକ ନୁହେଁ । ଇକ୍ୱିଟି ବଜାର ଏହିଭଳି ହିଁ ବିକଶିତ ହୋଇଥାଏ ।

ଜଣେ ନିବେଶକ ଭାବରେ, ଏପରି ଆବର୍ତ୍ତନକୁ ବୁଝିବା ଆପଣଙ୍କୁ ପାଣ୍ଠି ବର୍ଗ ବିଷୟରେ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିପାରିବ ଯାହାକୁ ବଜାର ସହିତ ତାଳ ଦେଇ ଅଗ୍ରଗତି କରିବା ପାଇଁ ଡିଜାଇନ୍ କରାଯାଇଛି ।



**ସିଦ୍ଧାର୍ଥ ଦମାନି**
**ମୁଖ୍ୟ, ନିବେଶକ ଶିକ୍ଷା ଏବଂ ବିତରକ ବିକାଶ**

### ସମୟ ସହିତ ନେତୃତ୍ୱ କିପରି ପରିବର୍ତ୍ତନ ହୁଏ

ଏପରି କିଛି ପର୍ଯ୍ୟାୟ ଅଛି ଯେତେବେଳେ ଶକ୍ତିଶାଳୀ ବାଲାନ୍ସ ସିଟ୍ ସହିତ ପ୍ରତିଷ୍ଠିତ କମ୍ପାନୀଗୁଡିକ ରିଟର୍ଣ୍ଣ ଉପରେ ପ୍ରାଧାନ୍ୟ ବିସ୍ତାର କରନ୍ତି । ଏହି ଅବଧି ପ୍ରାୟତଃ ଅର୍ଥନୈତିକ ଅନିଶ୍ଚିତତା କିମ୍ବା ବୈଶ୍ୱିକ ଅସ୍ଥିରତା ସମୟରେ ହିଁ ଉଭା ହୋଇଥାଏ, ଯେତେବେଳେ ନିବେଶକମାନେ ସ୍ଥିରତାକୁ ପସନ୍ଦ କରିଥାନ୍ତି । ଅନ୍ୟ ସମୟରେ, ବଢୁଥିବା ବ୍ୟବସାୟଗୁଡିକ ଘରୋଇ ଚାହିଦା, ପଲିସିର ସମର୍ଥନ କିମ୍ବା କ୍ଷେତ୍ର ନିର୍ଦ୍ଦିଷ୍ଟ ଗତିରେ ଉନ୍ନତି ଆଣି ଉପକୃତ ହୁଅନ୍ତି । ସେତେବେଳେ ମଧ୍ୟମ ଏବଂ ଛୋଟ କ୍ୟାପ୍ ଷ୍ଟକ୍ ଭଲ ପ୍ରଦର୍ଶନ କରିବାକୁ ଲାଗେ ।

ଏହି ଚକ୍ରଗୁଡିକ ଏକ ନିର୍ଦ୍ଦିଷ୍ଟ ସମୟ ସାରଣୀ ଅନୁସରଣ କରେ ନାହିଁ । ସେଗୁଡ଼ିକ ଅର୍ଥନୈତିକ ଅବସ୍ଥା, ଆୟ ବୃଦ୍ଧି, ଲିକ୍ୱିଡିଟି ଏବଂ ନିବେଶକଙ୍କ ଭାବନାର ମିଶ୍ରଣ ଉପରେ ନିର୍ଭର କରିଥାଏ । ପରବର୍ତ୍ତୀ ସମୟରେ କେଉଁ ବଜାର ଖଣ୍ଡ ଅଗ୍ରଣୀ ରହିବ ତାହା କ୍ରମାଗତ ଭାବରେ ପୂର୍ବାନୁମାନ କରିବାକୁ ଚେଷ୍ଟା କରିବା ଅଭିଜ୍ଞ ନିବେଶକମାନଙ୍କ ପାଇଁ ମଧ୍ୟ କଷ୍ଟସାଧ ହୋଇପାରେ ।

### ଆପଣଙ୍କ ପୋର୍ଟଫୋଲିଓରେ ନମନୀୟତା କାହିଁକି ଗୁରୁତ୍ୱପୂର୍ଣ୍ଣ

ଏକ କମ୍ପାନୀ କେତେ ବିପଦପୂର୍ଣ୍ଣ କିମ୍ବା ସ୍ଥିର ହୋଇପାରେ ତାହା ବୁଝିବା ପାଇଁ ପ୍ରାୟତଃ ବଜାର ପୁଞ୍ଜିକରଣକୁ ବ୍ୟବହାର କରାଯାଇଥାଏ । ଲାର୍ଜ କ୍ୟାପ୍ ଷ୍ଟକ୍‌ଗୁଡିକ ସାଧାରଣତଃ ଅଧିକ ସ୍ଥିର ରହିଥାଏ, ଯେତେବେଳେ କି ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକ୍ ଗୁଡ଼ିକ ଦ୍ରୁତ ଗତିରେ ବୃଦ୍ଧି କିମ୍ବା ଅଧିକ ତୀବ୍ର ଗତିରେ ବୃଦ୍ଧି ଏବଂ ହ୍ରାସ ପାଇପାରେ । ଯଦି ଆପଣଙ୍କ ନିବେଶ କେବଳ ଗୋଟିଏ ଖଣ୍ଡ (ସେଗମେଣ୍ଟ)ରେ ସୀମିତ ରହିଛି, ତେବେ ବଜାର ନେତୃତ୍ୱରେ ପରିବର୍ତ୍ତନ ଆପଣଙ୍କ ପୋର୍ଟଫୋଲିଓ ମାତ୍ରାଧିକ ଭାବେ ପ୍ରଭାବିତ ହୋଇପାରେ ।

ଏହିଭଳି ପରିସ୍ଥିତିରେ ହିଁ ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡ଼ିକର ପ୍ରାସଙ୍ଗିକତା ଅନୁଭୂତ ହୋଇଥାଏ ।

### ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡିକ କିପରି ଡିଜାଇନ୍ କରାଯାଏ

ଏକ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସ୍ଥିର ଆବଣ୍ଟନ ସୀମା ବିନା ଲାର୍ଜ, ମିଡ୍ ଏବଂ ସ୍ମଲ୍ କ୍ୟାପ୍ ଷ୍ଟକରେ ବିନିଯୋଗ କରିପାରିବ । ଏହା ଫଣ୍ଡ ମ୍ୟାନେଜରଙ୍କୁ ପରିବର୍ତ୍ତିତ ବଜାର ସ୍ଥିତି, ମୂଲ୍ୟାଙ୍କନ ଏବଂ ଆୟ ଦୃଶ୍ୟମାନତା ପ୍ରତି ପ୍ରତିକ୍ରିୟାଶୀଳ ହେବାର ସ୍ୱାଧୀନତା ଦେଇଥାଏ ।

ଯଦି ଲାର୍ଜ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ଯଥେଷ୍ଟ ମୂଲ୍ୟବାନ ଏବଂ ସ୍ଥିର ଦେଖାଯାଏ, ତେବେ ଫଣ୍ଡ ସେଗୁଡ଼ିକରେ ଅଧିକ ନିବେଶ କରିପାରେ । ଯେତେବେଳେ ମିଡ୍ କିମ୍ବା ସ୍ମଲ୍ କ୍ୟାପ୍ ଷ୍ଟକ୍‌ଗୁଡ଼ିକ ଉତ୍ତମ ଅଭିବୃଦ୍ଧି ସମ୍ଭାବନା ପ୍ରଦାନ କରନ୍ତି, ସେତେବେଳେ ଆବଣ୍ଟନ ସେଠାକୁ ସ୍ଥାନାନ୍ତରିତ ହୋଇପାରେ । ବାରମ୍ବାର ଟ୍ରେଡିଂ କରିବା ନୁହେଁ, ବରଂ ଉଦ୍ଦେଶ୍ୟ ହେଉଛି ସମୟ ସହିତ ବଜାରର ପରିବର୍ତ୍ତନଶୀଳ ଅବସ୍ଥା ସହିତ ନିଜକୁ ନମନୀୟ ରଖିବା ।

### ଆପଣ କ'ଣ ମନେରଖିବା ଉଚିତ୍

ନମନୀୟତା ସାହାଯ୍ୟକାରୀ ହୋଇପାରେ କିନ୍ତୁ ଏହା ବଜାର ବିପଦକୁ ଦୂର କରେ ନାହିଁ । ଫଣ୍ଡ ମ୍ୟାନେଜର ବିଭିନ୍ନ ବଜାର ପର୍ଯ୍ୟାୟକୁ କେତେ ଭଲ ଭାବରେ ପରିଚାଳନା କରନ୍ତି ତାହା ଉପରେ ଏହି ଫଣ୍ଡର ପ୍ରଦର୍ଶନ ନିର୍ଭର କରିଥାଏ । ଆପଣ ମଧ୍ୟ ବଜାରର ଉଚ୍ଚ ଉତ୍ଥାନ ପତନ ଅନୁଭବ କରିପାରନ୍ତି, ବିଶେଷ କରି ଯେତେବେଳେ ଫଣ୍ଡ ଅଧିକାଂଶ ଭାବେ ଛୋଟ ଛୋଟ କମ୍ପାନୀରେ ନିବେଶିତ ହୋଇଥିବ ।

ଆପଣ ମଧ୍ୟ ଏହି ନିବେଶଗୁଡ଼ିକୁ ଆପଣଙ୍କର ସମୟ ଆବଶ୍ୟକତା ସହିତ ସୁସଙ୍ଗତ କରି ରଖିବା ଉଚିତ । ଇକ୍ୱିଟି ବଜାର ଧୈର୍ଯ୍ୟକୁ ପୁରସ୍କୃତ କରିଥାଏ, ଏବଂ ଯଦି ଆପଣ ଦୀର୍ଘକାଳୀନ ଦୃଷ୍ଟିକୋଣ ରଖି ନିବେଶ କରୁଛନ୍ତି, ତେବେ ଫ୍ଲେକ୍ସି କ୍ୟାପ୍ ଫଣ୍ଡ ସାଧାରଣତଃ ଅଧିକ ଉପଯୁକ୍ତ ହୋଇଥାଏ ।

### ଉପସଂହାର

ଭାରତର ଇକ୍ୱିଟି ବଜାରରେ ପରିବର୍ତ୍ତନ ଜାରି ରହିବ ଏବଂ କମ୍ପାନୀଗୁଡ଼ିକର ଆକାର ଏବଂ କ୍ଷେତ୍ର ନିର୍ବିଶେଷରେ ନେତୃତ୍ୱର ଆବର୍ତ୍ତନ ମଧ୍ୟ ଜାରି ରହିବ । ଫ୍ଲେକ୍ସି କ୍ୟାପ୍ ଫଣ୍ଡଗୁଡିକୁ ଏହି ବାସ୍ତବତାକୁ ଆଧାର କରି କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ବଜାରର ଏକ ସ୍ଥିର ଦୃଶ୍ୟ ପରିବର୍ତ୍ତେ ବିବିଧକରଣ ଏବଂ ଅନୁକୂଳତା ପ୍ରଦାନ କରିଥାଏ । ସବୁଥର ପରି, କୌଣସି ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ଆପଣଙ୍କ ବ୍ୟାପକ ଆର୍ଥିକ ଯୋଜନାରେ ଏହିପରି ପାଣ୍ଠି କିପରି ସୁହାଇବ ତାହା ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

*ଦାବିତ୍ୟାଗ:*
*ନିବେଶକ ଶିକ୍ଷା ଓ ସଚେତନତା ପାଇଁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ମ୍ୟୁଚୁଆଲ ଫଣ୍ଡର ଏକ ପ୍ରୟାସ ।*
*ସମସ୍ତ ନିବେଶକଙ୍କୁ ଥରେ ଏକକାଳୀନ କେୱାଇସି (ନିଜ ଗ୍ରାହକଙ୍କୁ ଜାଣନ୍ତୁ) ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ । ନିବେଶକମାନେ କେବଳ ସେବି ସହ ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ । କେୱାଇସି ଉପରେ ଅଧିକ ସୂଚନା, ସେବି ପଞ୍ଜୀକୃତ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ତାଲିକା ଏବଂ ଅଭିଯୋଗ ନିରାକରଣ ପଦ୍ଧତିର ବିବରଣୀ ସମେତ ସେବି ସ୍କୋର୍ସ ପୋର୍ଟାଲ ବିଷୟରେ ଅଧିକ ଜାଣିବା ପାଇଁ ଏହି ଲିଙ୍କ୍ ପରିଦର୍ଶନ କରନ୍ତୁ:* ***https://mutualfund.adityabirlacapital.com/Investor-Education/education/kyc-and-redressal***

*ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡ଼ିକ ବଜାରର କ୍ଷତିଭୟ ଅଧୀନ ଅଟେ, ଯୋଜନା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ଧ୍ୟାନପୂର୍ବକ ପଢ଼ନ୍ତୁ ।*

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

Aditya Birla Sun Life Mutual Fund
ADITYA BIRLA CAPITAL
MUTUAL FUNDS

6001/2/2526





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପ୍ରାଣିପାଳନ ଓ ପ୍ରାଣିକଲ୍ୟାଣ ସଚେତନତା ମାସ

୧୪ ଜାନୁଆରୀରୁ ୧୩ ଫେବୃଆରୀ ୨୦୨୬

- ଆସନ୍ତୁ ବୁଲା ପଶୁପକ୍ଷୀଙ୍କ ପାଇଁ ସହାନୁଭୂତିଶୀଳ ହେବା
- ରାସ୍ତାଘାଟରେ ଆହତ ଓ ଅସୁସ୍ଥ ପ୍ରାଣୀଙ୍କୁ ସହାୟତା କରିବା
- ପ୍ରାଣୀଙ୍କ ନିକଟକୁ ପ୍ଲାଷ୍ଟିକ୍ ଆବର୍ଜନା ଫିଙ୍ଗିବାରୁ ନିବୃତ ରହିବା
- ଗଛ ଲଗାଇ ପକ୍ଷୀଙ୍କ ପାଇଁ ଆଶ୍ରୟସ୍ଥଳୀ ସୃଷ୍ଟି କରିବା

ଏ ପୃଥିବୀ ସମସ୍ତଙ୍କର, ଆସନ୍ତୁ ମିଳିମିଶି ଏହାକୁ ସୁନ୍ଦର କରିବା ।



OIPR-6001/6014/2/25-26/0002
Follow us
ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
Follow us farddepartment farddepartment farddepartment farddepartment

ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା।-ଶ୍ରୀଅରବିନ୍ଦ



# ବୋତଲ ବେପାର

ପାଣିର ଉପସ୍ଥିତି ଯୋଗୁ ପୃଥିବୀରେ ଆମେ ତିଷ୍ଠିଛେ। ସେହି ପାଣି ଏବେ ଦ୍ରୁତଗତିରେ ପ୍ରଦୂଷିତ ହେବାରେ ଲାଗିଛି। କୁହାଯାଉଛି, ଭବିଷ୍ୟତରେ ସବୁଠାରୁ ବଡ଼ ସଙ୍କଟ ଭାବେ ଜଳ ଉଭା ହେବ। ନିକଟ ଅତୀତକୁ ଦେଖିଲେ ମଧ୍ୟପ୍ରଦେଶର ଇନ୍ଦୋରରେ ଦୂଷିତ ପାଣି ପିଇ ୧୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଓଡ଼ିଶାର ଆଠଗଡ଼ ସମେତ ଅନେକ ଅଞ୍ଚଳରେ ଭୂତଳ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ୍ ଥିବା ଯୋଗୁ ଲିଭର ଓ କିଡ୍‌ନୀଜନିତ ରୋଗରେ ବାସିନ୍ଦାମାନେ ଆକ୍ରାନ୍ତ ହେଉଛନ୍ତି। ଗଙ୍ଗା, ଯମୁନା ଭଳି ସବୁ ବଡ଼ ନଦୀର ଜଳଉତ୍ସ ପ୍ରାୟ ବିଷାକ୍ତ ହୋଇଯାଇଛି। ଶିଳ୍ପର ବର୍ଜ୍ୟ, ନର୍ଦ୍ଦମାରୁ ବହିଯାଉଥିବା ମଇଳା ଏପରିକି ଲୋକଙ୍କ ଘରର ଆବର୍ଜନା ସବୁ ନଦୀ ବା ସମୁଦ୍ରକୁ ସିଧା ଛଡ଼ାଯାଉଛି। କେତେକ ରିପୋର୍ଟ ଅନୁସାରେ, ଭାରତର ୭୦ ପ୍ରତିଶତ ଭୂତଳ ଜଳ ପ୍ରଦୂଷିତ ଓ ଟ୍ୟାପ୍ ପାଣି ପିଇବା ଅନୁପଯୁକ୍ତ। ସ୍ୱଚ୍ଛ ପାଣି ପାଇବା ପାଇଁ ଧନୀ ଓ ମଧ୍ୟବିତ୍ତ ବ୍ୟକ୍ତିମାନେ ଅର୍ଥ ଦେଇ ପାଣି ବୋତଲ କିଣୁଛନ୍ତି। ପରିସ୍ଥିତି ଏମିତି ହେଲାଣି ଯେ, ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ କିଛି ସ୍ଥାନରେ ପାଣି କିଣି ପିଇଲେଣି। ଏଭଳିସ୍ଥଳେ ବୋତଲରେ ପାଣି ପୂରାଇ ବିଭିନ୍ନ ବର୍ଗର ଲୋକଙ୍କୁ ବିକିବା ପାଇଁ ଅନେକ କମ୍ପାନୀ ଆଗେଇ ଆସିଲେଣି। ୧୦ଟଙ୍କିଆ ପତଳା ପ୍ଲାଷ୍ଟିକ ବୋତଲଠାରୁ ଆରମ୍ଭ କରି ୧୦୦୦ ଟଙ୍କିଆ କାଚ ବୋତଲରେ 'ସ୍ପାର୍କଲିଂ ୱାଟର' ବଜାରକୁ ଆସିଲାଣି। ସାଧାରଣରେ ମାଗଣାରେ ମିଳୁଥିବା ପାଣିକୁ ଏବେ ଏକ ଦୁର୍ଲଭ ସାମଗ୍ରୀ ଭାବେ ଚିକ୍କଣିଆ ସ୍ଲୋଗାନ ଦେଇ ବିକ୍ରି କରାଯାଉଛି। ଏହା ବର୍ତ୍ତମାନ ଏକ ବିରାଟକାୟ ବ୍ୟବସାୟରେ ପରିଣତ ହୋଇ ବିଲିୟନ ଆମେରିକୀୟ ଡଲାର ଛୁଇଁଲାଣି। ପୁଣି ପ୍ରିମିୟମ ସେଗ୍‌ମେଣ୍ଟରେ ଅଧିକ ଅର୍ଥ ଟାଣିବା ପାଇଁ ବିଭିନ୍ନ ସ୍ୱାଦ ଓ ରଙ୍ଗର ପାଣି ମଧ୍ୟ ମିଳିଲାଣି।

ପାଣିର ଏ ବଡ଼ କାରବାର ଦେଖି ଅନେକ ସ୍ଥାନରେ ନକଲି ମିନେରାଲ ୱାଟର ସଂସ୍ଥା ବାହାରି ପଡ଼ିଲେଣି, ଯେଉଁମାନେ କି ନଳରେ ଆସୁଥିବା ପାଣିକୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପୂରାଇ ବେପାର ଚଳାଇଛନ୍ତି। ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟରେ ବହୁରାଷ୍ଟ୍ରୀୟ କମ୍ପାନୀର ପାଣି ବୋତଲ ପର୍ଯ୍ୟାପ୍ତ ବ୍ୟବହାର ହେଉଥିବା ବେଳେ ଯେଉଁ ଗ୍ରାମାଞ୍ଚଳରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁଛି, ସେଠାକୁ ମଧ୍ୟ ବୋତଲ ପାଣି ସଂସ୍କୃତି ପ୍ରବେଶ କରିଗଲାଣି।

ଏଭଳି ସ୍ଥଳେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତର ସମ୍ଭ୍ରାନ୍ତ ଶ୍ରେଣୀ ଏବେ ସାଧାରଣ ପାଣି ପରିବର୍ତ୍ତେ ବିଦେଶୀ ଓ ପ୍ରାକୃତିକ ଝରଣାର ପାଣି ପାଇଁ ଅନେକ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଯେଉଁଠାରେ ସାଧାରଣ ପାଣି ବୋତଲ ୨୦ ଟଙ୍କାରେ ମିଳେ, ସେଠାରେ ଧନୀ ଭାରତୀୟମାନେ ଗୋଟିଏ ବୋତଲ ପାଣି ପାଇଁ ୮୦୦ରୁ ୧୦୦୦ ଟଙ୍କା ଦେବାକୁ ଆଗେଇ ଆସୁଛନ୍ତି। ଏହା କେବଳ ଶୋଷ ମେଣ୍ଟାଇବା ପାଇଁ ନୁହଁ, ବରଂ ନିଜର ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଦେଖାଇବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଇପାରେ। ଲୋକଙ୍କ ବ୍ୟଗ୍ରତା ଦେଖି ବହୁରାଷ୍ଟ୍ରୀୟ ଓ ଜାତୀୟ କମ୍ପାନୀଗୁଡ଼ିକ 'ପ୍ରିମିୟମ୍ ୱାଟର' ପ୍ରସ୍ତୁତ କରିବାରେ ଲାଗିପଡ଼ିଛନ୍ତି। ଏବେ କୁହାଯାଉଛି ଯେ, ଘରୋଇ ଆର୍‌ଓ (ରିଭର୍ସ ଓସ୍‌ମୋସିସ୍) ପ୍ୟୁରିଫାୟାର ପାଣିରୁ ଜରୁରୀ ଖଣିଜ ପଦାର୍ଥ ବାହାର କରିଦିଏ। ସେଥିପାଇଁ ସେମାନେ ହିମାଳୟ କିମ୍ବା ୟୁରୋପର ପର୍ବତମାଳାରୁ ଆସୁଥିବା 'ନାଚ୍ୟୁରାଲ ମିନେରାଲ ୱାଟର' ପସନ୍ଦ କରୁଛନ୍ତି।

ଅର୍ଥଶାସ୍ତ୍ରରେ ଦୁଇ ପ୍ରକାର ସାମଗ୍ରୀ କଥା କୁହାଯାଇଛି। ମୁକ୍ତ ସାମଗ୍ରୀ ଓ ଅର୍ଥନୈତିକ ସାମଗ୍ରୀ। ସାଧାରଣରେ ଉପଲବ୍ଧ ପାଣି ସମସ୍ତଙ୍କ ପାଇଁ ମୁକ୍ତ ହୋଇଥିବା ବେଳେ ବଜାରରେ ବୋତଲଭର୍ତ୍ତି ପାଣି ଅର୍ଥନୈତିକ ସାମଗ୍ରୀ ପର୍ଯ୍ୟାୟଭୁକ୍ତ। ଏବେ ପ୍ରିମିୟମ ୱାଟର କଥା ଚର୍ଚ୍ଚା ହେଉଛି। ଭାରତ ସମେତ ବିଶ୍ୱବ୍ୟାପୀ ପାଣି ବୋତଲ ବ୍ୟବସାୟ ବଢ଼ିଚାଲିଛି। ବର୍ତ୍ତମାନ ସ୍ଥିତିରେ ଯେଉଁଭଳି ଭାବେ ପାଣି ସଙ୍କଟ ଦେଖାଦେବା ସହ ଆନ୍ତଃରାଜ୍ୟ ଓ ଆନ୍ତଃରାଷ୍ଟ୍ର ଦ୍ୱନ୍ଦ୍ୱ ବଢ଼ିଚାଲିଛି, କୁହାଗଲାଣି ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ହୁଏ ତାହା ହେଲେ ପାଣି ହେବ ବିବାଦର ବିନ୍ଦୁ। ମନେରଖିବାକୁ ହେବ ଯେ, ଯେଉଁମାନେ ପାଣି ବୋତଲ ବ୍ୟବସାୟ କରୁଛନ୍ତି ସେମାନେ ପାଣି ତିଆରି କରୁ ନାହାନ୍ତି, ବରଂ ତାହାର ଉତ୍ସ, ପ୍ୟାକେଜିଂ ବିଷୟରେ କେବଳ ଭଲ ଭାବେ ଉଲ୍ଲେଖ କରୁଛନ୍ତି। ଯିଏ ଯେଭଳି ବ୍ରାଣ୍ଡିଂ କରିପାରିଲେ ସେହି ଅନୁଯାୟୀ ପାଣି ବିକି ଚାଲୁଛନ୍ତି। ଏଭଳି ସ୍ଥଳେ ଫ୍ରାନ୍ସର ଏଭିଆନ୍, ଆମେରିକାର ସାରାଟୋଗା, ଭାରତର ହିମାଳୟନ, ଆଭା, ବିସ୍‌ଲେରି ଆଦି ବୋତଲ କମ୍ପାନୀ ସେମାନଙ୍କ ଗ୍ରାହକଙ୍କ ସଂଖ୍ୟା ବଢ଼ାଇ ଚାଲିଛନ୍ତି। ଅଧିକାଂଶ କ୍ଷେତ୍ରରେ ଏହିସବୁ କମ୍ପାନୀ ପ୍ଲାଷ୍ଟିକ୍ ବୋତଲରେ ପାଣି ବିକୁଛନ୍ତି। ନୂଆ ଗବେଷଣାରୁ ଜଣାପଡୁଛି ଯେ, ଏଭଳି ପାଣିରେ ଅଧିକ ମାତ୍ରାରେ ମାଇକ୍ରୋପ୍ଲାଷ୍ଟିକ୍ ରହୁଛି, ଯାହା ଶରୀର ପାଇଁ କ୍ଷତିକାରକ। ଏଥିସହିତ ସେହି ପ୍ଲାଷ୍ଟିକ ବୋତଲ ପ୍ରଦୂଷଣର କାରଣ ମଧ୍ୟ ପାଲଟୁଛି। ପାଣିର ଏ ବଡ଼ କାରବାର ଦେଖି ଅନେକ ସ୍ଥାନରେ ନକଲି ମିନେରାଲ ୱାଟର ସଂସ୍ଥା ବାହାରି ପଡ଼ିଲେଣି, ଯେଉଁମାନେ କି ନଳରେ ଆସୁଥିବା ପାଣିକୁ ମଧ୍ୟ ପ୍ଲାଷ୍ଟିକ ବୋତଲରେ ପୂରାଇ ବେପାର ଚଳାଇଛନ୍ତି। ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟରେ ବହୁରାଷ୍ଟ୍ରୀୟ କମ୍ପାନୀର ପାଣି ବୋତଲ ପର୍ଯ୍ୟାପ୍ତ ବ୍ୟବହାର ହେଉଥିବା ବେଳେ ଯେଉଁ ଗ୍ରାମାଞ୍ଚଳରେ ଜଳ ପର୍ଯ୍ୟାପ୍ତ ପରିମାଣରେ ମିଳୁଛି, ସେଠାକୁ ମଧ୍ୟ ବୋତଲ ପାଣି ସଂସ୍କୃତି ପ୍ରବେଶ କରିଗଲାଣି।

ପ୍ରଦୂଷଣ ନିୟନ୍ତ୍ରଣ, ଜଳଉତ୍ସ ସଂରକ୍ଷଣ ଓ ବିଶୁଦ୍ଧ ପାନୀୟଜଳ ଯୋଗାଇବାର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉ ନାହିଁ। ଏହି ଧାରା ଜାରି ରହିଲେ ଆଗକୁ କମ୍ପାନୀଗୁଡ଼ିକ ବିଶୁଦ୍ଧ ପାଣି ସହ ପବନ ମଧ୍ୟ ବିକିବାକୁ ଆଗେଇ ଆସିବେ।

# ବଜେଟ: ବିକଶିତ ଭାରତ, ଓଡ଼ିଶାର ନକ୍ସା



**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଂସଦରେ ମୋଦି ସରକାରଙ୍କର ଦ୍ୱାଦଶ ବର୍ଷରେ ଦେଶର ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଲଗାତର ନବମ ଥର ପାଇଁ ଦେଶର ବଜେଟ ଉପସ୍ଥାପନ କରିଛନ୍ତି। ନୂତନ ସଂସଦ ଭବନ ସେଣ୍ଟ୍ରାଲ ଭିସ୍ତାରୁ ଏହା ହେଉଛି ଦେଶର ପ୍ରଥମ ବଜେଟ। ନିର୍ମଳା ସୀତାରମଣଙ୍କର ବଜେଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଦେଶର ଅର୍ଥନୀତି ଓ ସାଧାରଣ ଜନତାଙ୍କ ରୋଜଗାର ଓ ଜୀବନ ଧାରଣର ମାନରେ ଉନ୍ନତିର ବାର୍ତ୍ତାକୁ ଚିକିନିଖିକରି ବୁଝିବାକୁ ଚେଷ୍ଟା କରିଛି। ଆମ ଦେଶର ବିଭିନ୍ନ ବିରୋଧୀ ରାଜନୈତିକ ଦଳର ଆଭିମୁଖ୍ୟକୁ ମଧ୍ୟ ଭଲ ଭାବେ ବୁଝିବାକୁ ଚେଷ୍ଟା କରିଛି। ଏହି ରାଷ୍ଟ୍ରୀୟ ବଜେଟରେ ଆମ ରାଜ୍ୟ ଓଡ଼ିଶା ପାଇଁ କି କି ଯୋଜନା, କାର୍ଯ୍ୟକ୍ରମ ତଥା ସୁଯୋଗ ଓ ଆହ୍ୱାନ ଅଛି, ଏହା ଉପରେ ଲମ୍ବା ସମୟ ଧରି ବିଶେଷଜ୍ଞ, ସାଧାରଣ ଲୋକଙ୍କ ସହ ଆଲୋଚନା କରିଛି। ତିନି ଦଶନ୍ଧିର ମୋର ରାଜନୈତିକ ଯାତ୍ରା ଓ ଅନୁଭବ ଆଧାରରେ ମୁଁ ନିଜେ ଦେଶ ଓ ବିଶେଷକରି ଓଡ଼ିଶାର ବିକାଶ ପରିପ୍ରେକ୍ଷୀରେ ତର୍ଜମା କରିବାକୁ ଚେଷ୍ଟା କରିଛି।

ଏହି ନିବନ୍ଧ ମାଧ୍ୟମରେ ଆମ ରାଜ୍ୟର ଛାତ୍ର, ଯୁବକ, ମହିଳା, କୃଷକ, ଗରିବଙ୍କ ସମେତ ଶିଳ୍ପ, ବାଣିଜ୍ୟ, ସଂସ୍କୃତି ନେଇ କାମ କରୁଥିବା ଓ ଆଗ୍ରହ ରଖିଥିବା ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ କରିବା ମୋର ଇଚ୍ଛା। ଆପଣମାନେ ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ସରକାରୀ ଯୋଗାଯୋଗ ମାଧ୍ୟମରେ ମୋ ପାଇଁ ଆପଣମାନଙ୍କ ମନ୍ତବ୍ୟ ଦେବା ପାଇଁ ଅନୁରୋଧ କରୁଛି। ମୋର ଦୃଢ଼ ବିଶ୍ୱାସ ଆମେ ଖାଲି ନିର୍ବାଚିତ ସରକାର ଚଳାଉନୁ, ଆମେ ଲୋକଙ୍କ ସରକାର ଚଳାଉଛୁ। ସେଥିପାଇଁ ଆପଣମାନେ ମୋତେ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କହୁଛନ୍ତି। ଖାଲି ଶବ୍ଦରେ ନୁହେଁ, ମୋର ନିତିଦିନିଆ କାମରେ ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଲୋକଙ୍କ ମୁଖ୍ୟମନ୍ତ୍ରୀ ସମ୍ବୋଧନର ସମ୍ମାନ ରକ୍ଷା କରିବାର ପ୍ରତିଶ୍ରୁତି ସହ ମୋର ମୂଳ ବିଷୟକୁ ଆସୁଛି।

ଯେତେବେଳେ ଦେଶର ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ଶେଷ କରୁଥିଲେ, ମୋ ମନରେ ଏହି ବଜେଟକୁ ଅଳ୍ପ ବାକ୍ୟରେ କେମିତି ବର୍ଣ୍ଣନା କରାଯାଇପାରିବ ପ୍ରଶ୍ନ ଉଙ୍କିମାରୁଥିଲା। ମୋତେ ବ୍ୟକ୍ତିଗତ ଭାବରେ ଲାଗିଲା ଗୋଟିଏ ଆର୍ଥିକ ବର୍ଷ ପାଇଁ ଅସ୍ପଷ୍ଟତା ବଦଳରେ ସ୍ପଷ୍ଟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି। ହୁଏତ ଗୋଟିଏ ଆର୍ଥିକ ବର୍ଷରେ ଲେଖାଯୋଖା ଅଛି। ମାତ୍ର ୨୦୪୭ ସୁଦ୍ଧା ବିକଶିତ ଭାରତର ରୋଡ୍‌ମ୍ୟାପ୍ ସହ ଏହି ଯାତ୍ରାକୁ ଆହୁରି ଗତି ଦେବା ପାଇଁ ଏ ବଜେଟ ଉଦ୍ଦିଷ୍ଟ। ୨୦୩୬ ମସିହାରେ ଆମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟଭାବେ ଗଠିତ ହେବାର ୧୦୦ ବର୍ଷରେ ପହଞ୍ଚିବ। ମାନେ ଆଉ ୧୦ ବର୍ଷରେ ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାର ଅନେକ ସୁଯୋଗ ଓ ସମ୍ଭାବନାର ସମ୍ଭାରକୁ ଏହି ବଜେଟରେ ରଖାଯାଇଛି। ମୋଦିଜୀଙ୍କ ଦୃଢ଼ ନେତୃତ୍ୱରେ ଦେଶ ପ୍ରଗତିର ଚରମ ଶୀର୍ଷରେ ପହଞ୍ଚିବ। ତାଙ୍କ ମାର୍ଗଦର୍ଶନରେ ୨୦୩୬ର ବିକଶିତ ଓଡ଼ିଶା ଓ ୨୦୪୭ରେ ବିକଶିତ ଭାରତର ନିର୍ମାଣରେ ବଡ଼ ଭୂମିକା ନେବ। ଏଥିପାଇଁ ଏହି ବଜେଟ ତା'ର କ୍ଷେତ୍ର ପ୍ରସ୍ତୁତି କରିଛି ବୋଲି ମୋର ସ୍ପଷ୍ଟ ମତ।

ମୋର ଓଡ଼ିଶାର ଭାଇ ଓ ଭଉଣୀମାନେ, ଆମ ଦେଶ ଭାରତ ଆଜିଦିନରେ ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ କାରଣରୁ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇପାରିଛି। ଯେଉଁ ବ୍ରିଟିଶ ଶାସନ ଆମକୁ ଶତାବ୍ଦୀ ଶତାବ୍ଦୀ ପର୍ଯ୍ୟନ୍ତ ଗୋଲାମ କରିଥିଲା, ସେହି ଦେଶ ଇଂଲଣ୍ଡକୁ ପଛକୁ ଠେଲି ଆମେ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଛୁ। ଚତୁର୍ଥ ସ୍ଥାନରେ ପହଞ୍ଚିବାର ଆମର ସାଙ୍କେତିକ ପକ୍ଷକୁ ବୁଝନ୍ତୁ। ଏହାଦ୍ୱାରା ଦେଶର ଯୁବଶକ୍ତିର ଆତ୍ମବିଶ୍ୱାସ ବୃଦ୍ଧି ଉପରେ ମନସ୍ତାତ୍ତ୍ୱିକ ପ୍ରଭାବକୁ ବି ଅନୁଭବ କରନ୍ତୁ। ଖୁବ୍‌ଶୀଘ୍ର ପୃଥିବୀର ତୃତୀୟ ବୃହତ୍ତମ ଏବଂ ୨୦୪୭ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି ହେବାର ମନୋବଳକୁ ଓଡ଼ିଆ ଭାବରେ ଆସନ୍ତୁ, ଆମେ ଆହୁରି ଦୃଢ଼ କରିବା। ପ୍ରାଚୁର୍ଯ୍ୟ ଭିତରେ ଓଡ଼ିଶା କାହିଁକି ଗରିବ, ଏ ହୀନମନ୍ୟତାରୁ ଓଡ଼ିଆ ଜାତିକୁ ଉପରକୁ ଉଠାଇବାର ସମୟ ଆସିଛି। ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ପ୍ରଚୁର ଜଳ ସମ୍ପଦ, ଜଙ୍ଗଲ ସମ୍ପଦ, ଆଦିବାସୀ ଜନସଂଖ୍ୟା ସହିତ ପରିଶ୍ରମୀ ଓ ବୁଦ୍ଧିମାନ ଓଡ଼ିଆ ଜାତି ପାଇଁ ଏହି ବଜେଟ ହେଉଛି ୨୦୩୬ ପର୍ଯ୍ୟନ୍ତ ଆଗାମୀ ୧୦ ବର୍ଷ ପାଇଁ ଏବଂ ୨୦୪୭ ପର୍ଯ୍ୟନ୍ତ ଆଗାମୀ ୨୧ ବର୍ଷ ପାଇଁ ଏକ ସ୍ପଷ୍ଟ ରୋଡ୍‌ମ୍ୟାପ୍, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଏହି ବଜେଟରେ ପରିସଂଖ୍ୟାନ ନେଇ ତର୍କବିତର୍କ ତ ଚାଲିଛି, ମାତ୍ର ଏଥିରେ ଆମ ରାଜ୍ୟ ଓଡ଼ିଶାର ସଂକଳ୍ପକୁ ରାଜ୍ୟର ବିକାଶର ଗତିକୁ ଆହୁରି ଗତିଶୀଳ କରିବା ପାଇଁ ମାନନୀୟ ମୋଦିଜୀ ଓ ସୀତାରମଣଜୀଙ୍କ ଦୂରଦର୍ଶୀ ଯୋଜନା ଉପରେ ଏହି ସୀମିତ ସ୍ଥାନରେ ଚୁମ୍ବକ ଚୁମ୍ବକରେ କିଛି ଲେଖିବା ସହ ଏହା ଉପରେ ଆପଣମାନେ ବିସ୍ତୃତ ତର୍କବିତର୍କ ଓ ଆଲୋଚନା କରିବାକୁ ଆହ୍ୱାନ ଜଣାଉଛି। ଓଡ଼ିଶା ପାଇଁ ମୋଦିଜୀଙ୍କ 'ରେଆର୍ ଆର୍ଥ କରିଡର' ଆମ ପ୍ରାକୃତିକ ସମ୍ପଦ, ପରିଶ୍ରମୀ ଏବଂ ବୁଦ୍ଧିମାନ ଓଡ଼ିଆଙ୍କ ସୃଜନଶୀଳତାରେ ଖାଲି ଓଡ଼ିଶାର ନୁହେଁ ବରଂ ଦେଶର ବିକାଶରେ ଏକ ପ୍ରମୁଖ ଭୂମିକା ନେବ। ଏହାର ସଫଳତା ଦେଶର ହାଇଟେକ୍ ତଥା ଭବିଷ୍ୟତର ବିକାଶର ମାପଦଣ୍ଡ ଇଲେକ୍ଟ୍ରିକ୍ ଯାନବାହନ, ପବନଚାଳିତ ଟର୍ବାଇନ୍, ସେମିକଣ୍ଡକ୍ଟର ଏବଂ ବହୁ ଆଧୁନିକ ପ୍ରଯୁକ୍ତି ବିଦ୍ୟାସମ୍ପନ୍ନ ପ୍ରତିରକ୍ଷା ସାମଗ୍ରୀ ପ୍ରସ୍ତୁତି ପାଇଁ ଆମ ରାଜ୍ୟର ଉତ୍ପାଦ ଏକ ପ୍ରମୁଖ ଭୂମିକା ନେବ। ଏଥିପାଇଁ ଏଥରର କେନ୍ଦ୍ରୀୟ ବଜେଟ ସମ୍ପୂର୍ଣ୍ଣ ଭ୍ୟାଲୁ ଚେନ୍‌କୁ ମାନେ ଖଣି, ଖଣିଜ ସମ୍ପଦ, ଏହାର ପ୍ରକ୍ରିୟାକରଣ ଏବଂ ଫିନିସ୍ଡ ଉତ୍ପାଦ ପାଇଁ ଯୋଜନା ଓ ଅର୍ଥ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେଇଛି। ଖଣିଜ ତଥା ଡାଉନଷ୍ଟ୍ରିମ୍ ଶିଳ୍ପରେ ଓଡ଼ିଶା ସାରା ଦେଶର ପେଣ୍ଠସ୍ଥଳୀ ହେବାରେ ସହାୟକ ହେବ।

ବଜେଟରେ ଓଡ଼ିଶା ପାଇଁ ଏହି ବ୍ୟବସ୍ଥା ରାଜ୍ୟର ବହୁ ବଡ଼ ପୁଞ୍ଜିନିବେଶ ପାଇଁ ସୁଯୋଗ ସୃଷ୍ଟିକରିବ। ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦନ, ଗବେଷଣା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ଓଡ଼ିଶାକୁ ଦେଶର କେନ୍ଦ୍ରସ୍ଥଳ କରିବା ପାଇଁ ଏହି ବଜେଟ ଆମ ଓଡ଼ିଆମାନଙ୍କ ପାଇଁ ସୁଯୋଗ ଆଣି ଦେଇଛି। ଖଣି କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ, ପ୍ରକ୍ରିୟାକରଣ ଏବଂ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ଓଡ଼ିଶାର ପରିଚୟ ହୋଇପାରିବ। ଆମ ରାଜ୍ୟ ଓଡ଼ିଶା ସହ କେରଳ, ଆନ୍ଧ୍ର ଓ ତାମିଲନାଡୁ ମଧ୍ୟ ଏହି ଯୋଜନାରେ ସାମିଲ ଅଛନ୍ତି। ଆମ ଉପକୂଳ ଅଞ୍ଚଳର ମୋନାଜାଇଟ୍‌ଯୁକ୍ତ ବାଲିର ସଦୁପଯୋଗକରି ଚୀନ ଉପରେ ଆମ ଦେଶର ଆମଦାନୀକୁ ବହୁମାତ୍ରାରେ କମାଯାଇପାରିବ। ଆମେ ସମୃଦ୍ଧହେବା ଏବଂ ଆମ ରାଜ୍ୟ ଦେଶ ସମୃଦ୍ଧିରେ ବଡ଼ ଭୂମିକା ନେବ। ଏହା ତ ଆମ ଓଡ଼ିଆମାନଙ୍କର ୨୦୩୬ ଏବଂ ୨୦୪୭ ପାଇଁ ସ୍ୱପ୍ନ ! ଏ ବଜେଟ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରିବ।

ଭିତ୍ତିଭୂମି, ବିଶେଷ ଭାବରେ ରେଳଲାଇନ, ରାସ୍ତା ନେଟ୍‌ୱର୍କ ତଥା ପ୍ରଦୂଷଣ ରହିତ ଜଳପଥ-ମାନେ ସବୁଜ ଲଜିଷ୍ଟିକ୍ସ କ୍ଷେତ୍ରରେ ଏ ବଜେଟ ବଡ଼ ସୁଯୋଗ ଆଣି ଦେଉଛି ବୋଲି ବଜେଟ ଭାଷଣ ଶୁଣୁଶୁଣୁ ମୋତେ ଅନୁଭବ ହୋଇଥିଲା। ଏଥର ରେଳ ବଜେଟ କ୍ଷେତ୍ରରେ ଆମ ରାଜ୍ୟ ପାଇଁ ୧୦,୯୨୮ କୋଟି ଟଙ୍କାର ବ୍ୟୟବରାଦର ଆକଳନ କରାଯାଇଛି। ୨୦୨୫-୨୬ ବଜେଟରେ ୧୦, ୫୯୯ ଏବଂ ୨୦୨୪-୨୫ ବଜେଟରେ ଏହା ୧୦, ୫୩୬ କୋଟି ଥିଲା। ୨୦୧୪ ପୂର୍ବରୁ ୮୦୦ କୋଟି ଆମ ପାଇଁ ସ୍ୱପ୍ନ ଥିଲା। ଏହି ବଜେଟରେ ୫ନଂ. ଜାତୀୟ ଜଳପଥର ବିକାଶ ଆମ ଗ୍ରୀନ୍ ଅର୍ଥନୀତିର ଆଧାର ହେବ। ଆମର କୋଇଲା ଏବଂ ଖଣିଜ ଓ ଶିଳ୍ପ ହବ୍ ତାଳଚେର, ଅନୁଗୋଳ, କଳିଙ୍ଗନଗର, ପାରାଦୀପ ଏବଂ ଧାମରା ଆଦିକୁ ଆମର ନଦୀମାନଙ୍କ ସହ ଯୋଡ଼ିବ। ନଦୀ ଓ ଜଳ ସମ୍ପଦରେ ପୂର୍ଣ୍ଣ ଓଡ଼ିଶା କାହିଁକି ଗରିବ, ଏ ପ୍ରଶ୍ନ ପଚାରିବାକୁ ଆଉ ପଡ଼ିବ ନାହିଁ, ବରଂ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାର ମାଧ୍ୟମ ହେବ। ପୂର୍ବ-ପଶ୍ଚିମ ସମର୍ପିତ ମାଲ ବୁହା କରିଡର ପଶ୍ଚିମବଙ୍ଗର ଡାଙ୍କୁଣିରୁ ଗୁଜରାଟର ସୁରଟରେ ପହଞ୍ଚିବ। ଓଡ଼ିଶା ଦେଇ ଯାଉଥିବା ଏହି କରିଡର ଆମର ଶିଳ୍ପ ବିକାଶକୁ ରାଷ୍ଟ୍ରୀୟ ଅର୍ଥନୀତି ସହ ଯୋଡ଼ିବ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରେ ସାରା ବିଶ୍ୱରେ ଓଡ଼ିଶା ପାଇଁ ପରିଚୟ ହୋଇଛି ଆମର ଅତିଥି 'ଅଲିଭ୍ ରିଡ୍‌ଲେ କଇଁଛ'। ଆମର ଉପକୂଳର ଗହୀରମଥା ଏବଂ ଋଷିକୁଲ୍ୟା ମୁହାଣ ମୋଦିଜୀଙ୍କ ବଜେଟ 'ଟର୍ଟଲ ଟ୍ରେଲ୍ସ' ଓଡ଼ିଶାକୁ ବିଶ୍ୱ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟନ ମାନଚିତ୍ରରେ ଏପରି ଏକ ସ୍ଥାନ ଦେବ ଯାହା ଭାରତର କୌଣସି ଉପକୂଳ ରାଜ୍ୟର ଭାଗ୍ୟରେ ସମ୍ଭବ ନୁହେଁ। ଆମ ସମୁଦ୍ର ଆମର ଆର୍ଥିକ ଉପଯୋଗରେ କାହିଁକି ଆସୁନି, ଏ ପ୍ରଶ୍ନ ଉଠାଇବାର ଆଉ ସୁଯୋଗ ରହିବନି। ମୋଦିଙ୍କ 'ଟର୍ଟଲ ଟ୍ରେଲ୍ସ' ଆମ ଉପକୂଳ ପାଇଁ ଅନନ୍ୟ ସୁଯୋଗ ଆଣିବ।

ମୋର ମନେଅଛି ୨୦୧୬ ମସିହାରେ ମୋଦିଜୀ ଇଣ୍ଡିଆନ୍ ଅଏଲ୍ ରିଫାଇନେରି ଉଦ୍‌ଘାଟନ ସମୟରେ କହିଥିଲେ, ଏହା ପାରାଦୀପ ନୁହେଁ ଏହା ହେବ ଓଡ଼ିଆ ଯୁବଶକ୍ତିର ବିକାଶ ଦୀପ। ପାରାଦୀପକୁ କେନ୍ଦ୍ରକରି ପୂରା ଆମ ଓଡ଼ିଶାର ଶିଳ୍ପାୟନ ଏବଂ ବିକାଶର ସ୍ୱପ୍ନ ଦେଖାଇଥିଲେ। ଏବେ ବଜେଟରେ କେମିକାଲ୍ସ ପାର୍କ ଉପରେ ଗୁରୁତ୍ୱ ପାରାଦୀପରେ ବିକଶିତ ପେଟ୍ରୋକେମିକାଲ ଇକୋସିଷ୍ଟମରେ ବଡ଼ ପୁଞ୍ଜି ଯୋଡ଼ି ହେବାର ସୁଯୋଗ ତିଆରି କରିଛି ଏହି ବଜେଟ୍।

ଦେଶର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ଦ୍ରୁତ ବିକାଶ ପାଇଁ ବଡ଼ ବଜେଟ ବ୍ୟବସ୍ଥା ଓଡ଼ିଶାରେ ସିଲିକନ୍ ଏବଂ ସେମିକଣ୍ଡକ୍ଟର ଶିଳ୍ପକ୍ଷେତ୍ରରେ ବଡ଼ ବିକାଶର ସୁଯୋଗ ସୃଷ୍ଟି କରିବ। ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଏବଂ ମାନୁଫାକ୍ଚରିଂ ଏ ବଜେଟରେ ଗୁରୁତ୍ୱ ପାଇଛି। ମୋର ଦୃଢ଼ବିଶ୍ୱାସ, ବିଶ୍ୱର ବଡ଼ ଶିଳ୍ପ ଅନୁଷ୍ଠାନମାନଙ୍କର ଓଡ଼ିଶା ଉପରେ ଭରସା ଏହି ସମ୍ଭାବନାକୁ ଆହୁରି ବଢ଼ାଇବ। ମୁଁ ନିଜେ ବିଶ୍ୱର ବିଭିନ୍ନ ଦେଶ ଏବଂ ଆମ ଦେଶର ବଡ଼ ବଡ଼ ସହରକୁ ଯାଇ ପୁଞ୍ଜିପତିମାନଙ୍କ ସହ ବ୍ୟକ୍ତିଗତ କଥା ହେଉଛି। ଉତ୍କର୍ଷ ଓଡ଼ିଶା ବ୍ୟାପକ ସଫଳ ହୋଇଥିଲା। ପ୍ରବାସୀ ଭାରତୀୟ ଦିବସରେ ବିଶ୍ୱର ଭାରତୀୟ ଶିଳ୍ପପତିମାନେ ଓଡ଼ିଶା ଆସି ମୋଦି ଗ୍ୟାରେଣ୍ଟିରେ 'ୟହି ସମୟ ହେ, ସହି ସମୟ ହେ' ଆହ୍ୱାନରେ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ କାମ କରୁଛନ୍ତି। ଏହି ବଜେଟ ଆମର ଆଶାକୁ ଆହୁରି ବଢ଼ାଇଛି। ମୁଁ ଆହୁରି ନୂଆ ନୂଆ ପୁଞ୍ଜିନିବେଶକାରୀଙ୍କୁ ଏହି ସୁଯୋଗରେ ଆମନ୍ତ୍ରଣକରି ଆମ ଯୁବପିଢ଼ି ପାଇଁ ରୋଜଗାର ସୁଯୋଗ ସୃଷ୍ଟିକରିବା ପାଇଁ ଯୋଜନା ଓ ପରିଶ୍ରମର ସହ କାମ କରିବି ।

ଏହି ବଜେଟରେ ରାଜ୍ୟମାନଙ୍କୁ ସୁଧମୁକ୍ତ ଦୀର୍ଘମିଆଦୀ ଋଣ ପାଇଁ ୧.୮୫ ଟ୍ରିଲିଅନ ଅର୍ଥ ବ୍ୟବସ୍ଥା କରାଯାଇଛି। ମୋଦିଜୀଙ୍କ ପ୍ରାଥମିକତା ପୂର୍ବ ଭାରତ ହୋଇଥିବାରୁ ଆମେ ଆମର ଦୀର୍ଘମିଆଦୀ ଭିତ୍ତିଭୂମି ପାଇଁ ଏହାର ସଦୁପଯୋଗ କରିବା ପାଇଁ ବଡ଼ ସୁଯୋଗ ସୃଷ୍ଟିହେବ।

ନିବନ୍ଧରେ ଶବ୍ଦର ସୀମା ଅଛି। ଅନେକ କଥା ଆପଣଙ୍କ ସହ ଆଲୋଚନା କରିବାର ଇଚ୍ଛା ଅଛି। ଏହି ବଜେଟ ଦେଶର ସାମାଜିକ ସୁରକ୍ଷା ଓ ସାଧାରଣବର୍ଗ ଯଥା ଯୁବକ, ମହିଳା, କୃଷକ ଓ ଆଦିବାସୀ ବିଶେଷ ଭାବରେ ଗରିବଙ୍କ ରୋଜଗାର ବଢ଼ାଇବା ପାଇଁ ଭିନ୍ନ ଭିନ୍ନ ସୁଯୋଗ ସୃଷ୍ଟି କରିଛି। ପ୍ରକୃତପକ୍ଷେ ଏହି ବଜେଟ ମୋଦିଜୀଙ୍କର ସ୍ଲୋଗାନ 'ସବ୍‌କା ସାଥ୍- ସବ୍‌କା ବିକାଶ'କୁ କ୍ରିୟାନ୍ୱୟନ କରିବା ପାଇଁ ସୁଯୋଗ ସୃଷ୍ଟି କରିଛି। ମୋଦିଜୀଙ୍କ ନେତୃତ୍ୱରେ ଆମ ଶାସନର ମୂଳ ଆଧାର ଜନଭାଗୀଦାରି। ବିକାଶକୁ ମୋଦିଜୀ ଜନ ଆନ୍ଦୋଳନର ରୂପ ଦେଇଛନ୍ତି। ଆସନ୍ତୁ, ଏହି ରାଷ୍ଟ୍ରୀୟ ସ୍ରୋତରେ ଆମେ ଓଡ଼ିଆମାନେ ବଡ଼ ଭୂମିକା ନେବା।

# ପ୍ରଶ୍ନ ଏକ, ଉତ୍ତର ଅନେକ



**ଡ. ସୀତାକାନ୍ତ ତ୍ରିପାଠୀ**

ରାଜ୍ୟର ରାଜା ପାତ୍ର-ମନ୍ତ୍ରୀମାନଙ୍କ ସହ ରାଜଉଆସ ପରିସରରେ ଥିବା ପୋଖରୀ କୂଳରେ ବସି ରାଜ୍ୟର ହାଲ୍‌ଚାଲ୍ ବିଷୟରେ ଆଲୋଚନା କରୁଥାଆନ୍ତି। ସମସ୍ତ ପଦାଧିକାରୀ ନିଜ ନିଜର ପାରିବାପଣିଆର ହିସାବକିତାବ ଦେଉଥାଆନ୍ତି। ହଠାତ୍ ରାଜା ଟେକାଟିଏ ଧରି ପୋଖରୀକୁ ଛାଟି ଦେଲେ। ସଙ୍ଗେ ସଙ୍ଗେ ଏହା ପାଣିରେ ବୁଡ଼ିଗଲା। ରାଜା ପଚାରିଲେ, ଆପଣମାନେ କହିଲେ ଦେଖି ଟେକାଟି ପାଣିରେ କାହିଁକି ବୁଡ଼ିଗଲା ? ଜଣେ କହିଲେ, ଆଜ୍ଞା ଏହା ଅପସାରଣ କରୁଥିବା ପାଣିଠାରୁ ଅଧିକ ଓଜନ, ତେଣୁ ଏହା ବୁଡ଼ିଗଲା। ରାଜା କହିଲେ, ଯାହାହେଉ ଆପଣ ବିଜ୍ଞାନର ଚାଷ ଠିକ୍ କରିଛନ୍ତି। ଆଉ ଜଣେ କହିଲେ, ରାଜା ଏତେ ବଳ ଦେଇ ଟେକାଟିକୁ ଛାଟିଦେଲେ, ତାହା ନ ବୁଡ଼ି କ'ଣ ଭାସିବ ? ରାଜା ରାଗିଯାଇ କହିଲେ, ତା'ହେଲେ ଆପଣ ମୋର ସାମର୍ଥ୍ୟକୁ ଏଇ ସାମାନ୍ୟ ଟେକା ଛାଟିବା ସହ ତୁଳନାକଲେ ? ଏକଥା ଶୁଣି କହିଥିବା ଲୋକ ଜଣକ ଲଜ୍ଜାରେ ମୁହଁ ତଳକୁ କରି ବସିଲେ। ସେଠାରେ ଚା, ଜଳଖିଆ ପରଷୁଥିବା ଲୋକ ଜଣକ କହିଲା, ହଜୁର ! ଆପଣ ଯାହାକୁ ଧରିବେ ସେ ହିଁ ଏ ସଂସାରରେ ତିଷ୍ଠିପାରିବ ଆଉ ଉନ୍ନତି କରିବ ଆଉ ଯାହାଠାରୁ ଆପଣ ହାତ କାଢ଼ିନେବେ କିମ୍ବା ହାତ ଛିଣ୍ଡାଇଦେବେ ସେ ପାଣିରେ ବୁଡ଼ି ମରିବା ସାର ହେବ। ଆପଣ ଚାହିଁଲେ ଟେକାଟି ଭାସିବ ଏବଂ ଚାହିଁଲେ ବୁଡ଼ିବ। ଏକଥା ଶୁଣି ରାଜା ଘୋଷଣାକଲେ ଇଏ ହିଁ ହେଉଛି ଆମ ରାଜ୍ୟର ପରବର୍ତ୍ତୀ ରାଜ ଉପଦେଷ୍ଟା। ସମସ୍ତେ ରାଜାଙ୍କ ନିଷ୍ପତ୍ତିକୁ ସ୍ୱାଗତକଲେ, କିନ୍ତୁ ରାଜା ପଚାରିଥିବା ପ୍ରଶ୍ନଟିର କେଉଁଟି ଠିକ୍ ଉତ୍ତର ଏବଂ କେଉଁଠି ପ୍ରଶଂସାର ଅର୍ଘ୍ୟ ପାଇବା ଉଚିତ ତାହା ବୁଦ୍ଧିଜୀବୀ ମହଲରେ ଅବୁଝା ରହିଲା କିମ୍ବା ଜାଣିଶୁଣି ତାହା ଆଲୋଚନାରୁ ବାଦ୍ ଦିଆଗଲା ତାହା ଏଠାରେ ବଖାଣିବା ମୂର୍ଖାମି।

ପ୍ରାକୃତିକ ବିଜ୍ଞାନର ନିର୍ଣ୍ଣୟ ଏବଂ ଉତ୍ତର ସର୍ବଦା ଏକ ହୋଇଥିବାବେଳେ ସମାଜ ବିଜ୍ଞାନର ଉତ୍ତର ଭିନ୍ନ ହେବା ସମ୍ଭାବନା ଥାଏ। କାରଣ ସ୍ଥାନ, କାଳ ଓ ପାତ୍ର ଭେଦରେ ମଣିଷର ମନ ପରିବର୍ତ୍ତନଶୀଳ। ଏସବୁ କ୍ଷେତ୍ରରେ କିନ୍ତୁ ବର୍ଷା ଯୁଆଡ଼େ ଛତା ସିଆଡ଼େର ପ୍ରାସଙ୍ଗିକତା ନ ଥାଏ। କାରଣ ବେଳେବେଳେ ବର୍ଷା ହଠାତ୍ ତା'ର ଦିଗ ବଦଳାଇ ଦେଇପାରେ କିମ୍ବା ଛତାଟି ହୁଏତ ବର୍ଷାକୁ ସାମ୍ନା କରିବାର ସାମର୍ଥ୍ୟ ରଖି ନ ପାରେ। ତା'ଛଡ଼ା ସୂର୍ଯ୍ୟ ଯଦି ବାଦଲ ଆଚ୍ଛାଦିତ



ହୋଇ ଯାଆନ୍ତି ତେବେ ତାଙ୍କର ଉପସ୍ଥିତି ନାହିଁ ବୋଲି କହିହେବ ନାହିଁ। ସେହି ନ୍ୟାୟରେ ଗୋଟିଏ ପ୍ରଶ୍ନର ଉତ୍ତରକୁ ଆମେ ଭିନ୍ନ ଭାବେ ପରିପ୍ରକାଶ କରିପାରନ୍ତି, କିନ୍ତୁ ସତ୍ୟ ଏବଂ ଠିକ୍ ଉତ୍ତରକୁ ଚାପିଦେବା କଷ୍ଟକର ବ୍ୟାପାର। ଯଦି ଏହାକୁ ଆମେ ସୂକ୍ଷ୍ମ ଦୃଷ୍ଟିରେ ବିଚାରକରିବା ତା'ହେଲେ ହୁଏତ ସତ୍ୟ ପରିପ୍ରକାଶ ସାମାଜିକ, ଧାର୍ମିକ ତଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ଅଲଗା ହୋଇପାରେ। ପ୍ରଶ୍ନ ସାଙ୍ଗରେ ଉତ୍ତର ତାଳମେଳ ଖାଇବା, ସବୁବେଳେ ସମ୍ଭବ ହୋଇ ନ ଥାଏ। ତେଣୁ ପ୍ରଶ୍ନ ଅନୁଯାୟୀ ଉତ୍ତର ବଦଳାଇବା ସବୁବେଳେ ସମ୍ଭବପର ହୋଇ ନ ଥାଏ କିମ୍ବା ତାହା ଠିକ୍ ହେବ ବୋଲି କୌଣସି ଯଥାର୍ଥତା ନ ଥାଏ।

ମହାଭାରତ ଯୁଦ୍ଧରେ ପୁତ୍ର ଅଶ୍ୱତ୍ଥାମାର ମୃତ୍ୟୁ ଖବର ଶୁଣି ଗୁରୁ ଦ୍ରୋଣାଚାର୍ଯ୍ୟ ଆଉ ଯୁଦ୍ଧ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। କେହି ଜଣେ ତାଙ୍କୁ ଉପଦେଶ ଦେଇ କହିଲେ, ଆପଣ ତ ଅଶ୍ୱତ୍ଥାମାଙ୍କ ମୃତ ଶରୀର ଦେଖିନାହାନ୍ତି, ଏତେ ବିଚଳିତ କାହିଁକି ହେଉଛନ୍ତି ? ଆପଣ ଯୁଧିଷ୍ଠିରଙ୍କୁ ଏହାର ସତ୍ୟାସତ୍ୟ କଥା ପଚାରନ୍ତୁ। ଯୁଧିଷ୍ଠିରଙ୍କ ଉତ୍ତର ଥିଲା ଦ୍ୱିଅର୍ଥ ବୋଧକ। 'ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତଃ' ଅର୍ଥାତ୍ ଅଶ୍ୱତ୍ଥାମାର ମୃତ୍ୟୁ ସୁନିଶ୍ଚିତ, କିନ୍ତୁ ସେ ହାତୀ ହୋଇପାରେ କିମ୍ବା ମଣିଷ ହୋଇପାରେ। ଦ୍ରୋଣ ଭାବିଲେ, ଯୁଧିଷ୍ଠିର ତାଙ୍କୁ ଶାନ୍ତ୍ୱନା ଦେବା ପାଇଁ ବୋଧହୁଏ ସତ କଥାଟିକୁ ଲୁଚାଉଛନ୍ତି। କିନ୍ତୁ ଏହା ଯେ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଶ୍ରୀକୃଷ୍ଣଙ୍କ କୂଟନୀତିର ଅଂଶ ବିଶେଷ ତାହା ତାଙ୍କ ବୁଝାମଣାର ବାହାରେ ଥିଲା। ଆମ ନିତିଦିନିଆ ଜୀବନରେ ବେଳେବେଳେ ପ୍ରଶ୍ନର ଉତ୍ତର ଭିନ୍ନ ଢଙ୍ଗରେ ଦିଆଯାଇଥାଏ, ଯାହା ସତ୍ୟ ହୋଇଥିଲେ ମଧ୍ୟ ଗ୍ରହଣୀୟ ହୋଇ ନ ଥାଏ। ଗାଇ କିଣିବାକୁ ଯାଇଥିବା ଜଣେ ଲୋକ ଗାଇର ମାଲିକକୁ ପଚାରିଲେ, ତୁମ ଗାଇ କେତେ କ୍ଷୀର ଦେଉଛି ? ଲୋକ ଜଣକ ଉତ୍ତର ଦେଲେ, ବାଲ୍‌ଟିଏ। ଅର୍ଥାତ୍ ବାଲ୍‌ଟିରେ ୧ ଲିଟରରୁ ୫୦ ଲିଟର ପର୍ଯ୍ୟନ୍ତ କ୍ଷୀର ଧରିପାରେ। ଏଠାରେ ନିର୍ଦ୍ଦିଷ୍ଟ ପରିମାଣ ଉଲ୍ଲେଖ ନ କରି ଏଭଳି ଏକ ଉତ୍ତର ଦେବା ହାସ୍ୟାସ୍ପଦ । ସେହିଭଳି ଢଙ୍ଗରେ ସରକାର ଯେତେବେଳେ ଗରିବି କମୁଛି, ମୁଣ୍ଡ ପିଛା ଆୟ ଏବଂ ମୋଟ ଘରୋଇ ଉତ୍ପାଦ ବଢୁଛି ବୋଲି ଯୁକ୍ତି ବାଢ଼ି ଥାଆନ୍ତି ସେହି ସମୟରେ ଅଧିକ ରାଶନ କାର୍ଡ଼ ଦେବା ବା ଗରିବଙ୍କୁ ଅଧିକ ଆର୍ଥିକ ସହାୟତା ଦେବା ଭିନ୍ନ ଏକ ପ୍ରସଙ୍ଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ତେଣୁ ଗୋଟିଏ ପ୍ରଶ୍ନର ଉତ୍ତର ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ହୋଇଥାଏ ଯାହା ବିଜ୍ଞାନ, ନ୍ୟାୟ ଏବଂ ଆଇନର ପରିପନ୍ଥୀ।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ଉତ୍ତରାଖଣ୍ଡର ଦୁର୍ଗମ ପାହାଡ଼ିଆ ଅଞ୍ଚଳର ପିଲାମାନେ ସ୍କୁଲ ଯାଉ ନ ଥିବା ଲକ୍ଷ୍ୟ କରିଥିଲେ ଶ୍ରେୟା ରାୱତ। ସ୍କୁଲ ବେଶି ଦୂରରେ ଥିବାରୁ, ଜଳବାୟୁ ଜନିତ ବିପର୍ଯ୍ୟୟ ହେତୁ ପିଲାମାନେ ସ୍କୁଲ ଶିକ୍ଷାରୁ ଦୂରେଇ ରହିଥାନ୍ତି। ତେବେ ଏଭଳି ସମସ୍ୟା ଦୂର କରିବା ସକାଶେ ୨୦୨୩ରେ ଶ୍ରେୟା ଓ ଜ୍ୟୋତି ସହରରୁ ପାହାଡ଼ିଆ ଅଞ୍ଚଳକୁ ଫେରି ପିଲାଙ୍କୁ ପଢ଼ାଇବା ବ୍ୟବସ୍ଥା କରିଛନ୍ତି। ଏଠାରେ ପିଲାମାନେ ପ୍ରଗତିଶୀଳ ଶିକ୍ଷାର ନୂତନ ଚିନ୍ତାଧାରା ଗ୍ରହଣ କରିପାରୁଛନ୍ତି। ଏହି ଦମ୍ପତି ଦୁର୍ଗମ ଅଞ୍ଚଳରେ ଥିବା ଗାଁର ସ୍କୁଲଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ସେଠାରେ ପରୀକ୍ଷାଭିତ୍ତିକ ତଥା ବ୍ୟବହାରିକ ଶିକ୍ଷା ମାଧ୍ୟମରେ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରୁଛନ୍ତି। ପିଲାମାନେ କୃଷି, କଳା ଓ କମ୍ୟୁନିଟି ପ୍ରୋଜେକ୍ଟ ମାଧ୍ୟମରେ ଶିକ୍ଷା ଲାଭ କରୁଛନ୍ତି। ପ୍ରଗତିଶୀଳ ଶିକ୍ଷା ପଦ୍ଧତି ପିଲା ଓ ସେମାନଙ୍କ ପରିବାର ଦ୍ୱାରା ଆଦୃତ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ଫେବୃଆରୀ ୧୯୭୭**

- ବିଭିନ୍ନ ରାଜ୍ୟର ମିସାରେ ଅଟକ ଥିବା ପ୍ରାୟ ସବୁ ରାଜନୈତିକ ଅଟକବନ୍ଦୀଙ୍କୁ ଖଲାସ କରିଦିଆଯାଇଥିବା ସରକାରୀ ଭାବେ ଘୋଷଣା କରଯାଇଛି।
- ଜମ୍ମୁ ଓ କଶ୍ମୀରର ଲୋକସଭା ସ୍ଥାନଗୁଡ଼ିକ ସମ୍ପର୍କରେ କଂଗ୍ରେସ ଏବଂ ଜାତୀୟ ସମ୍ମିଳନୀ ମଧ୍ୟରେ ଏକ ନିର୍ବାଚନ ବୁଝାମଣା ସମ୍ପନ୍ନ।

## ଚିରନ୍ତନୀ

ବଞ୍ଚାନା ଶତ ଶତ
ସବୁ ଅପମାନ
ଏ ଜୀବନେ ବରିନେଲି
ମଣି ମହାଦାନ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | 2 | | | | 3 |
| | | | | 3 | 1 | | 4 | |
| | 5 | 2 | 6 | | 7 | | 1 | |
| | 1 | | 7 | 8 | | | | |
| | | 9 | 4 | | 3 | | | 6 |
| 7 | | | | | 2 | | | 5 |
| 2 | 8 | 5 | | | 4 | | 6 | |
| | 4 | | | | 9 | | 3 | |
| 6 | | | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 8 | 6 | 4 | 7 | 9 | 5 | 3 |
| 5 | 3 | 4 | 1 | 8 | 9 | 2 | 6 | 7 |
| 9 | 6 | 7 | 2 | 5 | 3 | 8 | 4 | 1 |
| 4 | 1 | 5 | 9 | 7 | 8 | 3 | 2 | 6 |
| 6 | 7 | 2 | 5 | 3 | 1 | 4 | 8 | 9 |
| 8 | 9 | 3 | 4 | 6 | 2 | 7 | 1 | 5 |
| 3 | 4 | 6 | 7 | 2 | 5 | 1 | 9 | 8 |
| 7 | 5 | 1 | 8 | 9 | 4 | 6 | 3 | 2 |
| 2 | 8 | 9 | 3 | 1 | 6 | 5 | 7 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଇଖାନା ଟଙ୍କା ଖାଇଲା କିଏ

ମହାଶୟ,

ମୁଁ ପ୍ରଭାତୀ ଦାଶ, ସ୍ୱାମୀ ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର ୱାର୍ଡ ନଂ. ୮ର ବାସିନ୍ଦା। ଇନ୍ଦିରା ଆବାସ ହିତାଧିକାରିଣୀ ହୋଇ ନ ଥିବାରୁ ବିଦ୍ୟାଧରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦୟାପରବଶ ହୋଇ ଅଧିନାକୁ ପାଇଖାନା କର, ସରକାର ନ ଦେଲେ ମୁଁ ପକେଟରୁ ଦେବି କହି ମୌଖିକ ଆଦେଶ ଦେଲେ। ଏହା ମୁଁ ତିଆରି କରି ଏହାର ଫଟୋ କାଗଜାତ୍ ଇତ୍ୟାଦି ଦାଖଲ କଲି। ସତ୍ୟବାଦୀ ବ୍ଲକ୍ ତରଫରୁ ଏହା ୨୦୨୩-୨୪ରେ ନିର୍ମିତ ଏବଂ ଏଡାର ଅଟକଳ ମୂଲ୍ୟ ଟ ୧୨,୦୦୦ ଟଙ୍କା। ସ୍ୱଚ୍ଛ ଭାରତ ଇତ୍ୟାଦି ଲେଖାଗଲା, ମାତ୍ର ଏହି ଟଙ୍କା ନ ମିଳିବାର କାରଣ ଏବେ ସରପଞ୍ଚ ଓ ବ୍ଲକ ଅଫିସରେ ପଚାରିଲେ ସମସ୍ତେ ନିରୁତ୍ତର। ଏହି ଟଙ୍କା କିଏ ଖାଇଲା ?

**-ପ୍ରଭାତୀ ଦାଶ, ବିଦ୍ୟାଧରପୁର, ଗୁଆଳି ଗୋରଡା, ଗଡକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏଣିକି ଇ-ଲଟେରିରେ ମିଳିବ ବାଲି, ପଥର ଖଣି

ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)

ରାଜ୍ୟରେ ବାଲି, ଗୋଡି, ମୋରମ ଓ ପଥର ଭଳି ଲଘୁ ଖଣିଜ ସମ୍ପଦର ଚୋରାଚାଲାଣ ରୋକିବା ଦିଗରେ ରାଜ୍ୟ ସରକାର ନୂଆ ବାଟ ତିଆରି କରିଛନ୍ତି। ଏହି ସମସ୍ତ ଖଣିଜ ସମ୍ପଦ ଉପରେ ଦୀର୍ଘବର୍ଷ ଧରି ରହିଥିବା ଏକଚାଟିଆ କୃତ୍ରିମ ଦରବୃଦ୍ଧିରେ ବ୍ରେକ୍ ଲଗାଇବାକୁ ରାଜ୍ୟ ସରକାର ଓଡ଼ିଶା ଲଘୁ ଖଣିଜ ରିହାତି(ସଂଶୋଧନ) ନିୟମ-୨୦୨୫ ଗାଇଡ୍‌ଲାଇନ ପ୍ରଣୟନ କରିଛନ୍ତି। ଏହି ସଂଶୋଧିତ ନିୟମ ମାଧ୍ୟମରେ ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଲିଜ୍ ପାଇଁ ଖୋଲା ଟେଣ୍ଡର ପରିବର୍ତ୍ତେ ଇ-ଲଟେରି ବ୍ୟବସ୍ଥା, ସର୍ବାଧିକ ବିକ୍ରୟ ମୂଲ୍ୟ ନିର୍ଦ୍ଧାରଣ ସହିତ ଜଣେ ବ୍ୟକ୍ତି ବା ପରିବାର ପାଇଁ ଲିଜ୍ ସୀମା ଧାର୍ଯ୍ୟ କରିବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ସୋମବାର ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ନୂଆ ବିଜ୍ଞପ୍ତି ଅନୁଯାୟୀ, ଏକଚାଟିଆ କାରବାର କିମ୍ବା କାର୍ଟେଲାଇଜେଶନ ରୋକିବା ସକାଶେ ସରକାର ଇ-ଲଟେରି ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଲଘୁ ଖଣିଜ ସମ୍ପଦର ଲିଜ୍ ପାଇଁ ନିଲାମ ଡକା ହେବ ନାହିଁ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସ୍ଥିର ଅତିରିକ୍ତ ଚାର୍ଜରେ ଇ-ଲଟେରି ମାଧ୍ୟମରେ ଯୋଗ୍ୟ ବ୍ୟକ୍ତିଙ୍କୁ ଚୟନ କରାଯିବ। ଆବେଦନକାରୀଙ୍କୁ ଏମ୍ଏସଟିସି ପୋର୍ଟାଲରେ ଫର୍ମ-ସିରେ ଅନ୍‌ଲାଇନରେ ଆବେଦନ କରିବାକୁ ପଡ଼ିବ। ୧୦ ହଜାର ଟଙ୍କା ଅଣଫେରସ୍ତ ଆବେଦନ ଫି ଜମା ସହିତ ୧୦ ପ୍ରତିଶତ ଅମାନତ ରାଶି ଜମା କରିବାକୁ ପଡ଼ିବ। ଆବେଦନ ସହିତ ପରିବାରର ସମସ୍ତ ସଦସ୍ୟଙ୍କ ନାମ ଥିବା ସତ୍ୟପାଠ ଦାଖଲ କରିବା ବାଧ୍ୟତାମୂଳକ। ପ୍ରତ୍ୟେକ ଆବେଦନର ସୂକ୍ଷ୍ମ ଯାଞ୍ଚ ପାଇଁ ଏକ ଜିଲ୍ଲାସ୍ତରୀୟ ଟେକ୍ନିକାଲ ଯାଞ୍ଚ କମିଟି ଗଠନ କରାଯାଇଛି। ଯେଉଁମାନେ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ସେମାନଙ୍କ ପରିବାରର ପୂର୍ବ ରେକର୍ଡକୁ ଆଇଏମଏସ୍ ଡାଟାବେସ ସହ ମିଳାଇ ଦେଖିବେ, ସମ୍ପୂର୍ଣ୍ଣ ପ୍ରକ୍ରିୟା ଡିଜିଟାଲ ମାଧ୍ୟମରେ ହେବାକୁ ଥିବାରୁ ଏଥିରେ ହେରଫେର ହୋଇପାରିବ ନାହିଁ ବୋଲି ସରକାର ଆଶା ରଖିଛନ୍ତି। ଯେଉଁମାନେ ପୂର୍ବରୁ ନିଲାମ ମାଧ୍ୟମରେ ଲିଜ୍ ପାଇଛନ୍ତି ସେମାନେ ମଧ୍ୟ ଚାହିଁଲେ ନିୟମାନୁଯାୟୀ ସାମିଲ ହେଇପାରିବେ।

ବଜାରରେ ବାଲି ଓ ପଥରର ଚଢ଼ା ଦରକୁ ରୋକିବା ସକାଶେ ସରକାର ପ୍ରଥମ କରି ସର୍ବାଧିକ ବିକ୍ରୟ ମୂଲ୍ୟ ଧାର୍ଯ୍ୟ କରିଛନ୍ତି। ଲିଜ୍‌ଧାରୀମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରୁ ଅଧିକ ଟଙ୍କା ଗ୍ରାହକଙ୍କଠାରୁ ନେଇପାରିବେ ନାହିଁ। ଏହି ମୂଲ୍ୟରେ ଉତ୍ପାଦନ ଖର୍ଚ୍ଚ ଓ ଟିକସ ସହିତ କେବଳ ୧୫% ଲାଭ ରହିବ। ଏହାସହ ଲଘୁ ଖଣିଜ ପାଇଁ ଅତିରିକ୍ତ ଚାର୍ଜ ଏବେ ରୟାଲିଟିର ଠିକ୍ ଦୁଇଗୁଣା ହେବ। ଏହା ଆଉ ପୂର୍ବଭଳି ନିଲାମ ଡାକ ଉପରେ ନିର୍ଭର କରିବ ନାହିଁ ବରଂ ଏହା ଏକ ସ୍ଥିର ସରକାରୀ ଦେୟ ଭାବେ ଗଣତି ହେବ। ସମସ୍ତ ଖଣି ଅଞ୍ଚଳକୁ ଜିଓ଼ଫେନ୍ସିଂ କରାଯାଇ ସାଟେଲାଇଟ୍ ମାଧ୍ୟମରେ ବେଆଇନ ଖନନ ଉପରେ ନଜର ରଖାଯିବ। ଲିଜଧାରୀମାନେ ପ୍ରତ୍ୟେକ ୩ ମାସରେ ଥରେ ଅଗ୍ରିମ ଭାବେ ରୟାଲିଟି ଓ ଅତିରିକ୍ତ ଖର୍ଚ୍ଚ ପୈଠ କରିବାକୁ ପଡ଼ିବ। ଯଦି କୌଣସି ଦେୟ ବାକି ରହେ ତେବେ ବାର୍ଷିକ ୨୪ ପ୍ରତିଶତ ସୁଧ ହାରରେ ଜରିମାନା ଆଦାୟ କରାଯିବ। ଯଦି କୌଣସି ଲିଜ୍‌ଧାରୀ ପ୍ରଥମ ଥର ଲାଗି ଖିଲାପ କରନ୍ତି ତେବେ ୫୦ ହଜାର ଟଙ୍କା ଏବଂ ଦ୍ୱିତୀୟ ଥର କଲେ ଲିଜ୍ ରଦ୍ଦ ହେବ ଓ ସେମାନଙ୍କୁ କଳାତାଲିକାଭୁକ୍ତ କରାଯିବ। ଏହି ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଜିଲାପାଳ ଏବଂ ଖଣି ବିଭାଗର ଅଧିକାରୀମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଅରୁଣ ସାହୁଙ୍କ ଉପନ୍ୟାସ 'ପୀଡ଼ା', ସଙ୍ଗୀତ 'ଶୀତୁଆ ସନ୍ଧ୍ୟା' ଉନ୍ମୋଚିତ

ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ)

ବିଧାୟକ ଅରୁଣ ସାହୁଙ୍କ ଉପନ୍ୟାସ 'ପୀଡ଼ା' ଓ ସଙ୍ଗୀତ 'ଶୀତୁଆ ସନ୍ଧ୍ୟା' ସୋମବାର ଉନ୍ମୋଚିତ ହୋଇଯାଇଛି। ପ୍ରଥମ ଦିନରେ ଉପନ୍ୟାସର ୪୦୫ ଖଣ୍ଡ ବିକ୍ରି ହୋଇଛି। ଉକ୍ତ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକ ମନୋରଞ୍ଜନ ସାହୁ ଯୋଗଦେଇ ଏହାକୁ ଉନ୍ମୋଚନ କରି କହିଲେ, ବାସ୍ତବତା ଆଧାରରେ ଉପନ୍ୟାସଟି ରଚିତ ହୋଇଛି। ବିଭିନ୍ନ ସ୍ଥାନକୁ ପରିଭ୍ରମଣ ନ କଲେ ମଣିଷମାନଙ୍କର କୋହ, ଆବେଗ ଆଦି ବିଷୟରେ ଜାଣି ହୁଏ ନାହିଁ। ନିର୍ବାଚନ ପାଇଁ ଅରୁଣ ନୂଆପଡ଼ାରେ କିଛିଦିନ ଅତିବାହିତ ସମୟରେ ସେଠାକାର ଲୋକଙ୍କ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ଚମତ୍କାର ଭାବରେ ଏହାକୁ ବର୍ଣ୍ଣନା କରିଛନ୍ତି। ଅନ୍ୟତମ ଅତିଥି ଭାବେ ଚଇତି ନୃତ୍ୟଗୁରୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ଯୋଗଦେଇ କହିଲେ, ଜୀବନରେ ସମର୍ପଣ ଭାବ ରହିବା ଏକାନ୍ତ ଆବଶ୍ୟକ। ମା'ଙ୍କ ସପ୍ନକୁ ଅରୁଣ ନିଜ ରଚନାରେ ବାସ୍ତବ ରୂପ ଦେଉଛନ୍ତି। ଏଥିସହ ସଙ୍ଗୀତରେ ନୟାଗଡ଼ର ପର୍ଯ୍ୟଟନର ସୌନ୍ଦର୍ଯ୍ୟର ବିଭବ ପ୍ରଦର୍ଶିତ ହୋଇଛି ବୋଲି ସେ ମତ ରଖିଥିଲେ। ଲେଖକ ଅରୁଣ ନିଜ ଅଭିଭାଷଣରେ କହିଲେ, ତଳସ୍ତରର ଲୋକମାନେ ପୀଡ଼ା ପାଆନ୍ତି ଓ ଉପରସ୍ତରର ଲୋକ ପୀଡ଼ା ପାଆନ୍ତି ନାହିଁ। ତାହା ହିଁ ମୋର ମର୍ମ ବେଦନା, ଯାହାକୁ ମୁଁ ଏହି 'ପୀଡ଼ା' ପୁସ୍ତକରେ ଉଲ୍ଲେଖ କରିଛି। ମୁଁ ପୂର୍ବରୁ ଲେଖୁଥିଲି, ହେଲେ ପ୍ରକାଶ କରିପାରୁ ନ ଥିଲି। ମୋତେ ଅନେକ ପ୍ରଶ୍ନ ଆସୁଛି। ତା'ର ମୁଁ ଗୋଟିଏ ଉତ୍ତର ଦେବି। ଜୀବନରେ ସାଉଁଟୁଥିବା ଅନୁଭବ ଓ ଆବେଗକୁ ସମାଜର ହିତ ପାଇଁ ବିତରଣ କରିବେ ଆବଶ୍ୟକ ବୋଲି ସେ କହିଥିଲେ। ସଙ୍ଗୀତ 'ଶୀତୁଆ ସନ୍ଧ୍ୟା'ର ନିର୍ଦ୍ଦେଶନା ଜାପାନୀ ବାବୁ ଦେଇଥିବା ବେଳେ ଚିରାଗଦୀପ୍ କଣ୍ଠଦାନ କରିଛନ୍ତି। କାର୍ଯ୍ୟକ୍ରମକୁ ଅଂଶୁମାନ ଜେନା ପରିଚାଳନା କରିଥିଲେ।


ସାହିତ୍ୟିକ ମନୋରଞ୍ଜନ ସାହୁ ବିଧାୟକ ଅରୁଣ ସାହୁଙ୍କ ଉପନ୍ୟାସ 'ପୀଡ଼ା'କୁ ଉନ୍ମୋଚନ କରୁଛନ୍ତି।

# ୧୭ସି ଫର୍ମ ଦେଉନାହାନ୍ତି ନିର୍ବାଚନ କମିଶନର: ବିଜେଡି

ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଅନିୟମିତତାକୁ ନେଇ ବିଜେଡି ପକ୍ଷରୁ ଦେଶର ନିର୍ବାଚନ କମିଶନଙ୍କୁ ୨ ଥର ଭେଟି ଲିଖିତ ଭାବେ ପଚରା ଯାଇଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଏପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ମିଳିପାରି ନାହିଁ ବୋଲି ବିଜେଡି ଆଉଥରେ ଦୋହରାଇଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର କହିଛନ୍ତି, କୌଣସି ରାଜନୀତି ଉଦ୍ଦେଶ୍ୟରେ ନୁହେଁ ବରଂ ଗୋଟିଏ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିଜେଡି ଏହି ପ୍ରଶ୍ନର ଉତ୍ତର ଆଶା କରୁଛି। ନିର୍ବାଚନର ପ୍ରତ୍ୟେକ ବୁଥରେ ପଡ଼ିଥିବା ଭୋଟ୍ ସଂଖ୍ୟାର ତଥ୍ୟ ଫର୍ମ ୧୭ସି ପାଇଁ ଆବେଦନ କରିଥିଲେ, କିନ୍ତୁ ତାହା ପ୍ରଦାନ କରାଗଲା ନାହିଁ। ଅନେକ ସ୍ଥାନରେ ପଡ଼ିଥିବା ଏବଂ ଗଣତି କରାଯାଇଥିବା ଭୋଟ ମଧ୍ୟରେ ତାରତମ୍ୟ ଥିବାରୁ ବିଜେଡି ଫର୍ମ ୧୭ସି ପାଇଁ ଆବେଦନ କରିଥିଲା। ହେଲେ ତାହା ଏଯାଏ ପ୍ରଦାନ କରାଗଲା ନାହିଁ। ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କୁ ଲେଖାଯାଇଥିବା ପତ୍ରରେ ଏହାକୁ ହସ୍ତାନ୍ତର କରିବା ପାଇଁ କୁହାଯାଇଥିଲା। କିନ୍ତୁ କିଛି ଆସନରେ ନିର୍ବାଚନ ମାମଲା ଚାଲିଥିବା କାରଣରୁ ଏହା ଦିଆଯାଇପାରିବ ନାହିଁ ବୋଲି କମିଶନ ଉତ୍ତର ଦେଇଥିଲେ। ମାତ୍ର ୨୮ଟି ଆସନରେ ନିର୍ବାଚନୀ ମାମଲା ଚାଲିଥିଲା ବେଳେ ଅନ୍ୟ ସିଟ୍‌ଗୁଡ଼ିକର ଫର୍ମ ୧୭ସି କାହିଁକି ଦିଆଯିବ ନାହିଁ ବୋଲି ସନ୍ତୃପ୍ତ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ନିର୍ବାଚନ କମିଶନ କହିଥିଲେ, ଯେଉଁଠାରେ କଣ୍ଟ୍ରୋଲ ୟୁନିଟ୍‌ରେ ଥିବା ଭୋଟ ସଂଖ୍ୟା ଫର୍ମ ୧୭ସିରେ ଲେଖାଯାଇଥିବା ଭୋଟ ସଂଖ୍ୟା ସହିତ ମେଳ ଖାଏ ନାହିଁ, ସେହି ଭୋଟ ଗଣତି କରାଯାଏନି। ମାତ୍ର କେତୋଟି ସ୍ଥାନରେ ଏପରି ହୋଇଛି ସେକଥା ନିର୍ବାଚନ କମିଶନ ସ୍ପଷ୍ଟ କରିନାହାନ୍ତି। ନିର୍ବାଚନ କମିଶନର ଏ ବିଷୟରେ ସ୍ପଷ୍ଟ ଉତ୍ତର ନଥିବା ସହିତ ଦେଶବାସୀଙ୍କ ମନରୁ ସନ୍ଦେହ ଦୂର କରିବା ଉଚିତ ବୋଲି ସନ୍ତୃପ୍ତ କହିଛନ୍ତି। ଏହି ଅବସରରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଉପସ୍ଥିତ ଥିଲେ।

# ନୂଆ ବୋର୍ଡ ଗଠନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡ ଗଠନ ମାମଲା

କଟକ,୨।୨(କାର୍ତ୍ତିକ ସାହୁ)

ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ ବୋର୍ଡ ଗଠନ ବିଜ୍ଞପ୍ତିକୁ ଆଂଶିକ ଭାବେ ରଦ୍ଦ କରିଛନ୍ତି ହାଇକୋର୍ଟ। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏହି ମାମଲାର ବିଚାର କରି ଟ୍ରଷ୍ଟ ବୋର୍ଡରୁ ୩ ସରପଞ୍ଚଙ୍କୁ ବାଦ୍‌ଦେଇ ସାନି ବୋର୍ଡ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଟ୍ରଷ୍ଟ ବୋର୍ଡରୁ ପିମ୍ପୁଡ଼ିଆ, ହରିପୁର ଏବଂ ଧୂଳିଗଡ଼ ପଞ୍ଚାୟତର ସରପଞ୍ଚଙ୍କ ସଦସ୍ୟତାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ୪ ସପ୍ତାହ ମଧ୍ୟରେ ନୂଆ ବୋର୍ଡ ଗଠନ କରିବାକୁ ଉନ୍ନୟନ କମିଶନରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅଣ-ଖଣି ଅଞ୍ଚଳର ସରପଞ୍ଚଙ୍କୁ ସଦସ୍ୟ ଭାବେ ଗ୍ରହଣ କରାଯାଇପାରିବ ନାହିଁ, କେବଳ ପ୍ରକୃତ ଖଣି ଅଞ୍ଚଳର ପ୍ରତିନିଧି ହିଁ ଟ୍ରଷ୍ଟ ବୋର୍ଡରେ ସଦସ୍ୟ ରହିପାରିବେ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

# ସମୀର ନାୟକରୁ ଏବେ ସମୀରା ମାଡାମ୍

## ଥିଲେ ପୁଅ ହେଲେ ଝିଅ

ଖଲ୍ଲିକୋଟ,୨।୨
(ପ୍ରଶାନ୍ତ କୁମାର ମିଶ୍ର)

ପୁଅ ଥିଲେ, ହୋଇଗଲେ ଝିଅ। ସମୀର ନାୟକରୁ ଏବେ ସେ ପାଲଟିଯାଇଛନ୍ତି ସମୀରା ମାଡାମ। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଟ୍ରାନ୍ସ ଓମେନ ଆର୍ଟିଷ୍ଟ ସମୀରା ନାୟକ। ତାଙ୍କ ପୁରୁଷ ଦେହ ଭିତରେ ଲୁଚି ରହିଥିଲା ନାରୀର ମନ। ଜଣାପଡ଼ିଛି, ସମୀର ପୁଅଟିଏ ହୋଇ ଜନ୍ମ ହୋଇଥିଲେ। ମାତ୍ର ପାଠପଢ଼ା ବୟସରେ ତାଙ୍କ ମନ ଏବଂ ଶାରୀରିକ ଭାବଭଙ୍ଗୀରେ ଆସିଥିଲା ଅନେକ ପରିବର୍ତ୍ତନ। ବୟସ ବଢ଼ିବା ସାଙ୍ଗକୁ ମନ ଓ ଚାଲିଚଳନରେ ତାଙ୍କର ଆସିଥିଲା ପରିବର୍ତ୍ତନ। ପୁଅ ସାଙ୍ଗଙ୍କ ଅପେକ୍ଷା ସେ ଝିଅମାନଙ୍କ ସହିତ ଚଳିବାକୁ ଇଚ୍ଛା କରିଥିଲେ। ଖଲ୍ଲିକୋଟର ଏକ ଛୋଟିଆ ଗାଁରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିବା ସମୀର ଯୁବକ ଅବସ୍ଥାରେ ମୁମ୍ବାଇ ଯାଇ ଅସ୍ତ୍ରୋପଚାର କରି ଲିଙ୍ଗ ପରିବର୍ତ୍ତନ ସହ ପୁଅ ସମୀରରୁ ଝିଅ ହୋଇ ହୋଇଗଲେ ସମୀରା ମାଡାମ। ବର୍ତ୍ତମାନ ସେ ଓଡ଼ିଶାର ପ୍ରଥମ ଟ୍ରାନ୍ସ ଓମେନ ଆର୍ଟିଷ୍ଟ ସମୀରା ନାୟକ ରୂପେ ପରିଚିତ। ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଇଣ୍ଡିଆନ ପେଣ୍ଟିଂ ବିଭାଗରେ ଅଛନ୍ତି ଅତିଥି ଅଧ୍ୟାପିକା। ସମସ୍ତଙ୍କ ନିକଟରେ ତାଙ୍କ ପରିଚୟ ରହିଛି ସମୀରା ମାଡାମ। ଓଡ଼ିଶାର ପ୍ରଥମ ଟ୍ରାନ୍ସ ଓମେନ ଆର୍ଟିଷ୍ଟ ଭାବରେ ନିଜକୁ ଗର୍ବ ଅନୁଭବ କରନ୍ତି ବୋଲି କହିଛନ୍ତି ସମୀରା।


ସମୀରା ନାୟକ

# ରାଜନୀତିରେ ଅସ୍ତଗାମୀ ଦଳ ହେବାକୁ ଯାଉଛି ବିଜେଡି: ଭାଜପା

ଭୁବନେଶ୍ୱର, ୨।୨(ସୁନିତ୍ ମିଶ୍ର)

ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ସେହି ଦଳର ନେତାମାନେ ମାନସିକ ଅବସାଦରେ ଅଛନ୍ତି। ସେହି ଦୃଷ୍ଟିରୁ ସେମାନେ କ'ଣ ବୟାନବାଜି କରୁଛନ୍ତି ଜାଣିପାରୁ ନାହାନ୍ତି। ବିଜେଡି ରାଜ୍ୟ ରାଜନୀତିର ଅସ୍ତଗାମୀ ଦଳ ହେବାକୁ ଯାଉଛି। ସେମାନେ ବିଭିନ୍ନ ପ୍ରସଙ୍ଗରେ ରଖୁଥିବା ବୟାନବାଜିରୁ ଏକଥା ସ୍ପଷ୍ଟ ହେଉଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିରଞ୍ଚି କହିଛନ୍ତି, ନିର୍ବାଚନର ଦୀର୍ଘଦିନ ପରେ ବିଜେଡି ବର୍ତ୍ତମାନ ଇଭିଏମ୍ ଏବଂ ୧୭ସି ଫର୍ମ ପ୍ରସଙ୍ଗ ଉଠାଉଛି। ଯେବେଠାରୁ ଇଭିଏମ୍ ଦେଶରେ ଲାଗୁ ହୋଇଛି, ତା' ପରଠାରୁ ହୋଇଥିବା ୫ ନିର୍ବାଚନରୁ ୪ଟିରେ ବିଜେଡି ବିଜୟୀ ହୋଇଛି। ଜିତିବା ସମୟରେ ବିଜେଡି ଇଭିଏମ୍ ଉପରେ କୌଣସି ପ୍ରଶ୍ନ କରୁ ନ ଥିବାବେଳେ ଏବେ ହାରିବା ପରେ ଭୁଲ୍ ବୋଲି କହି ମିଛରେ କାହିଁକି ପ୍ରଳାପ କରୁଛି ତା'ର ଉତ୍ତର ଦେଉ। ନିର୍ବାଚନରେ ଯେଉଁମାନେ ବୁଥ୍‌ରେ ଏଜେଣ୍ଟ ଥାଆନ୍ତି ସେମାନେ ସେହି ବୁଥ୍‌ରେ ଥିବା ପ୍ରିଜାଇଡିଂ ଅଧିକାରୀଙ୍କଠାରୁ ୧୭ସି ଫର୍ମ ଆଣିଥାଆନ୍ତି। ଗତ ସାଧାରଣ ନିର୍ବାଚନରେ ପାଖାପାଖି ୩୭,୮୦୦ ଏଜେଣ୍ଟ ରହିବା କଥା। ସାଧାରଣ ନିର୍ବାଚନରେ ଲୋକ ସଭା ଏବଂ ବିଧାନସଭାକୁ ମିଶାଇଲେ ମୋଟ୍ ୭୫,୦୦୦ ଏଜେଣ୍ଟ ବିଭିନ୍ନ ବୁଥ୍‌ରେ ରହିବା କଥା। ହେଲେ ଜଣେ ଏଜେଣ୍ଟ କାହିଁକି ୧୭ସି ଫର୍ମ ମିଳିନି ବୋଲି କହିଲେ ନାହିଁ। ନିର୍ବାଚନ ସରିବାର ଅନେକ ଦିନ ପରେ ଏହି କଥା ଉଠାଇବା କେତେଦୂର ଠିକ୍ ତାହା ରାଜ୍ୟବାସୀ ବିଚାର କରିବେ ବୋଲି ବିରଞ୍ଚି କହିଛନ୍ତି।

# ଅବ୍ୟବହୃତ ୨୧,୫୧୦ କୋଟି ଫେରାଅ

## ସବୁ ବିଭାଗକୁ ଅର୍ଥ ବିଭାଗର ପତ୍ର

ଭୁବନେଶ୍ୱର,୨।୨
(ରବିନାରାୟଣ ଜେନା)

ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ବଜେଟରେ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରାଯାଉଛି। ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି। ହେଲେ ପଞ୍ଚାୟତିରାଜ ବିଭାଗ ଭଳି କେତେକ ବିଭାଗର ଅଧିକାରୀମାନେ ବଜେଟ ଅର୍ଥକୁ ଠିକଣା ବାଟରେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ କରିପାରୁ ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ଓ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାବେଳେ ଏବେ ପାଣ୍ଠି ଫେରାଇବା ପର୍ଯ୍ୟନ୍ତ କଥା ଯାଇଛି। ୨୦୨୫ ଡିସେମ୍ବର ସୁଦ୍ଧା ବଜେଟରେ ବ୍ୟୟବରାଦ ହୋଇଥିବା ଲକ୍ଷ୍ୟଧାର୍ଯ୍ୟ ଅନୁଯାୟୀ ଯେଉଁସବୁ ବିଭାଗ ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି ତାକୁ ବିଭାଗକୁ ସମର୍ପଣ କରିବାକୁ ହେବ। ଏ ବାବଦକୁ ପ୍ରାୟ ୩୪ଟି ବିଭାଗ ୨୧ହଜାର ୫୧୦କୋଟି ଟଙ୍କା ଫେରାଇବାକୁ ପଡ଼ିବ ବୋଲି ଅର୍ଥ ବିଭାଗ ପକ୍ଷରୁ ଜଣାଯାଇଛି। ଅର୍ଥ ବିଭାଗର ଯୁଗ୍ମସଚିବ ଏମ୍.କେ. ମହାନ୍ତି ଏ ସଂକ୍ରାନ୍ତରେ ସବୁ ବିଭାଗ ଅର୍ଥ ପରାମର୍ଶଦାତାଙ୍କୁ ଜାନୁଆରୀ ୩୦ରେ ପତ୍ର ଲେଖି ଅବଗତ କରାଇଛନ୍ତି।

ସେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ୨୦୨୫ ମାର୍ଚ୍ଚ ୩୦ରେ ପ୍ରଦାନ କରାଯାଇଥିବା ପତ୍ର ଅନୁଯାୟୀ, ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଶେଷ ତଥା ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୁଦାୟ ଓ କାର୍ଯ୍ୟକ୍ରମ ବାବଦକୁ ୬୦% ଖର୍ଚ୍ଚ ହେବା କଥା। ଏହାଠାରୁ ଯେଉଁ ବିଭାଗ କମ୍ ଖର୍ଚ୍ଚ କରିଛନ୍ତି ତାହାକୁ ବିଭାଗ ସମର୍ପଣ କରିବା ଆବଶ୍ୟକ ରହିଛି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ବିବରଣୀ ଅନୁଯାୟୀ ପାଣ୍ଠି ସମର୍ପଣ କର। ପୁଞ୍ଜି ବ୍ୟୟ ଓ ପ୍ରାଥମିକତା ବ୍ୟୟକୁ ଦୃଷ୍ଟିରେ ରଖି ଫେବୃଆରୀ ୨୮ ମଧ୍ୟରେ ଅର୍ଥ ବିଭାଗକୁ ସମର୍ପଣ କରିବା ପାଇଁ ସେ ଅନୁରୋଧ କରିଛନ୍ତି।

ବିଭାଗୀୟ ତଥ୍ୟ ଅନୁଯାୟୀ, ପଞ୍ଚାୟତିରାଜ ବିଭାଗ ଚଳିତ ଆର୍ଥିକବର୍ଷର ଡିସେମ୍ବର ମଧ୍ୟରେ ୨୯ହଜାର ୨୦୧କୋଟି ଟଙ୍କା ବଜେଟ ବ୍ୟୟ ବରାଦ ମଧ୍ୟରୁ ଖର୍ଚ୍ଚ କରିବାକୁ ରହିଥିଲା। ମାତ୍ର ୯ମାସ ମଧ୍ୟରେ ବିଭାଗ ୧୭ହଜାର ୫୨୦.୭୯କୋଟି ଟଙ୍କା ମଧ୍ୟରୁ ୧୦ହଜାର ୪୧୬କୋଟି ଟଙ୍କା ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିଛି। ତେଣୁ ୭,୧୦୩କୋଟି ଟଙ୍କା ଏବେ ବିଭାଗକୁ ସମର୍ପଣ କରିବାକୁ ପଡ଼ିବ। ସେହିପରି ଅର୍ଥ ବିଭାଗ ନିଜେ ୭ହଜାର ୬୭କୋଟି ଟଙ୍କା ସମର୍ପଣ କରିବାକୁ ରହିଥିବାବେଳେ ଜଳସମ୍ପଦ ବିଭାଗ ୩୦୩୦କୋଟି ଟଙ୍କା କମ୍ ଖର୍ଚ୍ଚ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୭୯୦କୋଟିରୁ ଉର୍ଦ୍ଧ୍ୱ ଭଳି ଟଙ୍କା ଏବେ ଫେରସ୍ତ କରିବାକୁ ହେବ। ଏହାବାଦ୍ ଅନ୍ୟ ୩୨ଟି ବିଭାଗ ଶତାଧିକ କୋଟି ଟଙ୍କା ଫେରାଇବାକୁ ରହିଛି। ମାତ୍ର ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ,ବିଧାନସଭା ଏବଂ ଆଉ କେତେକ ବିଭାଗ ଏହି ତାଲିକାରେ ନାହାନ୍ତି।

# ୪ ପ୍ରସ୍ତାବରେ ସରକାର ରାଜି ହେଲେ ଆତ୍ମସମର୍ପଣ କରିବୁ

## ପତ୍ର ମାଧ୍ୟମରେ ଜଣାଇଲେ ମାଓବାଦୀ ନେତା ନିଖିଳ

ରାୟଗଡ଼ା,୨।୨(ଆଶିଷ ରଞ୍ଜନ ପଣ୍ଡା)

କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ମାର୍ଚ୍ଚ ୩୧ ଡେଡ୍‌ଲାଇନ ଦେବା ସହିତ ଭାରତୀୟ ଗଣତନ୍ତ୍ରରେ ସାମିଲ ହେବା ଲାଗି ଚେତାବନୀ ଦେଇଛନ୍ତି। ଏହାପରେ ଦେଶର ବିଭିନ୍ନ ରାଜ୍ୟରେ ଅନେକ ମାଓବାଦୀ ଆତ୍ମସମର୍ପଣ କରୁଥିବାବେଳେ ଅନେକ ସ୍ଥାନରେ ଯବାନଙ୍କ ଗୁଳିରେ ମାଓବାଦୀଙ୍କ ମୃତ୍ୟୁ ଘଟୁଛି। ଏହିକ୍ରମରେ ଓଡ଼ିଶାର ମୁଖ୍ୟ କୁହାଯାଉଥିବା ବା.ଘୁ.ନା, ନିୟମଗିରି ଏରିଆ କମିଟି ଓ ରାଜ୍ୟ କମିଟିର ଟପ୍ ମାଓବାଦୀ ଦମ୍ପତି ନିଖିଳ (ନିରଞ୍ଜନ ରାଉତ) ଓ ସ୍ତ୍ରୀ ଇନ୍ଦୁ (ଅଙ୍କିତା ଓରଫ ରଶ୍ମିତା ଲେଙ୍କା) ରାଜ୍ୟ ସରକାର ଓ ଗୃହ ବିଭାଗକୁ ୪ଟି ପ୍ରସ୍ତାବ ଦେଇଛନ୍ତି। ଏଥିରେ ସରକାର ରାଜି ହେଲେ ପତ୍ନୀପତି ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରିବେ ଓ ଅନ୍ୟ ସାଥୀମାନଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ମୁଖ୍ୟସ୍ରୋତରେ ସାମିଲ ପାଇଁ ପ୍ରବର୍ତ୍ତାଇବେ ବୋଲି ମାଓବାଦୀ ନେତା ନିଖିଳ ଏକ ପତ୍ର ମାଧ୍ୟମରେ ଜଣାଇଛନ୍ତି।

ପ୍ରଥମ ସର୍ତ୍ତରେ ଜଳ, ଜମି, ଜଙ୍ଗଲ ଅଧିକାର ପାଇଁ ଆମେ କାର୍ଯ୍ୟ କରିବାକୁ ଚାହୁଁ ବୋଲି ଉଲ୍ଲେଖ ରହିଛି। ଦ୍ୱିତୀୟରେ ଆତ୍ମସମର୍ପଣ ପରେ ଆମ ଦୁଇଜଣଙ୍କୁ ମାଓବାଦୀଙ୍କ ବିରୋଧରେ ଏବଂ ଜନବିରୋଧୀ ଆନ୍ଦୋଳନରେ ନିୟୋଜିତ କରା ନ ଯାଉ। ତୃତୀୟରେ ପୂର୍ବରୁ ମାଓବାଦୀ ନେତା ଆଜାଦ୍, ସବ୍ୟସାଚୀ ପଣ୍ଡାଙ୍କୁ ଜେଲରେ ରଖାଯାଇଛି। ଏହା ସରକାରଙ୍କ ଆଇନ ବିରୋଧୀ। ସରକାର ଆତ୍ମସମର୍ପଣ ନୀତି ଲାଗୁ କରିଛନ୍ତି, କିନ୍ତୁ ତାହା ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଉପରେ ଲାଗୁ କରାଯାଉ ନ ଥିବାରୁ ସରକାରଙ୍କ ଉପରେ ବିଶ୍ୱସନୀୟତା ଆସୁନି। ତେଣୁ ଉକ୍ତ ନୀତି କାର୍ଯ୍ୟକାରୀ କରନ୍ତୁ। ଶେଷରେ ଦେଶର ବିଭିନ୍ନ ପ୍ରାନ୍ତରେ ମାଆ, ମାଟି, ଜଳ, ଜମି ଜଙ୍ଗଲ, ପରିବେଶ ସୁରକ୍ଷା ପାଇଁ ଲଢ଼େଇ କରୁଥିବା ଆଦିବାସୀଙ୍କ ଉପରେ ସୁରକ୍ଷାକର୍ମୀମାନେ ଯେଉଁ ଜୁଲୁମ କରୁଛନ୍ତି ତାହା ବନ୍ଦ କରାଯାଉ। ରାଜ୍ୟ ସରକାର ଜନ ଆନ୍ଦୋଳନକୁ ବିରୋଧ ନ କରି ସେଠାର ଜନମତକୁ ସମ୍ମାନ ଦିଅନ୍ତୁ ବୋଲି ପ୍ରେସ୍ ବିବୃତିରେ ଉଲ୍ଲେଖ କରାଯାଇଛି। ସରକାର ଉକ୍ତ ବିଷୟକୁ ବୁଝିବେ ବୋଲି ଆମର ଆଶା ବୋଲି ରାଜ୍ୟର ଟପ୍ ମାଓବାଦୀ କ୍ୟାଡର ନିଖିଳ ଓ ତାଙ୍କ ପତ୍ନୀ ଇନ୍ଦୁ ପତ୍ରରେ ଉଲ୍ଲେଖ କରିଛନ୍ତି। ସରକାର ସମସ୍ତ ୪ଟି ସର୍ତ୍ତ ମାନିଲେ ସେ ଓ ତାଙ୍କ ସ୍ତ୍ରୀ ଆତ୍ମସମର୍ପଣ କରିବେ। ଦୀର୍ଘ ଦୁଇ ଦଶନ୍ଧି ଧରି ଗଞ୍ଜାମ, ଫୁଲବାଣୀ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ଛତିଶଗଡ଼, ରାୟଗଡ଼ା, ଗଜପତି ଜିଲାରେ ନିଜର ଆଧିପତ୍ୟ ଜାହିର କରି ଜଳ, ଜମି, ଜଙ୍ଗଲ ପାଇଁ ସରକାର ବିରୋଧୀ କାର୍ଯ୍ୟକ୍ରମ ଚଳାଇ ଆସୁଥିବା ରାଜ୍ୟ ମାଓବାଦୀ କମିଟି ସଦସ୍ୟ ନିଖିଳ ଏହା କହିଛନ୍ତି।


**ZILLA PARISHAD CAMPUS, NABARANGPUR**

**QUOTATION CALL NOTICE**

**No.19001/7/2526** : Sealed quotations are invited from potential supplied, tent house and electrical decorators , for stalls, light & Sound to take up different works for organizing SUBHADRA SHAKTI MELA - 2026, Nabarangpur from **22nd to 28th February, 2026**. The different quotation call notice has been issued vide Qtn. 751/752 No. dated 31.01.2026. The tender papers are available at the website of https://nabarangpur.odisha.gov.in.

The last date of submitting quotation is **07.02.2026 by 3:00 P.M.**

OIPR-19001/19233/1/25-26/0007 Sd./- CDO-Cum-EO

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No.432 Date : 27.01.2026

**TENDER CANCELLATION NOTICE**

**No.25001/16/2526** : The tender notice vide this office Bid Identification No.CCERWCSBD Online - 23/2025-26 invited vide this office Letter No.5576, Dtd.30.10.2025 is here by cancelled due to some Technical issues.

Sd./- Chief Construction Engineer, Rural Works Circle, Sunabeda
OIPR-25001/25182/1/25-26/0016

**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION, BHUBANESWAR**
PLOT NO. 1214 (PART), TAPOVAN ROAD, KHANDAGIRI, BHUBANESWAR-30

**Short Quotation Call Notice No. - 39 of 2025-26**

**No.25001/16/2526** : Sealed quotations are invited from reputed Suppliers / Authorized Firms / Resellers of the State of the work "Supply & Installation of Chair and Sofa for Addition, Alternation & Renovation of existing Conference Hall in the Office of the Additional Chief Engineer, RWS&S Circle, Bhubaneswar".

| | | |
|---|---|---|
| Last date of issue of Bid Document | : | 05.02.2026 till 03:00 P.M. |
| Last date of submission of Bids | : | 05.02.2026 by 04:00 P.M. |
| Opening of Bids | : | 06.02.2026 at 11:30 A.M. |

The Quotation details with materials description can be collected from Office of the Superintending Engineer, RWS&S Division, Bhubaneswar. The Superintending Engineer, RWS&S Division, Bhubaneswar reserves the right to accept/reject/modify & cancel the full tender or part thereof at any time without assigning any reason thereof.

Sd./- Superintending Engineer, RWS&S Division, Bhubaneswar
OIPR-25001/25011/1/25-26/0016

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
e-mail : serwsbd2003@yahoo.com

Letter No.443 Date : 27.01.2026

**2nd Corrigendum**

**No.25001/14/2526** : In continuation to this office Bid Identification No. CCERWCSBD-Online-28/2025-26 invited vide this office Notice No.6205 Dtd.28.11.2025, partial modification of NCB has been made as follows :
1. Availability of Tender online for bidding extended up to Dtd.20.02.2026 at 5.00 P.M.
2. Last Date and Time of seeking tender clarification Dtd.19.02.2026 up to 2.00 P.M.
3. Date & Time of opening of tender (Technical Bid) on Dtd.21.02.2026 at 11.00 A.M.
4. Date & Time of opening of tender (Price Bid) will be intimated later.

All other terms and conditions will remain unaltered.

Sd./- Chief Construction Engineer, Rural Works Circle, Sunabeda
OIPR-25001/25182/1/25-26/0014

**FOREST ENVIRONMENT & CLIMATE CHANGE DEPARTMENT, ODISHA**
**OFFICE OF THE DIVISIONAL FOREST OFFICER**
**KORAPUT DIVISION**
Email : dfo.koraput@odisha.gov.in

**INVITATION FOR QUOTATION THROUGH offline**
Bid Identification No. DFO-KPT-01/2025-26 (IF)

No.8001/10/2526 **Quotation Call Notice**

| | | | |
|---|---|---|---|
| 1. | Name of the item | : | Installation of DG set |
| 2. | Total No. of Works | : | 01 No. |
| 3. | Estimated cost | : | Rs.11,50,000/- (including GST & TDS) |
| 4. | Type of tender | : | Single Cover Tender |
| 5. | Date and Time of availability of Bid documents in the portal | : | From 11.00 A.M. of Dt.02.02.2026 to 17.00 hrs of dt.12.02.2026 |
| 6. | Last date/Time for receipt of quotation in the portal | : | Dt.12.02.2026 up to 17.00 hrs |
| 7. | Date of opening | : | Dt.13.02.2026 at 11.00 hrs in the office of the undersigned |
| 8. | Name & address of the O.I.T (Officer Inviting tender) | : | Divisional Forest Officer, Koraput Division, Koraput |

Further details can be seen from the website portal www.degm.koraput@odisha.gov.in.
N.B. Subsequent corrigendum/addendum if required in this regard will be made available in the website as indicated above.

Sd./- Divisional Forest Officer, Koraput Forest Division
OIPR-8001/8067/1/25-26/0010

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
No.25001/16/2526

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 10/RWD-I, MKG/2025-26 dt.29.01.2026**

01. Name of the work : Repair & Maintenance works (Detailed in Annexure), 02. Total Number of works : 01 nos (Seven), 03. Estimated cost : Rs.16.95 lakhs, 04. Class of contractor : "D" & "C" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 10/RWD-I, MKG/2025-26 | Total 1 No. (Single Cover) | 03.02.2026 from 11.00 A.M. | 12.02.2026 up to 5.00 P.M. | 11.02.2026 up to 5.00 P.M. | Tech Bid opening 13.02.2026 at 11.00 A.M. |

Further details can be seen from the website: www.tendersorissa.gov.in.

Sd./- Sujata Dishari, Executive Engineer, R.W. Division-I, Malkangiri
OIPR-25001/25058/1/25-26/0016

**DISTRICT PROJECT OFFICE**
**SAMAGRA SHIKSHA, BHADRAK**
At-Upper Bagurai, Post-Madhabanagar, Bhadrak-756181

No.264 / Ped /2026 Dated 02/02/2026

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class – V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class – V & VIII 2026 Students | Rs.2000/- | Rs.100000/- | 09 /02/2026 | 10/02/2026 (11.00 A.M) |

The detailed BID document is available in the district website https://www.bhadrak.odisha.gov.in. and also OSEPA website www.osepa.odisha.gov.in . Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd./- Collector-cum-Chairman, Samagra Shiksha, Bhadrak

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
E-Mail : eerw_gml@yahoo.co.in

Government of Odisha e-Procurement Notice
**Bid Identification No. Online Tender//26//SERWDG-I//2025-26**
Letter No. 677//RWDG-I//BAM//Date : 30.01.2026
No.25001/16/2526

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.5.61 Lakhs to Rs.36.13 Lakhs |
| 3 | Period of Completion | : | 15 (Fifteen) days as sworn in Column No.06 of Annexure |
| 4 | Date & Time of Availability of Bid Documents in the Portal | : | From 05.02.2026 at 11.00 AM to 18.02.2026 upto 5.00 PM |
| 5 | Last Date / Time for Receipt of Bids in the Portal | : | 18.02.2026 up to 5.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer, R.W Division-I, Ganjam, Berhampur
OIPR-25001/25085/1/25-26/0016

**ସନତ କୁମାର ନାରାୟଣ ନନ୍ଦନକାନନ ନିର୍ଦ୍ଦେଶକ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ନନ୍ଦନକାନନରେ ନୂଆ ନିର୍ଦ୍ଦେଶକ ପଦ ଗ୍ରହଣ କଲେ ସନତ କୁମାର ନାରାୟଣ। ପୂର୍ବରୁ ସନତ ଉପନିର୍ଦ୍ଦେଶକ ଦାୟିତ୍ୱରେ ଥିଲେ। ନନ୍ଦନକାନନ ନିର୍ଦ୍ଦେଶକ ଥିବା ମନୋଜ ଭି. ନାୟରଙ୍କୁ ଏସ୍‌ପିସିଏଫ ମେମ୍ବର ସେକ୍ରେଟାରୀ ଓ ବନ୍ୟପ୍ରାଣୀ ଅତିରିକ୍ତ ପିସିସିଏଫ ଦାୟିତ୍ୱ ସୋମବାର ମିଳିବା ପରେ ତାଙ୍କ ସ୍ଥାନରେ ନିର୍ଦ୍ଦେଶକ ଭାବେ ସନତ କୁମାରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉପ-ନିର୍ଦ୍ଦେଶକ ପଦରେ କାହାକୁ ଦାୟିତ୍ୱ ଦିଆଯାଇ ନ ଥିବା ଜଣାପଡିଛି।



## ମୋରମ ବୋଝେଇ ୨ ହାଇୱା ଜବତ, ଚାଳକ ଗିରଫ

ବାରଙ୍ଗ,୨।୨(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଆଇଆଇଟି ଛକ ନିକଟରେ ୨ଟି ମୋରମ ବୋଝେଇ ହାଇୱା ପୋଲିସ ଜବତ କରିଛି। ଏଥିସହ ୨ ଜଣ ଚାଳକଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦରର ସୁଜିତ୍ କୁମାର ଅରିଲେ(୨୦) ଓ ଦଶପଲ୍ଲାର ସରୋଜ କୁମାର ମଣ୍ଡଳ(୪୨)। ଏନେଇ ପୋଲିସ ଥାନାରେ ଏକ ମାମଲା (ନଂ. ୬୬/୨୬)ରୁଜୁ କରିଛି। ରବିବାର ରାତି ପ୍ରାୟ ୧୧ଟାରେ ଗୋଠପାଟଣା ଜଙ୍ଗଲ ଜମିରୁ କଣ୍ଟାବାଡ ଦେଇ କାଟେଣି ଅଭିମୁଖେ ୨ ହାଇୱା ମୋରମ ବୋଝେଇ କରି ଆସୁଥିବା ଖବର ପାଇ ଚନ୍ଦକା ଥାନା ଅଧିକାରୀଣୀ ଶମିତା ମିଶ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଜ୍ୟୋସ୍ନା ରାଣୀ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଦଳ ଆଇଆଇଆଇଟି ଛକ ନିକଟରେ ଜଗି ରହିଥିଲେ। ଏହି ସମୟରେ ହାଇୱା ୨ଟି ପୋଲିସଙ୍କୁ ଦେଖି ଦ୍ରୁତ ଗତିରେ ଗାଡ଼ିକୁ ନେଇ ପଳାଇ ଯାଉଥିବାବେଳେ ଗୋଠପାଟଣା ଏଡପୋଷ୍ଟ ନିକଟରେ ଧରିଥିଲା।

# ୟୁନିଟ୍ ପିଛା ୫୮ ପଇସା ବୃଦ୍ଧି ପ୍ରସ୍ତାବକୁ ବିରୋଧ

**ଓଇଆର୍‌ସି ଜନଶୁଣାଣି ଆରମ୍ଭ**

ଭୁବନେଶ୍ୱର,୨।୨(ରବିନାରାୟଣ ଜେନା)

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି)ଙ୍କ ପକ୍ଷରୁ ସୋମବାର ଆରମ୍ଭ ହୋଇଥିବା ଜନଶୁଣାଣି ବେଳେ ଗ୍ରୀଡ୍‌କୋ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛି। ଗ୍ରୀଡ୍‌କୋ ପକ୍ଷରୁ ୟୁନିଟ୍ ପିଛା ୫୮ ପଇସା ପାଇକାରୀ ମୂଲ୍ୟ ବୃଦ୍ଧି ପ୍ରସ୍ତାବକୁ ନେଇ ବିଭିନ୍ନ ଫୋରମ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିବା ଜଣାଯାଇଛି। ଓଡ଼ିଶା ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିବାବେଳେ କେଉଁ ଆଧାରରେ ଉପଭୋକ୍ତାଙ୍କ ଉପରେ ଏହି ବୋଝ ଲଦି ଦିଆଯିବ ବୋଲି 'ଆମ ଜନତା ଅଧିକାର' ପକ୍ଷରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରାଯାଇଛି।

ସୂଚନାଯୋଗ୍ୟ, ଆସନ୍ତା ଆର୍ଥିକବର୍ଷ ୨୦୨୬-୨୭ ପାଇଁ ଖୁଚୁରା ବିଦ୍ୟୁତ ମୂଲ୍ୟ ନିର୍ଣ୍ଣୟ ପାଇଁ ଆୟୋଗଙ୍କ ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା, ବୈଷୟିକ ସଦସ୍ୟ ସୁଶାନ୍ତ କୁମାର ରାୟମହାପାତ୍ର ଓ ନ୍ୟାୟିକ ସଦସ୍ୟ ବିଶ୍ୱଜିତ ମହାନ୍ତିଙ୍କ ଉପସ୍ଥିତିରେ ପୂର୍ଣ୍ଣ ବେଞ୍ଚ କୋର୍ଟରେ ଶୁଣାଣି ହୋଇଥିଲା। ଶକ୍ତି ବିଭାଗ ତରଫରୁ ଅତିରିକ୍ତ ଶାସନ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ.ସତ୍ୟପ୍ରିୟ ରଥ ଏସଂକ୍ରାନ୍ତୀୟ ତଥ୍ୟ ଉପସ୍ଥାପନ କରିଥିଲେ। ରଥ କହିଥିଲେ, ଆସନ୍ତା ବର୍ଷରେ ଗ୍ରୀଡ୍‌କୋ ପାଖରେ ୪୬ହଜାର ୩୩୪ ନିୟୁତ ୟୁନିଟ୍ ବିଦ୍ୟୁତ୍ ଉପଲବ୍ଧ ଥିବାବେଳେ ସେଥିରୁ ଟାଟା ପାୱାର ଦ୍ୱାରା ପରିଚାଳିତ ୪ଟି ବିତରଣ କମ୍ପାନୀକୁ ଗ୍ରୀଡ୍‌କୋ ୩୯ହଜାର ୧୦୩ ନିୟୁତ ୟୁନିଟ୍ ବିକ୍ରୟ କରିବ। କ୍ୟାପ୍ଟିଭ ପାୱାର ପ୍ଲାଣ୍ଟକୁ ଜରୁରିକାଳୀନ ବିକ୍ରୟ ୧୦୦ ନିୟୁତ ୟୁନିଟ୍ ଓ ସଞ୍ଚାରଣ କ୍ଷତି ୧୨୧୨ ନିୟୁତ ୟୁନିଟ୍ ରହିବ। ଅବଶିଷ୍ଟ ୫ହଜାର ୯୧୮ ନିୟୁତ ୟୁନିଟ ବଳକା ବିଦ୍ୟୁତକୁ ଖୋଲା ବଜାରରେ ବିକ୍ରୟ ହେବ। ସେଥିପାଇଁ ଆସନ୍ତା ବର୍ଷରେ ଗ୍ରୀଡ୍‌କୋ ସମୁଦାୟ ୧୫ହଜାର ୧୮୧ କୋଟିଟଙ୍କା ରାଜସ୍ୱ ଆବଶ୍ୟକ କରୁଥିବା ବେଳେ ଚଳିତ ବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ପାଇକାରୀ ମୂଲ୍ୟ ୟୁନିଟ ପିଛା ୩୩୦.୬୬ ପଇସା ଅନୁସାରେ ଗ୍ରୀଡ୍‌କୋକୁ ମାତ୍ର ୧୨ହଜାର ୯୨୧ କୋଟିଟଙ୍କା ରାଜସ୍ୱ ମିଳିବ। ଅବଶିଷ୍ଟ ନିଅଣ୍ଟ ହେଉଥିବା ରାଜସ୍ୱ ୨,୨୬୦ କୋଟିଟଙ୍କାକୁ ଭରଣା କରିବା ପାଇଁ ପାଇକାରୀ ମୂଲ୍ୟକୁ ୟୁନିଟ୍ ପିଛା ୩୮୮.୨୩ ପଇସାକୁ ବୃଦ୍ଧି କରିବା ପାଇଁ ରଥ ପ୍ରସ୍ତାବ ରଖିଥିଲେ। ଗ୍ରୀଡ୍‌କୋ ଦରଖାସ୍ତକୁ ନେଇ ଓଇଆର୍‌ସି ଅଧ୍ୟକ୍ଷ ପ୍ରଦୀପ ଜେନା ଅନେକଗୁଡ଼ିଏ ସ୍ପଷ୍ଟୀକରଣ ମାଗିଥିଲେ। ଇନ୍ଦ୍ରାବତୀ ପ୍ରକଳ୍ପରୁ ୫୦୦ ନିୟୁତ ୟୁନିଟ୍ କମ୍ ପ୍ରସ୍ତାବ ଦେବା ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ଓପିଜିସି ପ୍ଲାଣ୍ଟର ବାରମ୍ବାର ବନ୍ଦ ହେବା ଓ ସେଥିପାଇଁ ପ୍ରଚୁର ଶସ୍ତା ବିଦ୍ୟୁତ ହରାଇବା ଉପରେ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରି ତାହାକୁ ସମାଧାନ କରିବା ପାଇଁ ଶକ୍ତି ବିଭାଗର ଅତିରିକ୍ତ ସଚିବଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ଶୁଣାଣିବେଳେ 'ଆମ ଜନତା ଅଧିକାର'ର ସଭାପତି ବାସୁଦେବ ଭଟ୍ଟଙ୍କ ସହିତ ଉପଭୋକ୍ତା ମହାସଂଘ ସଭାପତି ରମେଶ ଚନ୍ଦ୍ର ଶତପଥୀ ଏବଂ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଉତ୍ପାଦନ ଥିବା ସମୁଦାୟ ଶସ୍ତା ବିଦ୍ୟୁତକୁ ଗ୍ରୀଡ୍‌କୋ ବ୍ୟବସାୟ କରିପାରିଲେ ପାଇକାରୀ ମୂଲ୍ୟ ବଢ଼ିବା ବଦଳରେ କମିବ ବୋଲି ଫୋରମ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା।

## ସୁଜାତା ଆଚାର୍ଯ୍ୟଙ୍କ ଉପନ୍ୟାସ 'କେବେ ଖରା, କେବେ ଛାଇ' ଲୋକାର୍ପିତ



ଭୁବନେଶ୍ୱର,୨।୨(ସୌମ୍ୟରଞ୍ଜନ ରାଉତ)

ଉପନ୍ୟାସ ମାଧ୍ୟମରେ ହିଁ ଜୀବନର ସୂକ୍ଷ୍ମ ଅବବୋଧ, ଘଟଣା ଚରିତ୍ର, କାଳଖଣ୍ଡ, ସାମାଜିକ ଚିତ୍ର ଓ ଚରିତ୍ରର ଏକ ଦୀର୍ଘସ୍ଥାୟୀ ପ୍ରଭାବ ଅନୁଭୂତ ହୋଇଥାଏ। ଉପନ୍ୟାସ ମାଧ୍ୟମରେ ଲେଖକୀୟ ଅନ୍ୱେଷଣର ଏକ ନିଖୁଣ ପ୍ରତିଛବି ଓ ସାମାଜିକ ଘଟଣାକ୍ରମର ପ୍ରତିଫଳନ ଜୀବନ୍ୟାସ ପାଇଥାଏ, ଯାହା ପାଠକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିପାରେ। ସମ୍ପ୍ରତି ଓଡ଼ିଆ ଭାଷାରେ ଉପନ୍ୟାସ ଲେଖିବା ଏବଂ ତାକୁ ପଢ଼ିବା ପାଇଁ ଆଗ୍ରହ କମି କମି ଯାଉଛି। ହେଲେ ସୁଜାତା ଆଚାର୍ଯ୍ୟଙ୍କ ଲିଖିତ ଉପନ୍ୟାସ 'କେବେ ଖରା, କେବେ ଛାଇ' ପାଠକମାନଙ୍କୁ ନିଶ୍ଚିତ ଭାବେ ଏକ ଭିନ୍ନ ଅନୁଭବ ଦେବ ବୋଲି ପୁସ୍ତକ ଲୋକାର୍ପଣ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଲେଖିକା ସୁଜାତା ଆଚାର୍ଯ୍ୟଙ୍କ ଏହି ପ୍ରଥମ ଉପନ୍ୟାସ ସୋମବାର ବୁଦ୍ଧ ମନ୍ଦିର ସଭାକକ୍ଷରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟିକା ଡ. ଜୟନ୍ତୀ ରଥ କହିଲେ, ସାହିତ୍ୟ କେବଳ ଲେଖକଙ୍କ ବୌଦ୍ଧିକ ଉତ୍ତରଣ ନୁହେଁ, ବରଂ ଏହା ମଣିଷର ସୁଖଦୁଃଖ, ଅଶ୍ରୁ, ଆନନ୍ଦ, ସଂଘର୍ଷ ସଂସାରର ଏକ ଜୀବନ୍ତ ଦସ୍ତାବିଜ। ସୁଜାତାଙ୍କ ଉପନ୍ୟାସରେ ବହୁ ଚରିତ୍ରର ଅବତାରଣା ମାଧ୍ୟମରେ ଅନେକ ନୂଆ ଓ ଅଜଣା ତଥ୍ୟ ଭରିଛନ୍ତି ଲେଖିକା।,ମୁଖ୍ୟବକ୍ତା ଭାବେ ସାହିତ୍ୟିକା ଭାନୁମତି ସାହୁ ଓଡ଼ିଶା ସାହିତ୍ୟରେ ଉପନ୍ୟାସ ଲେଖିବାର ଧାରା ଓ ଯାତ୍ରା କିଭଳି ଅବାରିତ ଜାରି ରହିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପୁସ୍ତକର ସମୀକ୍ଷା କରି କବି ରକ୍ଷକ ନାୟକ ଲେଖିକାଙ୍କ ସାରସ୍ୱତ ଯାତ୍ରା ଆହୁରି ପ୍ରଭାବଶାଳୀ ହେଉ ବୋଲି ଆଶାବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଚମକ ଚାନ୍ଦିନୀ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଦିନକରେ ୪ ହଜାର ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

**କିଟ୍ ଓ ଆର୍ଟ ଅଫ୍ ଗିଭିଂ ପକ୍ଷରୁ ରକ୍ତଦାନ ଶିବିର**

କିଟ୍ ପକ୍ଷରୁ ଶନିବାର ଆୟୋଜିତ ଏକ ରକ୍ତଦାନ ଶିବିରରେ ୪ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଆର୍ଟ ଅଫ୍ ଗିଭିଂର ପ୍ରୟାସରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବରକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦଘାଟନ କରିଥିବାବେଳେ ଏଥିରେ କିଟ, କିସ୍ ଓ କିମ୍ସର ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। କିମ୍‌ସ, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ରକ୍ତ ଭଣ୍ଡାର, କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର, ଭୁବନେଶ୍ୱର ବିଏମ୍‌ସି ହସ୍ପିଟାଲ, କଟକସ୍ଥିତ ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ, ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ରେଡକ୍ରସ ସୋସାଇଟି ଓ ରାଜ୍ୟ ଶାଖା, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ପୁରୀ, ଅନୁଗୋଳ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ସମେତ କିମ୍‌ସ ରକ୍ତଭଣ୍ଡାରର କର୍ମଚାରୀ ଓ ଡାକ୍ତର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି, ପ୍ରଫେସର କେ. ରାଜୁ, କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର୍ ସି ଦାସ, ଅଧୀକ୍ଷକ ଡା. ମାନସ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିମ୍‌ସ ଗ୍ରୁପ୍‌ର ଡାଇରେକ୍ଟର ଡ. ଦିଲ୍ଲୀପ ପଣ୍ଡାଙ୍କ ସମେତ କିଟ୍ ଓ କିମ୍ସର ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ମନକୁ ଛୁଇଁଲା ଅମାନିଆ ଗୀତ



ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ)

ଶ୍ୱେତପଦ୍ମ ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ 'ଆମାନିଆ ଶୀତ ମନଛୁଆଁ ଗୀତ' ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଆଇଆଇଏସ୍ ଆଞ୍ଚଳିକ ସମ୍ବାଦ ବିଭାଗ ମୁଖ୍ୟ ଡ. ଅଭିଷେକ ମିଶ୍ର, ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ ଓ ମହିଳା ଅଧିକାର ଅଭିଯାନର ସଭାପତି ନମ୍ରତା ଚଢ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ଗୀତିକବି ଗୌର ପଟ୍ଟନାୟକ ଓ କଣ୍ଠଶିଳ୍ପୀ ଦିବାକର ମହାନ୍ତିଙ୍କୁ 'ଶ୍ୱେତପଦ୍ମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ରଞ୍ଜିତ କୁମାର ଦାସଙ୍କ ରଚନା ସିତାଂଶୁ ଶେଖର ରାଉତଙ୍କ ନିର୍ଦ୍ଦେଶନାରେ କଣ୍ଠଶିଳ୍ପୀ ବିଦ୍ୟାଧର ଶତପଥୀ 'ତୁମେ ଛୁଇଁ ଦେଲେ ଦେହ ମୋ ଶୀତେଇ ଉଠେ' ସଙ୍ଗୀତ ପରିବେଷଣକରି ଶୀତୁଆ ସନ୍ଧ୍ୟାକୁ ଉଷ୍ମ କରିଥିଲେ। ପରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ 'ଶୀତ ସଞ୍ଜରେ ମୋ ହୃଦୟ ଶାଖାରେ' ଓ ଦେବାଶିଷ ମହାପାତ୍ର 'ବଡ଼ ଅଜବ ଏ ଶୀତ' ଭଳି ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି କଣ୍ଠଶିଳ୍ପୀ ଚିତ୍ତରଞ୍ଜନ, ଶ୍ରୀନିବାସ, ନାରାୟଣ, ସନ୍ଦିପ, ତପସ୍ୱିନୀ, ମୋନାଲିସା ଓ ଜୟସ୍ମିତା ପ୍ରମୁଖ ଶୀତୁଆ ସନ୍ଧ୍ୟାରେ ସଙ୍ଗୀତ ପରିବେଷଣକରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ସିତାଂଶୁ ଶେଖର ରାଉତ ଶୀତ ଉପରେ ଆଧାରିତ ସମସ୍ତ ଗୀତର ସ୍ୱର ସଂଯୋଜନା କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ମିନତୀ ମଲ୍ଲ ଓ କୁମାର ଲିଟନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିରୋଧ ସତ୍ତ୍ୱେ ମାଟିରେ ମିଶିଲା ୪୪ ଦୋକାନ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଚନ୍ଦକା ଶିଳ୍ପାଞ୍ଚଳରେ ଥିବା ଇଡ୍‌କୋ ଜମିକୁ ଜବରଦଖଲ କରି ସେଥିରେ ଗଢ଼ି ଉଠିଥିବା ୪୪ଟି ଦୋକାନ ଓ ହୋଟେଲକୁ ସୋମବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଉଚ୍ଛେଦ କରାଯାଇଛି। ପୂର୍ବାହ୍ନରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଟିମ ଜବରଦଖଲ ଉଚ୍ଛେଦ ପାଇଁ ଚନ୍ଦକା ଶିଳ୍ପାଞ୍ଚଳରେ ପହଞ୍ଚିଥିଲା। ଉଚ୍ଛେଦକୁ ଦୋକାନୀମାନେ ପ୍ରବଳ ବିରୋଧ କରିଥିଲେ। ବ୍ୟବସାୟୀ ଓ ଏନ୍‌ଫୋର୍ସମେଣ୍ଟ ଟିମ ମଧ୍ୟରେ ଦୋକାନ ଭାଙ୍ଗିବାକୁ ନେଇ ଯୁକ୍ତିତର୍କ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିନା ପୋଲିସ ସହାୟତାରେ ଏନ୍‌ଫୋର୍ସମେଣ୍ଟ ଟିମ ଲୋକଙ୍କୁ ବୁଝାସୁଝା କରିଥିଲା। ପ୍ରବଳ ବିରୋଧ ଯୋଗୁ କିଛି ସମୟ ପାଇଁ ଉଚ୍ଛେଦରେ ବାଧା ସୃଷ୍ଟି ହୋଇଥିଲା। ପରିସ୍ଥିତି ଶାନ୍ତ ହେବା ପରେ ବିଡିଏ ପକ୍ଷରୁ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ୧୮ଟି ଷ୍ଟଲ, ୪ଟି କ୍ୟାବିନ, ୧୦ଟି ବାଉଁଶ ନିର୍ମିତ ଚାଳିଆ, ଗୋଟିଏ ଟିଣ ସେଡ୍, ୪ଟି ସାଇନ ବୋର୍ଡ, ୨୦ଟି ହୋଟେଲ, ଗୋଟିଏ ୱେଲ୍‌ଡିଙ୍ଗ ଦୋକାନ ଓ ୫୦ ଫୁଟ ଲମ୍ବର ସଂପ୍ରସାରଣ ଅଂଶ ଭଙ୍ଗାଯାଇଥିଲା।

## 'ପ୍ରବାହ'ର ୧୯ତମ ସ୍ୱନକ୍ଷତ୍ର ଉତ୍ସବ




ଭୁବନେଶ୍ୱର,୨।୨(ସୌମ୍ୟରଞ୍ଜନ ରାଉତ)

ଦୈନିକ ଖବର କାଗଜ 'ପ୍ରବାହ'ର ୧୯ତମ ନକ୍ଷତ୍ର ଉତ୍ସବ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ସାମ୍ବାଦିକଙ୍କ ଲକ୍ଷ୍ୟ, ଦାୟିତ୍ୱ ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବ୍ୟକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଭୁକଲ୍ୟାଣ ମହାପତ୍ର ସାମ୍ବାଦିକଙ୍କ ସମସ୍ୟା ଉପରେ ସୁବିସ୍ତୃତ ମତ ଉପସ୍ଥାପନ କରିଥିବା ବେଳେ ଅନ୍ୟତମ ବକ୍ତା ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଆଇନ ଅଧ୍ୟାପକ ତଥା ହାସ୍ୟକବି ଶିରିସ ରଞ୍ଜନ ସାହୁ ହାସ୍ୟ କବିତା ମାଧ୍ୟମରେ ସ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । କବି ଚନ୍ଦ୍ର ବିଜୟୀ ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ ପ୍ରବାହର ସମ୍ପାଦକ ଅଭିମନ୍ୟୁ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ ଓ ପରିଚାଳନା ସମ୍ପାଦକ ସିଦ୍ଧାର୍ଥ ସ୍ୱରୂପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ବିକାଶରେ ନୂତନ ପଥ ଉନ୍ମୁକ୍ତ କରିବ କେନ୍ଦ୍ରୀୟ ବଜେଟ'

**ମହାନଦୀ ଜଳବିବାଦ ପାଇଁ ବିଜେଡି ଦାୟୀ: ଉପମୁଖ୍ୟମନ୍ତ୍ରୀ ସିଂଦେଓ**

କଟକ,୨।୨(କୁମାରଶ୍ରୀ)




ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ

ଭାଜପାଶାସିତ କେନ୍ଦ୍ର ସରକାର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଦେଶର ପ୍ରଗତି ଘଟୁଛି। ଯେଉଁଭଳି ଭାବେ ଓଡ଼ିଶାର ବିକାଶ ପାଇଁ ଯୋଜନା କରାଯାଇଥିଲା, ତାହା କ୍ରମଶଃ କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଯେଉଁ ବଜେଟ ଉପସ୍ଥାପନ କରିଥିଲେ, ସେଥିରେ ଓଡ଼ିଶାର ବିକାଶ ଦିଗରେ ଅନେକ ନୂତନ ପଥ ଉନ୍ମୁକ୍ତ ହେବ। ସେହିପରି ଓଡ଼ିଶାରେ ହେବାକୁ ଥିବା ବିରଳ ମୃତ୍ତିକା କରିଡର ଦ୍ୱାରା ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ସୋମବାର ସର୍କିଟ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ସିଂଦେଓ ଆହୁରି କହିଛନ୍ତି, ପ୍ରସ୍ତାବିତ ବିଳ ମୃତ୍ତିକା କରିଡର ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଆଧୁନିକ ଜ୍ଞାନକୌଶଳ ଯଥା ସେମିକଣ୍ଡକ୍ଟର ଚିପ୍, ମୋବାଇଲ, କମ୍ପ୍ୟୁଟର ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣରେ ଏହି ବିରଳ ମୃତ୍ତିକାର ବହୁଳ ଆବଶ୍ୟକତା ରହିଛି। ଏହି କରିଡର ଦ୍ୱାରା ଉତ୍ପାଦିତ କଞ୍ଚାମାଲ ସିଧାସଳଖ ଶିଳ୍ପ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଇପାରିବ। ଓଡ଼ିଶାରେ ଜଳପଥର ରୂପାନ୍ତରଣ ପାଇଁ ବଜେଟରେ ୧୨,୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ମାଧ୍ୟମରେ ରାଜ୍ୟର ବିଭିନ୍ନ ନଦୀ ଓ ନାଳକୁ ବର୍ଷସାରା ପରିବହନ ଉପଯୋଗୀ କରାଯିବ। ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳ ଯଥା-ଅନୁଗୋଳ, ତାଳଚେର, କଳିଙ୍ଗନଗର, ପାରାଦୀପ ଏବଂ ଧାମରାକୁ ଜଳପଥ ମାଧ୍ୟମରେ ସଂଯୋଗ କରାଯିବ। ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଦିଗରେ ନୂତନ ବଜେଟରେ ସ୍ୱତନ୍ତ୍ର ପାଣ୍ଠି ରହିଛି। ଏହି ପରିପ୍ରେକ୍ଷୀରେ ମହାନଦୀ ଜଳବିବାଦକୁ ନେଇ ସେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ମହାନଦୀ ଜଳ ବିବାଦ ପାଇଁ ବିଜେଡି ସରକାର ହିଁ ଦାୟୀ। ନବୀନବାବୁ ଏହି ସଂକ୍ରାନ୍ତରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ସିଂହଦେଓ କହିଥିଲେ।

## 'ବର ବଧୂ'ର ଟ୍ରେଲର୍ ରିଲିଜ୍, ୧୩ରେ ମୁକ୍ତିଲାଭ



ଚଳଚ୍ଚିତ୍ର 'ବର ବଧୂ'ର ଟ୍ରେଲର ରିଲିଜ୍ ଅବସରରେ ଅଭିନେତା, ଅଭିନେତ୍ରୀ, ପ୍ରଯୋଜକଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ପାରିବାରିକ ଚଳଚ୍ଚିତ୍ର 'ବର ବଧୂ'ର ଟ୍ରେଲର୍ ସୋମବାର ଭୁବନେଶ୍ୱେରର ଏକ ମଲ୍‌ରେ ରିଲିଜ ହୋଇଯାଇଛି। ନିଛକ ଓଡ଼ିଆ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି 'ବର ବଧୂ'। ମଧ୍ୟବିତ୍ତ ପରିବାରରେ ସମ୍ପର୍କ ପ୍ରତି ମୁହୂର୍ତ୍ତରେ ଏକ ନୂଆ ପ୍ରତିବନ୍ଧକକୁ ସାମ୍ନା କରେ। 'ବର ବଧୂ' ହେଉଛି ଏହାର ପ୍ରକୃତ ନିଦର୍ଶନ। ଏହି ସିନେମା ମାଧ୍ୟମରେ ଦର୍ଶକ ନିଜ କାହାଣୀକୁ ଅନୁଭବ କରିପାରିବେ। ସିନେମାକୁ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ବିଶ୍ୱରଞ୍ଜନ। ସୁଭାଶିଷ ଶର୍ମା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ହର ରଥ ଓ ଭାସ୍ୱତୀ ବସୁଙ୍କ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି। ସହ-ପ୍ରଯୋଜକ ଭାବେ ବିଶ୍ୱରଞ୍ଜନ ଓ ସୁଶୀଲ କୁମାର ମିଶ୍ର ନିଜ ଦାୟିତ୍ୱ ସଫଳତାର ସହିତ ସମ୍ପାଦନ କରିଛନ୍ତି। ଆସନ୍ତା ୧୩ ରେ ଓଡ଼ିଶାର ସମସ୍ତ ସିନେମା ହଲ୍‌ରେ 'ବର ବଧୂ' ମୁକ୍ତିଲାଭ କରିବ ବୋଲି ସୂଚନା ଦିଆଯାଇଛି।

## କୃଷକ, କୃଷି ବିଶେଷଜ୍ଞଙ୍କ ମଧ୍ୟରେ ସମ୍ପର୍କ ରହିବା ଜରୁରୀ

**ଉଦ୍ୟାନ କୃଷିରେ ଭୂତାଣୁଜନିତ ରୋଗପୋକ ପରିଚାଳନା ପ୍ରଶିକ୍ଷଣ ଶିବିର**

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)



ଶିବିରରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସହ ଅନ୍ୟ ଅତିଥିମାନେ।

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟଠାରେ ଉଦ୍ୟାନ କୃଷିରେ ଭୂତାଣୁଜନିତ ରୋଗପୋକ ପରିଚାଳନା ପାଇଁ ୨ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କହିଲେ, ଉଦ୍ୟାନ ଫସଲରେ ରୋଗ ପୋକ ଉତ୍ପାଦନ ସହିତ ଗୁଣବତ୍ତାକୁ ପ୍ରଭାବିତ କରୁଛି। ତେଣୁ କୃଷି କାର୍ଯ୍ୟ ଓ କୃଷକ ସହ କୃଷି ବିଶେଷଜ୍ଞଙ୍କର ଆତ୍ମୀୟ ସମ୍ପର୍କ ରହିଲେ ହିଁ କୃଷିର ବିକାଶ ହୋଇପାରିବ। କୃଷକମାନଙ୍କୁ ଭୂତାଣୁଜନିତ ରୋଗର ଲକ୍ଷଣ, ପ୍ରକ୍ରିୟା, ଚିହ୍ନଟ ପଦ୍ଧତି ଓ ଠିକ ପରିଚାଳନା ଉପାୟ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି ବୋଲି ସେ କହିଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ର କହିଲେ, ଚାଷୀ ରୋଗ ପୋକ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବା ଜରୁରୀ। ରୋଗକୁ ତୁରନ୍ତ ଚିହ୍ନଟ କରି ଉପଯୁକ୍ତ ଉପଚାର କରିବା ନିହାତି ଆବଶ୍ୟକ। ସେହିପରି ଚାଷୀ ସମୟାନୁଯାୟୀ ରୋଗପୋକର ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର କହିଛନ୍ତି। ଭୂତାଣୁଜନିତ ରୋଗପୋକ ପରିଚାଳନା କଷ୍ଟସାଧ ହୋଇଥିବା ବେଳେ ସମନ୍ୱିତ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ବୋଲି ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା କହିଛନ୍ତି। ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ପୁରୀ, କଟକ, ନୟାଗଡ, ଯାଜପୁର ଏବଂ ଢେଙ୍କାନାଳର ଅଗ୍ରଣୀ ଚାଷୀ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମକୁ ଡ. ଅରବିନ୍ଦ ଧଳ ପରିଚାଳନା କରିଥିଲେ। ଡ. ଦୀପା ଖୁଲବେ ସ୍ୱାଗତ ଭାଷଣ ଓ ଡ. ନିରଞ୍ଜନ ଚିନାରା ଧନ୍ୟବାଦ ଦେଇଥିଲେ।

## ପୋଲିସ କମିଶନରଙ୍କ ସହ କଥାହେଲେ ଏନ୍ଆଇଏ ଅଧିକାରୀ

ଭୁବନେଶ୍ୱର,୨।୨(ତ୍ରିନାଥ ମହାନ୍ତି)

**ସୁନ୍ଦରପଦା ନ୍ୟୁ ଆଜାଦ ନଗର ବିସ୍ଫୋରଣ ମାମଲା**

- ମୁଫି ଗ୍ୟାଙ୍ଗ୍ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ
- ରାଷ୍ଟ୍ରପତି ଗସ୍ତ ସମୟରେ ବିଭିନ୍ନ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନ୍ୟୁ ଆଜାଦ ନଗର ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ସେହନ୍‌ବାଜ ମଲିକ ଓରଫ ମୁଫି ଗ୍ୟାଙ୍ଗ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)। ଏନ୍‌ଆଇଏ ଓଡ଼ିଶାର ଏସ୍‌ପି ରାଜକୁମାର ମାଗଲିଆ ଓ ଅନ୍ୟ ଦୁଇଜଣ ଅଧିକାରୀ ସୋମବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କୁ ଭେଟି ଏହି ମାମଲା ସହ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ସହରର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଆଲୋଚନା କରିଛନ୍ତି। ନ୍ୟୁ ଆଜାଦ କଲୋନୀ ବିସ୍ଫୋରଣ ମାମଲାରେ ସମ୍ପୃକ୍ତ ମୁଫି ଗ୍ୟାଙ୍ଗ୍‌ର ୧୧ଜଣଙ୍କ ନାମରେ ୧୫ରୁ ଅଧିକ ଅପରାଧିକ ମାମଲା ରହିଛି। ତେଣୁ ସେମାନଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏ କମିଶନରେଟ୍ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ମଧ୍ୟ ଆଲୋଚନା ସମୟରେ ବିସ୍ଫୋରଣରେ ମୁଫି ଗ୍ୟାଙ୍ଗ୍‌ର ସମ୍ପୃକ୍ତି ନେଇ ରହିଥିବା ପ୍ରମାଣର ଭିଡିଓ ଓ ତଦନ୍ତ ଦସ୍ତାବିଜ୍‌କୁ କମିଶନର ସିଂ ଏନ୍‌ଆଇଏ ଏସ୍‌ପିଙ୍କୁ ଦେଇଛନ୍ତି।

ଏପଟେ ମୁଫି ଗ୍ୟାଙ୍ଗ୍‌ରେ ସାମିଲ ଥିବା ଅପରାଧୀମାନେ ଖଣ୍ଡାରେ କେକ୍‌କୁ କାଟିବାର ଭିଡିଓ ମଧ୍ୟ ଭାଇରାଲ ହେଉଛି। ଏଥିରେ ଏକାଧିକ ହାର୍ଡକୋର୍ ଅପରାଧୀ ରହିଛନ୍ତି। ନୂଆପଲ୍ଲୀ ଥାନା ପୋଲିସ ସବୁ ଜାଣିଥିଲେ ମଧ୍ୟ ହାତବାନ୍ଧି ବସିପଡୁଛି। ମୁଫିଙ୍କ ଜୟଦେବ ବିହାର ନିକଟ ଖଟିରେ ହାର୍ଡକୋର୍ ଅପରାଧୀମାନେ ଏକାଠି ହେବା ସହ ବଡ଼ ଅପରାଧ ପାଇଁ ଯୋଜନା କରନ୍ତି। ବୋମା ବିସ୍ଫୋରଣର ଗୋଟିଏ ଦିନ ପୂର୍ବରୁ ମୁଫି ନୂଆପଲ୍ଲୀ ଥାନା ଅଞ୍ଚଳରେ ବୁଲିବା ସହ ବଡ଼ ଖଟି କରିଥିଲେ। ସେଠାରେ ବୋମା ମାଡ଼ କେଉଁଠି ହେବ ସେନେଇ ଆଲୋଚନା କରିଥିଲେ। ଯୋଜନା ଅନୁସାରେ ମୁଫି ଏବଂ ଅନ୍ୟମାନେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ୪ଜଣ ଆହତ ହୋଇଥିଲେ। ସେମାନେ ଏବେବି ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେଣୁ ସେମାନେ ସୁସ୍ଥ ହେବା ପରେ ଏନ୍‌ଆଇଏ ଅଧିକାରୀ ଓ ପୋଲିସ ପଚରାଉଚରା କରି ଅଧିକ ତଥ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଇତିମଧ୍ୟରେ ଏଆଇଏ ତଦନ୍ତରୁ ଜାଣିବାକୁ ପାଇଛି ଯେ, ମୁଫି ଜଟଣୀରେ ଜଣେ ବ୍ୟକ୍ତିଙ୍କ ଉପରକୁ ବୋମା ମାଡ଼ କରିବାକୁ ଯୋଜନା ରହିଥିଲେ। ହେଲେ ଏଥିପାଇଁ ଘରେ ବୋମା ତିଆରି ଚାଲିଥିବାବେଳେ ବିସ୍ଫୋରଣ ହେବାରୁ ଘଟଣା ପଦାକୁ ଆସିଥିଲା। ଏବେ ଏନ୍‌ଆଇଏ ତଦନ୍ତ କରୁଥିବାରୁ ପୋଲିସର ଅବହେଳା ମଧ୍ୟ ସାମ୍ନାକୁ ଆସିଛି। ଏନେଇ ଏନ୍‌ଆଇଏ ଏସ୍‌ପି ରାଜକୁମାର ପୋଲିସ କମିଶନର ସିଂଙ୍କୁ ଜଣାଇ ତୁରନ୍ତ ଏପରି ଅନେକ ଗ୍ୟାଙ୍ଗ୍ ଉପରେ ଦୃଢ଼ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ତଦନ୍ତ ରିପୋର୍ଟ ଦିଲ୍ଲୀ ଏନ୍‌ଆଇଏକୁ ପଠାଯାଇଥିବାରୁ ନିର୍ଦ୍ଦେଶ ଆସିଲେ ମୁଫି ଗ୍ୟାଙ୍ଗ୍ ଉପରେ ଏନ୍‌ଆଇଏ ଦୃଢ଼ ପଦକ୍ଷେପ ନେଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

**ଅଙ୍ଗଦରାଡିହ ଗ୍ରାମରେ ଓଡ଼ିଶୀ ସଂକୀର୍ତ୍ତନ**

ଚୌଦ୍ୱାର, (ଆଶୁତୋଷ ଦାସ): ଚୌଦ୍ୱାର ଥାନା ନଖରା ପଞ୍ଚାୟତର ଅଙ୍ଗଦରାଡିହ ଗ୍ରାମରେ ଓଡ଼ିଶୀ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ କନକେଶ୍ୱର ମନ୍ଦିରରେ ୨ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘଟ ସ୍ଥାପନ, ଗାଦି ପୂଜା, ଭାଗବତ ପଠନ, ଓଡ଼ିଶୀ ନାମ ସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରପଦା, ଗରୁଡ଼ଗାଁ, କାଟେଣୀ, କରଞ୍ଜି, ତୋଟାସାହି, ରାମଚନ୍ଦ୍ରପୁର, ପଧାନିଆ ସହିତ ଖୋର୍ଦ୍ଧା ଜିଲା ଭାଣପୁର ଆଦି ଅଞ୍ଚଳରୁ ମୋଟ ୯ଟି ସଂକୀର୍ତ୍ତନ ମଣ୍ଡଳୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶୀ କୀର୍ତ୍ତନ ପରିବେଷଣ କରିଥିଲେ। ଅଙ୍ଗଦରାଡିହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଏଣିକି ଡେରି ହେବନାହିଁ ଫାଇଲ ଆଦାନପ୍ରଦାନ

## ସରଳୀକରଣ ବ୍ୟବସ୍ଥା ଲାଗୁ କଲେ ଜିଲାପାଳ

କଟକ,୨।୨(କାର୍ତ୍ତିକ ସାହୁ)

ସରକାରୀ ତଥା ପ୍ରଶାସନିକ ସ୍ତରରେ କାର୍ଯ୍ୟଧାରାକୁ ଅଧିକ ସହଜ ଓ ସୁଗମ କରିବା ପାଇଁ କଟକ ଜିଲା ପ୍ରଶାସନ ପକ୍ଷରୁ ସରଳୀକରଣ ବ୍ୟବସ୍ଥା ଲାଗୁ କରାଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ନୂତନ ବ୍ୟବସ୍ଥା ମାଧ୍ୟମରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଏହା ସଂଲଗ୍ନ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ଫାଇଲ ଆଦାନ ପ୍ରଦାନ ପ୍ରକ୍ରିୟାକୁ ସରଳ ଓ ତ୍ୱରିତ କରାଯିବାକୁ ଏପରି ପଦକ୍ଷେପ ନେଇଛନ୍ତି। ଫାଇଲ ଓ କେସ୍ ରେକର୍ଡ ଚଳାଚଳ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜିଲାପାଳ ଜାରି କରିଛନ୍ତି।

ନୂତନ ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବ, ଅନୁମୋଦନ, ନିଷ୍ପତ୍ତି ଓ ବିଭିନ୍ନ ପ୍ରକାରର କେସ୍ ରେକର୍ଡ ଯାହା ପାଇଁ ଅନୁପାଳନ (କମ୍ପ୍ଲାୟାନ୍ସ), ସ୍ପଷ୍ଟୀକରଣ କିମ୍ବା ଅତିରିକ୍ତ ଦସ୍ତାବିଜ ଆବଶ୍ୟକ, ସେଗୁଡ଼ିକୁ ଆଉ ପୁନର୍ବାର ଅଧୀନସ୍ଥ କାର୍ଯ୍ୟାଳୟକୁ ଫେରାଇ ଦିଆଯିବ ନାହିଁ। ଏହା ପରିବର୍ତ୍ତେ ଔପଚାରିକ ଚିଠି କିମ୍ବା ଅଧିକୃତ ଇ-ମେଲ ମାଧ୍ୟମରେ ଏଗୁଡ଼ିକ ମଗାଯାଇପାରିବ। ଫାଇଲ ଓ କେସ୍ ରେକର୍ଡ ନିଷ୍ପାଦନ ସହିତ ସମ୍ପୃକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗ ସହ ଜିଲାର ସମସ୍ତ ସଂଲଗ୍ନ ଓ ଉପ-ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକୁ ଏହି ନୂତନ ପ୍ରଣାଳୀ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି କ୍ଷେତ୍ରରେ ଅତିରିକ୍ତ ସୂଚନା, ସ୍ପଷ୍ଟୀକରଣ କିମ୍ବା ଦଲିଲ ଆବଶ୍ୟକ ହେଲେ, ସେଥିପାଇଁ ସମ୍ପର୍କିତ ଅଧୀନସ୍ଥ କାର୍ଯ୍ୟାଳୟକୁ ଚିଠି କିମ୍ବା ଇ-ମେଲ ମାଧ୍ୟମରେ ସୂଚିତ କରାଯିବ। ଉକ୍ତ କାର୍ଯ୍ୟାଳୟଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ କମ୍ପ୍ଲାୟନ୍ସ କିମ୍ବା ଦସ୍ତାବିଜ ଦାଖଲ କରିବାକୁ ବାଧ୍ୟ ରହିବେ। ଫଳରେ ଅନାବଶ୍ୟକ ଫାଇଲ ଚଳାଚଳ, କାର୍ଯ୍ୟ ସମୟ ହ୍ରାସ ପାଇବ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ତ୍ୱରିତ ହେବ ବୋଲି ଜିଲାପାଳ ଶିନ୍ଦେ କହିଛନ୍ତି। ଏହା ନିୟମାନୁକୂଳ ପ୍ରଣାଳୀକୁ ସରଳ କରିବା ସହିତ ଜିଲାରେ ନିବେଶ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ। ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଏହି ଆଦେଶ ତୁରନ୍ତ ପ୍ରଭାବୀ ହେବ ଏବଂ ସମସ୍ତ ସମ୍ପୃକ୍ତ କାର୍ଯ୍ୟାଳୟ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ନିର୍ଦ୍ଦେଶ ଅମାନ୍ୟ ହେଲେ ତାହାକୁ ଗୁରୁତ୍ୱ ସହ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ପଦକ୍ଷେପ ଦ୍ୱାରା ଡିଜିଟାଲ ଓ କାଗଜବିହୀନ ଶାସନ ପ୍ରଣାଳୀକୁ ଉତ୍ସାହିତ କରାଯିବା ସହିତ ସରକାରଙ୍କ ପ୍ରଶାସନିକ ସୁଧାର ଓ ଆର୍ଥିକ ବିକାଶ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ବଣଭୋଜି

କଟକ,୨।୨(କାର୍ତ୍ତିକ ସାହୁ)

କଟକ ଜିଲା ସମ୍ବାଦପତ୍ର ଓ ପତ୍ରିକା ବିକ୍ରେତା ସଂଘର ବାର୍ଷିକ ବଣଭୋଜି ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସତ୍ୟ ମହାନ୍ତିଙ୍କ ନେତୃତ୍ୱରେ ସଦସ୍ୟମାନେ ସପରିବାର ସାମିଲ ହୋଇଥିଲେ। ସେମାନେ ଦୁଇଟି ବସ୍‌ରେ ଯାଇ ଫତେଗଡ଼ସ୍ଥିତ ରାମମନ୍ଦିର ଓ ନୟାଗଡ଼ସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପରିଦର୍ଶନ କରିଥିଲେ। କର୍ମକର୍ତ୍ତା ରଞ୍ଜନ ବିଶୋଇ, ଅଶୋକ ପଣ୍ଡା, ମଙ୍ଗୁ ରାଉତ, ତ୍ରିଲୋଚନ ସେଠୀ, ଘନଶ୍ୟାମ ସାହୁ, ସନାତନ ବେହେରା ଏବଂ କୁନା ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ଚୌଦ୍ୱାର କଲେଜ ମହିଳା ହଷ୍ଟେଲରୁ ଚୋରି

ଚୌଦ୍ୱାର,୨।୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ପରିସରରୁ ଲଗାତର ଚୋରି ହେଉଥିବା ଏବଂ ମହିଳା ହଷ୍ଟେଲ ଓ ବଟାନି ଲାବ୍‌ରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କଲେଜ ପ୍ରଶାସନର ସୂଚନା ଅନୁଯାୟୀ, ସାମଗ୍ରିକ ନିରୀକ୍ଷଣ ପାଇଁ ଗଠିତ କଲେଜର ଏକ ଟିମ୍ ମହିଳା ହଷ୍ଟେଲ ନିରୀକ୍ଷଣ କରିବା ସମୟରେ ବହୁ ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଅସାମାଜିକ ବ୍ୟକ୍ତିମାନେ ହଷ୍ଟେଲରେ ପଶି ବିଦ୍ୟୁତ୍ ତାର, ସିଲିଂ ଫ୍ୟାନ୍, ୱାଶ୍‌ବେସିନ୍, ଲୁହାଗ୍ରୀଲ ଆଦି ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରେଇ ନେଇଛନ୍ତି। ଏନେଇ ଚୌଦ୍ୱାର ଥାନାରେ ଏତଲା ଦିଆଯାଇଛି। କଲେଜ ଆଖପାଖରେ ଆଡ୍ଡା ଜମାଉଥିବା ଅସାମାଜିକ ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ନିକଟରେ ଦାବି କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ମହିଳା ହଷ୍ଟେଲ, ଲାଇବ୍ରେରୀ ଆଦିରୁ ଚୋରି ହୋଇଥିବା ନେଇ କଲେଜ ତରଫରୁ ଥାନାରେ ଅଭିଯୋଗ କରାଯାଇଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ।

### ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରାହ୍ମଣଝରିଲୋ, ୨।୨ (ହେମନ୍ତ କୁମାର ମଲ୍ଲିକ)

୪୨ ମୌଜାସ୍ଥିତ ସୁଦର୍ଶନ ମହାବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭା +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଶିବଶଙ୍କର ସେଠୀଙ୍କ ସଭାପତିତ୍ୱ ଓ ଅଧ୍ୟାପକ ତନ୍ମୟ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁଶାନ୍ତ କୁମାର କର ଓ ରସାୟନ ବିଜ୍ଞାନ ଅଧ୍ୟାପକ ଡ. ରାଜେନ୍ଦ୍ର କୁମାର ପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ କିଶୋର ନଗର ମହାବିଦ୍ୟାଳୟର ୨ ପୂର୍ବତନ ଅଧ୍ୟକ୍ଷ ଡ. ରତ୍ନାକର ରାୟ ଓ ଅଭୟ କୁମାର ସ୍ୱାଇଁ ଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ବିକ୍ରମ କେଶରୀ ମହାନ୍ତି, ଦୀପକ ଖଟୁଆ, ଅସିତ୍ ଦାସ, ଅଧ୍ୟାପିକା ଡ. ମୌସୁମୀ ରାଉତ ରାୟ, ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇ ଉଭୟ ଗୁରୁଙ୍କ ମହାବିଦ୍ୟାଳୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୂର୍ଯ୍ୟକାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## କନ୍ଦରପୁର ମହାବିଦ୍ୟାଳୟରେ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

କଟକ ସଦର,୨।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟରେ ସୋମବାର ବିଷୟଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାଣିବିଜ୍ଞାନ ବିଭାଗ ଅଧ୍ୟାପିକା ଓ ଅଧ୍ୟାପକ ଯୋଗଦେଇ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶରତ କୁମାର ପାଲିତ, ସମ୍ମାନିତ ଅତିଥି ଭାବେ ଡ.ଉମେଶ ଚନ୍ଦ୍ର ପତି, ସ୍ୱତନ୍ତ୍ର ଅତିଥି ଭାବେ ମେଜର ମଞ୍ଜୁଶ୍ରୀ ପତି ଯୋଗଦେଇ ଜୈବବିବିଧତାର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ, ପୋଷଣୀୟ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି କନ୍ଦରପୁର ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଧାପକ ଶ୍ୟାମ ଗୋବିନ୍ଦ ଜେନା, ଡ. ନମିତା ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। କନ୍ଦରପୁର କଲେଜର ଅଧ୍ୟାପିକା ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ।



ଜେ.ଏନ୍. ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୯ତମ ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ସାଧୁସନ୍ଥ। (ଫଟୋ– ରାଜକିଶୋର ମହାନ୍ତି)

## ଓଡ଼ିଶା ପାଇଁ ବଜେଟ ନିରାଶାଜନକ: ସୁବାସ ସିଂ

କଟକ,୨।୨(ଶିଲ୍ପା ପ୍ରିୟଦର୍ଶିନୀ)

କେନ୍ଦ୍ର ବଜେଟ ଓଡ଼ିଶା ପାଇଁ ନିରାଶାଜନକ। ଏପରି କି ଡବଲ ଇଞ୍ଜିନ ସରକାରଙ୍କ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି ବୋଲି ମେୟର ସୁବାସ ସିଂ କହିଛନ୍ତି। ସେ ଆହୁରି କହିଛନ୍ତି, ନିଯୁକ୍ତି ସମ୍ଭାବନା, ଭିତ୍ତିଭୂମି, କୃଷି, ରେଲୱେ ଓ ଶିଳ୍ପର ବିକାଶ ପ୍ରଭୃତି ସମସ୍ତ କ୍ଷେତ୍ରରେ ଓଡ଼ିଶାକୁ ଉପେକ୍ଷା କରାଯାଇଛି। ଭାଜପାର ୨୦ ସାଂସଦଙ୍କ ମଧ୍ୟରୁ କେହି ଏ ସମ୍ପର୍କରେ ମୁହଁ ନ ଖୋଲିବା ପରିତାପର ବିଷୟ। ଓଡ଼ିଶାରେ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା ନେଇ ଆଉ ଏକ ପ୍ରତାରଣା କଥା କୁହାଯାଇଛି। ଯଦି ବିହାର, ମହାରାଷ୍ଟ୍ର, ଆନ୍ଧ୍ର ଓ ଗୁଜରାଟକୁ କେନ୍ଦ୍ର ସରକାର ଦେଖିପାରିଲେ, ତେବେ ଓଡ଼ିଶା ପ୍ରତି ପ୍ରତାରଣା କାହିଁକି। ଏପରି କି ଓଡ଼ିଶା ପାଇଁ ରେଳ ବିଭାଗର ସ୍ୱତନ୍ତ୍ର ଯୋଜନା ନାହିଁ। ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜସ୍ୱ ପାଣ୍ଠିରୁ ମେଟ୍ରୋ ପ୍ରକଳ୍ପ ଆରମ୍ଭ କରିଥିଲେ, ହେଲେ ତାହାକୁ ବର୍ତ୍ତମାନର ରାଜ୍ୟ ସରକାର ବନ୍ଦ କରିଦେଲେ। ଏପରି କି ନୂଆ ରୂପରେ ମେଟ୍ରୋ ପ୍ରକଳ୍ପ ହେବ ବୋଲି କହିଥିଲେ। ଦେଶର ୨୫ଟି ରାଜ୍ୟରେ ମେଟ୍ରୋ ପ୍ରକଳ୍ପ ଚାଲିଛି, ଓଡ଼ିଶା କାହିଁକି ବାଦ୍ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। କଟକ ରେଳଷ୍ଟେଶନ ନବୀକରଣ କାମ ଦୀର୍ଘବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ନରାଜରେ ଦ୍ୱିତୀୟ ରେଳଷ୍ଟେଶନ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲେ ମଧ୍ୟ ତାହାକୁ ଗ୍ରହଣ କରାଯାଇନାହିଁ। ସେହିପରି ଶ୍ରମିକଙ୍କ ସାମାଜିକ ସୁରକ୍ଷା, ମଜୁରି ବୃଦ୍ଧି ଓ ସାମାଜିକ କଲ୍ୟାଣ ପାଇଁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ ବୋଲି ସିଂ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଆନ୍ଦୋଳନକୁ ବିଧାୟିକା, ଅବସରପ୍ରାପ୍ତ ଶିକ୍ଷକଙ୍କ ସମର୍ଥନ

### ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

କଟକ,୨।୨(ଶିଲ୍ପା ପ୍ରିୟଦର୍ଶିନୀ)

ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀମାନେ ଗତ ୧୧ଦିନ ହେବ କ୍ୟାମ୍ପସରେ ଧାରଣା ଜାରି ରଖିଛନ୍ତି। ଛାତ୍ରୀମାନେ ସୋମବାର ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଭେଟି ଏ ନେଇ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପରେ ସୋଫିଆ କଲେଜରେ ପହଞ୍ଚି ଧାରଣାରେ ସାମିଲ ହୋଇ ନିଜ ସମର୍ଥନ ଜଣାଇବା ସହ କ୍ୟାମ୍ପସ୍‌ର ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ତେବେ ଆନ୍ଦୋଳନରତ ଛାତ୍ରୀଙ୍କୁ ଆନ୍ଦୋଳନରୁ ଦୂରେଇବା ପାଇଁ କେତେଜଣ ଅଧ୍ୟାପିକା ଅଧ୍ୟାପକ ଚାପ ପ୍ରୟୋଗ କରୁଥିବାର ଅଭିଯୋଗ ସାମ୍ନାକୁ ଆସିଥିବାବେଳେ ସୋଫିଆ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଛାତ୍ରୀମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ କଲେଜ ଆଲୁମ୍ନି ଓ ତାଙ୍କୁ ସିଧାସଳଖ ଜଣାଇବାକୁ ସେ ପରାମର୍ଶ ଦେଇଛନ୍ତି। ସୋଫିଆ କହିଛନ୍ତି, ଉତ୍କଳ ଗୌରବ ମଧୁସୂଦନ ଦାସ ଓଡ଼ିଆ ଅସ୍ମିତାର ପ୍ରତୀକ। ମଧୁବାବୁଙ୍କୁ ସମ୍ମାନ ଜଣାଇ ସରକାର ୧୧୩ ବର୍ଷ ପୁରୁଣା ତଥା ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ନିତାନ୍ତ ଆବଶ୍ୟକ। ସରକାର ଛାତ୍ରୀଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଭୟଙ୍କର ହେବାକୁ ଦିଅନ୍ତୁ ନାହିଁ। ଏହି ଆନ୍ଦୋଳନକୁ ସରକାର ସମ୍ମାନ ଜଣାନ୍ତୁ। ଆଗାମୀ ବିଧାନସଭା ଅଧିବେଶନରେ ଉକ୍ତ ପ୍ରସଙ୍ଗ ଗୃହରେ ଉଠାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଆନ୍ଦୋଳନରେ ଶୈଳବାଳା ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ସମ୍ପାଦିକା ପୁଷ୍ପା ସାମଲ, ରମାଦେବୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ତପତୀ ଦାସ, ସ୍ନିଗ୍ଧା ରାୟଙ୍କ ସମେତ ବହୁ ପୁରାତନ ଓ ନୂତନ ଛାତ୍ରୀ ସାମିଲ ହୋଇଥିଲେ।




ଶୈଳବାଳା ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି।

## ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏଶନ ବୈଠକ

କଟକ,୨।୨(କାର୍ତ୍ତିକ ସାହୁ)

ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏଶନର ରାଜ୍ୟସ୍ତରୀୟ ବୈଠକ ଚହଟାସ୍ଥିତ ରଶ୍ମି ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍‌ର ସଭାପତି ପ୍ରଫୁଲ୍ଲ ମିତ୍ରଙ୍କ ଅଧ୍ୟକ୍ଷତାରେ ଅୟୋଜିତ ସଭାରେ ଭାରତୀୟ ସଙ୍ଗୀତ, ଓଡ଼ିଶାର ବିଭିନ୍ନ ଶୈଳୀର ସଙ୍ଗୀତ ତଥା ଲୋପ ପାଇଆସୁଥିବା ସଙ୍ଗୀତର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସଙ୍ଗୀତ ସଂଯୋଜକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବେ ବୋଲି ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ମ୍ୟୁଜିକ କମ୍ପୋଜର୍ସ ଆସୋସିଏଶନ ନିବେଦନ କରିଛନ୍ତି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ଓମ୍‌ପ୍ରକାଶ ମହାନ୍ତି, ମନ୍ମଥ ମିଶ୍ର, ସୁବାସ ଦାସ, ଚୌଧୁରୀ ଭାରତୀକୃଷ୍ଣ ଦାସ, ଜଗନ୍ନାଥ କୁଅଁର, ବିଶ୍ୱନାଥ ମିଶ୍ର, ଗୁରୁ ପ୍ରସାଦ ଦାସ, ସୁଶାନ୍ତ ନାଥ, ପ୍ରଫୁଲ୍ଲ ବେହେରା, ଗଙ୍ଗାଧର ଦାସ, ବିଜୟ ସାମନ୍ତରାୟ, ଶଙ୍କର ପ୍ରଧାନ, ସନ୍ୟାସୀ ପରିଚ୍ଛା, ଧୀରେନ ପଟ୍ଟନାୟକ, ପରମାନନ୍ଦ ସାହୁ, ରଞ୍ଜନ ମିଶ୍ର, ମନୋରଞ୍ଜନ ପାଢ଼ୀ ଆଦି ସଙ୍ଗୀତ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବେ ଦୁଇ ବରିଷ୍ଠ ପୋଲିସ ଅଧିକାରୀ ଅମିତାଭ ମହାପାତ୍ର ଓ କୃଷ୍ଣଚନ୍ଦ୍ର ସେଠୀ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ସିତାର ବାଦକ ତଥା ସଙ୍ଗୀତ ସଂଯୋଜକ ରବି ଶଙ୍କର ପ୍ରଧାନ, ଅଖିଳ ଲେଙ୍କା, ଭାନୁମତୀ ସାହୁ, ନୀହାର ରଞ୍ଜନ ମହାନ୍ତି ଏବଂ ରାଧାକାନ୍ତ ନନ୍ଦଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ସନାତନ ନାଥଙ୍କ ଗୁଣାବଳୀ ସମ୍ପର୍କରେ ସ୍ମୃତିଚାରଣ

ବ୍ରାହ୍ମଣଝରିଲୋ,୨।୨(ହେମନ୍ତ କୁମାର ମଲ୍ଲିକ)

ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଞ୍ଚାୟତ ଜୟରଶାସନ ପଞ୍ଚବଟୀ ବଜାରସ୍ଥିତ ସନାତନ ନାଥଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସାଂସ୍କୃତିକ ସଂଗଠନ ସହଯୋଗ – ଓଡ଼ିଶା ସଭାପତି ଗଣେଶ ପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ତଥା ବରିଷ୍ଠ ଖବରଦାତା ଲଳିତ କୁମାର ଦାଶ ସହଯୋଗ ସଂଗଠନ ଉପରେ ବକ୍ତବ୍ୟ ରଖିଥିଲେ। ସଂଗଠନର ବରିଷ୍ଠ ଉପସଭାପତି ସୁରେନ୍ଦ୍ର ଛୋଟରାୟ, କେଦାର ନାଥ ଜେନା, ଅଶୋକ କୁମାର ରଥ , ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ, ଅଜୟ କୁମାର ବେଉରା, ଦୀପକରଞ୍ଜନ ନାଥ, ଭାବଗ୍ରାହୀ ନାଥ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତଃ ନାଥ ଜଣେ ପରୋପକାରୀ, ଦୟାବାନ୍, ବ୍ୟକ୍ତି ଥିଲେ ଏବଂ ସଦାସର୍ବଦା ଅସହାୟ ପରିବାରଙ୍କୁ ସହଯୋଗ କରୁଥିଲେ। ଏହି ସଭାରେ ସ୍ୱର୍ଗତ ନାଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦଗତି କାମନା ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



ସନାତନ ନାଥଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭା।

## ଗାଦିବ୍ରହ୍ମ ଗୋସ୍ୱାମୀ ସୌରୀ ଦାସ ମଠ ବାର୍ଷିକୀ ଉତ୍ସବ

ଫୁଲନଖରା,୨।୨(ସତ୍ୟରଞ୍ଜନ ଦାସ ମହାପାତ୍ର)

କଟକ ସଦର ଆମଣ ପଞ୍ଚାୟତ ଅନ୍ତର୍ଗତ ବାଗଧରାପୁର ଗ୍ରାମସ୍ଥିତ ସନ୍ଥ ସୌରୀ ଦାସ ମଠରେ ୨ ଦିନ ଧରି ଚାଲିଥିବା ଗାଦି ଗୋସ୍ୱାମୀଙ୍କ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ବୟାଳିଶ ମୌଜା ମଙ୍ଗଳା ଭଜନ ସନ୍ଧ୍ୟା ଟିମ୍, ଦ୍ୱିତୀୟ ଦିନ ଅଡ଼ଶପୁର ମଣିକୁନ୍ଦ ଗ୍ରାମର ବାବୁ ରଞ୍ଜନ ଦାସ ଓ ତାଙ୍କ ଟିମ ଏବଂ ପୂରଣ ଗ୍ରାମର ରଘୁନାଥ ଦାସ ଓ ତାଙ୍କ ଟିମ୍ ବ୍ରହ୍ମ ଅଣାକ୍ଷର ଭଜନ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଟକ ଏମ୍‌ପି ପ୍ରତିନିଧି ପ୍ରତାପ ଚନ୍ଦ୍ର ରାଉତରାୟ, ଆମଣ ସରପଞ୍ଚ ମାନସୀ ପୃଷ୍ଟି, ପୂର୍ବତନ ସରପଞ୍ଚ ଶିବ ନାରାୟଣ ପୃଷ୍ଟି ଓ ସଞ୍ଜୟ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗୋସ୍ୱାମୀ ସୌରୀ ଦାସ, ମଠାଶ୍ରିତ ଖଗେଶ୍ୱର ଦାସ, ସଭାପତି ସାଧୁ ଚରଣ ଦାସ, ସମ୍ପାଦକ ଲକ୍ଷ୍ମୀଧର ଦାସ ଓ କୋଷାଧ୍ୟକ୍ଷ ନୀଳମଣି ମଲ୍ଲିକ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ମଲ୍ଲିକ, ଶୁକଦେବ ମଲ୍ଲିକ, କୈଳାସ ଚନ୍ଦ୍ର ମଲ୍ଲିକ, ଦାମୋଦର ମଲ୍ଲିକ, ନୀଳକଣ୍ଠ ଦାସ, ରବୀନ୍ଦ୍ର ମଲ୍ଲିକ, ମହେଶ୍ୱର ଦାସ ସହଯୋଗ କରିଥିଲେ।

## ରୁଚି ମସଲା ପ୍ରତିଷ୍ଠାତା ଶରତ କୁମାର ସାହୁଙ୍କ ସ୍ମୃତିରେ ଅଗ୍ନି ଉତ୍ସବ

### ରମାକାନ୍ତଙ୍କୁ ସାଧବଶ୍ରୀ, ଭାଗ୍ୟବତୀଙ୍କୁ ସାଧବରତ୍ନ, ଗୌରବଙ୍କୁ ସାଧବ ସାରସ୍ୱତ, ଦିଲୀପଙ୍କୁ ସାଧବସେବା ସମ୍ମାନ

କଟକ,୨।୨(କାର୍ତ୍ତିକ ସାହୁ)

ରୁଚି ମସଲାର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳିତ ବର୍ଷର ଅଗ୍ନି ମହୋତ୍ସବ ଚଣ୍ଡୀଛକସ୍ଥିତ ଲାଲା ମଠଠାରେ ପାଳିତ ହୋଇଯାଇଛି। କଟକ ସହର ତୈଳିକ (ତେଲି) ବୈଶ୍ୟ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭଜନ ଆଧାରିତ ନୃତ୍ୟ ଓ ଭଜନ କଣ୍ଠ ସଙ୍ଗୀତ ମାଧ୍ୟମରେ ସ୍ୱର୍ଗତ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅତିଥି ଭାବେ ନୟନ କିଶୋର ମହାନ୍ତି, ସ୍ମୃତି ପଟ୍ଟନାୟକ, ଲାଲବାଗ ଥାନା ଅଧିକାରୀ ସୁଶାନ୍ତ ଭୂତିଆ, ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀ ବୀରେନ୍ଦ୍ର ସାହୁ, ଶେଖବଜାର ସଭାପତି ଦିଲୀପ ବେହେରା, ସମ୍ପାଦକ କିଶୋର ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ୱଜାତୀୟ ପ୍ରତିଭାବାନ ବ୍ୟବସାୟୀ ଭାବେ ରମାକାନ୍ତ ସାହୁଙ୍କୁ ସାଧବଶ୍ରୀ, ଭାଗ୍ୟବତୀ ସାହୁଙ୍କୁ ସାଧବରତ୍ନ, ଗୌରବ ସାହୁଙ୍କୁ ସାଧବ ସାରସ୍ୱତ ଓ ଦିଲୀପ ସାହୁଙ୍କୁ ସାଧବସେବା ଉପାଧି ପ୍ରଦାନ କରାଯାଇଥିଲା। କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ ଓ କଲେଜ ଛକର ବରିଷ୍ଠ ମୁରବୀ ସଞ୍ଜୟ ସାହୁଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା। ବିଶ୍ୱମ୍ଭର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

## 'ବିକାଶରେ ନୂତନ ପଥ ଉନ୍ମୁକ୍ତ କରିବ କେନ୍ଦ୍ରୀୟ ବଜେଟ'

### ମହାନଦୀ ଜଳବିବାଦ ପାଇଁ ବିଜେଡି ଦାୟୀ: ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ

କଟକ,୨।୨(କୁମାରଶ୍ରୀ)

ଭାଜପାଶାସିତ କେନ୍ଦ୍ର ସରକାର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି। ଦେଶର ପ୍ରଗତି ଘଟୁଛି। ଯେଉଁଭଳି ଭାବେ ଓଡ଼ିଶାର ବିକାଶ ପାଇଁ ଯୋଜନା କରାଯାଇଥିଲା, ତାହା କ୍ରମଶଃ କାର୍ଯ୍ୟକାରୀ କରାଯାଉଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଯେଉଁ ବଜେଟ ଉପସ୍ଥାପନ କରିଥିଲେ, ସେଥିରେ ଓଡ଼ିଶାର ବିକାଶ ଦିଗରେ ଅନେକ ନୂତନ ପଥ ଉନ୍ମୁକ୍ତ ହେବ। ସେହିପରି ଓଡ଼ିଶାରେ ହେବାକୁ ଥିବା ବିରଳ ମୃତ୍ତିକା କରିଡର ଦ୍ୱାରା ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ସୋମବାର ସର୍କିଟ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ସିଂଦେଓ ଆହୁରି କହିଛନ୍ତି, ଓଡ଼ିଶା ସମେତ ୪ଟି ରାଜ୍ୟରେ ବିରଳ ମୃତ୍ତିକା କରିଡର କରାଯିବ। ଏହି ପ୍ରସ୍ତାବିତ କରିଡର ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ଓଡ଼ିଶାରେ ଉପଲବ୍ଧ ବିରଳ ମୃତ୍ତିକା ପରମାଣୁ ଶକ୍ତି ଉତ୍ପାଦନରେ ବିନିଯୋଗ କରାଯିବ। ଆଧୁନିକ ଜ୍ଞାନକୌଶଳ ଯଥା ସେମିକଣ୍ଡକ୍ଟର ଚିପ୍, ମୋବାଇଲ, କମ୍ପ୍ୟୁଟର ଏବଂ ପ୍ରତିରକ୍ଷା ଉପକରଣ ନିର୍ମାଣରେ ଏହି ବିରଳ ମୃତ୍ତିକାର ବହୁଳ ଆବଶ୍ୟକତା ରହିଛି। ଏହି କରିଡର ଦ୍ୱାରା ଉତ୍ପାଦିତ କଞ୍ଚାମାଲ ସିଧାସଳଖ ଶିଳ୍ପ କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଇପାରିବ ବୋଲି ସେ କହିଥିଲେ। ରାଜ୍ୟର ଜଳପଥ ପରିବହନ କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଆସିବାକୁ ଯାଉଛି। ଓଡ଼ିଶାରେ ଜଳପଥର ରୂପାନ୍ତରଣ ପାଇଁ ବଜେଟରେ ୧୨,୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ମାଧ୍ୟମରେ ରାଜ୍ୟର ବିଭିନ୍ନ ନଦୀ ଓ ନାଳକୁ ବର୍ଷସାରା ପରିବହନ ଉପଯୋଗୀ କରାଯିବ।




ଏହି ଯୋଜନାରେ ଜଳପଥଗୁଡ଼ିକର ପୁନରୁଦ୍ଧାର ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳ ଯଥା-ଅନୁଗୋଳ, ତାଳଚେର, କଳିଙ୍ଗନଗର, ପାରାଦୀପ ଏବଂ ଧାମରାକୁ ଜଳପଥ ମାଧ୍ୟମରେ ସଂଯୋଗ କରାଯିବ। ଓଡ଼ିଶାର ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଏକ ନୂଆ ଯୁଗର ଆରମ୍ଭ କରିବା ସହ ରାଜ୍ୟ ଅର୍ଥନୀତିକୁ ନୂତନ ଶିଖରକୁ ନିଆଯାଇପାରିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଦିଗରେ ନୂତନ ବଜେଟରେ ସ୍ୱତନ୍ତ୍ର ପାଣ୍ଠି ରହିଛି। କର୍ଣ୍ଣାଟକ, କେରଳ ସମେତ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି ବୋଲି ସେ କହିଥିଲେ। ପ୍ରତିରକ୍ଷା, ଗ୍ରାମୀଣ ବିକାଶ, କୃଷି ବାବଦରେ, ଉପସ୍ଥାପିତ ବଜେଟ ବାବଦରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାନଦୀ ଜଳବିବାଦକୁ ନେଇ ସେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ମହାନଦୀ ଜଳ ବିବାଦ ପାଇଁ ବିଜେଡି ସରକାର ହିଁ ଦାୟୀ। ଏବେ ସିନା ବିଜେଡି ବିରୋଧୀ ଦଳ। ମାତ୍ର ୨୪ବର୍ଷ ସରକାର ଥିବା ସମୟରେ ନବୀନ ୧୮ ବର୍ଷ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିଲେ। ହେଲେ ନିଷ୍କର୍ଷ ହେଉଛି କେବଳ ବିବାଦ। ନବୀନ ପଟ୍ଟନାୟକ ଏହି ସଂକ୍ରାନ୍ତରେ ପ୍ରଥମ ସ୍ପଷ୍ଟୀକରଣ ରଖନ୍ତୁ। ରାଜ୍ୟରେ ଜଳ ସମ୍ପଦର ବିକାଶ ନେଇ କେନ୍ଦ୍ର ସରକାର ବଜେଟରେ ନେଇଥିବା ଉଲ୍ଲେଖନୀୟ ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ସିଂହଦେଓ କହିଥିଲେ।

# ପାରିବାରିକ, ଖଣି କାରବାର ଶତ୍ରୁତାରୁ ହୋଇଥିଲା ହତ୍ୟା

**ବାସୁଦେବ ପରିଡ଼ାଙ୍କୁ ଗୁଳି କରି ହତ୍ୟା ଘଟଣା**

**■ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ**


ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଜାମୁସାହି-ଦଲକ ରାସ୍ତାରେ ଗତ ଜାନୁଆରୀ ୧୯ରେ ବାସୁଦେବ ପରିଡ଼ା ଓରଫ୍ ଟୁଟୁଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଅଜୟ ଭୁଜବଳ(୩୪), ପଞ୍ଚୁ ପ୍ରଧାନ(୩୪), କାର୍ତ୍ତିକ ଭୁଜବଳ(୩୬) ଏବଂ ମାନସ ସୁବୁଦ୍ଧି ଓରଫ୍ ମାଣିଆ(୩୩)। ଏମାନଙ୍କଠାରୁ ଗୋଟିଏ ବୁଲେଟ୍(ଓଡି୩୩ ଏକ୍ସ୍ୟ ୯୯୮୬), ସ୍କୁଟି(ଓଡି୦୨ ସିବି ୨୪୭୦) ଏବଂ ୨ଟି ଖୋକା ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଘର ଗୟାବନ୍ଧ ହୋଇଥିବା ବେଳେ ସେମାନଙ୍କୁ ଉକ୍ତ ଅଞ୍ଚଳ ଜଙ୍ଗଲରୁ ଗିରଫ କରାଯାଇଛି। ପାରିବାରିକ ଏବଂ ବ୍ୟବସାୟିକ(ଖଣି କାରବାର) ଶତ୍ରୁତାରୁ ବାସୁଦେବଙ୍କୁ ହତ୍ୟା କରାଯାଇଛି। ତେବେ ଗୁଳିମାଡ଼ରେ ବ୍ୟବହୃତ ବନ୍ଧୁକ ଜବତ ହୋଇପାରିନାହିଁ। ଏହି ମାମଲାର ତଦନ୍ତ ଜାରି ରହିଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ। ଜବତ ବୁଲେଟ୍ ଅଭିଯୁକ୍ତ କାର୍ତ୍ତିକଙ୍କର ଏବଂ ସ୍କୁଟି ମୃତକଙ୍କର ବୋଲି ସୋମବାର ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ଏସ୍‌ପି ଶର୍ମା କହିଥିଲେ, ମୃତ ବାସୁଦେବଙ୍କ ନାଁରେ ୯ଟି ମାମଲା ରହିଥିବା ବେଳେ ଗିରଫ ଅଭିଯୁକ୍ତମାନଙ୍କ ନାମରେ ମଧ୍ୟ ଏକାଧିକ ଆପରାଧିକ ମାମଲା ରହିଛି। ପରିଛଳ(ଜାମୁସାହି) ଗ୍ରାମରେ ଲିଗାଲ ଖଣି ରହିଛି। ଏଥିରେ ଗିରଫ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀଙ୍କୁ ବାସୁଦେବ ବାଧା ଦେଉଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ରହିଥିବା ବେଳେ ଗ୍ରାମର ବରାଳ ଏବଂ ପରିଡ଼ା ପରିବାର ମଧ୍ୟରେ ଦୀର୍ଘ ୧୦ ବର୍ଷ ଧରି ପାରିବାରିକ ଶତ୍ରୁତା ରହିଥିଲା। ଏପରିକି ନିକଟରେ ବରାଳ ପରିବାରର ଜଣେ ବରିଷ୍ଠ ନାଗରିକଙ୍କୁ ପରିଡ଼ା ପରିବାରର ଜଣେ ବ୍ୟକ୍ତି ମାରଧର କରିଥିବା ବେଳେ ୨ ଗିରଫ ଅଭିଯୁକ୍ତଙ୍କୁ ବାସୁଦେବ ଆକ୍ରମଣ କରିଥିଲେ। ଉପରୋକ୍ତ ଘଟଣାକୁ ନେଇ ବରାଳ ପରିବାରଙ୍କ ଟାର୍ଗେଟରେ ରହିଥିଲେ ବାସୁଦେବ। ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ଲାଗି ଷଡ଼ଯନ୍ତ୍ର କରିଥିଲେ। ଗତ ଜାନୁଆରୀ ୧୯ ରାତିରେ ବାସୁଦେବ ଜାମୁସାହି-ଦଲକ ରାସ୍ତାରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ କାହାକୁ ଅପେକ୍ଷା କରିଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ବାହାରକୁ ଡାକି ପାହାଡ଼ ପାଦଦେଶକୁ ନେଇ ଚାରିପଟୁ ଘେରି ଯାଇଥିଲେ। ହଠାତ୍ ଅଜୟ ବନ୍ଧୁକ ବାହାରକରି ବାସୁଦେବଙ୍କ ମୁଣ୍ଡ ଓ ଛାତିକୁ ଗୁଳିମାଡ଼ କରିଥିଲେ। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିବା ବେଳେ କାର୍ତ୍ତିକ ନିଜର ବୁଲେଟ୍ ଛାଡି ପଳାଇଥିଲେ। ପରେ ପରିବାର ଏବଂ ସମ୍ପର୍କୀୟ ବାସୁଦେବଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ସ୍ତ୍ରୀ ସଲିଳା ପରିଡ଼ା(୩୫) ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହତ୍ୟାକାଣ୍ଡ ଦିନ ସକାଳେ ପରିଛଳ ଗ୍ରାମର ଭାଗୀରଥି ବରାଳ ଏବଂ ତାଙ୍କ ତିନି ପୁଅ ଦେବଦତ୍ତ, ଅର୍ଜୁନ, ଶେଷଦବଙ୍କ ସମେତ ଅନ୍ୟ ଏକ ବରାଳ ପରିବାର ପ୍ରମୋଦ ଏବଂ ଜୟଦେବ, ଭୁବନ ଜେନା ପ୍ରମୁଖ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଘରକୁ ଆସି ଧମକ ଦେଇଥିବା ବେଳେ ରାତି ୮ଟାରେ ଗୟାବନ୍ଧର ସୁପାରୀ କିଲର୍ ଅଜୟ ଭୁଜବଳ ଏବଂ ତାଙ୍କ ସହଯୋଗୀ ଉପରୋକ୍ତ ଅଭିଯୁକ୍ତଙ୍କ ଜରିଆରେ ବାସୁଦେବଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ସଲିଳାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା(ନଂ.୩୪/୨୬) ରୁଜୁ କରିଥିଲା। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ଏହାର ତଦନ୍ତ ଦାୟିତ୍ୱରେ ରହିଥିଲେ। ପୋଲିସ ଘଟଣାସ୍ଥଳରୁ ବୁଲେଟ, ୨ଟି ଖୋକା ଜବତ କରିଥିଲା। ଏସ୍‌ପି ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ୪ଟି ଟିମ୍ ଗଠନ କରାଯାଇ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ବୈଷୟିକ ଜ୍ଞାନକୌଶଳକୁ ଭିତ୍ତିକରି ତଦନ୍ତ ଚାଲିଥିଲା। ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଆଧାରକରି ଏକାଧିକ ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଛି। ବୁଲେଟ୍ ନମ୍ବରରୁ ଗାଡ଼ି ମାଲିକଙ୍କୁ ଟ୍ରାପ୍ କରିବା ପରେ ତାଙ୍କଠାରୁ ତଥ୍ୟ ଆଧାରରେ ଧରିବା ପାଇଁ ବିଛାଇଥିବା ଜାଲରେ ଅଭିଯୁକ୍ତମାନେ ଫସିଯାଇଥିଲେ। ଗୟାବନ୍ଧ ଜଙ୍ଗଲରେ ଲୁଚିଥିବା ଖବରପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ସେମାନଙ୍କୁ ଧରିଥିଲା। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**୨୧୯ ଅଭିଯୋଗରୁ ୧୬୪ ତତ୍କାଳ ସମାଧାନ**

ବୋଲଗଡ଼,୨।୨(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ୍ ପ୍ରଶାସନ ପକ୍ଷରୁ ସଦର ପଞ୍ଚାୟତସ୍ଥିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସ୍ଥାନୀୟ ମିନି ଷ୍ଟାଡିୟମ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନ ସୁଧା କୁଣ୍ଡୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ବିଜୟ କୁମାର ସେଠୀଙ୍କ ସହ ବ୍ଲକର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା ଏବଂ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ମୋଟ୍ ୨୧୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୬୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଆଉ ୫୫ଟି ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏହିପରି ଡ. ରତିକାନ୍ତ ମିଶ୍ର, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ପିଇଓ କରୁଣାକର ସୁବୁଦ୍ଧି, ଓ୍ୱାର୍ଡମେମ୍ବର ଏବଂ ପଞ୍ଚାୟତ କର୍ମଚାରୀମାନେ ଲୋକଙ୍କ ଅଭିଯୋଗ ପଞ୍ଜୀକରଣ ସହ ଭୂମିହୀନଙ୍କୁ ପଟ୍ଟା, ଜାତି ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ଓ ଆୟ ପ୍ରମାଣପତ୍ର, ନିର୍ମାଣ ଶ୍ରମିକ ତଥା ଅଣ ସଂଗଠିତ ଶ୍ରମିକ କାର୍ଡ ପଞ୍ଜୀକରଣ ଓ ନବୀକରଣ, ବାର୍ଦ୍ଧକ୍ୟ, ଦିବ୍ୟାଙ୍ଗ ଓ ବିଧବା ଭତ୍ତା ଆବେଦନ, ରଣଭିତ୍ତିକ ଯୋଜନାରେ ଆବେଦନ ଗ୍ରହଣ ନେଇ ପ୍ରଶାସନ ଓ ଲୋକଙ୍କ ସହଯୋଗ କରିଥିଲେ। ବ୍ଲକ ମୁଖ୍ୟ ଆଲୋକ ଜେନା ଓ ତହସିଲ ମୁଖ୍ୟ କିରଣ ସସ୍ମିତା ଭୂୟାଁଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୂତନ ପାଠ୍ୟପୁସ୍ତକ ପ୍ରଚଳନ, ଶିକ୍ଷାଦାନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଟାଙ୍ଗୀ,୨।୨(ରଘୁନାଥ ସାହୁ)

ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଟାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ଗ୍ରୁପରେ(ବିଦ୍ୟାଳୟ ଶିକ୍ଷା)-୨୦୨୫ ଅନୁଯାୟୀ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ ଓ ଶିକ୍ଷାଦାନ ସମ୍ପର୍କିତ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ର ମୁଖ୍ୟ ଲକ୍ଷ୍ୟ ହେଉଛି ଭଲ ମଣିଷ ତିଆରି କରିବା। ୫ ଦିନ ଧରି ଚାଲିଥିବା ଏହି ପ୍ରଶିକ୍ଷଣ ଶିବିରରେ ସଫଳ ଶିକ୍ଷକଭାବେ ପ୍ରଶାନ୍ତ ମହାପାତ୍ର, ନୀଳାଦ୍ରି ସିଂହ, ବିଜୟ କୁମାର ସେଠୀ, ସମରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟରରୁ ୧୦୦ଜଣ ପ୍ରଶିକ୍ଷାର୍ଥୀ ଶିବିରରେ ଯୋଗଦେଇଥିଲେ। ଟାଙ୍ଗୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୁଲତା ବେହେରା, ଟାଙ୍ଗୀ କ୍ଲଷ୍ଟର ସିଆରସିସି ଦେବାନନ୍ଦ ବେହେରା, ଜୟମଙ୍ଗଳପୁର କ୍ଲଷ୍ଟର ସିଆରସିସି ରମେଶ ବେହେରା ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରୁ ଗ୍ରହଣ କରିଥିବା ସମସ୍ତ ପାଠ୍ୟକ୍ରମକୁ ବିଦ୍ୟାଳୟସ୍ତରରେ ଶତପ୍ରତିଶତ କାର୍ଯ୍ୟକାରୀ କରାଇବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବକୁ ସଫଳ ଶିକ୍ଷକ ପ୍ରଶାନ୍ତ ମହାପାତ୍ର ସଂଯୋଜନା କରିଥିଲେ। ପ୍ରମିଳାବାଳା ଦେଶ, ନିବେଦିତା ସାହୁ, ପ୍ରଶାନ୍ତ ସାହୁ, ମାନକେତନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଟମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ୮ରୁ

ଝାଁଲା,୨।୨(ବୁଲା ବାରିକ)

ଟମାଣ୍ଡୋ କ୍ରିକେଟ କ୍ଲବ ପକ୍ଷରୁ ଅଷ୍ଟମ ଟମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ। ଏଥିରେ ୮ଟି ଦଳ ନିଲାମୀ ପ୍ରକ୍ରିୟାରେ ଭାଗ ନେଇଛନ୍ତି। ଟିସିସି ଭୁବନେଶ୍ୱର, ୟୁ ବି ରକ୍ଷ୍ଟାର ଭୁବନେଶ୍ୱର, ମାଇଟ ଯଙ୍ଗଷ୍ଟାର ଭୁବନେଶ୍ୱର, ଏମ୍‌ଏମ୍‌ସି ସୟଲପୁର, ରୟାଲ ଚ୍ୟାଲେଞ୍ଜର ବ୍ରହ୍ମପୁର, ଆଦିତ୍ୟ ଏକାଦଶ ଭୁବନେଶ୍ୱର, ଏମ୍‌ସିସି କାକଟପୁର ଏବଂ ବିଜେତା ବାରିଅର ଭୁବନେଶ୍ୱର। ଏହି ଟୁର୍ନାମେଣ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଚାମ୍ପିୟନ ଟିମ୍‌କୁ ଟମାଣ୍ଡୋ କପ୍ ସହ ୧ ଲକ୍ଷ ୫୦ ହଜାର ଏବଂ ରନରଅପ୍ ଟିମ୍‌କୁ କପ୍ ସହ ୧ ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଟମାଣ୍ଡୋ କ୍ରିକେଟ କ୍ଲବ ସଭାପତି ଆଶିଷ କୁମାର ପଟ୍ଟନାୟକ କହିଛନ୍ତି।

## ୯୦ ଅଭିଯୋଗରୁ ୫ ତତ୍କାଳ ସମାଧାନ


ଜନଶୁଣାଣି ଶିବିରରେ ଜିଲାପାଳ ଅମ୍ରିତ୍ ଋତୁରାଜ, ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ ଏବଂ ଏସ୍‌ପି ବିବେକାନନ୍ଦ ଶର୍ମା ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଉକ୍ତ ଶିବିରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ସଂକଳ୍ପ ସୁରିଜ ସାହୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୯୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୭୭ ଏବଂ ଗ୍ରାମୀଣ ସମସ୍ୟାଜନିତ ୧୩ଟି ଅଭିଯୋଗ ରହିଥିଲା। ତେବେ ତତ୍କାଳ ୫ଟି ଅଭିଯୋଗର ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକର ଖୁବଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟାଙ୍ଗୀ ବ୍ଲକ ଓରାଡ଼ା ପଞ୍ଚାୟତର ଗଙ୍ଗାଧର ମୁଦୁଲିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ସମସ୍ତ ବିଡିଓ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାର୍‌ହା ଆକ୍ରମଣରେ ଯୁବକ ଗୁରୁତର

ଟାଙ୍ଗୀ,୨।୨(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଯୋରଣ ମାନସିଂପୁର ଗ୍ରାମର ଏକ କୂଅରେ ବାର୍‌ହା ପଡ଼ିଯାଇଥିଲା। ଖବରପାଇ ସୋମବାର ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ପହଞ୍ଚି କୂଅରୁ ଉଦ୍ଧାର କରୁଥିବା ବେଳେ ବାର୍‌ହାଟି ଖସି ପଳାଇ ରାଜୀବ ବେହେରା(୨୮)ଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ବାମହାତର ଦୁଇଟି ଆଙ୍ଗୁଠି ଛିଣ୍ଡାଇ ଦେଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## କ୍ଷେତ୍ରବାସୀ ରାଉତରାୟଙ୍କ ଜୟନ୍ତୀ ପାଳିତ

ନିରାକାରପୁର,୨।୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତର କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କ୍ଷେତ୍ରବାସୀ ଡିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା କ୍ଷେତ୍ରବାସୀ ରାଉତରାୟଙ୍କ ୧୩୧ତମ ଜୟନ୍ତୀ ସୋମବାର ସମାଧି ପୀଠ ଠାରେ ପାଳିତ ହୋଇଯାଇଛି। କ୍ଷେତ୍ରବାସୀ ରାଉତରାୟ ସ୍ମୃତି ସଂସଦ ଏବଂ ସାମାଜିକ ଅନୁଷ୍ଠାନ 'ଉତ୍ସର୍ଗ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟମାନେ କ୍ଷେତ୍ରବାସୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବେଦପାଠ, ବିରତୋଇ ଗ୍ରାମର ଉଶିଷର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ଏବଂ ସ୍ଥାନୀୟ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପଶାଖାର ଭଉଣୀ ଭାଇମାନେ ରାଜ ଯୋଗ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ହୋଇଥିଲା। କ୍ଷେତ୍ରବାସୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଧୀରେନ୍ଦ୍ର ରାଉତରାୟ, ରାମଦୟା ପରିଷଦର ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ପୂର୍ବତନ ଶିକ୍ଷକ କମଳ ଲୋଚନ ପ୍ରଧାନ, ସାମାଜିକକର୍ମୀ ପ୍ରସାଦ ଦାସ, ଶିକ୍ଷାବିତ୍ ଶଙ୍କର୍ଷଣ ପ୍ରଧାନ, ସତ୍ୟବାଦୀ ବକ୍ସକ୍ଷେତ୍ରରାୟ, ଅର୍ଘତି ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଷେତ୍ରବାସୀ ରାଉତରାୟ ହେଉଛନ୍ତି ଏହି ଅଞ୍ଚଳର ଆଲୋକର ପଥ ପ୍ରଦର୍ଶକ। ନିଜ ସଞ୍ଚିତ ଧନର ସଦ୍ ବ୍ୟବହାର କରି ଶିକ୍ଷାର ବିକାଶ କରିଥିବାରୁ ଏହି ଅଞ୍ଚଳ ଉଜ୍ଜ୍ୱଳ ହେବା ସହିତ ଆର୍ଥିକ କ୍ଷେତ୍ରରେ ଉନ୍ନତ ହୋଇପାରିଛି ବୋଲି ଆହ୍ୱାୟକ ମୃତ୍ୟୁଞ୍ଜୟ ପ୍ରଧାନ କହିଥିଲେ। ସୁକେଶ କୁମାର ସେନାପତି, ଆଲୋକ ରଞ୍ଜନ ଛୋଟରାୟ, ଅଭୟ ପାଇକରାୟ, ପ୍ରଦୀପ୍ତ ଦାଶ, ରତ୍ନାକର ସୁଦରାୟ, ସୁରେଶ ବେହେରା, ସୁଶାନ୍ତ ନାୟକ, କେଦାର ସାହୁ, ଦିଲୀପ ପ୍ରଧାନ, ମାନସ ସେନାପତି, ପଦ୍ମିଆ କାନ୍ତି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ୫୦୦ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ବୋଲଗଡ଼ ବିଡିଓଙ୍କ ସପକ୍ଷରେ ବାହାରିଲେ ଗ୍ରାମବାସୀ

**■ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

**■ଫସାଇବାକୁ ଉଦ୍ୟମ ହୋଇଥିବା ଜଣାଇଲେ**


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀମାନେ।

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଅନୁପସ୍ଥିତ ରହିବା ଏବଂ ପରେ ଦ୍ୱନ୍ଦ ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି। ଏହି ଘଟଣାକୁ ବିଧାୟକ ପ୍ରଦୀପ ସାହୁ ନିନ୍ଦା କରିଥିବା ବେଳେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସମେତ ଏକାଧିକ ସରପଞ୍ଚ, ସମିତିସଭ୍ୟ ଏବଂ ଜିଲା ପରିଷଦ ସଦସ୍ୟ ପ୍ରମୁଖ ବିଡିଓ କୁଣ୍ଡୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଦେଶର ସମ୍ବିଧାନକୁ ଅସମ୍ମାନ, ଜନପ୍ରତିନିଧିଙ୍କୁ ଅଣଦେଖା, ଉନ୍ନୟନମୂଳକ କାର୍ଯ୍ୟରେ ଲାଞ୍ଚନେବା ଏବଂ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗ ଆଣି ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବଦଳି ଦାବି କରିଥିଲେ। ତେବେ ଅଭିଯୋଗକୁ ୪୮ ଘଣ୍ଟା ବିତି ନ ଥିବା ବେଳେ ଏହି ବ୍ଲକ ଅନ୍ତର୍ଗତ ୧୫ ପଞ୍ଚାୟତର ଏକାଧିକ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ବିଡିଓଙ୍କ ସପକ୍ଷରେ ବାହାରିଛନ୍ତି। ବିଡିଓଙ୍କୁ ଷଡ଼ଯନ୍ତ୍ରପୂର୍ବକ ଫସାଇବାକୁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ବିଡିଓଙ୍କ ସପକ୍ଷରେ ପୃଥକ ଭାବେ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସାଧାରଣତନ୍ତ୍ର ଦିବସରେ ବିଡିଓଙ୍କ କୌଣସି ଭୁଲ୍ ନ ଥିଲା ବୋଲି କହିଥିବା ବେଳେ ଜିଲାପାଳ ଅମ୍ରିତ୍ ଋତୁରାଜ ଏହାକୁ ଅଗ୍ରାହ୍ୟ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ସେ ପତାକା ଉତ୍ତୋଳନ କରିଥିବା ବେଳେ କାହିଁକି ବ୍ଲକସ୍ତରୀୟ ଉତ୍ସବରେ ଅନୁପସ୍ଥିତ ରହିଲେ, ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହା କୌଣସି ଏକ ସାଧାରଣ ଭୁଲ୍ ନୁହେଁ। ଏନେଇ ଜନଆକ୍ରୋଶ ରହିଛି। ଉତ୍ତର ସନ୍ତୋଷଜନକ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଡିଓଙ୍କ ବିରୋଧରେ ବିଧାୟକ, ବ୍ଲକ ଅଧ୍ୟକ୍ଷଙ୍କ ସହିତ ଏକାଧିକ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ଏହାର ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଅଭିଯୋଗକାରୀଙ୍କୁ କହିଥିଲେ। ଏଥିସହ ପ୍ରଶାସନିକ କାର୍ଯ୍ୟରେ ହସ୍ତକ୍ଷେପ ନ କରିବା ଲାଗି ମଧ୍ୟ ତାଗିଦ୍ କରିଥିଲେ। ଏନେଇ ସାମ୍ପଦର ପଞ୍ଚାୟତ ସମିତିସଭ୍ୟ ଦିଲୀପ ମହାପାତ୍ର କହିଛନ୍ତି, ବିଡିଓଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୋଗ କରାଯାଇଛି। ପୂର୍ବରୁ ଗୋଟିଏ ଗୋଷ୍ଠୀ ବ୍ଲକ ଅଫିସକୁ ନିଜ ଅକ୍ତିଆରରେ ରଖିଥିବା ବେଳେ ତାଙ୍କ ସ୍ୱାର୍ଥ ହାସଲରେ ଆଞ୍ଚ ଆସିବାରୁ ଚକ୍ରାନ୍ତରେ ବିଡିଓଙ୍କୁ ଫସାଇବା ପାଇଁ ଉଦ୍ୟମ କରୁଛନ୍ତି। ବିଡିଓଙ୍କ ଯୋଗଦାନ ପରଠାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବଢ଼ିଛି। ପିସି କାରବାରରେ କୌଣସି ସତ୍ୟତା ନାହିଁ ବୋଲି କହିଥିଲେ। ଏସ୍‌ପିର ଦଳେଇପଡ଼ି ସରପଞ୍ଚ ସୁଶାନ୍ତ ପରିଡ଼ା ମଧ୍ୟ ଅନୁରୂପଭାବେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିବା ବେଳେ ବର୍ତ୍ତମାନ ରାଜନୀତିରେ ବିଡିଓଙ୍କୁ ଫସାଇବାକୁ ଉଦ୍ୟମ କରାଯାଉଛି। ପୂର୍ବରୁ ବିଭିନ୍ନ କାର୍ଯ୍ୟ ପାଇଁ ପିସି ନେଉଥିବା ଗୋଷ୍ଠୀ ଏବେ ବିଡିଓଙ୍କ ବିରୋଧରେ ଚକ୍ରାନ୍ତ କରୁଛି ବୋଲି ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲାପାଳ ଋତୁରାଜ କହିଛନ୍ତି, ସାଧାରଣତନ୍ତ୍ର ଦିବସରେ ଅନୁପସ୍ଥିତି ନେଇ ବିଡିଓଙ୍କୁ ନୋଟିସ କରାଯାଇଛି। ଏଥିସହିତ ବିଡିଓଙ୍କ ବିରୋଧରେ ଏକାଧିକ ଜନପ୍ରତିନିଧି ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ ଆଣିଥିବା ବେଳେ ସୋମବାର କେତେଜଣ ଗ୍ରାମବାସୀ ବିଡିଓଙ୍କ ବିରୋଧରେ କରାଯାଇଥିବା ଅଭିଯୋଗକୁ ଖଣ୍ଡନ କରି ତାଙ୍କ ସପକ୍ଷରେ ଦାବିପତ୍ର ଦେଇଛନ୍ତି। ଉଭୟ ଦାବିପତ୍ରକୁ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

ଟାଙ୍ଗୀ,୨।୨(ରଘୁନାଥ ସାହୁ)

ଆଡ଼ିଆପଡ଼ାସ୍ଥିତ ଟାଙ୍ଗୀ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଭାଲେଣ୍ଟିନା ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆଗ୍ରହ, ନିଷ୍ଠା, ନୀତି, ଆଦର୍ଶ ଓ ସକାରାତ୍ମକ ଚିନ୍ତାଧାରା ରହିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିଙ୍କା ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ବୁଲୁ ଚୌଧୁରୀ, ଡା. ମଧୁସୂଦନ ସେନାପତି, ସିଆରସିସି ଦୀନବନ୍ଧୁ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ବିପସା ମିଶ୍ର ଓ ଲିପ୍ସା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଶତ୍ରୁଘ୍ନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ସଂକ୍ଷେପରେ**

## ମାଘ ମାସର ଦିବ୍ୟ ଭାର୍ଗବୀ ଆଳତି

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜନ୍ମପୀଠ କପିଳେଶ୍ୱରପୁର ସଂଲଗ୍ନ ପବିତ୍ର ଭାର୍ଗବୀର ପଞ୍ଚମୁଖୀ ଘାଟରେ ମାଘ ପୂର୍ଣ୍ଣିମାର ଦିବ୍ୟ ଆଳତି ଭକ୍ତଙ୍କ ହୁଳହୁଳି, ହରିବୋଲ ଓ ସଂକୀର୍ତ୍ତନ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଚଳିତବର୍ଷ ଏହି ଦଶମ ଆଳତି ଗୋପୀନାଥଙ୍କ ସେବକ ସୁରେଶ ଚନ୍ଦ୍ର ଦୀକ୍ଷିତଙ୍କ ଦ୍ୱାରା ସମାହିତ ହୋଇଛି। ଉପଦେଷ୍ଟା ଅଧ୍ୟାପକ ପ୍ରମୋଦ ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଡ. ଶଙ୍କର୍ଷଣ ପ୍ରଧାନ, ଶିକ୍ଷାବିତ୍ ଦ୍ୱାରିକା ନାଥ ବିଶ୍ୱାଳ, ଭାଗବତକାର ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଗଙ୍ଗାଧର କର, ଗୋପାଳ କର, ଭବାନୀ ଶଙ୍କର ତ୍ରିପାଠୀ, ବାପିନା ପତି, ଶୁଭାଶିଷ କର, ଶରତ ଦେଓ, ବାନାମ୍ବର ପରିଡ଼ା, ଦୁର୍ଗାମାଧବ କର ଓ ସପନ ଉପାଧ୍ୟାୟ ପ୍ରମୁଖ ଭାର୍ଗବୀ ନଦୀର ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭାର୍ଗବୀଙ୍କୁ ଜଗନ୍ନାଥଙ୍କ ମାଳ, ମହାପ୍ରସାଦ, ପୁଷ୍ପ, କ୍ଷୀର ସମର୍ପଣ କରି ଧୂପଦୀପ ବନ୍ଦାପନା ସହ କର୍ପୁର ଆଳତି କରାଯାଇଥିଲା। ମନୋରମା ପ୍ରଧାନ ଓ ସାଥୀ ଏଥିରେ ନାମ ସଂକୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ବିଶିଷ୍ଟ ଭାଗବତ ସଂଗଠକ ପ୍ରଶାନ୍ତ କୁମାର ତ୍ରିପାଠୀ ସଂଯୋଜନା କରିଥିଲେ। ଭାର୍ଗବୀ ଆଳତି ସମ୍ପର୍କରେ ଉପଦେଷ୍ଟା ଡ. ବଦ୍ରି ମିଶ୍ର କହିଛନ୍ତି, ବ୍ରହ୍ମଗିରି ତଥା ପୁରୀ ସଦର ପରିସରଭୁକ୍ତ ଅଞ୍ଚଳରେ କୃଷିର ବିକାଶ ଓ ପାନୀୟଜଳ ଯୋଗାଣ ପାଇଁ ସରକାର, ଏମ୍ପି, ପୁରୀ ଓ ବ୍ରହ୍ମଗିରି ବିଧାୟକ ଭାର୍ଗବୀ ନଦୀର ପୁନରୁଦ୍ଧାର କରିବା ସହ ପରିବେଶ ସୁରକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନଦୀବନ୍ଧରେ ବ୍ୟାପକ ଚାରାରୋପଣ କରିବା ଜରୁରୀ ହୋଇପଡ଼ିଛି।

## ଯୁବ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶିକ୍ଷକ ମହଲରେ ଶୋକ

ଅସ୍ତରଙ୍ଗ,୨।୨(ମମତା ଜେନା)

କାକଟପୁର ବ୍ଲକ ହରିଦାସପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭ୍ରାଂଶୁ ଶେଖର ସ୍ୱାଇଁଙ୍କର ଅକାଳ ବିୟୋଗରେ କାକଟପୁର ବ୍ଲକର ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସ୍ୱାଇଁ କିଛିଦିନ ହେବ ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ କାକଟପୁର ଶିକ୍ଷକ ଭବନ, ନିଜ ବିଦ୍ୟାଳୟ ହରିଦାସପୁର, ସାଡ଼େଙ୍ଗା ବିଦ୍ୟାଳୟ ଓ ନିଜ ଗ୍ରାମ ପାଟପୁରରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କର ଏହି ଅକାଳ ବିୟୋଗରେ ପୂର୍ବତନ ଆଦର୍ଶ ଶିକ୍ଷକ ତଥା ତାଙ୍କ ପିତା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଦାଦା ତୁଷାର କାନ୍ତ, ଭାଇ ଭୁପେଶ, ହିମାଂଶୁ, ଜ୍ଞାନରଞ୍ଜନ, ମହେଶ୍ୱର, ଶିକ୍ଷକ ନେତା ଡ. ହୃଦାନନ୍ଦ ସାସମଲ, ସୁନୀଲ ମହାନ୍ତି, ବିଷ୍ଣୁ ଚରଣ ମହାନ୍ତି, ବିଶ୍ୱଜିତ ସ୍ୱାଇଁ, ଅକ୍ଷୟ ଖୁଣ୍ଟିଆ, ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ବିଷ୍ଣୁପ୍ରିୟା ମହାପାତ୍ର, ଶିବ ପ୍ରସାଦ ସାହୁ, ସୁଶୀଲ ଖୁଣ୍ଟିଆ ଓ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସାଙ୍ଗ ସାଥି ବନ୍ଧୁବର୍ଗ ମର୍ମାହତ ହୋଇ ପଡ଼ିଛନ୍ତି।

## ବିଜିପୁର ହାଇସ୍କୁଲ୍‌ର ବାର୍ଷିକୋତ୍ସବ

ବ୍ରହ୍ମଗିରି,୨।୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବିଜିପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ବିଦ୍ୟାଳୟର ୯୦ତମ ବାର୍ଷିକ ଉତ୍ସବ 'କସ୍ତୁରୀ–୨୦୨୬' ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ କରୁଣାକର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର, ଅନ୍ୟାନ୍ୟ ଅତିଥି ଭାବେ ମନୋଜ କୁମାର ତ୍ରିପାଠୀ, ଶୁଭନାରାୟଣ ଶତପଥୀ, ମଣ୍ଡଳ ଶିକ୍ଷାଧିକାରୀ କୁମାର ପାତ୍ର, ସରପଞ୍ଚ ବିଜୟଲକ୍ଷ୍ମୀ ପଲାଇ, ମହେଶ୍ୱର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ଜେନା ମଞ୍ଚ ସଞ୍ଚାଳନା କରିଥିବା ବେଳେ ଐଶ୍ୱରୀୟା ପ୍ରଧାନ, ଦେବସ୍ମିତା ପ୍ରଧାନ, ସୋନାଲି ହୋତା, ଜ୍ୟୋତିର୍ମୟୀ ନାୟକ, ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉଷାରାଣୀ ମହାରଥା ଧନ୍ୟବାଦ ଦେଇଥିଲେ।

## ନୟାହାଟରେ ୨୯ତମ ତ୍ରିନାଥ ମେଳା

ଯୋଗେଶ୍ୱରପୁର,୨।୨(ରଶ୍ମି ରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ବାରିହାଟ ମଧ୍ୟରେ ପାନ ବ୍ୟବସାୟୀ ଓ ଚାଷୀ ଦ୍ୱାରା ସୋମବାର ରାତିରେ ତ୍ରିନାଥ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ରମେଶ ମହାନ୍ତି ପରିଚାଳନା କରିବା ସହିତ ସାମାଜିକ କର୍ମୀ ଅଭିମନ୍ୟୁ ସିଂହ, ବିଚିତ୍ରା ନନ୍ଦ ପାତ୍ର, ଆଲୋକ ରାୟ, ପ୍ରଣୟ କୁମାର ସାହୁ ଓ ଦେବେନ୍ଦ୍ର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ୨୭ କଲେଜର ସ୍ୱୟଂଶାସିତ ମାନ୍ୟତା ଶେଷ

### ୟୁଜିସି ଚିଠି ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଲା

■ ଆବଶ୍ୟକ ଡକ୍ୟୁମେଣ୍ଟ ଦେଇ ନ ଥିବା ଓ ଆବେଦନ କରି ନ ଥିବା ଶିକ୍ଷାନୁଷ୍ଠାନକୁ ତାଗିଦ

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ମୋଟ ୩୦ଟି ଅଟୋନୋମସ୍ (ସ୍ୱୟଂଶାସିତ) ଶିକ୍ଷାନୁଷ୍ଠାନ ରହିଛି। ଇତିମଧ୍ୟରେ ୨୭ଟି ଶିକ୍ଷାନୁଷ୍ଠାନର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଯାଇଛି। ନବୀକରଣ ପାଇଁ ୨୦ ଶିକ୍ଷାନୁଷ୍ଠାନ ଆବେଦନ କରିଥିବାବେଳେ ୭ କଲେଜ ପକ୍ଷରୁ ଏଯାଏ କୌଣସି ଆବେଦନ ହୋଇନାହିଁ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖାଯିବା ସହ ମାନ୍ୟତା ତାଲିକା ଦିଆଯିବା ପରେ ବିଭାଗର ଚେତା ପଶିଛି। ଆବେଦନ କରିଥିବା ଶିକ୍ଷାନୁଷ୍ଠାନ ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନରେ ବିଳମ୍ବ ହୋଇଥିବା ୟୁଜିସି ସ୍ପଷ୍ଟ କରିଛି। ତେବେ ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିବା ଶିକ୍ଷାନୁଷ୍ଠାନଗୁଡିକ କିପରି ପରୀକ୍ଷା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଚଳାଇଛନ୍ତି ଏବଂ ନବୀକରଣରେ କାହିଁକି ଏତେ ବିଳମ୍ବ ହୋଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ୟୁଜିସିର ତାଲିକା ଅନୁସାରେ, ରାଜ୍ୟର ପ୍ରତିଷ୍ଠିତ ତଥା ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋର୍ଦ୍ଧା, ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ କଟକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜ ପୁରୀ ଭଳି ବିଭିନ୍ନ ଜିଲାରେ ଥିବା ମୋଟ୍ ୨୭ଟି କଲେଜର ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଛି। ଅନ୍ୟପକ୍ଷରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତ୍‌ସିଂହପୁରର ସ୍ୱାମୀ ବିବେକାନନ୍ଦ ମେମୋରିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ବଡ଼ଚଣାର ବାବା ଭୈରବନାଥ ମହାବିଦ୍ୟାଳୟ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଓ ବ୍ୟାସନଗର ମହାବିଦ୍ୟାଳୟ ଯାଜପୁର ରୋଡ୍ ଏବଂ ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିଲେ ମଧ୍ୟ ଏଯାଏବତ୍ ମାନ୍ୟତା ନବୀକରଣ ପାଇଁ ଆବେଦନ କରାଯାଇ ନାହିଁ।

ୟୁଜିସିର ଚିଠି ପରେ ଉଚ୍ଚଶିକ୍ଷା ବିଭାଗ ଗତ ସପ୍ତାହରେ ସ୍ୱୟଂଶାସିତ ମାନ୍ୟତା ନ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକମାନଙ୍କୁ ଡାକି ଗତ ସପ୍ତାହରେ ବୈଠକ କରିଥିଲା। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରିବା ସହିତ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ମାନ୍ୟତା ନବୀକରଣ ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ମିଳିପାରୁ ନ ଥିବା ସୂଚନା ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ସେମାନେ ୟୁଜିସି ପାଇଁ ଆବଶ୍ୟକ ତଥ୍ୟ ସମ୍ବଳିତ ଡକ୍ୟୁମେଣ୍ଟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସୁଖଲତା ସ୍ମୃତି ସରକାରୀ ହାଇସ୍କୁଲ ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରଧାନଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଉତ୍ସବରେ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ପଣ୍ଡା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଉପାଧ୍ୟକ୍ଷା ଦେବସ୍ମିତା ମହାପାତ୍ର, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର, ବରିଷ୍ଠ ଅଧ୍ୟାପକ ଡ. ଶିବ ପ୍ରସନ୍ନ ପଟ୍ଟନାୟକ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ପଞ୍ଚସଖା ଶିକ୍ଷାସେତୁ ସଭାପତି ସୁକାନ୍ତ ପଣ୍ଡା ଓ ପରିଚାଳନା କମିଟି ସଭାପତି ସୁଜାତା ମହାନ୍ତି ପ୍ରମୁଖ ଯୋଗଦେଇ କହିଛନ୍ତି, ବିଦ୍ୟାର୍ଥୀ, ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ହିଁ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସହାୟକ ହୋଇଥାଏ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ବିହୁ, ଝୁମର ନୃତ୍ୟରେ ଝୁମିଥିଲେ ଉପସ୍ଥିତ ଅଭିଭାବକ ଓ ଛାତ୍ରୀଛାତ୍ର। ଏହି ଅବସରରେ ଶ୍ରାବଣୀ ମାଳଙ୍କୁ ସୁଖଲତା ସ୍ମୃତି ସମ୍ମାନ, ଭାଗ୍ୟଶ୍ରୀ ମିଶ୍ରଙ୍କୁ ସ୍ୱଚ୍ଛ ବିଦ୍ୟାର୍ଥୀ ସମ୍ମାନ, ସର୍ବାଧିକ ଉପସ୍ଥାନ ପାଇଁ ଜୟଶ୍ରୀ ଦଳାଇ(ମାଧ୍ୟମିକ), ସାଇ ସାସ୍ମଲ(ପ୍ରାଥମିକ), ସର୍ବଜୟୀ ଖେଳାଳି ସମ୍ମାନ ଗାଉଲ ସନ୍ଦୀପ, ଛାତ୍ରୀ ଗାୟତ୍ରୀ ପୃଷ୍ଟିଙ୍କୁ ମଧ୍ୟ ସର୍ବଶ୍ରେଷ୍ଠ ଖେଳାଳି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଷ୍ଣୁପ୍ରସାଦ ମହାନ୍ତିଙ୍କୁ ଉତ୍ତମ ଛାତ୍ର, ରାଧାଗୋବିନ୍ଦ ଦାସଙ୍କୁ ଶୃଙ୍ଖଳିତ ଛାତ୍ର, ରୋହିତ୍ କୁମାର ରାଉତଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥି ପରିଚୟ ସ୍ୱପ୍ନାରାଣୀ ହୋତା, ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ପଣ୍ଡାଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶେଷରେ ବରିଷ୍ଠ ଶିକ୍ଷକ ଧର୍ମେନ୍ଦ୍ର ହାଂସ୍‌ଦା ଧନ୍ୟବାଦ ଦେଇଥିଲେ।

# ସିଆଇଏସ୍ଏଫ୍ କୋଷ୍ଟାଲ ସାଇକ୍ଲୋଥନ୍‌କୁ ସ୍ୱାଗତ

କୋଣାର୍କ,୨।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ସିଆଇଏସଏଫ ପକ୍ଷରୁ ବନ୍ଦେ ମାତରମ କୋଷ୍ଟାଲ ସାଇକ୍ଲୋଥନ ଶୋଭାଯାତ୍ରାକାରୀଙ୍କୁ କୋଣାର୍କ ଠାରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସାଇକେଲ ଚାଳନା ମାଧ୍ୟମରେ ସୁରକ୍ଷିତ ତଟ ସମୃଦ୍ଧ ଭାରତ ବାର୍ତ୍ତାରେ ଭାରତ ବର୍ଷର ୯ଟି ରାଜ୍ୟରୁ ପ୍ରତିଯୋଗୀ ଏଥିରେ ସାମିଲ୍ ହୋଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ସମୁଦ୍ର ପଥରେ ବେଆଇନ ନିଶା କାରବାର ଉପରେ ନିୟନ୍ତ୍ରଣ, ବନ୍ଦର ଶିଳ୍ପର ସୁରକ୍ଷା, ସମୁଦ୍ର ପଥରେ ଅନୁପ୍ରବେଶ ରୋକିବା ସହ ସମୃଦ୍ଧ ଭାରତ ଗଠନ ଦିଗରେ ତଟରକ୍ଷୀ ବାହିନୀର ଭୂମିକା ଉଲ୍ଲେଖନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସୁଦର୍ଶନ ପଟ୍ଟନାୟକ, ସିଆଇଏସ୍ଏଫ ଆଇଜି ଶିଖର ସହାୟ, କୋଷ୍ଟଗାର୍ଡ ଡିଆଇଜି ସତ୍ୟନାରାୟଣ ଦାଶ, ନାଲ୍‌କୋ ସିଏମ୍‌ଡି ବିଜେନ୍ଦ୍ର ପ୍ରତାପସିଂହ, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଜାନୁଆରୀ ୨୮ରେ ପଶ୍ଚିମବଙ୍ଗ ବଖାଲିରୁ ଏହି କୋଷ୍ଟାଲ ସାଇକ୍ଲୋଥନ ବାହାରିଥିଲା। ୨୫ଦିନରେ ଭାରତର ୯ଟି ରାଜ୍ୟ ଦେଇ ୬୫୫୩ କି.ମି. ପରିକ୍ରମା କରି ଆସନ୍ତା ୨୨ରେ କୋଚିନ୍‌ରେ ଉଦ୍‌ଯାପିତ ହେବ। ୬୫ଜଣ ସିଆଇଏସ୍ଏଫର ସୁରକ୍ଷା କର୍ମୀ ସାମିଲ ହୋଇଛନ୍ତି। ସିଆଇଏସଏଫ କମାଣ୍ଡାଣ୍ଟ ରାକେଶ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଏହି ସାଇକ୍ଲୋଥନ ଦଳ କୋଣାର୍କରେ ରାତ୍ରୀଯାପନ କାର୍ଯ୍ୟକ୍ରମ ରହିଛି। ବନ୍ଦେ ମାତରମ ଧ୍ୱନିରେ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଏକ ଦେଶାତ୍ମବୋଧକ ପରିବେଶ ସୃଷ୍ଟି ହୋଇଥିଲା।



ସାଇକ୍ଲୋଥନକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସ୍ୱାଗତ କରୁଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପିପିଲି,୨।୨(ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁରର ବାର୍ଷିକ ଉତ୍ସବ ଶନିବାର ଅରୋମା ୨୦୨୫–୨୬ ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳଙ୍କ ପୌରୋହିତ୍ୟରେ ସଭାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ସମୃଦ୍ଧ ଭାରତ ଏବଂ ଓଡ଼ିଶା ଗଠନ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କର ସମୃଦ୍ଧି ପାଇଁ ଶିକ୍ଷକ ଏବଂ ଅଭିଭାବକ ଧ୍ୟାନଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି, ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ, ଗୋବିନ୍ଦପୁର ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବ୍ରତ ଜେନା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ସଚ୍ଚିଦାନନ୍ଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଦର୍ଶ ବିଦ୍ୟାଳୟର ସଫଳ ପ୍ରୟାସ ଓ ଆଭିମୁଖ୍ୟ ମେଧାବୀ ଛାତ୍ରୀଛାତ୍ର ଗଠନରେ ସହାୟକ ହେବ ବୋଲି ସେ କହିଥିଲେ। ସଭା ମଞ୍ଚରେ କ୍ରୀଡ଼ା ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସଭା କାର୍ଯ୍ୟ ପରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲା ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀଙ୍କ ବନ୍ଧୁମିଳନ

ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟ ପରିସରରେ ଅବିଭକ୍ତ ପୁରୀ ଜିଲା ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀଙ୍କ ଅଷ୍ଟମ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନିର୍ଦ୍ଦେଶକ ହରମୋହନ ରାଉତରାୟଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦିବଂଗତ ସାଥୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ନିର୍ଦ୍ଦେଶକ ବିଜ୍ଞାନ କୁମାର ମହାନ୍ତି, ଉପ ନିର୍ଦ୍ଦେଶକ ଜୟଶ୍ରୀ ରଥ, ଅଳକା ପଟ୍ଟନାୟକ, ଆବାହକ ଦୀନବନ୍ଧୁ ମଲିକ, ସମ୍ପାଦକ ପ୍ରଶାନ୍ତ ପାଠୀ, ରମେଶ ମହାନ୍ତି, ନୀଳଲୋହିତ କର, ରବୀନ୍ଦ୍ର ମଲିକ, ନରେନ୍ଦ୍ର ପଟ୍ଟନାୟକ, ଶ୍ୟାମ ସୁନ୍ଦର ପଟ୍ଟନାୟକ, କୁଳମଣୀ ପ୍ରଧାନ, ଅଶୋକ ପଟ୍ଟନାୟକ, ମଦନ ମୋହନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ରଚିତ ପୁସ୍ତକ 'ମଧୁର ଚନ୍ଦ୍ରିକା'କୁ ଉନ୍ମୋଚନ କରାଯାଇଥିଲା। ଶେଷରେ ଅନାମ ମଲିକ ଧନ୍ୟବାଦ ଦେଇଥିଲେ।



ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଅବସରପ୍ରାପ୍ତ ପରିସଂଖ୍ୟାନ କର୍ମଚାରୀମାନେ ।

# ବେଆଇନ ଇଟାଭାଟି ଉପରେ ଚଢ଼ାଉ

### ଜେସିବି ଓ ପାଣିମାଡ଼ରେ ଭାଙ୍ଗିଲା ଇଟାଭାଟି

ଗୋପ,୨।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଆକ୍ସନ ମୋଡ୍‌ରେ ଥାଇ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି ଚୋରାଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ନେଉଥିବା ବେଳେ ସୋମବାର ଅପରାହ୍ନରେ ୨ଟି ବେଆଇନ ଇଟାଭାଟି ଉପରେ ଚଢ଼ାଉ କରିଥିଲେ। ଜେସିବି ମେଶିନ ଲଗାଇ ଇଟାଭାଟି ଭାଙ୍ଗିଥିବା ବେଳେ ଦମକଳ ଗାଡ଼ି ପାଣି ଦ୍ୱାରା ଲକ୍ଷାଧିକ ଟଙ୍କାର ଇଟାଭାଟି ନଷ୍ଟ କରାଯାଇଛି।

ପ୍ରକାଶ ଯେ, କିଛିଦିନ ହେବ ଗୋପ ତହସିଲ୍ କାର୍ଯ୍ୟାଳୟ ଅଧୀନରେ କେତେକ ଠିକାଦାରଙ୍କ ଦ୍ୱାରା ସରକାରୀ ନିୟମକୁ ଖୁଲମଖୁଲା ଉଲ୍ଲଂଘନ କରି ମାଟିବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଥିଲା। ଗୋଟିଏ ସପ୍ତାହ ମଧ୍ୟରେ ୨ ବେଆଇନ ବାଲି ଚୋରାଚାଲାଣ କରାଯାଉଥିବା ହାଇୱାକୁ ଜବତ କରିଥିବା ବେଳେ ରବିବାର ନମ୍ବରବିହୀନ ମାଟି ନେଇ ଯାଉଥିବା ଟ୍ରାକ୍ଟରକୁ ଜବତ କରାଯାଇଛି। ଏହି ଚୋରାଚାଲାଣ ଗାଡ଼ିଗୁଡ଼ିକ ନାମରେ ମୋକଦ୍ଦମା ରୁଜୁ କରାଯାଇଛି। ସୋମବାର ତହସିଲଦାର ଦାଶ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶରେ ଗୋପ ନିକଟସ୍ଥ କୁସୁପୁରସ୍ଥିତ ଏକ ବେଆଇନ ଇଟାଭାଟି ଓ ଗଣେଶ୍ୱରପୁର ମାଟିଆଖାତ ନିକଟରେ ଥିବା ଏକ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଇଟାଭାଟି ଭାଙ୍ଗିଥିବା ଜଣାପଡ଼ିଛି। ଏପରିକି ଏହି ସବୁ ବେଆଇନ ଇଟାଭାଟି ଉପରେ ଜେସିବି ଲଗାଇ ଭାଙ୍ଗିଥିବା ବେଳେ ଦମକଳବାହିନୀକୁ ଡକାଇ ପାଣି ମାଡ଼ କରି ଇଟାଭାଟିକୁ ନଷ୍ଟ କରିଥିବା ଜଣାପଡ଼ିଛି। ଅଭିଯୋଗ ଥିବା ନୟାହାଟ, ନାଗପୁର, ମହଲପଡ଼ା, ରାହାଙ୍ଗୋରଡ଼ା, ଉଭାର ପଞ୍ଚାୟତ ସହିତ ଆଉ କେତକ ସ୍ଥାନରେ ବେଆଇନ ଇଟାଭାଟି ଉପରେ ଚଢ଼ାଉ କରାଯିବ ବୋଲି ସୂଚନା ମିଳିଛି। ଏହି ଇଟାଭାଟି ଭଙ୍ଗାଯିବା ସମୟରେ ଗୋପ ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲ୍‌ଦାର ସତ୍ୟଜିତ ନାୟକ, ଗୋପ ରାଜସ୍ୱ ନିରୀକ୍ଷକ ଜି ରଶ୍ମିତା ପ୍ରଧାନ, ଗଣେଶ୍ୱରପୁର ରାଜସ୍ୱ ନିରୀକ୍ଷକ କାମାକ୍ଷା ପ୍ରସାଦ ମଲ୍ଲିକ, ଗୋପ ଦମକଳ କେନ୍ଦ୍ର ଅଧିକାରୀ ମନୋଜ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶ କହିଛନ୍ତି, ଗୋପ ତହସିଲ ଅଧୀନରେ ଅଧିକାଂଶ ସ୍ଥାନରେ ବେଆଇନ ଇଟାଭାଟି ରହିଛି। ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ୨ଟି ଇଟାଭାଟି ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଖୁବ୍‌ଶୀଘ୍ର ମଧ୍ୟ ଅନ୍ୟସ୍ଥାନଗୁଡ଼ିକରେ ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।



## ପଣ୍ଡିତ ଗଦାଧର ପୁରୋହିତଙ୍କ ଶ୍ରାଦ୍ଧବାର୍ଷିକୀ

କଣାସ,୨।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଡିମିରି ଗ୍ରାମରେ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ଗଦାଧର ପୁରୋହିତଙ୍କର ୨୧ ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ମୃତ୍ୟୁଞ୍ଜୟ ବଡ଼ଜେନା, ଅବସରପ୍ରାପ୍ତ ଶିକ୍ଷକ ଓ ନାଟ୍ୟକାର ବିଭୂତି ଭୂଷଣ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ କରୁଣାକର ମହାପାତ୍ର, ସୁବାସ ଚନ୍ଦ୍ର ନରେନ୍ଦ୍ର, ରମେଶ ଚନ୍ଦ୍ର ଉତ୍ତରକବାଟ, ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ସାମାଜିକ କର୍ମୀ ଲିଙ୍ଗରାଜ ପରିଡ଼ା, ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଦିବ୍ୟଜୀବନ ସଂଘର ୫୦ତମ ବାର୍ଷିକ ଉତ୍ସବ

ନିମାପଡ଼ା,୨।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଶାଖା ଦିବ୍ୟଜୀବନ ସଂଘର ୫୦ତମ ବାର୍ଷିକୋତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଚିଦାନନ୍ଦବିହାର ସ୍ଥିତ ସଂଘ ଆଶ୍ରମ ଠାରେ ମହାସମାରୋହରେ ପାଳିତ ହୋଇଛି। ଅତିଥି ଭାବେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ମହାରାଜ, ସ୍ୱାମୀ ବ୍ରହ୍ମସାକ୍ଷାତକାର ନନ୍ଦ ସରସ୍ୱତୀ ମହାରାଜ, ପୁରୁଷୋତ୍ତମାନନ୍ଦ ସରସ୍ୱତୀ ମହାରାଜ, ରିତଜାନନ୍ଦ ସରସ୍ୱତୀ, ବାବାଜୀ ବ୍ରଜବନ୍ଧୁ ଦାସ ମହାରାଜ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ନିମାପଡ଼ା ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇ ଭାଗବତ ଓ ଆଧ୍ୟାତ୍ମିକତା ମନୁଷ୍ୟ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଡ. ରବୀନ୍ଦ୍ରନାଥ ଖୁଣ୍ଟିଆ ଅଧ୍ୟକ୍ଷତା କରି ଏହି ସମାରୋହର ମୂଳଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦିବ୍ୟଜୀବନ ସଂଘର କର୍ମକର୍ତ୍ତା ଗଗନବିହାରୀ ସେନାପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ନିରଞ୍ଜନ ସ୍ୱାଇଁ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ପବିତ୍ର କୁମାର ବରାଳ ସମସ୍ତ ଅତିଥି, ସାଧୁସନ୍ଥ ପଣ୍ଡିତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ଯଜ୍ଞ, ପୂର୍ଣ୍ଣାହୁତି, ନଗରକୀର୍ତ୍ତନ ସମେତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଶତାଧିକ ପ୍ରତିଷ୍ଠିତ ସାଧୁ, ସନ୍ଥ, ପଣ୍ଡିତ, ବାବାଜୀ, ଭକ୍ତ, ଶ୍ରଦ୍ଧାଳୁମାନେ ଯୋଗଦେଇ କୃପାଲାଭ କରିଥିଲେ।

# ଶିକ୍ଷା ଭିତରେ ଲୁଚି ରହିଥିବା ସେବା ଉପରେ ଗୁରୁତ୍ୱ ଦିଅ

### ବିନାୟକ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକୋତ୍ସବ

ଗୋପ,୨।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଶିକ୍ଷା ଆମକୁ କ୍ରିୟାଶୀଳ କରି ସମାଜରେ ଗୋଟିଏ ଭଲ ମଣିଷ କରୁଛି। କିନ୍ତୁ ଶିକ୍ଷା ଭିତରେ ଲୁଚି ରହିଥିବା ସେବା ମଧ୍ୟ ଏକ ଶିକ୍ଷା ବୋଲି ଶୁକ୍ରବାର ଦଳନଇସ୍ଥିତ ବିନାୟକ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ମୀନାକ୍ଷୀ ପୃଷ୍ଟି ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। କବି ଉମାକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ପିଲାଙ୍କ ଖବରକାଗଜ ବାନରସେନାର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ସୁବୋଧ କୁମାର ସିହ୍ନା, ବୈଦେହୀ ପ୍ରିୟା ଚାନ୍ଦ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କବି ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କ ସମେତ ଅନ୍ୟ ବରିଷ୍ଠ ଶିକ୍ଷାବିତ୍‌ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରି ସେବା ଯୋଗାଇ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସ୍କୁଲ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ ଚଳିତବର୍ଷ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷା ସୁଜାତା ସିହ୍ନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍କୁଲ ସମ୍ପାଦକ ଗୌରାଙ୍ଗ ଦାସ ଧନ୍ୟବାଦ ଦେଇଥିଲେ।

# ସେମିରେ ବାଲେଶ୍ୱର ମିଶନ ଟାଇଗର

### ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ

ନିମାପଡ଼ା,୨।୨(ବିଚିତ୍ରାନନ୍ଦ ସାହୁ)



ଅତିଥିଙ୍କ ଗହଣରେ ରେଫରି ଓ ଦୁଇଦଳର ଖେଳାଳିବୃନ୍ଦ।

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ଦିବସରେ ସଂଘର୍ଷପୂର୍ଣ୍ଣ ଚିତାକର୍ଷକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣ୍ଡରପୁର ସ୍ପୋର୍ଟ୍ସ କ୍ଲବ ଭୁବନେଶ୍ୱରକୁ ୩–୧ ଗୋଲ୍‌ରେ ପରାସ୍ତ କରି ବାଲେଶ୍ୱର ମିଶନ ଟାଇଗର ଦଳ ବିଜୟ ହାସଲ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଏହି ମ୍ୟାଚ୍‌କୁ ରେଫରୀ ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ, ଏସ୍ କେ. ଆଲାମ, ପ୍ରଫୁଲ୍ଲ କୁମାର ବେହେରା, ସତ୍ୟଜିତ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ବିଜୟୀ ବାଲେଶ୍ୱର ମିଶନ ଟାଇଗର ଦଳର ଖେଳାଳି ସୁକୁଲ ମୁର୍ମୁ ମ୍ୟାନ୍ ଅଫ ଦ ମ୍ୟାଚ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ସୋମବାର ମ୍ୟାଚରେ ଅତିଥିଭାବେ ଡ. ରବୀନ୍ଦ୍ରନାଥ ଖୁଣ୍ଟିଆ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଫାର୍ମାସିଷ୍ଟ ଆଇ. ତ୍ରିନାଥ ପାତ୍ର, ବିଶିଷ୍ଟ କ୍ରୀଡ଼ାବିତ୍ ମହେନ୍ଦ୍ରସିଂ ଭାଟିଆ, ନିମାପଡ଼ା ଆଥଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଧିରେନ ବରାଳ ପ୍ରମୁଖ ଯୋଗଦେଇ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ପ୍ରକାଶ ବରାଳ, କ୍ରୀଡ଼ାବିତ୍ ବିଶ୍ୱଜିତ ମଲ୍ଲିକ, ଜିତେଶ କାନୁନ୍‌ଗୋ, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟକୁ ସଂଯୋଜନା ଓ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମା' ଭୂଆସୁଣୀ ଫୁଟବଲ କ୍ଲବ ବିଡ଼ାନାସୀ କଟକ ମିଶନ ଟାଇଗର ବାଲେଶ୍ୱରକୁ ଭେଟିବ।

# ଜିଲାପାଳଙ୍କ ପ୍ରକୋଷ୍ଠ ଆଗରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ

## କଟ୍‌ନି ଛଟ୍‌ନି ସହ ଚାଷୀଙ୍କୁ ମାଡ଼ ଅଭିଯୋଗ

ଢେଙ୍କାନାଳ, ୨।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ସୋସାଇଟି ଅଧୀନ ମଣ୍ଡିରେ ଚାଷୀ ସୁଧାକର ପରିଡ଼ାଙ୍କୁ ଧମକ ଚମକ ଦିଆଯିବା ସହିତ ତାଙ୍କ ଧାନରୁ ବ୍ୟାପକ କଟ୍‌ନି ଛଟ୍‌ନି କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ସୋସାଇଟି ସମ୍ପାଦକ ତାଙ୍କୁ ମାଡ଼ ମାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏହାର ପ୍ରତିବାଦରେ ସୋମବାର ପୂର୍ବାହ୍ନରେ ଚାଷୀ ସୁଧାକର ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କ ସହାୟତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଆଗରେ ଧାନବସ୍ତା ରଖି ତୀବ୍ର ପ୍ରତିବାଦ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗରୁ ଜଣାପଡ଼ିଛି, ଚାଷୀ ସୁଧାକର ନିଜ ଧାନକୁ ମଣ୍ଡିରେ ଦେଇଥିଲେ। ଧାନର ମାନ ପରୀକ୍ଷା କରିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନ ଥିବା ବେଳେ ଚାଷୀଙ୍କ ଧାନରୁ ଜବରଦସ୍ତ ୧ କୁଇଣ୍ଟାଲ ପିଛା ୫ କେଜି ଧାନ କଟାଯାଇଥିଲା। ୩୮ କୁଇଣ୍ଟାଲ ଧାନରୁ ୧ କୁଇଣ୍ଟାଲ ୯୦ କେଜି କଟ୍‌ନି ଛଟ୍‌ନି କରାଯାଇଥିଲା। ଏହାର ପ୍ରତିବାଦ କରିବାରୁ ମଣ୍ଡି ସମ୍ପାଦକ ତାଙ୍କୁ ମାଡ ମାରିଥିଲେ। ଅଭିଯୋଗକାରୀ ଚାଷୀଙ୍କ ସହ ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅକ୍ଷୟ କୁମାର, ଢେଙ୍କାନାଳ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର, ଗଜପତି ଜିଲା ପ୍ରଭାରୀ ରଣଜିତ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଅକ୍ରୁର ପଲେଇ ଓ ରଘୁନାଥ ସିଂହ, ସାମାଜିକ କର୍ମୀ ପ୍ରଫୁଲ୍ଲ ପରିଡ଼ା, ଶ୍ରୀଧର ରାଉତଙ୍କ ସମେତ ବିମ୍ବାଧର ମାଝୀ, ଅନିତା ବରାଳ, ବିଭୁ ରଥ ଓ ନୀଳମଣି ବରାଳ, ଯୁଧିଷ୍ଠିର ବରାଳ, କାର୍ତ୍ତିକ ସାହୁ, ରାମ ସାହୁ, ପ୍ରତାପ ସାହୁ, କୈଳାସ ରାଉତ ଓ ଗୋପୀନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ଟାଉନ ଥାନା ପୋଲିସ ଓ ଜିଲା ଯୋଗାଣ ଅଧିକାରୀ ରାମଚନ୍ଦ୍ର ଗୁଡୁ ପହଞ୍ଚି ବୁଝାଶୁଝା କରିଥିଲେ। ସୋସାଇଟି ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀମାନେ ଅଡ଼ି ବସିଥିଲେ। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରାମଚନ୍ଦ୍ର ଗୁଡୁ କହିଛନ୍ତି, ପୂର୍ବରୁ ବିଭାଗ ପାଖରେ ଏଭଳି କେହି ଅଭିଯୋଗ କରି ନ ଥିଲେ। ଏବେ ଯେଉଁ ଅଭିଯୋଗ ମିଳିଛି, ଏହାର ତଦନ୍ତ କରାଯିବ। ଅପରପଟରେ ମଣ୍ଡିରେ ଚାଷୀ ଶୋଷଣର ଶିକାର ହେଉଥିବା ବେଳେ ଅଧିକାରୀମାନଙ୍କୁ ଫୋନ କଲେ କେହି ଫୋନ ଉଠାଉନାହାନ୍ତି ବୋଲି ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗାଣ ବିଭାଗ ଅଧିକାରୀଙ୍କୁ କହିଥିଲେ। ଏହାପରେ ଅଭିଯୋଗକାରୀ ଓ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟିବା ପାଇଁ ଅପେକ୍ଷା କରିଥିଲେ। ଏ ସଂକ୍ରାନ୍ତରେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟିଆକର୍ଷଣ କରାଯିବାରୁ ସେ କହିଥିଲେ, କାହାକୁ କଟ୍‌ନି ଛଟ୍‌ନି କରାଇ ଦିଆଯିବ ନାହିଁ। ଯେଉଁମାନେ ମଣ୍ଡିରେ ଏଭଳି କାମ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏଥିପାଇଁ ରାଜ୍ୟର ଏକ ଟିମ୍ ବିଭିନ୍ନ ବ୍ଲକକୁ ଯାଇ ତଦନ୍ତ କରୁଛି। କୌଣସି ମିଲର କିମ୍ବା ଅଧିକାରୀ ଏଥିରେ ସମ୍ପୃକ୍ତ ଥିଲେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତବର୍ଷ ୬୪ ଜଣ ଅଧିକାରୀଙ୍କୁ ସସପେଣ୍ଡ କରାଯାଇଥିଲା ବେଳେ ୨୪ଟି ମିଲକୁ ସିଲ୍ କରାଯାଇଥିଲା। ଢେଙ୍କାନାଳ ଜିଲା ପ୍ରଭାରୀ ଅଶ୍ୱିନୀ କୁମାର କହିଛନ୍ତି, ଏହାର ତଦନ୍ତ କରିବାକୁ ଜିଲାପାଳ ଅତିରିକ୍ତ ଜିଲାପାଳଙ୍କୁ କହିଛନ୍ତି। ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ଶେଠୀ ୭ଦିନ ମଧ୍ୟରେ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର ଜିଲା ପ୍ରଭାରୀ ପ୍ରକାଶ କହିଛନ୍ତି।



ଜିଲାପାଳଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାନବସ୍ତା ରଖି ଚାଷୀଙ୍କ ପ୍ରତିବାଦ।

# କାନାଡା, ଦୁବାଇ, ଅଷ୍ଟ୍ରେଲିଆରେ କଳାକୃତିର ଚାହିଦା

## ପରିବେଶ ଉପଯୋଗୀ ରଙ୍ଗରେ ମଣ୍ଡଳା ଆର୍ଟ କରୁଛନ୍ତି ଶିଳ୍ପୀରାଣୀ

ଉମରକୋଟ, ୨।୨ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ୱାର୍ଡ ନମ୍ବର ୧୨ର ଶିଳ୍ପୀରାଣୀ ବିଶ୍ୱାସ ଜଣେ ଉଚ୍ଚ ଶିକ୍ଷିତ ଯୁବତୀ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ପାଠ ଶେଷ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାକୁ ମନ ବଳାଇଥିଲେ। ପିଲାଟି ଦିନରୁ ଚିତ୍ର କରିବାର ଯେଉଁ ନିଶା ଥିଲା ତାହାକୁ ପେଶାରେ ବଦଳାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ। ୟୁ ଟ୍ୟୁବରୁ ମଣ୍ଡଳା ଆର୍ଟ ସମ୍ପର୍କରେ ଜାଣି ତାହାକୁ ଶିଖିବା ପରେ ପରୀକ୍ଷା ମୂଳକଭାବେ ଏକ ଚିତ୍ର କରି ସୋସିଆଲ ମିଡିଆରେ ଛାଡ଼ିଥିଲେ, ଯାହା ଅନେକ ପ୍ରଶଂସା ସାଉଣ୍ଟିଥିଲା। ଅନେକେ ନିଜ ଘର ପାଇଁ ଅର୍ଡର ଦେଇଥିଲେ। ଧୀରେ ଧୀରେ ଲୋକଙ୍କ ଅର୍ଡର ସଂଖ୍ୟା ବଢ଼ିବାରେ ଲାଗିଲା। ଏବେ ସୁଦ୍ଧା ସେ ୮୦୦ ଚିତ୍ର ଆଙ୍କି ଲୋକଙ୍କୁ ବିକ୍ରି କରିସାରିଲେଣି। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ନିଜେ ଅନେକ ଚିତ୍ରକରି ତାହାକୁ ବିକ୍ରି କରିଛନ୍ତି। ସବୁଠୁ ଖୁସିର କଥା ଏହି ଦୁର୍ଗମ ଅଞ୍ଚଳର ଜଣେ ଶିଳ୍ପୀଙ୍କ ଚିତ୍ର ଏବେ ବିଦେଶରେ ମଧ୍ୟ ଆଦୃତ ହୋଇପାରିଛି। ଶିଳ୍ପୀରାଣୀଙ୍କ ହାତ ତିଆରି ଜଗନ୍ନାଥ ଚିତ୍ରର କାନାଡା, ଅଷ୍ଟ୍ରେଲିଆ ଓ ଦୁବାଇରେ ବେଶ୍ ଚାହିଦା ରହିଛି। ଏହାଦ୍ୱାରା ବେଶ୍ ଭଲ ଅର୍ଥ ରୋଜଗାର ହେଉଥିବା ସେ କହିଛନ୍ତି। ଦେଶ ବାହାରୁ ଆସିଥିବା ଅର୍ଡରର କାମ ଚାଲିଛି। ଖୁବ ଶୀଘ୍ର ସେଗୁଡିକ ପୋଷ୍ଟାଲ ମାଧ୍ୟମରେ ପଠାଇବି ବୋଲି କହିଛନ୍ତି। ଏହି ଚିତ୍ର ପାଇଁ ବ୍ୟବହୃତ ରଙ୍ଗ ପରିବେଶ ଉପଯୋଗୀ। କଞ୍ଚାମାଲ ସବୁ ବିଜ୍ଞାପୁରୁ ଆଣିବାକୁ ପଡୁଛି ବୋଲି ଶିଳ୍ପୀରାଣୀ କହିଛନ୍ତି। ଆଗାମୀ ଦିନରେ ଆର୍ଟ କ୍ଲାସ୍ ଖୋଲିବା ସହ ଗ୍ରାମୀଣ ଯୁବତୀଙ୍କୁ କର୍ମ ଯୋଗାଇବା ସହ ସେମାନଙ୍କୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଶିଳ୍ପୀରାଣୀଙ୍କ ଚିତ୍ରର ଏକ ସ୍ୱତନ୍ତ୍ରତା ରହିଛି। ଆମ ଅଞ୍ଚଳର କଳାକୃତି ବିଦେଶକୁ ଯାଉଛି; ଯାହାକି ଏ ଅଞ୍ଚଳ ପାଇଁ ଗର୍ବର ବିଷୟ। ଏହି ପ୍ରୟାସ ଜାରି ରଖିଲେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ ବୋଲି କ୍ରେତା ତଥା ଅଧ୍ୟାପକ ସମୀର ମହାନ୍ତି କହିଛନ୍ତି।


ଚିତ୍ରଶିଳ୍ପୀ ଶିଳ୍ପୀରାଣୀ ବିଶ୍ୱାସ ନିଜର ଏକ କଳାକୃତି ଦେଖାଉଛନ୍ତି।

# ରେଳ କ୍ଷେତ୍ରରେ କେନ୍ଦ୍ରର ପଦକ୍ଷେପ ଓଡ଼ିଶା ଗଠନ ସଂକଳ୍ପକୁ ସୁଦୃଢ଼ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୨ (ସୁନିତ୍ ମିଶ୍ର)

ଓଡିଶାର ରେଳ ଭିତ୍ତିଭୂମିର କାୟାକଳ୍ପ ପାଇଁ ଚଳିତ ବଜେଟ୍‌ରେ ରେକର୍ଡ ୧୦ ହଜାର ୯୨୮ କୋଟି ଟଙ୍କା ବରାଦ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରି କହିଛନ୍ତି, ଓଡିଶାର ପ୍ରଗତି ପ୍ରତି କେନ୍ଦ୍ର ସରକାରଙ୍କ ଏହି ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ସମୃଦ୍ଧ ଓଡିଶା ଗଠନ ସଂକଳ୍ପକୁ ଆହୁରି ସୁଦୃଢ କରିଛି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୬୫୯ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ୧୧ ବର୍ଷ ମଧ୍ୟରେ ୨୦୦ କିମି ନୂତନ ରେଳ ଲାଇନ ସ୍ଥାପିତ ହେବା ରାଜ୍ୟ ବିକାଶ ଯାତ୍ରାର ଏକ ଗୌରବମୟ ସଫଳତା। ଏହାସହ ରାଜ୍ୟରେ ୬ଟି ବନ୍ଦେ ଭାରତ ଏବଂ ୬ଟି ଅମୃତ ଭାରତ ଟ୍ରେନ୍‌ର ସଫଳ ଚଳାଚଳ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବା ସହିତ ସାଧାରଣ ଜନତାଙ୍କ ଯାତ୍ରାକୁ ଅଧିକ ସୁଗମ ଓ ଆରାମଦାୟକ କରିଛି। ଚଳିତ ବଜେଟ୍‌ରେ ଅନୁମୋଦିତ ପୂର୍ବ-ପଶ୍ଚିମ ପରିବାହନ କରିଡର ଓଡିଶାର ଶିଳ୍ପ ଓ ବାଣିଜ୍ୟିକ କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିବ ବୋଲି ତାଙ୍କର ଦୃଢ ବିଶ୍ୱାସ। କେବଳ ଭିତ୍ତିଭୂମି ନୁହେଁ ବରଂ ପରିବେଶ ଓ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଛି। ରେଳ ପଥରେ ହାତୀ ମୃତ୍ୟୁ ରୋକିବା ପାଇଁ ଏଆଇ ଭିତ୍ତିକ ଥର୍ମାଲ କ୍ୟାମେରା ଓ ଓଏଫସି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ଏକ ଆଦର୍ଶ ସୃଷ୍ଟି କରିବ। ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବାକୁ ପ୍ରତିବଦ୍ଧ। ଏହି ମିଳିତ ପ୍ରୟାସରେ ଓଡିଶା ନିଶ୍ଚିତ ଭାବେ ଏକ ପ୍ରଗତିଶୀଳ ଓ ସମୃଦ୍ଧ ରାଜ୍ୟରେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ପ୍ରତି ପଞ୍ଚାୟତରେ ଆର୍‌ଆଇ ଅଫିସ୍: ରାଜସ୍ୱ ମନ୍ତ୍ରୀ

## ମହାନଦୀ ଜଳ ବିବାଦକୁ ନେଇ ବିଜେଡି ସରକାରକୁ ସମାଲୋଚନା

ସମ୍ବଲପୁର, ୨।୨ (ପ୍ରମୋଦ ବହିଦାର)

ସମ୍ବଲପୁର ତହସିଲକୁ ଦୁଇ ଭାଗ କରାଯିବ। ହୀରାକୁଦ ଓ ବୁର୍ଲାକୁ ନେଇ ବୁର୍ଲାଠାରେ ଏକ ନୂତନ ତହସିଲ ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ସେହିପରି ଭୁବନେଶ୍ୱରକୁ ତିନି ଭାଗ ଏବଂ କଟକକୁ ଦୁଇଟି ତହସିଲରେ ବିଭକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସେ କହିଛନ୍ତି, ତହସିଲ ସମ୍ପ୍ରସାରଣ ପାଇଁ ଆଗାମୀ ଦିନରେ ରାଜ୍ୟରେ ଅନେକ ଆର୍‌ଆଇ ଓ ଅମିନ ପଦବୀରେ ନିଯୁକ୍ତି ଦିଆଯିବ। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ନୂଆ ଆର୍‌ଆଇ ଅଫିସ ସ୍ଥାପନ ସରକାରଙ୍କ ଲକ୍ଷ୍ୟ ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ପ୍ରତି ଦୁଇଟି ପଞ୍ଚାୟତ ପାଇଁ ଜଣେ ଆରଆଇଙ୍କୁ ନିଯୁକ୍ତ କରାଯିବ। ବିଶେଷ କରି ରାଜସ୍ୱ ବିଭାଗର କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ପୂର୍ବକ ଉପଭୋକ୍ତା କିଭଳି ଅଫିସ ନ ଆସି ଉତ୍ତମ ସେବା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ଭଲ କାମ କରୁଥିବା ସରକାରୀ କର୍ମଚାରୀଙ୍କୁ ପୁରସ୍କାର ସ୍ୱରୂପ ପଦୋନ୍ନତି ଏବଂ ବେଆଇନ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ପୂର୍ବତନ ବିଜେଡି ସରକାରକୁ ସମାଲୋଚନା କରି କହିଥିଲେ, ୨୦୧୪ରୁ ୨୦୨୨ ମଧ୍ୟରେ ଛତିଶଗଡ଼ ବ୍ୟାରେଜ ନିର୍ମାଣ କରି ଚାଲିଥିବା ବେଳେ ବିଜେଡି ସରକାର ଆରମ୍ଭରୁ ଏହାର ପ୍ରତିବାଦ କରି ନ ଥିଲା। ଟ୍ରିବ୍ୟୁନାଲରେ ମଧ୍ୟ ଓଡ଼ିଶାର ପକ୍ଷ ଦୁର୍ବଳ ଭାବେ ଉପସ୍ଥାପନ କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବର୍ତ୍ତମାନର ସରକାର ଚେଷ୍ଟା ଜାରି ରଖିଛନ୍ତି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଓଏସଡି ପ୍ରଦୀପ କୁମାର ସାହୁ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟର ଏସ୍‌ଏସ୍‌ଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ


କୋଇଲା ବୋଝେଇ ଟ୍ରେନ୍‌ରୁ ଅଗ୍ନିଶମ ବିଭାଗ ଦ୍ୱାରା ନିଆଁ ଲିଭାଯାଉଛି।

କଣ୍ଟାବାଞ୍ଜି, ୨।୨ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ଅନ୍ତର୍ଗତ ଟିଟିଲାଗଡ଼-ରାୟପୁର ସେକ୍‌ସନର ତୁରେକେଲା ରୋଡ ରେଳ ଷ୍ଟେଶନରେ ସୋମବାର ଏକ କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଥିଲା। ତେବେ କଣ୍ଟାବାଞ୍ଜି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଟ୍ରେନ୍‌ଟି ରାୟପୁରରୁ ଟିଟିଲାଗଡ଼ ଆଡ଼କୁ ଆସୁଥିବାବେଳେ ତୁରେକେଲା ରୋଡ ରେଳ ଷ୍ଟେଶନରେ ଏକ ବଗିରୁ ଧୂଆଁ ବାହାରୁଥିବା ଷ୍ଟେଶନମାଷ୍ଟର ଦେଖିବାକୁ ପାଇଥିଲେ। ଷ୍ଟେଶନମାଷ୍ଟର ସଙ୍ଗେ ସଙ୍ଗେ ରେଳ ବିଭାଗର ଅଧିକାରୀ ଏବଂ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ୧୫ କିମି ଦୂର ତୁରେକେଲା ରେଳ ଷ୍ଟେଶନକୁ ଯାଇ କୋଇଲା ବୋଝେଇ ବଗିରେ ପାଣି ପକାଇ ନିଆଁକୁ ଲିଭାଇଥିଲେ। ନିଆଁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିବାରୁ ବଡ଼ ଦୁର୍ଘଟଣାରୁ କୋଇଲା ବୋଝେଇ ଟ୍ରେନ ଅଳ୍ପକେ ବର୍ତ୍ତିଯାଇଛି।

# ରତିକାନ୍ତ ମହାପାତ୍ର ପିସିସି ଲିଗାଲ ସେଲ୍ ସଭାପତି

ଭୁବନେଶ୍ୱର, ୨।୨ (ରବିନାରାୟଣ ଜେନା)

ଅଖିଳ ଭାରତ କଂଗ୍ରେସ କମିଟିର ପରାମର୍ଶକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଆଡ୍‌ଭୋକେଟ ରତିକାନ୍ତ ମହାପାତ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଲିଗାଲ ବିଭାଗର ସଭାପତି ଭାବରେ ନିଯୁକ୍ତି ଦେଇଛନ୍ତି। ମହାପାତ୍ର ନିଜର ଅଭିଜ୍ଞତା ଓ ସମୟଦେଇ ଲିଗାଲ ବିଭାଗକୁ ଅଧିକ ଶକ୍ତିଶାଳୀ କରିବେ ବୋଲି ପିସିସି ସଭାପତି ଆଶାବ୍ୟକ୍ତ କରିଛନ୍ତି।

# ଟ୍ରାକ୍ଟର ଓଲଟି ୪ ଗୁରୁତର

ଆନନ୍ଦପୁର, ୨।୨ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ସୀମାନ୍ତ ନଦାଘାଟି ନିକଟରେ ସୋମବାର ରାତି ୯ଟାରେ ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ସମେତ ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ କଡ଼ରାପାଳ ଗ୍ରାମର ବୋଲି ଜଣାପଡ଼ିଛି। ସମସ୍ତେ ଶ୍ରମିକ ଶ୍ରେଣୀର ହୋଇଥିବା ଜଣାଯାଇଛି। ସମସ୍ତେ କେନ୍ଦୁଝର ଆନନ୍ଦପୁର ଅଞ୍ଚଳରୁ ଘରକୁ ଫେରୁଥିଲେ। ଘାଟି ନିକଟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ୩ଶ୍ରମିକଙ୍କ ସହ ଡ୍ରାଇଭର ତଳେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଅଗ୍ନିଶମ କର୍ମଚାରୀ ଓ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପୋଲିସ ସମସ୍ତଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି।

# ରେଳ ବିଭାଗରେ ବି ଅବହେଳା: ଭକ୍ତ

ଭୁବନେଶ୍ୱର, ୨।୨ (ରବିନାରାୟଣ ଜେନା)

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ବଡ଼ ଦାବି ସତ୍ତ୍ୱେ ଓଡ଼ିଶା ପାଇଁ ଚଳିତବର୍ଷ ରେଳ ବଜେଟରେ ଅବହେଳା କରାଯାଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଅଶ୍ୱିନୀଙ୍କ ଖବରଦାତା ସମ୍ମିଳନୀକୁ ନେଇ ଭକ୍ତ କହିଛନ୍ତି, ଚଳିତବର୍ଷ ଓଡ଼ିଶାକୁ ବଜେଟରେ ୧୦,୯୨୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଲଗାତର ଭାବେ ଗତ ୩ ବର୍ଷ ଧରି କେନ୍ଦ୍ରର ରେଳ ବଜେଟରେ ୧୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି। ହେଲେ ଯେଉଁ କ୍ଷେତ୍ରରେ ରେଳ ପହଞ୍ଚି ନାହିଁ ସେଥିପ୍ରତି କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ସେ କହିଛନ୍ତି, ଅନେକ ବର୍ଷ ପଛରେ ରହିଯାଇଥିବା ତାଳଚେର-ବିମଳାଗଡ଼ ନୂଆ ରେଳପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଏବେ ସୁଦ୍ଧା ଶେଷ ହୋଇପାରୁ ନାହିଁ। ଓଡ଼ିଶାରେ ୧୫୪ କିଲୋମିଟର ତାଳଚେର-ବିମଳାଗଡ଼ ରେଳପଥ ପ୍ରକଳ୍ପ, ଯାହା କି କୋଇଲା ସମୃଦ୍ଧ ଅଞ୍ଚଳକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା, ତାହା ୨୦୦୩-୦୪ରେ ଅନୁମୋଦିତ ହୋଇଥିଲା। ଚଳିତ ବଜେଟରେ ପ୍ରସ୍ତାବିତ ପୂର୍ବ-ପଶ୍ଚିମ ମାଲବାହୀ କରିଡର ଓଡ଼ିଶାର ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି। ସେହିଭଳି ଗତ ୧୧ ବର୍ଷରେ ରାଜ୍ୟରେ ପ୍ରାୟ ୨,୨୦୦ କିଲୋମିଟର ନୂଆ ରେଳପଥ ନିର୍ମାଣ ହୋଇଛି, ଯାହା ମାଲେସିଆର ମୋଟ ରେଳପଥ ଦୈର୍ଘ୍ୟଠାରୁ ଅଧିକ। କିନ୍ତୁ ସେ ଭୁଲି ଯାଉଛନ୍ତି, ଓଡ଼ିଶାରେ ଆଜି ବି ବହୁ ଅଞ୍ଚଳ ରେଳବାଇ କ୍ଷେତ୍ରଠାରୁ ଅପହଞ୍ଚ ଦୂରରେ ରହିଛି। ପୁରୁଣା ରେଳପଥ ଓ ରେଳ ଷ୍ଟେଶନଗୁଡ଼ିକର ନିର୍ମାଣ ତଥା ସଂପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ ବୋଲି ଭକ୍ତ କହିଛନ୍ତି।

# ସୁଶୀଳାଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି



କଂଗ୍ରେସ ଭବନରେ ସୁଶୀଳା ତିରିଆଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଭୁବନେଶ୍ୱର, ୨।୨ (ରବିନାରାୟଣ ଜେନା)

ପୂର୍ବତନ ସାଂସଦ ତଥା ବିଶିଷ୍ଟ ନାରୀନେତ୍ରୀ ସୁଶୀଳା ତିରିଆଙ୍କୁ ପିସିସି ପକ୍ଷରୁ ସୋମବାର କଂଗ୍ରେସ ଭବନରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ପକାଇ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ତାଙ୍କର ମରଶରୀରକୁ ବାରିପଦା ଅଭିମୁଖେ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଜୟଦେବ ଜେନା, ଶରତ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପିସିସି ଅନୁସୂଚିତ ଜାତି ବିଭାଗର ଲୋକ ସଭାସ୍ତରୀୟ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର, ୨।୨ (ରବିନାରାୟଣ ଜେନା)

ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗକୁ ସୁଦୃଢ଼ ଓ କ୍ରିୟାଶୀଳ କରିବା ନିମନ୍ତେ ଲୋକ ସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ଦାୟିତ୍ୱ ବଣ୍ଟନ କରାଯାଇଛି ବୋଲି ସେଲର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଜଣାଇଛନ୍ତି। ସୂଚନା ଅନୁଯାୟୀ, କୋରାପୁଟ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଭାରୀ ଭାବେ ରାମଲାଲ ସୁନାନୀ ଓ ସହ ପ୍ରଭାରୀ ହୁତାସନ ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ନବରଙ୍ଗପୁର ଲୋକ ସଭା ପାଇଁ ପ୍ରଭାରୀ ଚିତ୍ତରଞ୍ଜନ ନିଆଲ ଓ ସହ ପ୍ରଭାରୀ କାର୍ତ୍ତିକ ନାଗଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପୁରୀ ପାଇଁ ପ୍ରଭାରୀ ଆଶିଷ କୁମାର ମଲ୍ଲିକ ଓ ସହପ୍ରଭାରୀ ବିକାଶ ଦାସଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଭୁବନେଶ୍ୱର ଲୋକ ସଭା ପାଇଁ ପ୍ରଭାରୀ ଭାବେ ଅଶୋକ ନାୟକ ଓ ସହ ପ୍ରଭାରୀ ଭାବେ ବସନ୍ତ ନାୟକ, ତ୍ରିନାଥ ମଲ୍ଲିକ, ନଳିନୀ ବେହେରା, ରଞ୍ଜନ ଭୋଇ, ସୁକାନ୍ତ ଡିଆଡ଼ିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାବାଦ୍ କନ୍ଧମାଳ ସମେତ ଅନ୍ୟ ସମସ୍ତ ଲୋକ ସଭା ମଣ୍ଡଳୀ ପାଇଁ ବରିଷ୍ଠ କଂଗ୍ରେସ କର୍ମକର୍ତ୍ତାଙ୍କୁ ପ୍ରଭାରୀ ଓ ସହପ୍ରଭାରୀ ଦାୟିତ୍ୱ ପ୍ରଦାନ କରାଯାଇଛି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

ପତ୍ରସଂଖ୍ୟା ୨୦ **ବିଜ୍ଞାପନ** ତା.୧୫.୦୧.୨୬

**No.CAD**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ.ଏଏମ୍-୪୨-(AM-42), ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀ ବିମଳ କୁମାର ଦାସ, ପିତା-ସ୍ୱ ବ୍ରଜ ବଲ୍ଲଭ ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, ସ୍ୱାମୀ-ଶ୍ରୀ ପଞ୍ଚାନନ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ, ପିତା-ସ୍ୱ ବ୍ରଜ ବଲ୍ଲଭ ଦାସ, ସା-କ୍ୱେଏ-୩୯, ଶକ୍ତିନଗର, ପୋ-ଜଗଡ଼ା, ଥାନା-ରାଉରକେଲା-୧୪, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଶ୍ରୀ ବିମଳ କୁମାର ଦାସ, (୨) ଶ୍ରୀମତୀ ମାନସୀ ମହାନ୍ତି, (୩) ଶ୍ରୀ ବିନୟ କୁମାର ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଅଜୟ କୁମାର ଅଗରୱାଲ, ପିତା-କନ୍ହେୟାଲାଲ ଅଗରୱାଲ, ସା/ପୋ- କନିନା ଖାସ୍, ଜିଲ୍ଲା- ମହେନ୍ଦ୍ରଗଡ଼ (ହରିୟାଣା)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-



## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WATER SUPPLY & SANITATION, BHUBANESWAR

E-Mail: eebbsrrwss@gmail.com

**REQUEST FOR PROPOSAL (RFP)**

**BID No.05/2025-26**

No.25001/16/2526:Superintending Engineer, RWS&S Division, Bhubaneswar on behalf of the Governor of Odisha invites Request For Proposal (RFP) in sealed covers for Engagement of **2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard** through manpower service provider on outsourcing basis under the jurisdiction of RWS&S Division, Bhubaneswar from registered and established private manpower service provider under EPF & ESI Act.

| | | |
|---|---|---|
| 1 | Nature of Assignment | **Request for proposal (RFP) For Hiring of Agency for Engagement of 2 Nos. of Attendant, 6 Nos. of Sweeper, 1 No. Gardener & 6 Nos. of Security Guard through manpower service provider on outsourcing basis under the jurisdiction of RWS&S Division, Bhubaneswar.** |
| 2 | No. of Item | 01 (One) |
| 3 | Period of Contract | 12 (Twelve) Months |
| 4 | Availability of RFP | **04.02.2026 to 11.02.2026 upto 03.00 PM** |
| 5 | Last date & time for submission of RFP | 11.02.2026 upto 03.00 PM |
| 6 | Last date & time for seeking clarification | 09.02.2026 upto 5.00 PM |
| 7 | Bid Security (E.M.D.) | Rs.30,000.00 |
| 8 | Cost of Bid Document | Rs.6,000.00 |
| 9 | Mode of submission of RFP | Online through e-procurement portal only in website www.tendersorissa.gov.in |
| 10 | Date & Time of opening of RFP | Dt.12.02.2026 at 11.30 A.M. in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in.

**Superintending Engineer, RWS&S Division, Bhubaneswar**

OIPR-25001/25011/1/25-26/0016



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, JAJPUR

No.O-2156

Letter No.682/ Date 02.02.2026

**1st Corrigendum** to Bid Identification No. Tender Online **17 JJPT** of 2025-26 invited this office **Letter No.310, Dtd.15.01.2026.**
**The change as detailed below are hereby made in the above N.I.T.**
**1. Corrigendum to Change Date & Time.**

| Procurement Officer | Bid Identification No. | Availability of Tender On-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur | Tender Online 17 JJPT of 2025-26 | 27.01.2026 at 10.00 AM | 03.02.2026 at 10.00 AM | 06.02.2026 upto 05.00 PM | 09.02.2026 upto 05.00 PM | 05.02.2026 upto 5.00 PM | 07.02.2026 upto 5.00 PM | 07.02.2026 at 11.30 AM | 10.02.2026 at 11.30 AM |

**Note:- If situation arises the transparent lottery will be held on 12.02.2026, At 11.30 AM.**

OIPR-

**Sd./- Superintending Engineer, R.W.Division, Jajpur**



## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION-II, SUNDARGARH

E-Mail : rw_rourkela@yahoo.co.in

**No.25001/16/2526**

**TENDER CALL NOTICE**

**BID IDENTIFICATION NO. ONLINE-EERKL-28 of 2025-26**

1. Name of the work : Road Work, 2. Total No. of work : 01 (One) No., 3. Estimated Cost : Rs.63.38 Lakhs, 4. Class of Contractor : 'B' Class, 5. Period of Completion : 01 (One) Calendar month, 6. Type of Tender : Double Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-28 of 2025-26** | **02.02.2026 from 10.00 AM** | **10.02.2026 upto 4.00 PM** |

Further details can be seen from the website : www.tendersorissa.gov.in.

**Sd./- Executive Engineer**
**RW Division-II, Sundargarh**

OIPR-25001/25193/1/25-26/0016



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, ANGUL

No.25001/16/2526

E-Mail : sencrwangul@yahoo.co.in, Ph. : 06764-236404

**SHORT TENDER CALL NOTICE FOR AMP ROAD WORKS IN ODISHA**

**Bid Identification No. AMP Road Online AGL-34/2025-26**

**No. 457//** **Dt. 30.1.2026//**

1. Name of the work : AMP Road works, 2. Total No. of work : 02 Nos., 3. Estimated cost : Rs.126.36 to Rs.149.98 Lakhs (Approx.), 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | AMP Road Online - AGL-35/25-26 | 04.02.2026 at 10.00 A.M. | 10.02.2026 up to 5.00 P.M. | 09.02.2026 up to 1.00 P.M. | 10.02.2026 at 5.30 P.M | Will be intimated separately |

For detailed Notice inviting Tenders, Please visit to the website www.tendersorissa.gov.in

**Sd./- Chief Construction Engineer,**
**Rural Works Circle, Angul**

OIPR-25001/25180/1/25-26/0016

# 'ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ ସଚେତନତା ଆବଶ୍ୟକ'

ବାଲୁଗାଁ,୨।୨(ସଂଗ୍ରାମ ପାଇକରାୟ)

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋମବାର ସ୍ଥାନୀୟ ବଡ଼କୁଳସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ପରିସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ଏସିଏଫ୍ ରଜତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସିଡିଏ ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବନ୍ୟପ୍ରାଣୀ ବିଭାଗ ଡିଏଫ୍ଓ ଅମ୍ଳାନ କୁମାର ନାୟକ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା, ପରିବେଶବିତ୍ ଧନେଶ୍ୱର ବିଧାର, ସାଇଣ୍ଟିଷ୍ଟ ପ୍ରଦୀପ୍ତ ରଞ୍ଜନ ମୁଦୁଲି, ସୂଚନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅଧିକାରୀମାନେ।

ଅଧିକାରୀ ପ୍ରଶାନ୍ତ ନାୟକ, ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚିଲିକାର ଆର୍ଦ୍ରଭୂମି, ଜୈବ ବିବିଧତା, ଏହାର ସଂରକ୍ଷଣ, ସୁରକ୍ଷା, ବୈଜ୍ଞାନିକ ଗବେଷଣା, ଅଧ୍ୟୟନ ତଥା ଏ ସମ୍ପର୍କିତ ବିଭିନ୍ନ ଗଠନମୂଳକ ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ଦୂଷିତ ପରିବେଶ ଯୋଗୁ ଦିନକୁ ଦିନ ଆର୍ଦ୍ରଭୂମିର ପରିମାଣ ସଙ୍କୁଚିତ ହେବାରେ ଲାଗିଛି, ଯାହାକି ଚିଲିକାରେ ମାଛ, କଙ୍କଡ଼ା ଆଦି ଉତ୍ପାଦନ ହ୍ରାସ ପାଇବା ସହ ବିଦେଶୀ ପକ୍ଷୀ ଏବଂ ଡଲଫିନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ପରିବେଶ ଓ ମାନବ ସମାଜ ପରସ୍ପର ନିର୍ଭରଶୀଳ, ପରିବେଶ ଉତ୍ତମ ରହିଲେ ଏଠାକୁ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇବା ସହ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାରେ ମଧ୍ୟ ଉନ୍ନତି ହୋଇପାରିବ। ଆର୍ଦ୍ରଭୂମିର ସଂରକ୍ଷଣ ଦିଗରେ ମାନବ ସମାଜ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ନିକଟସ୍ଥ ଗ୍ରାମାଞ୍ଚଳରେ ପ୍ଲାଷ୍ଟିକ ମୁକ୍ତ ଚିଲିକା ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିସହ ଗବେଷଣା କେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରେଞ୍ଜର ରଶ୍ମିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ମୁକ୍ତମଞ୍ଚ ନାଟକ ପ୍ରସ୍ତୁତି

ବେଗୁନିଆ,୨।୨(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ଭୋଗଡ଼ା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଜାଗର ଯାତ୍ରା ଉପଲକ୍ଷେ ଦୁଇଦିନ ଧରି ମୁକ୍ତମଞ୍ଚ ନାଟକ ପରିବେଷଣ କରାଯିବ। ଆସନ୍ତା ୧୫ ତାରିଖରେ ବାଲୁଙ୍କେଶ୍ୱର ଦେବ ନାଟ୍ୟ ସଂସଦର ପ୍ରଥମ ରାତ୍ରରେ 'କଟି କଟି ଡବଲ କଟି' ଏବଂ ୧୬ ରିଖ ଦିତୀୟ ରାତ୍ରରେ 'ଏ ଆଖି କାନ୍ଦୁଛି ତୋରି ପାଇଁ' ନାଟକ ପରିବେଷଣ ହେବ। ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପଦେଷ୍ଟା ସଦାଶିବ ମହାପାତ୍ର, ସୌମେନ୍ଦ୍ର ସାମନ୍ତରାୟ, ନିର୍ଦ୍ଦେଶକ ଦୀପକ ପ୍ରଧାନ, ଗୋକୁଳାନନ୍ଦ ଜେନା, ପରିଚାଳକ ଅଜିତ କୁମାର ପ୍ରଧାନ, ଅଜୟ କୁମାର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନିଶଙ୍କ ସମେତ କଳାକାରମାନେ ଉପସ୍ଥିତ ଥିଲେ।

### ମା' ବନଦୁର୍ଗା କ୍ଲବର ବାର୍ଷିକୋତ୍ସବ

କୃଷ୍ଣପ୍ରସାଦ,୨।୨(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ପଞ୍ଚାୟତ ଗୋପକୁଦା ଗ୍ରାମର ମା' ବନଦୁର୍ଗା କ୍ଲବର ୩୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ହରିହର ଦାଶ, ମୁଖ୍ୟ ବକ୍ତା ପ୍ରହଲ୍ଲାଦ ଜେନା, ସମ୍ମାନିତ ଅତିଥି ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ବୁଦ୍ଧିବର ସରପଞ୍ଚ ସଂଯୁକ୍ତା ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। କ୍ଲବ ସଭାପତି ଗୌରାଙ୍ଗ ଚରଣ ପଲେଇ, ସମ୍ପାଦକ ମାନସ ପଲେଇ, ଦୁର୍ଗା ଚରଣ ବିଶ୍ୱାଳ, ସୌଭାଗ୍ୟ ବଳିୟାରସିଂହ, ସନ୍ତୋଷ ବେହେରା, ପଦ୍ମ ଚରଣ ବିଶ୍ୱାଳ, ଘନଶ୍ୟାମ ପଲେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଚାରକଭାବେ ବରିଷ୍ଠ ଅଧ୍ୟାପକ ଜୟନୁଲ ହୁସେନ, ଯୁବ ଗୀତିକାର ସୁନୀଲ କୁମାର ମହାରଣା, ଶିକ୍ଷାବିତ୍ ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିଲେ। ଗୋପକୁଦା ଗ୍ରାମ ସଭାପତି ସୁବାସ ଚନ୍ଦ୍ର ପଲେଇ, ସମ୍ପାଦକ ଚୈତନ୍ୟ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଡା.ଗଗନ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ ଦାସ ମଞ୍ଚ ପରିଚାଳନା କରିଥିଲେ। ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୨।୨(ମାନସ ଚନ୍ଦ୍ର ପଟ୍ଟନାୟକ): ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ା ଗ୍ରାମର ଥିବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ୩୦ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଗ୍ରାମର ଶତାଧିକ ମାନସିକଧାରୀ ମହିଳା ପୁରୁଷ ଗ୍ରାମ ପୁଷ୍କରିଣୀରୁ ପାଣି ଉଠାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନା କରିଥିଲେ। ସୂର୍ଯ୍ୟପୂଜା, ଧେନୁପୂଜା, ଚଣ୍ଡୀପାଠ ଓ ସର୍ବଦେବଦେବୀ ଆବାହନ ଆଦି କର୍ମ କରାଯାଇଥିଲା। ସେହିପରି ଅପରାହ୍ନରେ ବିଭିନ୍ନ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୈନିକ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଅହୁତ ପ୍ରଦାନ କରାଯାଉଛି। ଚଣ୍ଡୀପାଠ, ମହା ମୃତ୍ୟୁଞ୍ଜୟ ମନ୍ତ୍ର ଆଦି ବେଦଧ୍ୱନି ସହ ହରିବୋଲ, ହୁଳହୁଳିରେ ଯଜ୍ଞ ମଣ୍ଡପରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। କ୍ରିୟାନୁଷ୍ଠାନ କମିଟିର ସମସ୍ତ କର୍ମକର୍ତ୍ତା ଓ ଖଜୁରୀପଡା ଗ୍ରାମର ଯୁବଗୋଷ୍ଠୀ ସହଯୋଗ କରିଥିଲେ। ଆସନ୍ତା ବୁଧବାର ପୂର୍ଣ୍ଣାହୁତି ଦିବସ। ଏହି ଦିବସରେ ସମସ୍ତ ଶ୍ରଦ୍ଧାଳୁ ଉପସ୍ଥିତ ରହିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ଆଇସି ରିଭ୍ୟୁ ରିପୋର୍ଟ ଦାଖଲ ପାଇଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

## ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପ୍ରସଙ୍ଗ

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପ୍ରସଙ୍ଗରେ ଆଭ୍ୟନ୍ତରୀଣ କମିଟି (ଆଇସି) ଗଠନ ଓ ଏହାର ସଫଳ କାର୍ଯ୍ୟକାରିତା ଉପରେ ଉଚ୍ଚ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉଛି। ଏନେଇ ରିପୋର୍ଟ ଦାଖଲ ପାଇଁ ବିଭାଗ ପକ୍ଷରୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଅବଗତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର କହିଛନ୍ତି, ଉଚ୍ଚ ଶିକ୍ଷାନୁଷ୍ଠାନରେ ଗଠନ ହୋଇଥିବା ଆଭ୍ୟନ୍ତରୀଣ କମିଟିକୁ ନିରନ୍ତର କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତି ତିନିମାସରେ ରିଭ୍ୟୁ କରାଯାଉଛି। ଏହାର ସବିଶେଷ ତଥ୍ୟ ଆସନ୍ତା ୭ତାରିଖ ସୁଦ୍ଧା ବିଭାଗ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଏକ ଗୁଗଲ୍ ଫର୍ମ ଜାରି କରାଯାଇଥିବାବେଳେ ସେଥିରେ ପ୍ରାଥମିକ ରିଭ୍ୟୁ ରିପୋର୍ଟ ଦେବାକୁ କୁହାଯାଇଛି।


ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳନ ଅବସରରେ ସୋମବାର ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ରମାନେ।

### ଈଶାନେଶ୍ୱର ଦେବଙ୍କ ପୀଠରେ ଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨।୨(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ବାବା ଈଶାନେଶ୍ୱର ଦେବଙ୍କ ପୀଠରେ ସାତଦିନ ଧରି ଚାଲିଥିବା ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଯାଜ୍ଞିକ ବ୍ରାହ୍ମଣ ରମେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ କରୁଣାକର ମହାପାତ୍ର କର୍ତ୍ତାଭାବେ ଉପବେଶନ କରଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଯଜ୍ଞକାର୍ଯ୍ୟ ହୋଇଥିଲା। ଅନ୍ତିମ ଦିବସରେ ଭକ୍ତିମୟ ପରିବେଶ ମଧ୍ୟରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା।

### ବିଶ୍ୱ ଆର୍ଦ୍ରଭୂମି ଦିବସ

ଖୋର୍ଦ୍ଧା,୨।୨(ପ୍ରଭାତ ପାଣିଗ୍ରାହୀ)

ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଭା ହୋଇଥିଲା। ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆର୍ଦ୍ରଭୂମି ସୁରକ୍ଷାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ଆର୍ଦ୍ରଭୂମିର ଗୁରୁତ୍ୱ, ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୨୭ କଲେଜର ସ୍ୱୟଂଶାସିତ ମାନ୍ୟତା ଶେଷ

## ୟୁଜିସି ଚିଠି ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଲା

■ ଆବଶ୍ୟକ ଡକ୍ୟୁମେଣ୍ଟ ଦେଇ ନ ଥିବା ଓ ଆବେଦନ କରି ନ ଥିବା ଶିକ୍ଷାନୁଷ୍ଠାନକୁ ତାଗିଦା

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ ୩୦ଟି ଅଟୋନୋମସ୍ (ସ୍ୱୟଂଶାସିତ) ଶିକ୍ଷାନୁଷ୍ଠାନ ରହିଛି। ଇତିମଧ୍ୟରେ ୨୭ଟି ଶିକ୍ଷାନୁଷ୍ଠାନର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଯାଇଛି। ନବୀକରଣ ପାଇଁ ୨୦ ଶିକ୍ଷାନୁଷ୍ଠାନ ଆବେଦନ କରିଥିବାବେଳେ ୭ କଲେଜ ପକ୍ଷରୁ ଏଯାଏ କୌଣସି ଆବେଦନ ହୋଇନାହିଁ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖାଯିବା ସହ ମାନ୍ୟତା ତାଲିକା ଦିଆଯିବା ପରେ ବିଭାଗର ଚେତା ପଶିଛି। ଆବେଦନ କରିଥିବା ଶିକ୍ଷାନୁଷ୍ଠାନ ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନରେ ବିଳମ୍ବ ହୋଇଥିବା ୟୁଜିସି ସ୍ପଷ୍ଟ କରିଛି। ତେବେ ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିବା ଶିକ୍ଷାନୁଷ୍ଠାନଗୁଡିକ କିପରି ପରୀକ୍ଷା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଚଳାଇଛନ୍ତି ଏବଂ ନବୀକରଣରେ କାହିଁକି ଏତେ ବିଳମ୍ବ ହୋଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୟୁଜିସିର ତାଲିକା ଅନୁସାରେ, ରାଜ୍ୟର ପ୍ରତିଷ୍ଠିତ ତଥା ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋର୍ଦ୍ଧା, ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ କଟକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜ ପୁରୀ ଭଳି ବିଭିନ୍ନ ଜିଲାରେ ଥିବା ମୋଟ୍ ୨୭ଟି କଲେଜର ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଛି। ଅନ୍ୟପକ୍ଷରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରର ସ୍ୱାମୀ ବିବେକାନନ୍ଦ ମେମୋରିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ବଡ଼ଚଣାର ବାବା ଭୈରବନାଥ ମହାବିଦ୍ୟାଳୟ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଓ ବ୍ୟାସନଗର ମହାବିଦ୍ୟାଳୟ ଯାଜପୁର ରୋଡ୍ ଏବଂ ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିଲେ ମଧ୍ୟ ଏଯାଏବତ୍ ମାନ୍ୟତା ନବୀକରଣ ପାଇଁ ଆବେଦନ କରାଯାଇ ନାହିଁ। ୟୁଜିସିର ଚିଠି ପରେ ଉଚ୍ଚଶିକ୍ଷା ବିଭାଗ ଗତ ସପ୍ତାହରେ ସ୍ୱୟଂଶାସିତ ମାନ୍ୟତା ନ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକମାନଙ୍କୁ ଡାକି ଗତ ସପ୍ତାହରେ ବୈଠକ କରିଥିଲା। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରିବା ସହିତ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ମାନ୍ୟତା ନବୀକରଣ ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ମିଳିପାରୁ ନ ଥିବା ସୂଚନା ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ସେମାନେ ୟୁଜିସି ପାଇଁ ଆବଶ୍ୟକ ତଥ୍ୟ ସମ୍ବଳିତ ଡକ୍ୟୁମେଣ୍ଟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ରେ ଶ୍ରୀରାଧା, ଶ୍ରୀକୃଷ୍ଣଙ୍କ ପ୍ରେମଲୀଳା

ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ): ସଙ୍ଗୀତ ସାଧକ ସୌମ୍ୟ ବିଶ୍ୱଜିତଙ୍କ ପ୍ରଚେଷ୍ଟାରେ ରବିବାର ରବୀନ୍ଦ୍ରମଣ୍ଡପରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଶ୍ରେଷ୍ଠକୃତୀ 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ'ର ବିଶ୍ଳେଷଣ ପୁସ୍ତକ, ସିଡି ଲୋକାର୍ପଣ ସହ ନୃତ୍ୟ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ପୁସ୍ତକାର ରୀନା ରାଉତରାୟ, ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ନିମାକାନ୍ତଙ୍କ ଛାତ୍ରୀଛାତ୍ରମାନେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ପ୍ରେମଲୀଳାକୁ ନେଇ ରଚିତ ଚମ୍ପୂର 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ଡ. ଶାନ୍ତନୁ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷକ, କୃଷି ବିଶେଷଜ୍ଞଙ୍କ ମଧ୍ୟ ସମ୍ପର୍କ ରହିବା ଜରୁରୀ

## ଉଦ୍ୟାନ କୃଷିରେ ଭୂତାଣୁଜନିତ ରୋଗପୋକ ପରିଚାଳନା ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)




ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟଠାରେ ଉଦ୍ୟାନ କୃଷିରେ ଭୂତାଣୁଜନିତ ରୋଗପୋକ ପରିଚାଳନା ପାଇଁ ୨ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ଉଦ୍ୟାନ ଫସଲରେ ରୋଗ ପୋକ ଉତ୍ପାଦନ ସହିତ ଗୁଣବତ୍ତାକୁ ପ୍ରଭାବିତ କରୁଛି। ତେଣୁ କୃଷି କାର୍ଯ୍ୟ ଓ କୃଷକ ସହ କୃଷି ବିଶେଷଜ୍ଞଙ୍କର ଆତ୍ମୀୟ ସମ୍ପର୍କ ରହିଲେ ହିଁ କୃଷିର ବିକାଶ ହୋଇପାରିବ। କୃଷକମାନଙ୍କୁ ଭୂତାଣୁଜନିତ ରୋଗର ଲକ୍ଷଣ, ପ୍ରକ୍ରିୟା, ଚିହ୍ନଟ ପଦ୍ଧତି ଓ ଠିକ ପରିଚାଳନା ଉପାୟ ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ସୁସ୍ଥ ବିହନ ଓ ଚାରା ବ୍ୟବହାର, ରୋଗ ନିୟନ୍ତ୍ରଣ, ସମନ୍ୱିତ ରୋଗ ପରିଚାଳନା ପଦ୍ଧତି ଓ ଆଧୁନିକ ପ୍ରଯୁକ୍ତି ମାଧ୍ୟମରେ କିପରି ଉଚ୍ଚ ଉତ୍ପାଦନ ଓ ଅଧିକ ଆୟ ହାସଲ କରାଯାଇପାରିବ ତାହା ଉପରେ ପ୍ରଶିକ୍ଷଣର ଆବଶ୍ୟକତା ରହିଥିବା ସେ କହିଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ର କହିଲେ, ଚାଷୀ ନିଜ ଅମଳ ଫସଲକୁ ସୁରକ୍ଷିତ ରଖିବାକୁ ହେଲେ ଫସଲରେ ରୋଗ ପୋକ ନିୟନ୍ତ୍ରଣକୁ ପ୍ରାଧାନ୍ୟ ଦେବା ଜରୁରୀ। ରୋଗକୁ ତୁରନ୍ତ ଚିହ୍ନଟ କରି ଉପଯୁକ୍ତ ଉପଚାର କରିବା ନିହାତି ଆବଶ୍ୟକ। ସେହିପରି ଚାଷୀ ସମୟାନୁଯାୟୀ ରୋଗପୋକର ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶିକ୍ଷା ଓ ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର କହିଛନ୍ତି। ଭୂତାଣୁଜନିତ ରୋଗପୋକ ପରିଚାଳନା କଷ୍ଟସାଧ ହୋଇଥିବା ବେଳେ ସମନ୍ୱିତ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ବୋଲି ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା କହିଛନ୍ତି। ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ପୁରୀ, କଟକ, ନୟାଗଡ, ଯାଜପୁର ଏବଂ ଢେଙ୍କାନାଳର ଅଗ୍ରଣୀ ଚାଷୀ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମକୁ ଡ. ଅରବିନ୍ଦ ଧଳ ପରିଚାଳନା କରିଥିଲେ। ଡ. ଦୀପା ଖୁଲବେ ସ୍ୱାଗତ ଭାଷଣ ଓ ଡ. ନିରଞ୍ଜନ ଚିନାରା ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୂର୍ଯ୍ୟମଣି



@ ପ୍ରଦୀପ୍ତ


@ ଶୁଭେନ୍ଦୁ


@ ସୁଶିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଜାତୀୟ କନ୍ୟା ସନ୍ତାନ ଦିବସ




କୃଷ୍ଣପ୍ରସାଦ,୨।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ପିଏମ୍ଶ୍ରୀ ଅରଖକୁଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଭା ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ବିରଞ୍ଚି ହରନାରାୟଣ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅରଖକୁଦା ବନ ବିଭାଗର ବରିଷ୍ଠ କର୍ମଚାରୀ ଅନିତା ଜୟସିଂହ, ମୁଖ୍ୟବକ୍ତା ଅରଖକୁଦା ପଞ୍ଚାୟତ ଏମ୍ବିକେ ସ୍ୱୟଂ ସହାୟିକା ଗୋଷ୍ଠୀର ସବିତାରାଣୀ ବେହେରା, ବିଦ୍ୟାଳୟ ପରିଚାଳନା ସମିତିର ସଭାନେତ୍ରୀ ସୁଲୋଚନା ବେହେରା, ଆଲୁମ୍ନି ଉପସଭାପତି ମଧୁସୂଦନ ଦାଶ, ସଦସ୍ୟ ସଞ୍ଜୟ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଙ୍କ ମା'ମାନଙ୍କୁ ନେଇ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାଭିଅର୍ ସ୍କୁଲର ବାର୍ଷିକୋତ୍ସବ

ଯାଁଳା,୨।୨(ବୁଲା ବାରିକ୍): ଜଟଣୀ ବ୍ଲକ ମହୁରା ସ୍ଥିତ ଜାଭିଅର୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ ସେନାପତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଏବଂ ମୁଖ୍ୟ ବକ୍ତାଭାବେ ପ୍ରଭାତ ମିଶ୍ର ଯୋଗଦେଇଥିଲେ। ଉତ୍ସବରେ ସମ୍ମାନିତ ଅତିଥିଭାବେ ବିବେକାନନ୍ଦ ଦାସ, ପଞ୍ଚପଲ୍ଲୀ ସରପଞ୍ଚ ବନଜା ଜେନା, ମୁଖ୍ୟ ସଂଯୋଜକ ରମା ବଲ୍ଲଭ ପରିଡା ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପରେ ଅତିଥିମାନେ ୧୫୭ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ ପ୍ରଦାନ କରିଥିଲେ। ୧୭ ଜଣ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ତପସ୍ୱିନୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅଜୟ ମହାରଣା ଧନ୍ୟବାଦ ଦେଇଥିଲେ।

# ୨୭ କଲେଜର ସ୍ୱୟଂଶାସିତ ମାନ୍ୟତା ଶେଷ

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)

## ୟୁଜିସି ଚିଠି ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଲା

### ଆବଶ୍ୟକ ଡକ୍ୟୁମେଣ୍ଟ ଦେଇ ନ ଥିବା ଓ ଆବେଦନ କରି ନ ଥିବା ଶିକ୍ଷାନୁଷ୍ଠାନକୁ ତାଗିଦ



ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ମୋଟ ୩୦ଟି ଅଟୋନୋମସ୍ (ସ୍ୱୟଂଶାସିତ) ଶିକ୍ଷାନୁଷ୍ଠାନ ରହିଛି। ଇତିମଧ୍ୟରେ ୨୭ଟି ଶିକ୍ଷାନୁଷ୍ଠାନର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଯାଇଛି। ନବୀକରଣ ପାଇଁ ୨୦ ଶିକ୍ଷାନୁଷ୍ଠାନ ଆବେଦନ କରିଥିବାବେଳେ ୭ କଲେଜ ପକ୍ଷରୁ ଏଯାଏ କୌଣସି ଆବେଦନ ହୋଇନାହିଁ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖାଯିବା ସହ ମାନ୍ୟତା ତାଲିକା ଦିଆଯିବା ପରେ ବିଭାଗର ଚେତା ପଶିଛି। ଆବେଦନ କରିଥିବା ଶିକ୍ଷାନୁଷ୍ଠାନ ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନରେ ବିଳମ୍ବ ହୋଇଥିବା ୟୁଜିସି ସ୍ପଷ୍ଟ କରିଛି। ତେବେ ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିବା ଶିକ୍ଷାନୁଷ୍ଠାନଗୁଡିକ କିପରି ପରୀକ୍ଷା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଚଳାଇଛନ୍ତି ଏବଂ ନବୀକରଣରେ କାହିଁକି ଏତେ ବିଳମ୍ବ ହୋଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ୟୁଜିସିର ତାଲିକା ଅନୁସାରେ, ରାଜ୍ୟର ପ୍ରତିଷ୍ଠିତ ତଥା ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋର୍ଦ୍ଧା, ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ କଟକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜ ପୁରୀ ଭଳି ବିଭିନ୍ନ ଜିଲାରେ ଥିବା ମୋଟ୍ ୨୭ଟି କଲେଜର ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଛି। ଅନ୍ୟପକ୍ଷରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତ୍‌ସିଂହପୁରର ସ୍ୱାମୀ ବିବେକାନନ୍ଦ ମେମୋରିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ବଡ଼ଚଣାର ବାବା ଭୈରବନାଥ ମହାବିଦ୍ୟାଳୟ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଓ ବ୍ୟାସନଗର ମହାବିଦ୍ୟାଳୟ ଯାଜପୁର ରୋଡ୍ ଏବଂ ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିଲେ ମଧ୍ୟ ଏଯାଏବତ୍ ମାନ୍ୟତା ନବୀକରଣ ପାଇଁ ଆବେଦନ କରାଯାଇ ନାହିଁ।

ୟୁଜିସିର ଚିଠି ପରେ ଉଚ୍ଚଶିକ୍ଷା ବିଭାଗ ଗତ ସପ୍ତାହରେ ସ୍ୱୟଂଶାସିତ ମାନ୍ୟତା ନ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକମାନଙ୍କୁ ଡାକି ଗତ ସପ୍ତାହରେ ବୈଠକ କରିଥିଲା। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରିବା ସହିତ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ମାନ୍ୟତା ନବୀକରଣ ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ମିଳିପାରୁ ନ ଥିବା ସୂଚନା ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ସେମାନେ ୟୁଜିସି ପାଇଁ ଆବଶ୍ୟକ ତଥ୍ୟ ସମ୍ବଳିତ ଡକ୍ୟୁମେଣ୍ଟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟମଣି




@ ପ୍ରଦୀପ୍ତ



@ ଶୁଭେନ୍ଦୁ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଅନୁଷ୍ଠିତ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ରେ ଶ୍ରୀରାଧା, ଶ୍ରୀକୃଷ୍ଣଙ୍କ ପ୍ରେମଲୀଳା

ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ)

ସଙ୍ଗୀତ ସାଧକ ସୌମ୍ୟ ବିଶ୍ୱଜିତଙ୍କ ପ୍ରଚେଷ୍ଟାରେ ରବିବାର ରବୀନ୍ଦ୍ରମଣ୍ଡପରେ କବିସୂର୍ଯ୍ୟ ବଳଦେବ ରଥଙ୍କ ଶ୍ରେଷ୍ଠକୃତି 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ'ର ବିଶ୍ଳେଷଣ ପୁସ୍ତକ, ଶିଡି ଲୋକାର୍ପଣ ସହ ନୃତ୍ୟ ସଙ୍ଗୀତ ଉତ୍ସବ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ପ୍ରସ୍ତକାର ରୀନା ରାଉତରାୟ, ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ନିମାକାନ୍ତଙ୍କ ଛାତ୍ରୀଛାତ୍ରମାନେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ପ୍ରେମଲୀଳାକୁ ନେଇ ରଚିତ ଚମ୍ପୂର 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସୌମ୍ୟ ବିଶ୍ୱଜିତ୍ ଏହି ସଙ୍ଗୀତରେ ଥିବା ୩୪ଟି ଚମ୍ପୂର ଓଡ଼ିଆ ଚଉପଦୀଗୁଡିକର ଇଂଲିଶ ଭାଷାରେ ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ଡ. ଶାନ୍ତନୁ କୁମାର ରଥ, ପଣ୍ଡିତ ହରମୋହନ ଖୁଣ୍ଟିଆ, ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ସଙ୍ଗୀତ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ୍, ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ସମେତ ଅନ୍ୟମାନେ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଖଣ୍ଡାରେ ହାଣିବା ଘଟଣା: ଅଭିଯୁକ୍ତ ସାହିଲ ଗିରଫ

ଭୁବନେଶ୍ୱର,୨।୨(ତ୍ରିନାଥ ମହାନ୍ତି)

ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କିରବା ଓ ଆକ୍ରମଣ କରିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ନିରଙ୍କରୀ ନଗରରେ ରହୁଥିବା ସାହିଲ ନାୟକ। ଜାନୁଆରୀ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୭ରେ ନିରଙ୍କରୀ ନଗରରେ ସ୍ଥାନୀୟ ପିଲାମାନେ ଶାନ୍ତିପୂର୍ଣ୍ଣ ଭାବରେ ସରସ୍ୱତୀ ପୂଜା କରୁଥିବା ବେଳେ ଅଭିଯୁକ୍ତ ସାହିଲଙ୍କ ସମେତ କେତେଜଣ ଅସାମାଜିକ ବ୍ୟକ୍ତି ଏକାଠି ହୋଇ ଧାର୍ମିକ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ସେମାନେ ପୂଜା ସାଜସଜ୍ଜାକୁ ଫିଙ୍ଗାଫୋପଡା କରିବା ସହ ପିଲାମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ମାରଣାସ୍ତ୍ର ଧରି ଅଆତଙ୍କ ସୃଷ୍ଟି କରିଥିଲେ। ପ୍ରତିବାଦ କରିବାରୁ ସାହିଲ ଓ ଅନ୍ୟ ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ କେତେଜଣଙ୍କୁ ଖଣ୍ଡାରେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଆହତଙ୍କୁ ଉଦ୍ଧାର ପାଇଁ ଆସିଥିବା ସ୍ଥାନୀୟ ଲୋକେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ଶୁଭମ ସ୍ୱାଇଁ, କାହ୍ନା ମହାରଣା ଓ ମୁକେଶ ଗୁରୁତର ଆହତ ହୋଇଥିଲେ।

# ଜମି ଦେବାକୁ କହି ୨୩ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୨(ତ୍ରିନାଥ ମହାନ୍ତି)

ଜମି ଦେବାକୁ କହି ୨୨ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ କଳିଙ୍ଗନଗରର ରାଜେନ୍ଦ୍ର କୁମାର ମିଶ୍ର। ଭୁବନେଶ୍ୱରର ଜେଏମ୍ଏଫ୍‌ସି ଦ୍ୱିତୀୟ କୋର୍ଟରେ ହୋଇଥିବା ସିସି କେସ୍ ଆଧାରରେ ପୋଲିସ ଗିରଫ କରିଛି। ଠକେଇର ଶିକାର ବ୍ୟକ୍ତି ତଥା ଅଭିଯୋଗକାରୀ ଜଣକ ଭୁବନେଶ୍ୱର ଗଡାକଣ ମୌଜାରେ ଏକ ଅନୁସୂଚିତ ସମ୍ପତ୍ତି କିଣିବାକୁ ଅଭିଯୁକ୍ତ ରାଜେନ୍ଦ୍ରଙ୍କ ସହ ଚୁକ୍ତି କରିଥିଲେ। ଜମି ପାଇଁ ୭ ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଏଥିସହ ସେ ୨୦୨୧ ଜୁନ୍ ୩୦ରୁ ୨୦୨୨ ଅଗଷ୍ଟ ୩ ମଧ୍ୟରେ ବିଭିନ୍ନ ବ୍ୟାଙ୍କ କାରବାର ମାଧ୍ୟମରେ ଅଭିଯୁକ୍ତ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଖାତାକୁ ମୋଟ ୨୩ ଲକ୍ଷ ଟଙ୍କା ହସ୍ତାନ୍ତର କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଜମିର ପଞ୍ଜୀକରଣ କରି ନ ଥିଲେ କି ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ଟଙ୍କା ଫେରସ୍ତ କରି ନ ଥିଲେ। ୨୦୨୫ ମେ ୫ରେ ଅଭିଯୋଗକାରୀ ଉକ୍ତ ଟଙ୍କା ପାଇଁ ଗଡାକଣସ୍ଥିତ ଅଭିଯୁକ୍ତଙ୍କ କାର୍ଯ୍ୟାଳୟକୁ ଯାଇଥିବାବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା। ଟଙ୍କା ଫେରାଇବେ ନାହିଁ କି ଜମି ଦେବେନାହିଁ ବୋଲି କହି ଅଭିଯୁକ୍ତମନେ ତାଙ୍କୁ ଧମକ ଦେଇଥିଲେ। ଏନେଇ ଠକେଇର ଶିକାର ବ୍ୟକ୍ତିଜଣକ ଥାନାରେ ଅଭିଯୋଗ କରିଥିଲେ। ହେଲେ ଅଭିଯୁକ୍ତ ପୋଲିସ ନୋଟିସକୁ ଏଡ଼ାଇ ଆସୁଥିଲେ ଏବଂ ତଦନ୍ତରେ ସହଯୋଗ କରୁନଥିଲେ। ଶେଷରେ ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ତାଙ୍କ ଠକେଇ କାର୍‌ନାମା ସମ୍ପର୍କରେ ପୋଲିସ ବହୁ ତଥ୍ୟ ପାଇଥିବା ଜଣାପଡିଛି।

# ସାଇ ଆଙ୍ଗନକୁ ନମ୍ବର ୱାନ୍ ପ୍ରି ସ୍କୁଲ ଆୱାର୍ଡ

## ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ ର୍‍ୟାଙ୍କିଙ୍ଗ୍ ୨୦୨୬

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)




ସାଇ ଆଙ୍ଗନ୍ ସ୍କୁଲର୍ ପ୍ରିନ୍ସିପାଲ୍ ରଶ୍ମି ପାଣ୍ଡେ ପୁରସ୍କାର ଗ୍ରହଣ କରୁଛନ୍ତି।

ଏଜୁକେଶନ୍ ୱାର୍ଲ୍ଡ ଇଣ୍ଡିଆ ର୍‍ୟାଙ୍କିଙ୍ଗ୍ ୨୦୨୬ରେ ସାଇ ଆଙ୍ଗନ୍ ଲଗାତର ଅଷ୍ଟମଥର ପାଇଁ ଭୁବନେଶ୍ୱରର ନମ୍ବର-୧ ପ୍ରି ସ୍କୁଲ ମାନ୍ୟତା ପାଇଛି। ବାଙ୍ଗାଲୋରଠାରେ ଆୟୋଜିତ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସାଇ ଆଙ୍ଗନ୍ ସ୍କୁଲର୍ ପ୍ରିନ୍ସିପାଲ୍ ରଶ୍ମି ପାଣ୍ଡେ ଏହି ପୁରସ୍କାର ଗ୍ରହଣ କରିଥିଲେ। ସାଇ ଆଙ୍ଗନ୍ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଏକ ଅଂଶ। କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନରେ ସାଇ ଆଙ୍ଗନର ଅସାଧାରଣ ପ୍ରଚେଷ୍ଟାକୁ ଭିତ୍ତିକରି ଏହି ସମ୍ମାନ ମିଳିଛି ବୋଲି ସାଇ ଇଣ୍ଟରନ୍ୟାଶନାଲ ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଛନ୍ତି। ଉଚ୍ଚମାନର ଭିତ୍ତିଭୂମି, ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିଗତ ଧ୍ୟାନ, ନେତୃତ୍ୱ ନେବାର କୌଶଳ, ଗୁଣବତ୍ତା ଶିକ୍ଷା ଓ ସ୍ୱଚ୍ଛତା ଆଦିକୁ ବିଶେଷ ଧ୍ୟାନ ଦିଆଯାଉଛି। ଏହି ସମ୍ମାନଜନକ ପୁରସ୍କାର ପାଇଁ ସାଇ ଇଣ୍ଟରନ୍ୟାଶନାଲ୍‌ର ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଡ. ସାହୁ ଧନ୍ୟବାଦ ଦେଇଛନ୍ତି।

# ଆଇସି ରିଭ୍ୟୁ ରିପୋର୍ଟ ଦାଖଲ ପାଇଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)

## ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପ୍ରସଙ୍ଗ

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପ୍ରସଙ୍ଗରେ ଆଭ୍ୟନ୍ତରୀଣ କମିଟି (ଆଇସି) ଗଠନ ଓ ଏହାର ସଫଳ କାର୍ଯ୍ୟକାରିତା ଉପରେ ଉଚ୍ଚ ଶିକ୍ଷା ବିଭାଗ ଗୁରୁତ୍ୱ ଦେଉଛି। ଏନେଇ ରିପୋର୍ଟ ଦାଖଲ ପାଇଁ ବିଭାଗ ପକ୍ଷରୁ ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଅବଗତ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର କହିଛନ୍ତି, ଉଚ୍ଚ ଶିକ୍ଷାନୁଷ୍ଠାନରେ ଗଠନ ହୋଇଥିବା ଆଭ୍ୟନ୍ତରୀଣ କମିଟିକୁ ନିରନ୍ତର କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତି ତିନିମାସରେ ରିଭ୍ୟୁ କରାଯାଉଛି। ଏହାର ସବିଶେଷ ତଥ୍ୟ ଆସନ୍ତା ୭ତାରିଖ ସୁଦ୍ଧା ବିଭାଗ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଏକ ଗୁଗଲ୍ ଫର୍ମ ଜାରି କରାଯାଇଥିବାବେଳେ ସେଥିରେ ପ୍ରାଥମିକ ରିଭ୍ୟୁ ରିପୋର୍ଟ ଦେବାକୁ କୁହାଯାଇଛି।

# ମାନବାଧିକାରରେ ବାଧାଦେବା ଏକ ଦୁର୍ନୀତି




ଅତିଥିମାନେ ବାର୍ଷିକ ସମ୍ମିଳନୀ ଶୋଭେନିୟରକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨।୨ (ସୌମ୍ୟରଞ୍ଜନ ରାଉତ)

ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ଆଇସିଆଇସି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ସୋମବାର ସୂଚନା ଭବନଠାରେ ବାର୍ଷିକ ସମ୍ମିଳନୀ ଓ ଦୁର୍ନୀତି ବିରୋଧରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଡ. ଡିପି ଚୌଧୁରୀ ଯୋଗଦେଇ କହିଲେ, ମାନବାଧିକାରରେ ବାଧା ଦେବା ଏକ ଦୁର୍ନୀତି। ଭ୍ରଷ୍ଟାଚାର ବ୍ୟାପକ ଭାବେ ବଢୁଛି। ଏହାକୁ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ବାର୍ କାଉନ୍‌ସିଲ ଅଧ୍ୟକ୍ଷ ଶିତାଂସୁ ମୋହନ ଦ୍ୱିବେଦୀ ଯୋଗଦେଇ ସମାଜ ଉପରେ ଦୁର୍ନୀତିର ପ୍ରଭାବକୁ କିପରି ପ୍ରତିହତ କରାଯିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଭିନ୍ନ ଦୁର୍ନୀତି ସମ୍ପର୍କରେ ଏକ ପୋର୍ଟାଲ ମାଧ୍ୟମରେ ଅଭିଯୋଗ ହେବା ଉଚିତ। ଏଥିପାଇଁ ଆଇନଜୀବୀ ପରିଷଦ ସହଯୋଗ କରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଡା. ପ୍ରଭାସ ଆଶ୍ଚର୍ଯ୍ୟ ଓ ଡା. ବିପିନ ବିହାରୀ ମିଶ୍ର ଯୋଗଦେଇ ଦୁର୍ନୀତି ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନା ପାଇଁ ଆଇନଜୀବୀ ସୂର୍ଯ୍ୟନାରାୟଣ ଦାସ, ଆପୋଲୋ ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଆଲୋକ ଶ୍ରୀବାସ୍ତବ, ପଦ୍ମା ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ବିଶ୍ୱନାଥ ପଟ୍ଟନାୟକ, ଷ୍ଟଡ଼ିର ପ୍ରତିଷ୍ଠାତା ସବ୍ୟସାଚୀ କର, ସାମାଜିକ କର୍ମୀ ଇଂ. କମଳାକାନ୍ତ ବେହେରା, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ସମ୍ପାଦିକା ଡ. ସୁକାନ୍ତି ମିଶ୍ର, ରାଜସ୍ୱ ନିରୀକ୍ଷକ ଜୟଦେବ ନାୟକ, ଶିକ୍ଷାବିତ୍ ନମିତା ମଞ୍ଜରୀ ରାୟ, ଶିକ୍ଷାବିତ୍ କ୍ଷୀରୋଦ କୁମାର ପଟ୍ଟନାୟକ ଏବଂ ସମାଜିକ କର୍ମୀ ପ୍ରକାଶ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅତିଥିମାନେ ବାର୍ଷିକ ସମ୍ମିଳନୀର ଶୋଭେନିୟର ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ସଂଘ ସଭାପତି ଡା. କିଶୋର ଚନ୍ଦ୍ର କର ପରିଚାଳନା କରି ସମାଜରୁ ଦୁର୍ନୀତି ହଟାଇବାକୁ ସଂସ୍ଥା ସମସ୍ତ ପ୍ରୟାସ କରୁଥିବା ସୂଚନା ଦେଇଥିଲେ। ଆଇସିଆଇସିର ପ୍ରଶାସନିକ ସମ୍ପାଦକ ଅସିତ କୁମାର ମହାନ୍ତି ବିବରଣୀ ପାଠ ଓ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

# ନାଇଜେରିଆ ଓଡ଼ିଆ ସମାଜ ସଙ୍ଗଠନର ସାଂସ୍କୃତିକ ଉତ୍ସବ

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ)

ନାଇଜେରିଆ ଓଡ଼ିଆ ସମାଜ ସଂଗଠନର ବାର୍ଷିକ ସାଧାରଣ ସଭା ଏବଂ ସାଂସ୍କୃତିକ ଉତ୍ସବ ସୋମବାର ଲାଗୋସଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତର କନ୍‌ସୁଲେଟ୍ ଜେନେରାଲ କାନନ ଚୋକୋଲିଙ୍ଗମ ଯୋଗଦେଇ ବ୍ୟବସାୟ, ପର୍ଯ୍ୟଟନ ତଥା ବିଜ୍ଞାନ କ୍ଷେତ୍ରରେ ଓଡ଼ିଆ ସମାଜର ଅବଦାନକୁ ସେ ପ୍ରଶଂସା କରିଥିଲେ। ଗନଚେରୀର ମୁଖ୍ୟ ଏନ୍ ମହେଶ ଯୋଗଦେଇ ଓଡ଼ିଆ ସମାଜର ବିଭିନ୍ନ ଆଧ୍ୟାତ୍ମିକ ତଥା ସାମାଜିକ ସେବା କାର୍ଯ୍ୟ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସଭାପତି ପ୍ରଶାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ସତ୍ୟନାରାୟଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଶ୍ୱରଞ୍ଜନ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବର୍ଷ ତମାମ ଚାଲିଥିବା ଓଡ଼ିଆ ରଚନା, ବକ୍ତୃତା, ସଙ୍ଗୀତ, ନୃତ୍ୟ, କୁଇଜ, ଖେଳକୁଦ ଆଦି ପ୍ରତିଯୋଗିତାରେ ଭାଗନେଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଟ୍ରଷ୍ଟି ରମେଶ ଚନ୍ଦ୍ର ବିଶ୍ୱାଳ ଓଡ଼ିଆ ସମାଜ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ନାଇଜେରିଆ ଲାଗୋସଠାରେ ଅନୁଷ୍ଠିତ ଓଡ଼ିଆ ସମାଜ ସଂଗଠନର ସାଂସ୍କୃତିକ ଉତ୍ସବରେ ଅତିଥିଙ୍କ ସହ ପ୍ରବାସୀ ଓଡ଼ିଆମାନେ।

**ରଧାମାଧବ ମନ୍ଦିର ପ୍ରତିଷ୍ଠା ଦିବସ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ- ଚୌଦ୍ୱାର ବ୍ଲକ ଅଧିନ ମଣିଆ ଗ୍ରାମସ୍ଥିତ ସାମାଜିକ କର୍ମୀ ସ୍ୱର୍ଗତ ଭ୍ରମରବର ବେହେରାଙ୍କ ଦ୍ୱାରା ପ୍ରତିଷ୍ଠିତ ରାଧାମାଧବ ମନ୍ଦିରର ୨୨ତମ ପ୍ରତିଷ୍ଠା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଥିଲା। ବର୍ତ୍ତମାନ ମନ୍ଦିରଟି ଇସ୍କନ ଦ୍ୱାରା ପରିଚାଳିତ ହେଉଥିବାରୁ ଇସ୍କନ ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପ୍ରତିଷ୍ଠା ଉତ୍ସବକୁ ଗ୍ରାମର ବରିଷ୍ଠ ମୁରବୀ ଜୟଦେବ ଖିଲାର, ବେଣୁଧର ନାୟକ, ଅଜିତ ଓଝା, ଭରତ ଓଝା, ଧରଣୀଧର ବେହେରା, ଘଟଚକଚ ଖିଲାର, ସନାତନ ବେହେରା ପ୍ରମୁଖଙ୍କ ସମେତ ସ୍ଥାନୀୟ ଓ ପଡୋଶୀ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଆଲୋକୀକରଣ ହେବ ବିରୂପା, ତରିତୋ ବ୍ରିଜ

ମଙ୍ଗୁଳି-ଜଗତପୁର,୨।୨(ମାନସ ସାମଲ):

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧିନ ଭଟିମୁଣ୍ଡା ପଞ୍ଚାୟତ ବିରୂପା ଓ ଚିତ୍ରତୋଳା ନଦୀ ତରିତୋ ବ୍ରିଜରେ ଆଲୋକୀକରଣ ସମସ୍ୟା ଦୂର ହେବ। ଖୁବ୍ ଶୀଘ୍ର ଏହି ୨ଟି ବ୍ରିଜରେ ୩ଶହରୁ ଉର୍ଦ୍ଧ୍ୱ ଷ୍ଟ୍ରିଟଲାଇଟ ଓ ଛକରେ ୪ଟି ହାଇମାସ୍କ ଲାଇଟ ବ୍ୟବସ୍ଥା କରାଯିବ। ଏନେଇ ଶକ୍ତିମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି ବୋଲି ସାଲେପୁର ଭାଜପା ନେତା ଅରିନ୍ଦମ ରାୟ ପ୍ରକାଶ କରିଛନ୍ତି। ଏହି ୨ ନଦୀ ବ୍ରିଜ୍‌ରେ ଆଲୋକିକରଣ ବ୍ୟବସ୍ଥା ନ ଥିବାରୁ ରାତ୍ରି ସମୟରେ ଦୁର୍ଘଟଣା ଘଟିବା ସହ ଅନେକ ସମୟରେ ଧନଜୀବନ ନଷ୍ଟ ହେଉଥିଲା। ସେଠାରେ ଆଲୋକିକରଣ ବୃବସ୍ଥା କରିବା ପାଇଁ ଅରିନ୍ଦମ ପୂର୍ବରୁ ଶକ୍ତିମନ୍ତ୍ରୀଙ୍କ ଦୃଷ୍ଟି ଆର୍କଷଣ କରିଥିଲେ।

### ଅଂଶୁପାରେ ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ

**ପ୍ଲାଷ୍ଟିକ୍, ପଲିଥିନ ବ୍ୟାନ୍‌କୁ ଗୁରୁତ୍ୱ**

ବାଙ୍କୀ, ୨।୨(ଶୁଭେନ୍ଦୁ ମହାପାତ୍ର):

ଏସିଆ ମହାଦେଶର ମଧୁର ଜଳର ଭଣ୍ଡାର କଟକ ଜିଲା ବାଙ୍କୀ ଉପଖଣ୍ଡସ୍ଥିତ ଅଂଶୁପାରେ ସୋମବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ହ୍ରଦରେ କାର୍ଯ୍ୟରତ ମହିଳା, ସ୍ୱୟଂସହାୟକ ଗୋଷ୍ଠୀ ଓ କାର୍ଯ୍ୟରତ କର୍ମଚାରୀଙ୍କ ପକ୍ଷରୁ ଅଂଶୁପା ପରିସରକୁ ସଫା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବୈଜ୍ଞାନିକ ଡ. ରବୀନ୍ଦ୍ର ନାଥ ସାମଲ, ଡି ଓ ଶ୍ରୀନିବାସ ପ୍ରଧାନ, ସିଡିଏ କର୍ମଚାରୀ ମାନଗୋବିନ୍ଦ ମହାନ୍ତି, ସମିତି ସଭ୍ୟା ପ୍ରତିନିଧି ମାନଭଞ୍ଜନ ଦଳେଇ, ଖବରଦାତା ଗୌରାଙ୍ଗ ବେହେରା, ଅଂଶୁପା ମତ୍ସ୍ୟ କମିଟି ସଭାପତି ଧୈର୍ଯ୍ୟଧର ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତତ୍ପରେ ଏକ ସାଧାରଣ ସଭା ଆୟୋଜନରେ ଯୋଗଦେଇ ବୈଜ୍ଞାନିକ ଡ. ରବୀନ୍ଦ୍ର ନାଥ ସାମଲ ବିଶ୍ୱ ଆର୍ଦ୍ରଭୂମି ସମ୍ପର୍କରେ ବିସ୍ତୃତଭାବେ ଅବଗତ କରିଥିଲେ। ଅଂଶୁପା ହ୍ରଦ ଓ ତାର ଚର୍ତୁଃପାର୍ଶ୍ୱକୁ ସଫା ରଖିବା ସହ ପ୍ଲାଷ୍ଟିକ ଓ ପଲିଥିନି ବ୍ୟବହାରଠାରୁ ଦୂରେଇ ରହିବା ସହ ଖୋଲାସ୍ଥାନମାନଙ୍କରେ ଚାରାରୋପଣ କରିବା ଦ୍ୱାରା ପରିବେଶ ସନ୍ତୁଳିତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଂଶୁପା ପାର୍କ ସୁପରଭାଇଜର ଗଙ୍ଗାଧର ସାମନ୍ତରାୟ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ ।

### ମେଗା ଜଳସେଚନ ପ୍ରକଳ୍ପରେ ବାକି ପଞ୍ଚାୟତକୁ ସାମିଲ ଦାବି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

ବାଙ୍କୀ, ୨।୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର) :

ବାଙ୍କୀ ଉପଖଣ୍ଡରେ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ସୁଚାରୁରୂପେ ଚାଲୁ ରହିଛି। ଚାଷୀଙ୍କ ସାହାଯ୍ୟ ସହଯୋଗ ଯୋଗୁ ଜଳସମ୍ପଦ ବିଭାଗ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଚାଲୁ ରଖିଛି। କିନ୍ତୁ ବାଙ୍କୀ ବିଜ୍ଞପିତ ପରିଷଦ, ହରିରାଜପୁର, ଗୋପାଳପୁର, ରଗଡ଼ି, ଦୁର୍ଗାପୁର ଏବଂ ଡଁସର ପଞ୍ଚାୟତର ଚାଷଜମିଗୁଡିକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଚିଠି ଦ୍ୱାରା ଅବଗତ କରିବା ସହ ଉକ୍ତ ପଞ୍ଚାୟତଗୁଡ଼ିକୁ ମେଗା ଜଳସେଚନ ପ୍ରକଳ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି। ସେ ଚିଠିରେ ଲେଖିଛନ୍ତି, ଏହି ପଞ୍ଚାୟତଗୁଡ଼ିକୁ ସୁବଳୟା କେନାଲ ଯୋଜନାରେ ପାଣି ଯୋଗାଣ ପାଇଁ ସ୍ଥିର କରାଯାଇଥିବା ବେଳେ ପ୍ରକୃତରେ ଏହି ଯୋଜନାରେ ୨୦ ବର୍ଷ ମଧ୍ୟରେ ଜମିକୁ ପାଣି ଯୋଗାଇବା ସମ୍ଭବପର ନୁହେଁ। ତେଣୁ ଏହି ପ୍ରକଳ୍ପରେ ସାମିଲ ହୋଇ ନ ଥିବା ପଞ୍ଚାୟତର ଚାଷଜମିକୁ ବୃହତ୍ ଜଳସେଚନ ପ୍ରକଳ୍ପରେ ସାମିଲକରି ଜମିକୁ ଜଳଯୋଗାଣ କରିବା ପାଇଁ ଚିଠି(ନଂ.୩୧/୨୬)ରେ ଉଲ୍ଲେଖ କରିଛନ୍ତି। ଏହାର ଏକ କପି ପ୍ରମୁଖ ଶାସନ ସଚିବ ଜଳସେଚନ ବିଭାଗ, ସର୍ବୋଚ୍ଚ ଯନ୍ତ୍ରୀ ଜଳସେଚ ବିଭାଗ ଏବଂ ବୃହତ୍ ଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀଙ୍କ ନିକଟକୁ ପଠାଯାଇଛି।

# ୨୭ କଲେଜର ସ୍ୱୟଂଶାସିତ ମାନ୍ୟତା ଶେଷ

**ୟୁଜିସି ଚିଠି ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଲା**

- ଆବଶ୍ୟକ ଡକ୍ୟୁମେଣ୍ଟ ଦେଇ ନ ଥିବା ଓ ଆବେଦନ କରି ନ ଥିବା ଶିକ୍ଷାନୁଷ୍ଠାନକୁ ତାଗିଦ୍

ଭୁବନେଶ୍ୱର,୨।୨(ସୁଚିସ୍ମିତା ସାହୁ):

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ମୋଟ ୩୦ଟି ଅଟୋନୋମସ୍ (ସ୍ୱୟଂଶାସିତ) ଶିକ୍ଷାନୁଷ୍ଠାନ ରହିଛି। ଇତିମଧ୍ୟରେ ୨୭ଟି ଶିକ୍ଷାନୁଷ୍ଠାନର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଯାଇଛି। ନବୀକରଣ ପାଇଁ ୨୦ ଶିକ୍ଷାନୁଷ୍ଠାନ ଆବେଦନ କରିଥିବାବେଳେ ୭ କଲେଜ ପକ୍ଷରୁ ଏଯାଏ କୌଣସି ଆବେଦନ ହୋଇନାହିଁ। ଏ ସଂକ୍ରାନ୍ତରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଉଚ୍ଚ ଶିକ୍ଷା ବିଭାଗକୁ ଚିଠି ଲେଖାଯିବା ସହ ମାନ୍ୟତା ତାଲିକା ଦିଆଯିବା ପରେ ବିଭାଗର ଚେତା ପଶିଛି। ଆବେଦନ କରିଥିବା ଶିକ୍ଷାନୁଷ୍ଠାନ ଆବଶ୍ୟକ ଡକ୍ୟୁମେଣ୍ଟ ଦାଖଲ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନରେ ବିଳମ୍ବ ହୋଇଥିବା ୟୁଜିସି ସ୍ପଷ୍ଟ କରିଛି। ତେବେ ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିବା ଶିକ୍ଷାନୁଷ୍ଠାନଗୁଡିକ କିପରି ପରୀକ୍ଷା ଓ ଅନ୍ୟାନ୍ୟ ଶୈକ୍ଷିକ କାର୍ଯ୍ୟକ୍ରମ ଚଳାଇଛନ୍ତି ଏବଂ ନବୀକରଣରେ କାହିଁକି ଏତେ ବିଳମ୍ବ ହୋଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ୟୁଜିସିର ତାଲିକା ଅନୁସାରେ, ରାଜ୍ୟର ପ୍ରତିଷ୍ଠିତ ତଥା ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋର୍ଦ୍ଧା, ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଉରକେଲା, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ କଟକ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ କଲେଜ ପୁରୀ ଭଳି ବିଭିନ୍ନ ଜିଲାରେ ଥିବା ମୋଟ୍ ୨୭ଟି କଲେଜର ସ୍ୱୟଂଶାସିତ ମାନ୍ୟତା ଅବଧି ସରିଯାଇଛି। ଅନ୍ୟପକ୍ଷରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ, ତାଲଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତ୍‌ସିଂହପୁରର ସ୍ୱାମୀ ବିବେକାନନ୍ଦ ମେମୋରିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର ବଡ଼ଚଣାର ବାବା ଭୈରବନାଥ ମହାବିଦ୍ୟାଳୟ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଓ ବ୍ୟାସନଗର ମହାବିଦ୍ୟାଳୟ ଯାଜପୁର ରୋଡ୍ ଏବଂ ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଶେଷ ହୋଇଥିଲେ ମଧ୍ୟ ଏଯାଏବତ୍ ମାନ୍ୟତା ନବୀକରଣ ପାଇଁ ଆବେଦନ କରାଯାଇ ନାହିଁ।

ୟୁଜିସିର ଚିଠି ପରେ ଉଚ୍ଚଶିକ୍ଷା ବିଭାଗ ଗତ ସପ୍ତାହରେ ସ୍ୱୟଂଶାସିତ ମାନ୍ୟତା ନ ଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଏବଂ ପରୀକ୍ଷା ନିୟନ୍ତ୍ରକମାନଙ୍କୁ ଡାକି ଗତ ସପ୍ତାହରେ ବୈଠକ କରିଥିଲା। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନ ଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରିବା ସହିତ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ମାନ୍ୟତା ନବୀକରଣ ପାଇଁ ଆବଶ୍ୟକ ତଥ୍ୟ ପ୍ରଦାନ କରୁ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ମିଳିପାରୁ ନ ଥିବା ସୂଚନା ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ସେମାନେ ୟୁଜିସି ପାଇଁ ଆବଶ୍ୟକ ତଥ୍ୟ ସମ୍ବଳିତ ଡକ୍ୟୁମେଣ୍ଟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ବିଧାୟକଙ୍କ ସହ ଓଲିଉଡ୍ କଳାକାରମାନେ।

### ଗାନ୍ଧୀସ୍ମୃତି ପଲ୍ଲୀଶ୍ରୀ ମେଳା ଉଦ୍‌ଯାପିତ

ଫୁଲନଖରା,୨।୨(ସତ୍ୟରଞ୍ଜନ ଦାସ ମହାପାତ୍ର):

କଟକ ମହାନଗର ନିଗମ ୫୯ନମ୍ବର ୱାର୍ଡ଼ ଅନ୍ତର୍ଗତ ତେଲେଙ୍ଗାପେଣ୍ଠ ଗାନ୍ଧୀ ସ୍ମୃତି ପୀଠରେ ୩ଦିନ ଧରି ଚାଲିଥିବା ଗାନ୍ଧୀ ସ୍ମୃତି ପଲ୍ଲୀଶ୍ରୀ ମେଳା ଓ ଫଟୋ ପ୍ରଦର୍ଶନୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଭାବେ ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ, ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ପ୍ରଶାନ୍ତ କୁମାର ଦଳାଇ, ଭାଜପା ନେତା ସ୍ୱାଧୀନଚେତା ମହାନ୍ତି, ପ୍ରସନ୍ନ ପ୍ରଧାନ, ଅଶୋକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ୍ କଳାକାରମାନେ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ମନୋରଞ୍ଜନ କରିଥିଲେ। ସ୍ମୃତି କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଚେତନତା ରଥ ପରିକ୍ରମା ଶୁଭାରମ୍ଭ

ଟିଗିରିଆ, ୨।୨( ଜାଫର ଖାଁ): କଟକ ଜିଲା କୃଷି କାର୍ଯାଳୟ ତରଫରୁ ସୋମବାର ଟିଗିରିଆ ବ୍ଲକରେ ଏକ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ନିଶ୍ଚିଗଡ଼ସ୍ଥିତ କୃଷି କାର୍ଯ୍ୟାଳୟଠାରେ କଟକ ଜିଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ ଏହାକୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ୧୪ଟିପଞ୍ଚାୟତ ଅନ୍ତର୍ଗତ ସମସ୍ତ ରାଜସ୍ୱ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଦ୍ୱାରା ପିଏମ୍ କିଷାନ, ସିଏମ୍ କିଷାନ, କୃଷି ଉଦ୍ୟୋଗ ଓ ସମନ୍ୱିତ କୃଷି ପଦ୍ଧତି ଉପରେ ସଚେତନତା କରିବ। କାର୍ଯ୍ୟକ୍ରମରେ ଆଠଗଡ଼ କୃଷିଜିଲା ଅଧିକାରୀ ସୁବାଶିଷ ମିଶ୍ର, ଟିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ଟିଗିରିଆ ବ୍ଲକ ଆତ୍ମା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ, ଗୌରହରି ପରିଡାଙ୍କ ସହିତ କୃଷି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ସାଲେପୁର,୨।୨(ଅରବିନ୍ଦ ଭୂୟାଁ)

ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘର ୮ ଦଫା ଦାବିକୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଅଣଦେଖା କରିବା ପ୍ରତିବାଦରେ ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଓ ବିକ୍ଷୋଭ କରାଯାଇଛି। ସାଲେପୁର ବିଦ୍ୟୁତ୍ ଡିଭିଜନ ଉପଭୋକ୍ତା ସଂଘ ସଭାପତି ନନ୍ଦକିଶୋର ଭୂୟାଁ ଏଥିରେ ସଭାପତିତ୍ୱ କରିଥିବାବେଳେ ଉପଭୋକ୍ତା ସଂଘର ସମ୍ପାଦକ ଗଗନ ମିଶ୍ର ପରିଚାଳନା କରିଥିଲେ। ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇ ଟିପିସିଓଡିଏଲ୍ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ବିଭିନ୍ନ ଆଳ ଦେଖାଇ ଶୋଷଣ କରୁଥିବା କହିଥିଲେ। ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କାନୁନ୍‌ଗୋ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଦିଲୀପ ଦାଶ, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ବିଦ୍ୟୁତ୍ ଡିଭିଜନ ଉପଭୋକ୍ତା ସଂଘ ଉପସଭାପତି ରମାକାନ୍ତ ବେହେରା, ମାହାଙ୍ଗା ବିଦ୍ୟୁତ୍ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ କମିଟି ସଭାପତି ଭାସ୍କର ବେହେରା, ଉପଦେଷ୍ଟା କୁଞ୍ଜମୋହନ ସେଠୀ, ଦିଲୀପ କୁମାର ଦାଶ, ଅଖିଳେଶ ମହାନ୍ତି, ଭାବଗ୍ରାହୀ ରାଉତ, ସୁରେନ୍ଦ୍ର ମହାରଣା, ମାନସ କର, ପ୍ରତାପ ଚନ୍ଦ୍ର ଭୂୟାଁ ଓ ସରପଞ୍ଚ ଶିବୁ ବେହେରାଙ୍କ ସମେତ ଶତାଧିକ ଉପଭୋକ୍ତା ସାମିଲ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ମଞ୍ଚ ନିକଟରେ ଏକ ଅଭିଯୋଗ ଗ୍ରହଣ କେନ୍ଦ୍ର ଖୋଲାଯାଇଥିଲା। ଶେଷରେ ଉପଭୋକ୍ତାଙ୍କ ପାଖରେ ସାଲେପୁର ଟିପିସିଓଡିଏଲ୍ ଫାଇନାନ୍ସ ମ୍ୟାନେଜର ସୁରେଶ ଚନ୍ଦ୍ର ନନ୍ଦ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।




ପ୍ରତିବାଦ ସଭାରେ ଯୋଗଦେଇଥିବା ବିଦ୍ୟୁତ୍ ଉପଭୋକ୍ତା ସଂଘର ସଦସ୍ୟମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟମଣି




@ ପ୍ରଦୀପ୍ତ



@ ଶୁଭେନ୍ଦୁ



@ ସୁଶିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଶ୍ରୀଶ୍ରୀ ତୃତୀୟା ଦେବ ଜୀଉଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ବାଙ୍କୀ, ୨।୨(ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ବ୍ଲକ ସରଣ୍ଡା ଗଡ଼ର ଆରାଧ ଦେବତା ସୁବର୍ଣ୍ଣ ପୁର ଗ୍ରାମରେ ବିଜେ ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୂତି ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଅଙ୍କୁରାପୋଣ କରାଯାଇ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ରବିବାର ପୂର୍ଣ୍ଣମୀ ତିଥିରେ ଶ୍ରୀଲକ୍ଷ୍ମୀ ନୃସିଂହଙ୍କ ପୂଜା ଆହୁତି ପ୍ରଦାନ, ଗିତାଯଜ୍ଞ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ପୂର୍ଣ୍ଣାହୁତି ପରେ କଳସ ଧାରୀମାନେ ଶୋଭାଯାତ୍ରା କରି ମହାନଦୀରେ ବିସର୍ଜନ କରିଥିଲେ। ତତ୍ପରେ ମହାଯଜ୍ଞ ଚାରୁ ଅର୍ଣ୍ଣ ବଣ୍ଟନ କରାଯାଇଥିଲା। ହରପ୍ରସାଦ ପଣ୍ଡା, ପୁଷ୍ପାଞ୍ଜଳି ପଣ୍ଡା, ପ୍ରଦୀପ କୁମାର ପଣ୍ଡା, ମମତା ପଣ୍ଡା କର୍ତ୍ତା କାର୍ଯ୍ୟ ସୁଚାରୁ ରୂପେ କରିଥିଲେ।

## ଧୁରୁଷିଆ ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

ଆଠଗଡ଼,୨।୨(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ବ୍ଲକ ଅନ୍ତର୍ଗତ ଧୁରିଷିଆସ୍ଥିତ ଶ୍ରୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମଗ୍ର ହିନ୍ଦୁ ସମାଜ, ଧୁରୁଷିଆ ମଣ୍ଡଳ ପକ୍ଷରୁ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଶିକ୍ଷାବିତ୍ ବସନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଧବଳେଶ୍ୱର ମନ୍ଦିର ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ, ମୁଖ୍ୟବକ୍ତା କୁମରମଣି ସାହୁ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ କୃଷି ଅଧିକାରୀ ଶରତ ଚନ୍ଦ୍ର ସାମନ୍ତ, ଶିକ୍ଷାବିତ୍ ନବ କିଶୋର ରାଉତ, ବିଷ୍ଣୁ ଚରଣ ମହାରଣା, ଗଣେଶ୍ୱର ମହାନ୍ତି, ବୈକୁଣ୍ଠ ଚରଣ ବିଶ୍ୱାଳ ଉପସ୍ଥିତ ଥିଲେ। ସଂଗଠିତ ହିନ୍ଦୁ ସମାଜ ହିଁ ଭାରତକୁ ପରମ ବୈଭବଶାଳୀ କରିପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ସାହୁ ସମାଜରେ ପଞ୍ଚ ପରିବର୍ତ୍ତନ ଯଥା- ସାମାଜିକ ସମରସତା, ପର୍ଯ୍ୟାବରଣ ସଂରକ୍ଷଣ, ପରିବାର ପ୍ରବୋଧନ, ସ୍ୱ- ଆଧାରିତ ଜୀବନ ଏବଂ ନାଗରିକ କର୍ତ୍ତବ୍ୟବୋଧ ଉପରେ ଆଲୋକପାତ କରିଥିଲେ। କାହ୍ନୁ ଚରଣ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ବେଣୁଧର ମହାନ୍ତି, ବାବୁରାମ ସ୍ୱାଇଁ ଓ ଉଦୟନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନଗର କୀର୍ତ୍ତନ, ଯଜ୍ଞ ଏବଂ ହନୁମାନ ଚାଳିଶା ପାଠ କରାଯିବା ସହ ଏକ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ।




ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

# ରାଶନ କାର୍ଡ ନ ଥିବାରୁ ବିଷ ମାଗିଲେ ଦମ୍ପତି

**ଜନଶୁଣାଣି ଶିବିର**

ଟିଗିରିଆ,୨।୨(ଜାଫର ଖାଁ)

ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ ଜିଲାପାଳଙ୍କ ଅନୁପସ୍ଥିତ ଥିବାରୁ ଏହାର ଗୁରୁତ୍ୱ ହ୍ରାସ ପାଇଥିଲା। ଶିବିରରେ ୯୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ୬୪ ବ୍ୟକ୍ତିଗତ ଓ ୨୬ଟି ସାମୁହିକ ଅଭିଯୋଗ ହୋଇଥିଲା। ସେଥିରୁ ୨୭ ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ବ୍ୟକ୍ତିଗତ ମଧ୍ୟରୁ ଅଧିକାଂଶ ଭତ୍ତା, ରାଶନ କାର୍ଡ, ଆବାସ ଯୋଜନା ସମ୍ପର୍କିତ ଅଭିଯୋଗ ଥିଲା। ସାମୁହିକ ଅଭିଯୋଗ ମଧ୍ୟରେ ଖଣି ଖାଦନ ଲୁଟ, ବେଆଇନ ପଥର ବିସ୍ଫୋରଣ, ଟାଫିକ ଓ ଭତ୍ତା ସମସ୍ୟା ପ୍ରମୁଖ ଥିଲା। ଶିବିରରେ ଏକ ଦମ୍ପତ୍ତିଙ୍କ ଅଭିଯୋଗ ଚର୍ଚ୍ଚାର ବିଷୟ ପାଲଟିଥିଲା। ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ କଳିକିରି ଗ୍ରାମ ନୁଆସାହିର ପ୍ରଭାତୀ ବେହେରା ଓ ସ୍ୱାମୀ ପ୍ରକାଶ ଦାସ ଅଭିଯୋଗ କରିଥିଲେ ଯେ, ୩ ବର୍ଷ ହେଲା ଛାତ ଘର ଥିବା ଦର୍ଶାଇ ଯୋଗାଣ ବିଭାଗ ତାଙ୍କ ରାସନ କାର୍ଡ କାଟି ଦେଇଛି। ପରେ ଦମ୍ପତି ରାସନ କାର୍ଡ ପାଇଁ ଆବେଦନ କରି ବ୍ଲକ କାର୍ଯ୍ୟାଳୟ ବାରମ୍ବାର ଦୌଡିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏବେ ପ୍ରଭାତୀ ଗର୍ଭଥିବା ଦର୍ଶାଇ ନିଜର କ୍ଷୋଭ ପ୍ରକାଶ କରିବା ସହ ରାସନ କାର୍ଡ ନ ଦେଲେ ବିଷ ଦେବାକୁ ଦାବି କରିଥିଲେ। ଉପରିସ୍ଥ ଅଧିକାରୀ ୨ରୁ ୩ ମାସ ସମୟ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତ ଦେଇଥିଲେ।

ଟିଗିରିଆ ବିଡିଓ ମନସ୍ୱିନୀ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଅତିରିକ୍ତ ଜିଲାପାଳ କମଳଜିତ ଦାସ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ସିଡିଏମ୍‌ଓ ଡା. ପ୍ରଶାନ୍ତ କୁମାର ହୋତା, ଉପ ଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର ଅକ୍ଷୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।




ବାଙ୍କୀରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)** ବାଙ୍କୀ ଓ ଡମପଡା ବ୍ଲକର ୪ ପଞ୍ଚାୟତର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଠାରେ ଉଭୟ ବ୍ଲକରେ ସମୁଦାୟ ୧୬୧ ଜଣଙ୍କ ଅଭିଯୋଗର ଶୁଣାଣି ହୋଇଥିଲା।

ବାଙ୍କୀ ବ୍ଲକର କେନ୍ଦୁପଲ୍ଲୀ ଓ ଜଗନ୍ନାଥପୁର ପଞ୍ଚାୟତର ଜନଶୁଣାଣି କାର୍ଯ୍ୟକ୍ରମ କେନ୍ଦୁପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ଏଥିରେ ଯୋଗଦେଇ ଜନାସାଧାରଣଙ୍କ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଏଠାରେ ଉଭୟ ପଞ୍ଚାୟତର ୭୬ ଜଣ ବ୍ୟକ୍ତିଙ୍କ ଅଭିଯୋଗର ଶୁଣାଣି ହୋଇଥିଲା। କାର୍ଯ୍ୟକ୍ରମରେ ବାଙ୍କୀ ବିଡିଓ ସଂଗ୍ରାମ କେଶରୀ ଭଳ, କେନ୍ଦୁପଲ୍ଲୀ ପଞ୍ଚାୟତ ପିଇଓ କାଳନ୍ଦୀ ସାହୁ ଓ ଜଗନ୍ନାଥପୁର ପଞ୍ଚାୟତ ପିଇଓ ଅକ୍ଷୟ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। କେନ୍ଦୁପଲ୍ଲୀ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ଜଗନ୍ନାଥପୁର ସରପଞ୍ଚ ପ୍ରଭୁପ୍ରସାଦ ବେହେରା ଏଥିରେ ସହଯୋଗ କରିଥିଲେ।

ସେହିପରି ଡମପଡା ବ୍ଲକର କୁଶପଙ୍ଗି ଓ ପାଥପୁର ପଞ୍ଚାୟତର ଜନଶୁଣାଣି କାର୍ଯ୍ୟକ୍ରମ ପାଥପୁର ପଞ୍ଚାୟତ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଡମପଡା ବିଡିଓ ଅଂଶୁମାନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ୮୫ଟି ଅଭିଯୋଗର ଶୁଣାଣି ହୋଇଥିଲା।

# ଆଜି ପୁରୀ ଆସିବେ ରାଷ୍ଟ୍ରପତି

**ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)**

ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ଦିନିଆ ପୁରୀ ଗସ୍ତରେ ଆସି ମଙ୍ଗଳବାର ଅପରାହ୍ନରେ ପୁରୀରେ ପହଞ୍ଚିବେ। ପୁରୀରେ ରାତ୍ରିଯାପନ, ବୁଧବାର ଶ୍ୱେତଗଙ୍ଗାରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ନେଇ ସୋମବାର ରିଜର୍ଭ ପୋଲିସ ଲାଇନ୍ ପଡ଼ିଆରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ଓ ଏସ୍‌ପି ପ୍ରତୀକ ସିଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ରୁଟ୍ ପ୍ଲାନିଂ ଶେଷ ହୋଇଛି। ବ୍ଲୁ ବୁକ୍ ସୁରକ୍ଷା ଅନୁଯାୟୀ, ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ସୁରକ୍ଷା ୟୁନିଟ୍, ଆଣ୍ଟି ଡ୍ରୋନ୍ ୟୁନିଟ, ବୋମା ନିଷ୍କ୍ରିୟକାରୀ ଦଳ, ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ସହରରେ ରାତ୍ରିକାଳୀନ ନାକା ଓ ଚେକିଂକୁ କଡ଼ାକଡ଼ି କରାଯାଇଛି।

ସୂଚନା ଅନୁଯାୟୀ, ୩ ତାରିଖ ଅପରାହ୍ନ ୫ଟାରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୁରୀ ତାଳବଣିଆ ଠାରେ ପହଞ୍ଚିବେ। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ ରାଷ୍ଟ୍ରପତି ଲୋକଭବନ ଯିବେ, ସେଠାରେ ରାତ୍ରିଯାପନ କରିବେ। ରାଷ୍ଟ୍ରପତି ୪ ତାରିଖ ସକାଳ ୭ଟାରେ ଶ୍ୱେତଗଙ୍ଗା ପୁଷ୍କରିଣୀ ଯାଇ ପିଣ୍ଡଦାନ କରିବେ। ୭ଟା ୪୦ରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ କାର୍‌କେଡ ସମସ୍ତ ରୁଟ୍‌ରେ ସାଧାରଣ ଯାତାୟାତ ବନ୍ଦ ରହିବ। ରୁଟ ଲାଇନ୍ ଏରିଆକୁ ବିଭିନ୍ନ ଜୋନରେ ବିଭକ୍ତ କରାଯାଇଛି। ପ୍ରତି ଜୋନ ଦାୟିତ୍ୱରେ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ରହିବେ। ଶ୍ୱେତଗଙ୍ଗା, ବାଲି ସାହି ରାସ୍ତା, ଶ୍ରୀମନ୍ଦିର ଓ ବାହାରେ କଡ଼ା ସୁରକ୍ଷା ବ୍ୟବସ୍ଥା ରହିବ। ପୁରୀବାସୀ, ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯିବାଆସିବା ପାଇଁ ବିକଳ୍ପ ରୁଟ୍‌ର ବ୍ୟବସ୍ଥା କରାଯାଇଛି। ହସ୍ପିଟାଲ ଛକରୁ ସମସ୍ତ ଯାନବାହାନକୁ ଡାଉଭର୍ଟ କରାଯିବା ନେଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ୱେତଗଙ୍ଗା ପୁଷ୍କରିଣୀର ଚତୁର୍ପାର୍ଶ୍ୱରେ ରୁଫ ଟପ୍ ସୁରକ୍ଷା ବ୍ୟବସ୍ଥା ରହିବ, କେବଳ ପିଣ୍ଡଦାନ ପାଇଁ ରାଷ୍ଟ୍ରପତି ଭବନରୁ ଅନୁମତି ପାଇଥିବା ବିପିନ ପତ୍ରୀ, ବଟକୃଷ୍ଣ ପଣ୍ଡା ଏବଂ ରକେଶ ପଣ୍ଡାଙ୍କ ସହ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଉପସ୍ଥିତ ରହିବେ। ରାଷ୍ଟ୍ରପତି ଶ୍ୱେତଗଙ୍ଗା ପୁଷ୍କରିଣୀକୁ ପିଣ୍ଡଦାନ କରିବାକୁ ଆସିବାର ଯଥେଷ୍ଟ ପୂର୍ବରୁ ଶ୍ରୀମନ୍ଦିରରୁ ବାଲିସାହି ଦେଇ ସ୍ୱର୍ଗଦ୍ୱାରକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଭାବେ ସିଲ୍ ହେବ। ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ଜଣେ ଏଡିଜି ର୍‍ୟାଙ୍କର ଅଫିସର୍ ସହିତ ୩୦ ପ୍ଲାଟୁନ ଫୋର୍ସ ଓ ୬ ଜଣ କମାଣ୍ଡାଣ୍ଟ ମୁତୟନ ରହିବେ। ବ୍ଲୁ ବୁକ୍ ଅନୁସାରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



ପୁରୀ ପୋଲିସ ପଡ଼ିଆଠାରେ ରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ ପୋଲିସ ବାହିନୀ ଅଭ୍ୟାସ କରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ୩, ୪ ତାରିଖ ପୁରୀ ସହର ନୋ ଫ୍ଲାଇଙ୍ଗ୍ ଜୋନ୍

**ପୁରୀ,(ଅଜିତ୍ କୁମାର ମହାନ୍ତି)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ୩ ଓ ୪ ତାରିଖ ପୁରୀ ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତି ୩ ତାରିଖ ଅପରାହ୍ନରେ ପହଞ୍ଚି ପୁରୀ ଲୋକ ଭବନରେ ରାତ୍ରିଯାପନ କରିବେ ଓ ପରଦିନ ଶ୍ୱେତଗଙ୍ଗାରେ ପିଣ୍ଡଦାନ, ମହାପ୍ରଭୁଙ୍କ ଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ସମସ୍ତ ପ୍ରକାର ପୂର୍ବ ପ୍ରସ୍ତୁତି କରାଯାଇଛି। ଏହାସହ ରାଷ୍ଟ୍ରପତିଙ୍କ ସୁରକ୍ଷା ପ୍ରୋଟୋକଲ 'ବ୍ଲୁ ବୁକ୍' ଅନୁଯାୟୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୁରୀ ସହରର ୧୦ କି.ମି. ପରିସୀମା ଅଞ୍ଚଳକୁ 'ନୋ ଫ୍ଲାଇଙ୍ଗ ଜୋନ୍' ବା 'ଡ୍ରୋନ୍ ମୁକ୍ତ ଅଞ୍ଚଳ' ଘୋଷଣା କରିଛନ୍ତି। ଏସ୍‌ପିଙ୍କ ସୁରକ୍ଷା ସମ୍ପର୍କିତ ପତ୍ର ଆଧାରରେ ଜିଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଭିଭିଆଇପିଙ୍କ ପାଇଁ ସୁରକ୍ଷା ନେଇ ୩ ଫେବୃଆରୀ ମଧ୍ୟାହ୍ନ ୧୨ଟା ଠାରୁ ୪ ଫେବୃଆରୀ ମଧ୍ୟାହ୍ନ ୧୨ଟା ଯାଏଁ ଡ୍ରୋନ୍ ବ୍ୟବହାର ଉପରେ ନିଷିଦ୍ଧାଞ୍ଚଳ ଜାରି କରାଯାଇଛି।



ତାଳବଣିଆ ହେଲିପ୍ୟାଡ୍ ଠାରୁ କାର୍ କାର୍‌କେଡ୍ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଉଛି।



ରାଷ୍ଟ୍ରପତି ଶ୍ରାଦ୍ଧ ଦେବା ପାଇଁ ଶ୍ୱେତଗଙ୍ଗା ପୁଷ୍କରିଣୀକୁ ସଜା ଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୂର୍ଯ୍ୟମଣି




@ ପ୍ରଦୀପ୍ତ



@ ଶୁଭେନ୍ଦୁ



@ ସୁଶିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୨।୨୦୨୬

| ୧୦,୬୮,୧୪୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ୧୦ରୁ କୋଣାର୍କ କପ୍ କ୍ରିକେଟ ଟୁର୍ନାମେଣ୍ଟ

**କୋଣାର୍କ,୨।୨(ଜ୍ୟୋତିରାଜ ମହାନ୍ତି)**

ଆସନ୍ତା ୧୦ତାରିଖରୁ କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ଦ୍ୱିତୀୟ ରାଜ୍ୟସ୍ତରୀୟ କୋଣାର୍କ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏ ନେଇ ରବିବାର କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଫେବୃଆରୀ ୧୭ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଲାଲ ବଲ ଓ ମ୍ୟାଚ୍‌ରେ ୨୫ ଓଭର ବିଶିଷ୍ଟ ମ୍ୟାଚ ପୂର୍ବାହ୍ନ ୧୧ଟାରୁ ଖେଳାଯିବ। ପ୍ରଥମ କ୍ୱାର୍ଟର ଫଇନାଲ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଙ୍ଗ ସହ କଟକର ଜୁଭେନାଇଲ କ୍ରିକେଟ କ୍ଲବ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବାଲେଶ୍ୱର ଆଦର୍ଶ ସହ ୟୁନିୟନ ସ୍ପୋର୍ଟିଙ୍ଗ କଟକ, ରାଇଜିଙ୍ଗ ଷ୍ଟୁଡେଣ୍ଟ, କଟକ ଏବଂ ବିବିସିଏ ଭୁବନେଶ୍ୱର ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଚତୁର୍ଥ କ୍ୱାର୍ଟର ଫାଇନାଲରେ ସ୍କାନ ସ୍ପୋର୍ଟିଙ୍ଗ, ଭୁବନେଶ୍ୱର ଓ ପୁରୀ ଏକାଦଶ ପରସ୍ପରକୁ ଭେଟିବେ। ୧୨ରେ ପ୍ରଥମ ଓ ୧୬ରେ ଦ୍ୱିତୀୟ ସେମିଫାଇନାଲ ଓ ୧୭ ତାରିଖରେ ଫାଇନାଲ ମ୍ୟାଚ ହେବ। ଉଦଘାଟନୀ ମ୍ୟାଚକୁ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିବେ ଓ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଯୋଗଦେବେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା, ରନର୍ସ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କୃତ କରାଯିବ। ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ମ୍ୟାନ ଅଫ ସିରିଜ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ସ୍ପୋର୍ଟସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ କହିଛନ୍ତି। ଏହି ଅବସରରେ ରମାକାନ୍ତ ଖଟୋଇ, ରଶ୍ମିରଞ୍ଜନ ବିଶ୍ୱାଳ, ସୁଜିତ ରାଉତରାୟ, ଶିଶିର ସେଠ, ସଂଜୟ ପତି, ମଙ୍ଗରାଜ ମୁଦୁଲି, ପ୍ରସନ୍ନ ମହାନ୍ତି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ ।

## ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ

**ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ 'ସୁଧା' ମିଳିତ ଅନୁକୂଲ୍ୟରେ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ କରତିସାହି ନେବଳ ଦାସ ମଠ ସ୍ଥିତ ସାରସ୍ୱତ ବିଦ୍ୟା ମନ୍ଦିର ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଷ୍ଠା ମିଶ୍ର ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଦେଶର ଏକ ସୁନାଗରିକ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖାର୍ଜୀଙ୍କ ତ୍ୟାଗପୂତ ଜୀବନ ଏବଂ ସମାଜ ସଂସ୍କାର କାର୍ଯ୍ୟାବଳୀ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପରୁସ୍କାର ବିତରଣ କରାଯାଇଥିଲା। କଳ୍ପନା ଦାସ ମଞ୍ଚ ପରିଚାଳନା କରିଥିଲେ।

## ସମୁଦ୍ରରୁ ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍ ଗାର୍ଡ

**ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)**

ସମୁଦ୍ରରେ ସ୍ନାନ ବେଳେ ଭାସି ଯାଉଥିବା ଯୁବକଙ୍କୁ ଲାଇଫ୍ ଗାର୍ଡମାନେ ଉଦ୍ଧାର କରିଛନ୍ତି। ଉଦ୍ଧାର ଯୁବକ ହେଲେ କେନ୍ଦୁଝରର ଯୋଡ଼ାର ଗଣେଶ ସାମ୍‌ସି (୨୨)। ଯୁବକ ଜଣଙ୍କ ମଦ୍ୟପାନ କରି ସମୁଦ୍ରରେ ସ୍ନାନ କରୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗଣେଶ ସାଙ୍ଗମାନଙ୍କ ସହ ୫ ନଂ. ସେକ୍ଟର ଅର୍ଥାତ ଭିକ୍ଟୋରିଆ ହୋଟେଲ୍ ସମ୍ମୁଖ ବେଳାଭୂମିରେ ସ୍ନାନ କରିବା ସମୟରେ ରିପ୍ କରେଣ୍ଟ ଏବଂ ଉଚ୍ଚ ଜୁଆର ଯୋଗୁ ସେ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ଅତ୍ୟଧିକ ମଦ୍ୟପାନ ଯୋଗୁ ଗଣେଶ ନିଜର ଭାରସାମ୍ୟ ହରାଇ ସମୁଦ୍ର ଭିତରକୁ ଚାଲିଯାଉଥିବା ଦେଖି ସାଙ୍ଗମାନେ ଉପସ୍ଥିତ ଲାଇଫଗାର୍ଡଙ୍କୁ ଖବର ଦେଇଥିଲେ। ଉପସ୍ଥିତ ଦୁଇଜଣ ଲାଇଫଗାର୍ଡ ଜି. ମାନିକ୍ୟମ୍ ଏବଂ ରାଇତି ରାମୋ ସମୁଦ୍ର ଭିତରକୁ ଯାଇ ଯୁବକଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ପର୍ଯ୍ୟଟକମାନେ ଅମାନିଆ ହୋଇ ମଦ୍ୟପାନ କରି ଲାଇଫଗାର୍ଡଙ୍କ କଥା ନ ଶୁଣି ସମୁଦ୍ର ସ୍ନାନ କରୁଥିବାରୁ ଏଭଳି ଅଘଟଣ ଘଟୁଥିବା ଅନେକ ସମୟରେ ଅଭିଯୋଗ ହେଉଛି।

## ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ୮ ଅଭିଯୋଗର ଫଇସଲା

**ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)**

ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ସଦ୍‌ଭାବନା ସଭାଗୃହରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୯୫ଟି ଅଭିଯୋଗ ମିଳିଥିଲା। ସେଥିରୁ ୭୮ଟି ବ୍ୟକ୍ତିଗତ, ୧୨ଟି ଗ୍ରାମ ସମ୍ବନ୍ଧୀୟ ଓ ୫ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା। ତତ୍‌କ୍ଷଣାତ ୮ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନସ୍ରବ ଗନ୍ତାୟତ, ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଚଳିତମାସ ୯ରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି।

## କପୋତେଶ୍ୱର ମହୋତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୨।୨(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ଚନ୍ଦନପୁର ନିକଟବର୍ତ୍ତୀ କପୋତେଶ୍ୱର ଗ୍ରାମରେ ଶ୍ରୀଶ୍ରୀ ଠାକୁର ବାବା କପୋତେଶ୍ୱର ମହାଦେବଙ୍କ ବରାହ ଦ୍ୱାଦଶୀ ବୁଡ଼ ତଥା ଖଣ୍ଡଘୋଡ଼ା ମେଳଣ ଉପଲକ୍ଷେ ଗୋଟିପୁଅ ଗୁରୁକୁଳ ଆଶ୍ରମରେ ୩ଦିନିଆ କପୋତେଶ୍ୱର ମହୋତ୍ସବ–୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ଅଭିନ୍ନ ସୁନ୍ଦର ଶିଳ୍ପୀରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଗୋଟିପୁଅ ନୃତ୍ୟଶିଳ୍ପୀ ଗାୟତ୍ରୀ ମହାରଣାଙ୍କୁ ଅଭିନ୍ନ ସୁନ୍ଦର ଗୋଟିପୁଅ ଶିଶୁ ପ୍ରତିଭା ସମ୍ମାନ ଏବଂ କଣ୍ଠଶିଳ୍ପୀ ଯଜ୍ଞଦତ୍ତ ଦାଶଙ୍କୁ ସ୍ୱର୍ଗତ ଗୁରୁ ଚନ୍ଦ୍ରମଣି ଲେଙ୍କା ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଭାକର ମହାରଣା, ବିଶିଷ୍ଟ ଅତିଥି ଭାବେ ରାଜେଶ କୁମାର ମିଶ୍ର ଯୋଗଦେଇ ନୃତ୍ୟ ସଙ୍ଗୀତ ଓ ଚିତ୍ରକଳା ସମ୍ଭାର ରଘୁରାଜପୁର ଓ ଆଖପାଖ ଗ୍ରାମ ପ୍ରସିଦ୍ଧି ବୋଲି କହିଥିଲେ। ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତିରେ ଓଡ଼ିଆର କଳା କାରିଗରୀ ନିଖୁଣ ଚିତ୍ର ଉଜ୍ଜୀବିତ ରହିଛି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ା, ସଞ୍ଜୀବ କୁମାର ମିଶ୍ର, ଡ. ଶ୍ରୀବତ୍ସ ନାୟକ, ଚନ୍ଦନପୁର ଥାନା ଭାରପ୍ରାପ୍ତ ଅଧିକାରୀ ଭୁବନ ମୋହନ ସାମନ୍ତରାୟ, ଡ. ମନମୋହନ ଶର୍ମା, ମାଳତିପାଟପୁର ସରପଞ୍ଚ ମହେନ୍ଦ୍ର କୁମାର ମହାପାତ୍ର, ସମିତିସଭ୍ୟ ପ୍ରମୋଦ କୁମାର ମହାରଣା, ଅନୁଷ୍ଠାନର ଉପଦେଷ୍ଟା ଗୁରୁ ଲକ୍ଷ୍ମଣ ମହାରଣା, ସଭାପତି ସୁରେନ୍ଦ୍ର ଦାସ, ଉପସଭାପତି ଚକ୍ରଧର ମହାପାତ୍ର କପୋତେଶ୍ୱର ଗ୍ରାମ ସଭାପତି ନିରଞ୍ଜନ ନାୟକ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ସଂଯୋଜକ ଗୋଟିପୁଅ ନୃତ୍ୟଗୁରୁ ବସନ୍ତ କୁମାର ମହାରଣା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାର ବୃନ୍ଦ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଫଳ ପ୍ରଦର୍ଶନ ପାଇଁ ଛାତ୍ରୀଛାତ୍ର ଓ ନୃତ୍ୟଶିଳ୍ପୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

**ପଦ୍ମଶ୍ରୀ ପ୍ରଭାକର ମହାରଣା, ଗାୟତ୍ରୀ ମହାରଣା, ଯଜ୍ଞଦତ୍ତ ଦାଶ ସମ୍ବର୍ଦ୍ଧିତ**



ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ଭାରତୀୟଙ୍କୁ ଦକ୍ଷତା ସମ୍ପନ୍ନ କରିବ ବଜେଟ




କେନ୍ଦ୍ର ବଜେଟ ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଖବରଦାତା ସମ୍ମିଳନୀରେ ସମୀକ୍ଷା କରୁଛନ୍ତି।

**ପୁରୀ,୨।୨(ଅଜିତ୍ କୁମାର ମହାନ୍ତି)**

କେନ୍ଦ୍ର ବଜେଟକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଅପରାହ୍ନରେ ସ୍ୱତନ୍ତ୍ର ସର୍କିଟ୍ ହାଉସ ଠାରେ ଖବରଦାତା ସମ୍ମିଳନୀ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ଭାରତୀୟଙ୍କୁ ଦକ୍ଷତା ସମ୍ପନ୍ନ କରିବାର ବଜେଟ୍। ଜାତୀୟ ଜଳପଥ ପରିବହନ ଉପରେ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶାରେ ଶିଳ୍ପକ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବ। ନଡ଼ିଆ, କାଜୁ ଚାଷ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ପର୍ଯ୍ୟଟନର ଅଭିବୃଦ୍ଧି ପାଇଁ ଓଡ଼ିଶାର ସମୁଦ୍ରକୂଳ ଓ ଗହୀରମଥାରେ କଇଁଛ ପଥ ହେବ। ୫ନଂ. ଜାତୀୟ ଜଳପଥର ବିକାଶ ହେବ। ଏହି ୫ନଂ. ଜାତୀୟ ଜଳପଥ ସହ ଯୋଡ଼ି ହେବ ପୁରୀ ଜିଲାର ଅସ୍ତରଙ୍ଗ। ଗାଁ ଗଣ୍ଡାରେ ଥିବା ଧାର୍ମିକସ୍ଥଳର ବିକାଶ ପାଇଁ ନୂଆ ଯୋଜନା ହୋଇଛି। ଶକ୍ତି କରିଡର୍, ଟ୍ରେକିଂ, ହାଇକିଂକୁ ମଧ୍ୟ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି। ପର୍ଯ୍ୟଟନର ବିକାଶ ହେଲେ ଆତ୍ମନିଯୁକ୍ତି ସୃଷ୍ଟିହେବା ପାଇଁ ସୋସିଆଲ ମିଡିଆ ପ୍ରଭାବଶାଳୀଙ୍କ ବଜେଟ୍‌ରେ ବ୍ୟବସ୍ଥା ହୋଇଛି। ପ୍ରତି ଜିଲାରେ ଝିଅମାନଙ୍କ ପାଇଁ ହଷ୍ଟେଲ ହେବ। ମହିଳାଙ୍କୁ ଆହୁରି ଆତ୍ମନିର୍ଭର କରିବା ପାଇଁ ସି – ମାର୍ଟ ଉପରେ ପ୍ରାଧାନ୍ୟ ଦିଆଯାଇଛି। ସ୍ୱାସ୍ଥ୍ୟ ଏବଂ କ୍ରୀଡ଼ା, ପର୍ଯ୍ୟଟନ ଉପରେ ବେଶ୍ ଗୁରୁତ୍ୱ ଦିଆଯାଇଛି। ବଜେଟରେ ପୁରୀ ସର୍ବାଧିକ ଲାଭ ପାଇବ। ବଜେଟ୍‌ରେ ରେୟାର ଆର୍ଥ କରିଡର୍ ଓଡ଼ିଶା ପାଇଁ ବଡ ଉପଲବ୍ଧି। କେନ୍ଦ୍ର ବଜେଟରେ ଓଡ଼ିଶା ଅଧିକ ଲାଭାନ୍ୱିତ ହେବ ବୋଲି ଖବରଦାତା ସମ୍ମିଳନୀରେ ଉପମୁଖମନ୍ତ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

# ଆଇଆଇଟି ରିପୋର୍ଟରେ ଟିପିସିଓଡିଏଲ୍‌ର କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)



ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ବିଦ୍ୟୁତ ବିତରଣ କାର୍ଯ୍ୟଦକ୍ଷତା ଉପରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ବିତରଣ କ୍ଷେତ୍ରରେ ସଂସ୍କାର ପରବର୍ତ୍ତୀ ୫ ବର୍ଷ ମଧ୍ୟରେ ନେଟୱର୍କ ବିଶ୍ୱସନୀୟତା, କାର୍ଯ୍ୟକ୍ଷମତା, ବୈଷୟିକ ହସ୍ତକ୍ଷେପ ଏବଂ ଗ୍ରାହକ ସେବା ପ୍ରଦାନ ପ୍ରକ୍ରିୟା କିଭଳି ବିକଶିତ ହୋଇଥିବ ଏହି ରିପୋର୍ଟରେ ଅନୁଧ୍ୟାନ କରାଯାଇଛି। ନିରନ୍ତର ପୁଞ୍ଜି ବିନିଯୋଗ, ନେଟୱର୍କର ଆଧୁନିକୀକରଣ ଏବଂ ବିତରଣ ନେଟୱର୍କରେ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳର କ୍ରମାଗତ ବ୍ୟବହାର ଯୋଗୁ ମିଳିଥିବା ସୁଫଳକୁ ଏହି ଅଧ୍ୟୟନରେ ମୂଲ୍ୟାଙ୍କନ କରାଯାଇଛି। ଏହି ଅଧ୍ୟୟନଟି ଆଇଆଇଟି ଭୁବନେଶ୍ୱରର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଚନ୍ଦ୍ରଶେଖର ଭେଣ୍ଡେ, ଆସୋସିଏଟ୍ ପ୍ରଫେସର ଡ. ଚନ୍ଦ୍ରଶେଖର ପେରୁମାଲ୍ଲା ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଭିନୀତ ପ୍ରକାଶଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ସେଣ୍ଟ୍ରାଲ ଓଡ଼ିଶାର ୨୯,୩୫୪ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ୧.୩୬ କୋଟି ଜନସାଧାରଣଙ୍କୁ ସେବା ଯୋଗାଉଥିବା ଟିପିସିଓଡିଏଲର କାର୍ଯ୍ୟଦକ୍ଷତାକୁ ଏଥିରେ ପରଖାଯାଇଛି। ଅଧ୍ୟୟନରେ ବିଦ୍ୟୁତ ବିଭ୍ରାଟ ସମୟରେ ଆସିଥିବା ଉଲ୍ଲେଖନୀୟ ହ୍ରାସ, ଯାହା ସମୀକ୍ଷା ସମୟ ମଧ୍ୟରେ 'ସିଷ୍ଟମ ଆଭେରେଜ୍ ଇଣ୍ଟରପ୍ସନ ଡ୍ୟୁରେସନ୍ ଇଣ୍ଡେକ୍ସରେ ପ୍ରାୟ ୫୦% ସୁଧାର ମାଧ୍ୟମରେ ପ୍ରତିଫଳିତ ହୋଇଛି। ଟ୍ରାନ୍ସଫର୍ମର ଟ୍ରିପିଂ ଏବଂ ପୋଡ଼ିଯିବା ହାର ମଧ୍ୟ ହ୍ରାସ ପାଇଛି। ସଂସ୍କାର ସମୟର ପ୍ରାରମ୍ଭରେ ପ୍ରାୟ ୩୦% ଥିବା ଏଗ୍ରିଗେଟ୍ ଟେକ୍ନିକାଲ୍ ଆଣ୍ଡ କମର୍ସିଆଲ (ଏଟିଆଣ୍ଡସି) କ୍ଷତି ଆର୍ଥିକ ବର୍ଷ ୨୦୨୫ ସୁଦ୍ଧା ୧୮.୯୪%କୁ ହ୍ରାସ ପାଇଛି। ଉନ୍ନତ କାର୍ଯ୍ୟକ୍ଷମ ନିୟନ୍ତ୍ରଣ, ବିଲିଂ ପ୍ରକ୍ରିୟାରେ ସୁଧାର ଏବଂ ନେଟ୍‌ୱର୍କ ଦକ୍ଷତା ବୃଦ୍ଧି ଯୋଗୁ ଏହି ସଫଳତା ମିଳିଛି। ଏହି ସମୟ ମଧ୍ୟରେ ୩୩ କେଭି ଫିଡରରେ ୪୪% ଏବଂ ୧୧ କେଭି ଫିଡରରେ ୪୨% ବୃଦ୍ଧି ସହ ୨୫୦ଟି ସବ୍‌ଷ୍ଟେଶନକୁ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସଂଯୁକ୍ତ କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ୧,୫୦୦ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ସବ୍‌ଷ୍ଟେଶନ ଗୁଡ଼ିକର ସୁଦୃଢ଼ୀକରଣ, ଅଟୋମେସନ୍ ପରିସର ବୃଦ୍ଧି, ଡିଜିଟାଲ୍ ମନିଟରିଂ ପ୍ଲାଟଫର୍ମ ଏବଂ ସାମଗ୍ରିକ ନେଟୱର୍କ ସ୍ଥିରତା ପାଇଁ ବ୍ୟୟ କରାଯାଇଛି।

# ଇଣ୍ଡୋ-ତାଇୱାନ ସେମିକଣ୍ଡକ୍ଟର ପ୍ୟାକେଜିଂ ଏବଂ ଟେଷ୍ଟିଂ ସମ୍ମିଳନୀ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)




ତାମିଲନାଡୁର ତାଞ୍ଜାଭୁରସ୍ଥିତ ଶାସ୍ତ୍ର ଡିମ୍‌ଡ ବିଶ୍ୱବିଦ୍ୟାଳୟ ଓ ତାଇୱାନର ଲୁଙ୍ଗହ୍ୱା ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଦୁଇଦିନିଆ ଇଣ୍ଡୋ-ତାଇୱାନ ସେମିକଣ୍ଡକ୍ଟର ପ୍ୟାକେଜିଂ ଏବଂ ଟେଷ୍ଟିଂ ସମ୍ମିଳନୀ ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟିତ ହୋଇଛି। ଏହାକୁ ସ୍ୱାର୍କ, ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସମର୍ଥନ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ରାଓ ଆର. ତୁମ୍ମାଲା ଯୋଗଦେଇଥିଲେ। ସେ ତାଙ୍କ ଭାଷଣରେ ସିଷ୍ଟମ୍-ଅନ୍-ଚିପ୍‌ରୁ ସିଷ୍ଟମ୍-ଅନ୍-ପ୍ୟାକେଜ୍ ଆଡ଼କୁ ବିଶ୍ୱବ୍ୟାପୀ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଭାରତରେ ଇଣ୍ଡଷ୍ଟ୍ରି କୋ- ଡେଭେଲପମେଣ୍ଟ ସେଣ୍ଟର୍ସ(ଆଇସିସିଏସ୍) ସ୍ଥାପନ କରି ସେମିକଣ୍ଡକ୍ଟର ଶିଳ୍ପ ବିକାଶରେ ସହଯୋଗ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଏସ. ବୈଧ୍ୟସୁବ୍ରମଣିଅମ ସମ୍ମିଳନୀରେ ସ୍ୱାଗତ ଭାଷଣ ଦେଇ ଶାସ୍ତ୍ର ଓ ତାଇୱାନୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଚାଲିଥିବା ଶିକ୍ଷା ଓ ଗବେଷଣା ସହଯୋଗକୁ ଗୁରୁତ୍ୱ ଦେଇଥିଲେ। ଅନୁଷ୍ଠାନରେ ଶାସ୍ତ୍ର ଓ ପିଡିବ୍ଲ୍ୟୁ ସେମିକଣ୍ଡକ୍ଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହାକୁ ଶାସ୍ତ୍ର ରେଜିଷ୍ଟ୍ରାର ପ୍ରଫେସର ଆର୍. ଚନ୍ଦ୍ରମୌଳି ଓ ପିଡିବ୍ଲ୍ୟୁ ଜେନେରାଲ ମ୍ୟାନେଜର ଭେଙ୍କଟେଶ କୁମାର ପଣ୍ଡୁରଙ୍ଗନ ସ୍ୱାକ୍ଷର କରିଥିଲେ। ୨୦ଟି ଶିଳ୍ପ ପ୍ରତିଷ୍ଠାନ ଓ ୨୫ଟି ଶିକ୍ଷାନୁଷ୍ଠାନରୁ ୧୪୦ରୁ ଅଧିକ ପ୍ରତିନିଧି ଯୋଗଦେଇ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ସମ୍ମିଳନୀର ସମାପନ ଅଧିବେଶନରେ ସହ-ସଂଯୋଜକ ଡ. ଏସ. ଲେନିନ ପ୍ରକାଶ ଧନ୍ୟବାଦ ଦେଇଥିଲେ।

# ନିସ୍ ପ୍ରତିଷ୍ଠାତାଙ୍କୁ ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ



ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକଙ୍କୁ 'ଉତ୍କର୍ଷ ସ୍ୱାଭିମାନ ଓଡ଼ିଆ ସମ୍ମାନ-୨୦୨୬' ରେ ସମ୍ମାନିତ କରାଯାଇଛି। ଉତ୍କର୍ଷ ଓଡ଼ିଶା ପକ୍ଷରୁ ନିକଟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ଆକାଶଦାସ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ପ୍ରଗତିଶୀଳ ଭବିଷ୍ୟତ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପୁରସ୍କାର ପାଇବା ଅବସରରେ ଡ. ସୁଭାଷ ଚନ୍ଦ୍ର ନାୟକ ଆୟୋଜକମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଉକ୍ତ ସମ୍ମାନକୁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସର୍ଗ କରିଛନ୍ତି।

# ଢେଙ୍କାନାଳ ପ୍ରକଳ୍ପ ସମ୍ପ୍ରସାରଣ କରିବ ବେଦାନ୍ତ ଆଲୁମିନିୟମ

## ଜମି ଆବଣ୍ଟନ ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)




ଢେଙ୍କାନାଳରେ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ବେଦାନ୍ତ ଆଲୁମିନିୟମକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧,୪୪୭ ଏକରରୁ ଅଧିକ ଜମିର ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି । ରାଉରକେଲାରେ ଅନୁଷ୍ଠିତ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ମୁଖ୍ୟ ସଚିବ (ଶିଳ୍ପ) ହେମନ୍ତ ଶର୍ମା ଏବଂ ଅନ୍ୟ ବରିଷ୍ଠ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଆବଣ୍ଟନ ପତ୍ର ପ୍ରଦାନ କରାଯାଇଛି। ଖଣି ମନ୍ତ୍ରଣାଳୟର ଆଲୁମିନିୟମ ଭିଜନ୍ ଡକ୍ୟୁମେଣ୍ଟ (୨୦୨୫) ଦ୍ୱାରା ଭାରତର ଆଲୁମିନିୟମ ଚାହିଦା ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ପ୍ରାୟ ଛଅ ଗୁଣ ବୃଦ୍ଧି ପାଇ ପ୍ରାୟ ୩୭ ଏମ୍‌ଟିପିଏ ହେବ ବୋଲି ଆକଳନ କରାଯାଇଥିବାରୁ ଆଗାମୀ ପ୍ରକଳ୍ପ ଏହି ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାରେ ଏକ ସମୟୋଚିତ ଭୂମିକା ଗ୍ରହଣ କରିବ । ଏହି ବିକାଶ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଏହା ଭାରତର ଆଲୁମିନିୟମ ଯାତ୍ରାରେ ଏକ ପରିବର୍ତ୍ତନକାରୀ ପଦକ୍ଷେପ । ଏହାର ପ୍ରଭାବ ଧାତୁ ଉତ୍ପାଦନ, ନିଯୁକ୍ତି ବୃଦ୍ଧି, ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ ଓଡ଼ିଶାରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଭିତ୍ତିଭୂମିକୁ ସକ୍ଷମ କରିବ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ବେଦାନ୍ତ ଆଲୁମିନିୟମର ପାଭିଲିୟନକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି ପାଭିଲିୟନଟି କମ୍ପାନୀର ବ୍ୟାପକ ଉତ୍ପାଦ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ସହିତ ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପ ଇକୋସିଷ୍ଟମକୁ ସମର୍ଥନ କରିଥିଲା।

# ଏଲଆଇସି ପକ୍ଷରୁ ମହିଳା ବୁଣାକାରଙ୍କୁ ତାଲିମ୍

ଭୁବନେଶ୍ୱର,୨।୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି)ର କଟକ ମଣ୍ଡଳ ପକ୍ଷରୁ ଶ୍ରଦ୍ଧା ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ଜଗତସିଂହପୁର ଜିଲା ଓଡ଼ିଶୋ ଗ୍ରାମରେ ଏକ ହସ୍ତତନ୍ତ ବୁଣାକାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତାଲିମ ନେଇଥିବା ମହିଳାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଏଲଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅସୀମ କୁମାର, ବିପଣନ ପ୍ରବନ୍ଧକ ରାମକୃଷ୍ଣ ମିଶ୍ର, ଜଗତସିଂହପୁର ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ଦାମୋଦର ରାଉତ ଓ ଶ୍ରଦ୍ଧା ସ୍ୱେଚ୍ଛାସେବୀ ସଂଗଠନର ସଭାପତି ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏପରି ତାଲିମ କାର୍ଯ୍ୟକ୍ରମ ବୁଣାକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।



ଏଲଆଇସି ପକ୍ଷରୁ ମହିଳା ବୁଣାକାରଙ୍କୁ ତାଲିମ୍ ପ୍ରମାଣପତ୍ର ଦିଆଯାଉଛି।

## ଖେଳ ଖବର

# ଫାଇନାଲ ଲକ୍ଷ୍ୟରେ ଦିଲ୍ଲୀ-ଗୁଜରାଟ

## ଆଜି ଡବ୍ଲ୍ୟୁପିଏଲ୍ ଏଲିମିନେଟର

ଭଦୋଦରା,୨।୨(ପି.ଟି.)

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ରେ ମଙ୍ଗଳବାର ଖେଳାଯିବାକୁ ଥିବା ଏଲିମିନେଟର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଜାଏଣ୍ଟ୍ସ ପରସ୍ପରକୁ ଭେଟିବେ। ଜେମିମା ରୋଡ୍ରିଗ୍ସଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଚତୁର୍ଥ ଥର ଫାଇନାଲରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ଗୁଜରାଟ ପାଖରେ ପ୍ରଥମ ଫାଇନାଲ ଖେଳିବାର ସୁଯୋଗ ରହିଛି।

ଡବ୍ଲ୍ୟୁପିଏଲ୍ ଇତିହାସର ସବୁଠୁ ସ୍ଥିର ପ୍ରଦର୍ଶନ କରୁଥିବା ଦିଲ୍ଲୀ ଚଳିତ ଥର ମଧ୍ୟ ସଫଳତାର ସହିତ ଲିଗ୍ ପର୍ଯ୍ୟାୟ ଅତିକ୍ରମ କରିଛି। ଲିଗ୍‌ର ପ୍ରଥମ ଦଳ ଭାବେ ଦିଲ୍ଲୀ ଚତୁର୍ଥ ଥର ପାଇଁ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଛି। ତେବେ ଚଳିତ ସିଜନରେ ଦଳ ଉଭୟ ପ୍ରଭାବୀ ଓ ଅସ୍ଥିର ପ୍ରଦର୍ଶନ କରିଥିଲା। ଏହି ଦଳ ୪ ମ୍ୟାଚ୍ ଜିତିଥିବା ବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଦଳର ବୋଲିଂ ବିଭାଗ ମୁଖ୍ୟତଃ ପେସର ନନ୍ଦନୀ ଶର୍ମାଙ୍କ ଉପରେ ନିର୍ଭର କରୁଛି। ନିର୍ଦ୍ଦିଷ୍ଟ ଭାବେ ଡେଥ ଓଭରରେ ସେ ୧୪ ଉଇକେଟ ନେଇ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ବାମହାତୀ ସ୍ପିନର ଶ୍ରୀ ଚରନୀ (୧୪) ଓ ଦକ୍ଷିଣ ଆଫ୍ରିକୀୟ ଅଲରାଉଣ୍ଡର ମାରିଜେନ କାପ (୧୦) ଭଲ ସମର୍ଥନ ଯୋଗାଉଛନ୍ତି। ବ୍ୟାଟିଂ ବିଭାଗରେ କାପଙ୍କ ସାଥି ଖେଳାଳି ଲୋରା ୱୋଲଭାର୍ଡଟ (୨୪୧ ରନ୍) ଓ ଲିଜେଲ ଲି (୨୪୦)ଙ୍କ ସହ ଭାରତୀୟ ଓପନର ଶେଫାଳି ବର୍ମା (୨୦୮) ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିଛନ୍ତି। ଦଳୀୟ ଅଧିନାୟିକା ଜେମିମା ଚଳିତ ସିଜନରେ ସଂଘର୍ଷ କରୁଥିବା ବେଳେ ଗତ ମ୍ୟାଚ୍‌ରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ।

ଅନ୍ୟପକ୍ଷରେ ଗୁଜରାଟ ଜାଏଣ୍ଟ୍ସ ଲଗାତର ୩ ପରାଜୟ ପରେ ହାଟ୍ରିକ ବିଜୟ ସହ ଏଲିମିନେଟର ମ୍ୟାଚ୍‌ରେ ସ୍ଥାନ ପକ୍କା କରିଥିଲା। ଏପରିକି ଦଳ ତା'ର ଅନ୍ତିମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିଲା, ଯାହାକି ମୁମ୍ବାଇ ବିପକ୍ଷରେ ଗୁଜରାଟର ଡବ୍ଲ୍ୟୁପିଏଲ୍ ଇତିହାସରେ ପ୍ରଥମ ବିଜୟ ଥିଲା। ଏଥିସହିତ ଦିଲ୍ଲୀ ବିପକ୍ଷରେ ଖେଳାଯାଇଥିବା ଉଭୟ ଲିଗ୍ ମ୍ୟାଚ୍‌ରେ ମଧ୍ୟ ଗୁଜରାଟ ବିଜୟୀ ହୋଇଥିଲା। ଦଳ ପାଇଁ ନ୍ୟୁଜିଲାଣ୍ଡ ଅଲରାଉଣ୍ଡ ସୋଫି ଡିଭାଇନ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ସେ ବ୍ୟାଟରେ ୨୩୭ ରନ କରିଥିବା ବେଳେ ୧୭ ଉଇକେଟ ନେଇଛନ୍ତି। ଜର୍ଜିଆ ୱାରେହାମ ଫର୍ମକୁ ଫେରିଥିବାରୁ ଦଳୀୟ ଶକ୍ତି ବୃଦ୍ଧି ପାଇଛି। ଦଳକୁ ଜିତିବା ପାଇଁ ହେଲେ ଅଧିନାୟିକା ଆଶଲେ ଗାର୍ଡନର ଓ ବେଥ ମୁନିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏହି ମ୍ୟାଚ୍‌ର ବିଜେତା ୫ ତାରିଖରେ ହେବାକୁ ଥିବା ଫାଇନାଲରେ ପୂର୍ବତନ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ।

# ଗୋଲ୍ଡେନ କିଙ୍ଗ୍ ଓପନ୍ ସ୍ନୁକର ଉଦ୍‌ଘାଟିତ




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

କଟକ,୨।୨(କୁମାରଶ୍ରୀ)

ସିଡିଏ ସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଛି। ୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୫୫ ପ୍ରତିଯୋଗୀ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଦିବସରେ ଅନୁଷ୍ଠିତ ମ୍ୟାଚ୍‌ରେ ଚନ୍ଦ୍ରପ୍ରକାଶ ମହାନ୍ତି ୩-୦ରେ ପିୟୂଷ ଶର୍ମା, ପ୍ରିୟାଂଶୁ ମହାନ୍ତି ୩-୧ରେ ବିକାଶ ପଣ୍ଡା, ପି. ଗୋବିନ୍ଦ ରାଓ ୩-୦ରେ ଚିଦାନନ୍ଦ ମିଶ୍ର, ସନ୍ଦୀପ ଅଗ୍ରୱାଲ ୩-୦ରେ ଗୋବିନ୍ଦ ମହାପାତ୍ର, ଶୁଭାଙ୍ଗୀ ରାଓ ୩-୦ରେ ବ୍ରହ୍ମାନନ୍ଦ ବାଡ଼ି, ନିଶି ପ୍ରକାଶ ଦାସ ୩-୨ରେ ସମୀର ଅଲ୍ଲୀ, ଅନୁଜ ପଣ୍ଡା ୩-୦ରେ ରୋହିତ ଶର୍ମା ଏବଂ ଆଶୁତୋଷ ପାଢ଼ୀ ୩-୦ ଗେମରେ ସନ୍ଦୀପ ଅଗ୍ରୱାଲଙ୍କୁ ପରାସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏଶନ ଅଫ ଓଡ଼ିଶାର ସମ୍ପାଦକ ସମୀର ଅଲ୍ଲୀ, ଗୋଲ୍ଡେନ କିଙ୍ଗ ସ୍ନୁକର ସେଣ୍ଟର ମାଲିକ ଜ୍ଞାନରଞ୍ଜନ ବେହେରା, ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ, ଆୟୋଜକ କମିଟି ସଦସ୍ୟ ଅନୁଜ ପଣ୍ଡା, ବରୁଣ ପୁର୍ବା ଏବଂ ବ୍ୟବସାୟୀ ଅମୃତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।




ସର୍ବଭାରତୀୟ ପେନ୍‌ଚାକ ସିଲାଟ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

# ସର୍ବଭାରତୀୟ ପେନ୍‌ଚାକ୍ ସିଲାଟ: ଓଡ଼ିଶାକୁ ୧୯ ପଦକ

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ଡେରାଡୁନରେ ଅନୁଷ୍ଠିତ ସର୍ବଭାରତୀୟ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଓଡ଼ିଶାକୁ ୧୯ ପଦକ ମିଳିଛି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ୧୧ ଟି କାଂସ୍ୟ ପଦକ ହାସଲ କରିଛନ୍ତି। କୋଚ୍ ଆଦିତ୍ୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ମୋଟ ୨୪ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରେମ ସିଂ ଥାପ୍ପା ରେଫରି ଦାୟିତ୍ୱ ତୁଲାଇଥିଲେ। ରାଜ୍ୟ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡା ନିର୍ଦ୍ଦେଶକ ୟେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ଓଏସଡି ଧୀରଜ କୁମାର ପଟ୍ଟନାୟକଙ୍କ ସମେତ ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏଶନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପ୍ପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି, ଭବାନୀ କୁମାରୀ ସାହୁ, ଖୋର୍ଦ୍ଧା ପେନ୍‌ଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିବିସି ସ୍ପୋର୍ଟ୍ସ ଆୱାର୍ଡ

# ଦୌଡ଼ରେ ଅଛନ୍ତି ହରମନପ୍ରୀତ୍, ସ୍ମୃତି ଓ ଦିବ୍ୟା ଦେଶମୁଖ

ନୂଆଦିଲ୍ଲୀ, ୨।୨ (ପି.ଟି.)

ବିବିସି ଇଣ୍ଡିଆନ ସ୍ପୋର୍ଟ୍ସ ଓମ୍ୟାନ ଅଫ୍ ଦି ଇୟର ପୁରସ୍କାର ୨୦୨୫ ପାଇଁ ଦୌଡ଼ରେ ଯେଉଁ ଖେଳାଳିମାନେ ଅଛନ୍ତି, ସେମାନଙ୍କ ମଧ୍ୟରେ ଭାରତର ଐତିହାସିକ ୨୦୨୫ ମହିଳା ବିଶ୍ୱକପ୍ ସଫଳତା ପଛରେ ବିଶେଷ ଭୂମିକା ଥିବା ଅଧିନାୟକ ହରମନପ୍ରୀତ୍ କୌର ଓ ତାଙ୍କ ଡେପୁଟି ସ୍ମୃତି ମନ୍ଧାନା ଏବଂ ଚେସ୍ ତାରକା ଦିବ୍ୟା ଦେଶମୁଖ ଅନ୍ୟତମ। ଅନ୍ୟ ଦୁଇ ଖେଳାଳି ପିସ୍ତଲ ଶୁଟିଂ ସେନ୍‌ସେସନ ସୁରୁଚି ସିଂ ଓ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ଜ୍ୟୋତି ୟାରାଜୀଙ୍କ ନାମ ମଧ୍ୟ ଏହ ସମ୍ମାନଜନକ ବାର୍ଷିକ ପୁରସ୍କାର ପାଇଁ ସୁପାରିସ ହୋଇଛି। ସ୍ପୋର୍ଟ୍ସ ଏଡିଟର, ରାଇଟର୍ସ ଓ ସ୍ପେଶାଲିଷ୍ଟଙ୍କୁ ନେଇ ବିଚାରକ ମଣ୍ଡଳୀ ଗତବର୍ଷର ପ୍ରଦର୍ଶନକୁ ମୂଲ୍ୟାୟନ କରି ଏହି ଆଥ୍‌ଲେଟମାନଙ୍କ ନାମ ସୁପାରିସ କରିଛି।

# ଭାରତ-ଏ'ର ସହଜ ବିଜୟ

ନଭି ମୁମ୍ବାଇ,୨।୨

ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ସୋମବାରଠାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ୍‌ରେ ଭାରତ-ଏ' ୩୮ ରନରେ ଆମେରିକାକୁ ପରାସ୍ତ କରିଛି। ଭାରତ-ଏ' ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩ ଉଇକେଟ ହରାଇ ୨୩୮ ରନ କରିଥିଲା। ଦଳ ପାଇଁ ନାରାୟଣ ଜଗଦୀଶନ ୫୫ ବଲରେ ୧୦୪ (୧୧ ଚୌକା ଓ ୪ ଛକା), ଅଧିନାୟକ ଆୟୁଷ ବଦୋନୀ ୨୬ ବଲରେ ୬୦ (୬ ଚୌକା ଓ ୪ ଛକା) ରନ କରିଥିଲେ। ଭାରତୀୟ ଟି୨୦ ବିଶ୍ୱକପ୍ ଦଳର ସଦସ୍ୟ ଥିବା ତିଲକ ବର୍ମା ୨୪ ବଲରେ ୩୮ (୩ ଚୌକା ଓ ୨ ଛକା) ରନର ଇନିଂସ ଖେଳିଥିଲେ। ଇଞ୍ଜୁରି କାରଣରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିଥିବା ତିଲକ ଏହି ମ୍ୟାଚ୍ ଜରିଆରେ ନିଜ ମ୍ୟାଚ୍ ଫିଟନେସର ପ୍ରମାଣ ଦେଇଛନ୍ତି। ଜବାବରେ ଆମେରିକା ୧୯.୪ ଓଭରରେ ୨୦୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଣ୍ଡ୍ରିଏସ ଗସ ୪୪, ସଞ୍ଜୟ କ୍ରିଷ୍ଣମୂର୍ତ୍ତୀ ୪୧ ରନ କରିଥିଲେ।

# ସିକେ ନାଇଡୁ ଟ୍ରଫି: ଓଡ଼ିଶା-ରାଜସ୍ଥାନ ମ୍ୟାଚ୍ ଡ୍ର

କଟକ,୨।୨(କୁମାରଶ୍ରୀ)

ଜୟପୁରର କେଏଲ ସଇନି ଷ୍ଟାଡିୟମରେ ଅନୁଷ୍ଠିତ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶା-ରାଜସ୍ଥାନ ମ୍ୟାଚ୍ ଡ୍ର ରହିଛି। ଅସମାପ୍ତ ଦ୍ୱିତୀୟ ପାଳି ୩୩/୩ରୁ ସୋମବାର ଅନ୍ତିମ ଦିବସରେ ବ୍ୟାଟିଂ ଆରମ୍ଭ କରିଥିବା ରାଜସ୍ଥାନ ୫ ଉଇକେଟ ବିନିମୟରେ ୨୩୨ରନ କରିଥିବା ବେଳେ ଷ୍ଟମ୍ପ ଅପସାରଣ ହୋଇଥିଲା। ତେବେ ରାଜସ୍ଥାନର ପ୍ରଥମ ଇନିଂସ ୩୫୫ରନ ଜବାବରେ ଓଡ଼ିଶାର ପ୍ରଥମ ଇନିଂସ ୩୪୬ରନରେ ସୀମିତ ରହିଥିଲା। ଫଳରେ ଘରୋଇ ପରିବେଶରେ ରାଜସ୍ଥାନକୁ ଇନିଂସ ଅଗ୍ରଣୀ ପଏଣ୍ଟ ମିଳିଛି। ୫ ମ୍ୟାଚ୍‌ରୁ ୨ ବିଜୟ, ୨ ପରାଜୟ ଏବଂ ଗୋଟିଏ ଡ୍ର ସହ ଓଡ଼ିଶା ଏଲିଟ ଗ୍ରୁପ-ବି ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଫେବୃୟାରୀ ୬ରୁ ବେଙ୍ଗଲ ବିପକ୍ଷରେ ଓଡ଼ିଶା ୬ଷ୍ଠ ଲିଗ ମ୍ୟାଚ୍ ଖେଳିବ।

# ଚିନ୍ମୟଙ୍କ ସ୍ମୃତିରେ ହେବ ଫୁଟବଲ ଟୁର୍ନାମେଣ୍ଟ

ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)

ପୂର୍ବତନ ଫୁଟବଲ ଖେଳାଳି ସ୍ୱର୍ଗତ ଚିନ୍ମୟ ଦାସଙ୍କ ସ୍ମୃତିରେ ଏକ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେବ। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏଶନ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ୟୁନିଟ-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ ଅଡିଟୋରିୟମରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଆସୋସିଏଶନ ସଭାପତି ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ବିଳାସ ବେହେରା, ଅଶୋକ ରାଉତରାୟ, ମଧୁସୂଦନ ଦାସ, ଶ୍ରୀମନ୍ତ ମହାନ୍ତି ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଚିନ୍ମୟ ଦାସଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଆସୋସିଏଶନ ସହସମ୍ପାଦକ ଥିବା ଚିନ୍ମୟ ଦାସ ଜାନୁଆରୀ ୧୯ରେ ପରଲୋକ ଗମନ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ବିଷ୍ଣେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାଇଗିରି ପାଇଁ କିନ୍ନରଙ୍କୁ ହତ୍ୟା ସନ୍ଦେହ

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ କିନ୍ନର ସଂଘର ରାସ୍ତାରୋକୋ

■ କ୍ରାଇମବ୍ରାଞ୍ଚ ତଦନ୍ତ ସହ ୧୦ ଲକ୍ଷ କ୍ଷତିପୂରଣ ଦାବିରେ ହୋହଲ୍ଲା

ଭୁବନେଶ୍ୱର/ପିପିଲି,୨।୨(ତ୍ରିନାଥ ମହାନ୍ତି/ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଭୁବନେଶ୍ୱର ଉପକଣ୍ଠ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ସିଫା ମୁଖ୍ୟ ଫାଟକ ନିକଟ ଜାତୀୟ ରାଜପଥରେ କିନ୍ନର ସୋନାଲି ଓରଫ ଅଞ୍ଜଳିଙ୍କୁ ଦୁର୍ବୃତ୍ତମାନେ ଗୋଡାଇ ଗୋଡାଇ ଅତି ବୀଭତ୍ସ ଭାବେ ଛୁରି ଭୁସି ହତ୍ୟା କରିଥିଲେ। ରବିବାର ରାତିରେ ଘଟିଥିବା ଏହି ହତ୍ୟାକାଣ୍ଡ ପଛରେ ଭାଇଗିରି ଥିବା ପୋଲିସ ତଦନ୍ତରୁ ଏଭଳି ସୁରାକ ମିଳିଛି। ଦୁଇଦିନ ହେବ ସୋନାଲି ସିଫା ମୁଖ୍ୟ ଫାଟକ ଆଗରେ ଛିଡ଼ାହୋଇ ବେପାର କରୁଥିଲେ। ହେଲେ ସେହି ଅଞ୍ଚଳରେ ପୂର୍ବରୁ ଆଡ୍ଡା ଜମାଉଥିବା କିନ୍ନର ଗୋଷ୍ଠୀ ବିରୋଧ କରିବାରୁ ବିବାଦ ଆରମ୍ଭ ହୋଇଥିଲା। ବାହାରୁ ଆସି ସୋନାଲି ଏଠାରେ ରାଜ୍ କରିବ ବୋଲି ଉକ୍ତ ଗୋଷ୍ଠୀ ସହ୍ୟ କରିପାରି ନ ଥିଲା। ତେଣୁ ସୋନାଲିଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଏଥିପାଇଁ କିନ୍ନର ସୋନାଲିଙ୍କ ମୋବାଇଲ୍ ଫୋନ୍ ସିଡ଼ିଆର ମଗାଯାଇଛି। ରିପୋର୍ଟ ଆସିବା ପରେ ସେ କେଉଁମାନଙ୍କ ସହ କଥା ହେଉଥିଲେ, କାହା ସହ ତାଙ୍କର ଶତ୍ରୁତା ରହିଥିଲା – ସବୁ କିଛି ସ୍ପଷ୍ଟ ହେବ ପୋଲିସ ପିପିଲି ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି। ଏଥିସହ ସେ କହିଛନ୍ତି, ୨ ଦିନ ହେବ ସୋନାଲି ସେଠାରେ ଛିଡା ହେବାକୁ ନେଇ ନିଜ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ହୋଇଥିବା ଖବର ମିଳୁଛି। କାରଣ ଯେଉଁଭଳି ଭାବେ ଛୁରି ଭୁସି ହତ୍ୟା କରାଯାଇଛି, ତାହା ଗ୍ରାହକ ହୋଇ ନ ଥିବା ସନ୍ଦେହ। କାରଣ ଗ୍ରାହକଙ୍କ ସହ ସୋନାଲିଙ୍କ ଝଗଡ଼ା ହୋଇଥିଲେ ସେମାନେ ଆଘାତ କରିବା ଉଦ୍ଦେଶ୍ୟରେ ଛୁରି ଭୁସିଥାନ୍ତେ। ମାତ୍ର ତାହା ହତ୍ୟା ଉଦ୍ଦେଶ୍ୟରେ କରାଯାଇଛି। ଖୁବ୍‌ଶୀଘ୍ର ହତ୍ୟାକାରୀଙ୍କୁ ଆମେ ଗିରଫ କରିବୁ ବୋଲି ଥାନାଧିକାରୀ କହିଛନ୍ତି। ସୋମବାର ପିପିଲି ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। ତଳେ ପଡ଼ିଥିବା ରକ୍ତକୁ କୁକୁର ଶୁଙ୍ଘିବା ପରେ ନିକଟରେ ଥିବା ଏକ ଆପାର୍ଟମେଣ୍ଟକୁ ଯାଇଥିଲା। ସେଠାରେ ସନ୍ଧାନୀ କୁକୁର କିଛି ସମୟ ଛାନ୍‌ଭିନ କରିବା ପରେ ପଳାଇ ଆସିଥିଲା। ପୋଲିସ ସନ୍ଦେହ କରୁଛି ଯେ, ହତ୍ୟାକାରୀ ଛୁରି ଭୁସିବା ପରେ ନିକଟ ଆପାର୍ଟମେଣ୍ଟକୁ ହାତ ଧୋଇବା ଓ ଶାର୍ଟ ଲୁଚାଇବା ପାଇଁ ଯାଇଥାଇପାରନ୍ତି।

ଏପଟେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ସକାଳେ କିନ୍ନର ସଂଘ ପକ୍ଷରୁ ବହୁ କିନ୍ନର କ୍ୟାପିଟାଲ ହସ୍ପିଟାଲ ଟ୍ରାଫିକ ଛକରେ ରାସ୍ତା ଅବରୋଧ କରିଥିଲେ। ରାସ୍ତାରେ ଧାରଣା ଦେବା ସହ ଶାଢ଼ି ଧରି ଗାଡି ମୋଟର ଅଟକାଇଥିଲେ। ପୋଲିସକୁ ସେମାନେ ୪୮ ଘଣ୍ଟାର ସମୟ ଦେଇଛନ୍ତି। ଯଦି ଏହାରି ଭିତରେ ପୋଲିସ ହତ୍ୟାକାରୀଙ୍କୁ ଗିରଫ ନ କରନ୍ତି ତେବେ ପୋଲିସକୁ ଲଙ୍ଗଳା କରିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ ବୋଲି କିନ୍ନର ସଂଘ ମୁଖ୍ୟ ମୀରା ପରିଡ଼ା କହିଛନ୍ତି। ସେ ଦାବି କରିଛନ୍ତି, ମୃତ ସୋନାଲିଙ୍କ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଓ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ରାସ୍ତା ଅବରୋଧ ଯୋଗୁ ସେଠାରେ ଗାଡି ଚଳାଚଳ ପ୍ରଭାବିତ ହୋଇଥିଲା। କ୍ୟାପିଟାଲ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ କିନ୍ନରମାନେ ଆନ୍ଦୋଳନରୁ ଉଠିଥିଲେ।



ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଛକ ନିକଟରେ କିନ୍ନର ସଂଘ ପକ୍ଷରୁ ଧାରଣା ଦିଆଯାଇ ରାସ୍ତାରୋକୋ କରାଯାଇଛି।



ମୃତ କିନ୍ନର ସୋନାଲି

### ଯୋଗ ଶିଖାଇବା ପାଇଁ କହି ଭୁବନେଶ୍ୱର ଆସିଥିଲେ ସୋନାଲି

ସୋନାଲିଙ୍କ ଘର କଟକ ଜିଲା ସାଲେପୁରରେ। ସେ ୫ଦିନ ତଳେ ଭୁବନେଶ୍ୱର ଆସି ଲୋକଭବନ ନିକଟରେ ଘର ଭଡ଼ା ନେଇ ରହୁଥିଲେ। ସେ ଦଶମ ପାସ୍ କରିବା ପରେ ଘର ପାଖରେ ପିଲାଙ୍କୁ ପାଠ ପଢାନ୍ତି। ହେଲେ ଭୁବନେଶ୍ୱର ଯୋଗ ଶିଖାଇବା ପାଇଁ ଯାଉଥିବା କହି ଘରୁ ପଳାଇ ଆସିଥିଲେ। ସେ କିନ୍ନର ହୋଇଥିବା ନେଇ ପରିବାର ଲୋକେ ଜାଣି ନ ଥିବା ତାଙ୍କ ବାପା କହିଛନ୍ତି।

### ଡାକ୍ତରଖାନା ନେବାକୁ ନେହୁରା ହୋଇଥିଲେ

ରବିବାର ରାତି ପ୍ରାୟ ୮ଟାରୁ ୮ଟା ୩୦ ମଧ୍ୟରେ ଦୁଇଜଣ ଦୁର୍ବୃତ୍ତ କିନ୍ନର ସୋନାଲିଙ୍କୁ ଛୁରା ମାଡ଼ କରି ଫେରାର ହୋଇଯାଇଥିଲେ। ଦେହସାରା କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସୋନାଲି ନିଜ ମୋବାଇଲ ଫୋନ୍‌ରୁ ତାଙ୍କ ସାଙ୍ଗକୁ କଲ୍ କରି ଛୁରାମାଡ଼ ହୋଇଥିବା ଜଣାଇବା ସହ ଶୀଘ୍ର ଉଦ୍ଧାର କରି ଡାକ୍ତରଖାନା ନେବା ଲାଗି ନେହୁରା ହୋଇଥିଲେ। ସାଙ୍ଗମାନେ ଘଟଣାସ୍ଥଳରେ ପହଞ୍ଚିବା ସମୟରେ ସୋନାଲି ସିଫା ମୁଖ୍ୟ ଫାଟକ ନିକଟ ଏକ ବାଲିଗଦା ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସେମାନେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଆଇନଜୀବୀଙ୍କୁ ମାଡ଼ ଅଭିଯୋଗ

ଜୟପୁର,୨।୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରର ଜଣେ ଆଇନଜୀବୀଙ୍କୁ ଟାଉନ ପୋଲିସ ମାଡ଼ ମାରି ଲହୁଲୁହାଣ କରିଥିବା ନେଇ ଜିଲା ଓକିଲ ସଂଘ ପକ୍ଷରୁ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ଜିଲା କୋର୍ଟରେ କାର୍ଯ୍ୟରତ ଓକିଲ ଜି.ରାଜଶେଖର ଜାନୁଆରୀ ୨୮ରେ ଜୟପୁର ଥାନାଧିକାରୀ ଉଲ୍ଲାସ ରାଉତ, ଏସ୍‌ଆଇ ଭାରତ ବେହେରା ଓ ୭ରୁ ୮ କାର୍ଯ୍ୟରତ ପୋଲିସ କର୍ମଚାରୀ ମାଡ ମାରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଜିଲା ଆରକ୍ଷୀ ଅଧୀକ୍ଷକ ଓ ଉପଖଣ୍ଡ ପୋଲିସ ଅଧିକରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ରାଜଶେଖର ଜାନୁଆରୀ ୨୪ରେ ଭାଇ ସହ ସାମାନ୍ୟ ବଚସାରୁ ଆହତ ହୋଇ ଥାନାକୁ ଏତଲା ଦେବାକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ଥାନାଧିକାରୀ, ଏଏସ୍‌ଆଇ ଓ ୮ ପୋଲିସ କର୍ମଚାରୀ ତାଙ୍କୁ ବେଲ୍ଟରେ ମାଡ଼ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଏତଲାରେ ସେ ଉଲ୍ଲେଖ କରିଛନ୍ତି। ୨୫ ତାରିଖ ସକାଳୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଏକ୍ସ-ରେ କରିବା ପରେ ହାତର କାଣି ଆଙ୍ଗୁଠି ଭାଙ୍ଗିଥିବା ଓ ଶରୀରର ବିଭିନ୍ନ ଅଙ୍ଗରେ ଆଘାତ ଲାଗିଥିବା ଜଣାପଡ଼ିଥିଲା। ଏ ନେଇ ଟାଉନଥାନା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ହୋଇଛି। ଓକିଲ ସଂଘ ସଭାପତି ସରୋଜ ଦାସ ଓ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ର ଏହି ଘଟଣାକୁ ନିନ୍ଦା କରିଛନ୍ତି। ଏନେଇ ଏସ୍‌ପିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓକିଲମାନେ ବିକ୍ଷୋଭ କରିଥିଲେ।

# ବିକ୍ରମଙ୍କ ସମେତ ୧୫ ଅଭିଯୁକ୍ତ କୋର୍ଟରେ ହାଜର

## ପୀତବାସ ପଣ୍ଡା ହତ୍ୟା ମାମଲା

ବ୍ରହ୍ମପୁର,୨।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସମେତ ୧୫ ଅଭିଯୁକ୍ତ ସୋମବାର ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସଙ୍କ କୋର୍ଟରେ ହାଜର ହୋଇଛନ୍ତି। ପୂର୍ବରୁ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ଏହି ମାମଲାର କମିଟମେଣ୍ଟ ହୋଇ ମାମଲାଟି ଜିଲା କୋର୍ଟକୁ ଆସିଥିଲା। ସୋମବାର ସମସ୍ତ ଅଭିଯୁକ୍ତ ଜିଲା କୋର୍ଟରେ ହାଜର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା । ସେହି କ୍ରମରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବିକ୍ରମଙ୍କ ସମେତ ୧୪ ଅଭିଯୁକ୍ତ ଏବଂ ଫୁଲବାଣୀ ଜେଲରେ ଥିବା ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାସ ଓରଫ ପିଣ୍ଟୁଙ୍କୁ କଡ଼ା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ବିଜେଡି ନେତା ମଦନ ଦଳାଇ ଅସୁସ୍ଥ ଥିବାରୁ କୋର୍ଟରେ ହାଜର ହୋଇପାରି ନ ଥିଲେ। ତେଣୁ ଆସନ୍ତା ୬ ତାରିଖରେ ପୁଣି ଥରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ଜିଲା ଜଜ୍ ଦିନ ଧାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି ।

ପୀତବାସଙ୍କୁ ଗତ ଅକ୍ଟୋବର ୬ ତାରିଖ ରାତିରେ ବୈକୁଣ୍ଠନଗର ଛକଠାରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ପୋଲିସ ପୂର୍ବତନ ବିଧାୟକ ବିକ୍ରମ, ପୂର୍ବତନ ମେୟର ପିଣ୍ଟୁ, ବିଜେଡି ନେତା ମଦନଙ୍କ ସହ ମୋଟ ୧୬ ଜଣଙ୍କୁ ଗିରଫ କରିଥିଲା।

# ଡିସିପି କହିଲେ ଆତ୍ମହତ୍ୟା

## ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣା

କଟକ,୨।୨(କାର୍ତ୍ତିକ ସାହୁ)

ଚୌଦ୍ୱାର ଜେଲରେ ଜଣେ ବିଚାରାଧୀନ କଏଦୀ ମୃତ୍ୟୁ ଘଟଣାକୁ ଆତ୍ମହତ୍ୟା ବୋଲି କହିଛନ୍ତି କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ। ଖବରଦାତାମାନଙ୍କୁ ସୂଚନା ଦେଇ ଡିସିପି କହିଛନ୍ତି ଯେ, ଘଟଣାର ସିସିଟିଭି ଫୁଟେଜ ଜବତ ହୋଇଛି। ଏହା ଏକ ଆତ୍ମହତ୍ୟା ବୋଲି ସ୍ପଷ୍ଟ ହୋଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ଏନ୍‌ଏଚ୍ ଗାଇଡ୍ ଲାଇନ ଅନୁସାରେ ତଦନ୍ତ ଚାଲିଛି ବୋଲି ଡିସିପି କହିଛନ୍ତି।

ସୂଚନାନୁଯାୟୀ, ଚୌଦ୍ୱାର ମଣ୍ଡଳ କାରାଗାରରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ରବିବାର ଘଟିଥିଲା। ସନ୍ଧ୍ୟାରେ ଜେଲ କର୍ମଚାରୀମାନେ ୱାର୍ଡ ଯାଞ୍ଚ କରୁଥିଲେ। ଏତିକିବେଳେ ସେମାନେ ବିଚାରାଧିନ ବନ୍ଦୀ କଟକ ହାତୀ ପୋଖରୀ ଅଞ୍ଚଳର ମହମ୍ମଦ କଲିମ (୩୨) ନିଜ କୋଠରିରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତୁରନ୍ତ ତାଙ୍କୁ ତଳକୁ ଆଣି ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଲ୍ଲେଖ ଥାଉ କି, ୩ମାସ ତଳେ ଖୋର୍ଦ୍ଧା ବୋଲଗଡ଼ ଅଞ୍ଚଳର ପବିତ୍ର ସାହୁ ନାମକ କଏଦୀ ଏହି ଜେଲରେ ଆତ୍ମହତ୍ୟା କରିଥିଲେ।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ସୋର, ୨।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଦିଗିଭଅାଁରା ଗ୍ରାମରେ ପାରିବାରିକ କଳହରୁ ବିଷ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ମହିଳାଙ୍କ ସ୍ୱାମୀଙ୍କୁ ସୋର ପୋଲିସ ଗିରଫ କରିଛି।

ଗତ ୧୮ ତାରିଖରେ ଏହି ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଅହଲ୍ୟା ନାୟକ ଏକ ଗ୍ରୁପରୁ ଟଙ୍କା ଉଠାଇଥିଲେ। ଏହାକୁ ନେଇ ଉଭୟ ଦମ୍ପତିଙ୍କ ମଧ୍ୟରେ କଳହ ଲାଗିଥିଲା। ଏଥିରେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶାଶୁଘର ଲୋକେ ତାଙ୍କ ଝିଅକୁ ହତ୍ୟା କରିଥିବା ନେଇ ଅହଲ୍ୟାଙ୍କ ବାପା ସୋର ଥାନାରେ ଅଭିଯୋଗ କରିଥିଲେ।

## Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178

ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469. D-3190





Wellness massage relax body & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

Newly open Jyoti SPA positively health benefits (Expert therapist). Contact- 8458067955. D-76955

AFFIDAVIT

By virtue of an affidavit sworn before the Notary Public, Titilagarh, Dt. 02.02.2026, C.F. No.33, I, Chandrabhanu Merli, S/o- Krushna Merli, R/o Village- Keumal, P.O.- Jurabandh, P.S.- Saintala, Dist.- Balangir (Odisha), PIN- 767026 declare that now I have changed my daughter's name from Suhana Merli to Sohana Merli. Henceforth, she shall be known as Sohana Merli for all purposes.
Chandrabhanu Merli
D-3286

By virtue of an affidavit sworn before the Executive Magistrate, Boudh, No.43, Dt.12.01.2026, I, Priyanjani Meher, D/o- Raju Meher, R/o. village- Baidyanathpur, P.O./P.S.- Baunsuni, Dist.- Boudh, Odisha, PIN- 762015, declare that I have changed my name from PRIYANJINI MEHER to PRIYANJANI MEHER. Henceforth, I shall be known as PRIYANJANI MEHER for all purposes.
Priyanjani Meher
D-3283

By virtue of an affidavit sworn before Notary Public, Bhubaneswar on dtd. 10.06.2025, I Sri Kailash Chandra Sahoo permanent resident of Plot No.- 8, N.H.-16, Rasulgarh, Bhubaneswar- 751010, Dist.- Khorda, PIN- 751010 declare that I have changed my name from SAGIT DUTTA to KAILASH CHANDRA SAHOO. Henceforth, I shall be known as KAILASH CHANDRA SAHOO for all purposes.
S.d/- KAILASH CHANDRA SAHOO
D-3285

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମନେ ପଡ଼ନ୍ତି

୨୨ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ

ତିରୋଧାନ: ୦୩।୦୨।୨୦୦୪

ତୁମର ସରଳ ସ୍ୱଭାବ, ସୁନ୍ଦର ବ୍ୟକ୍ତିତ୍ୱ ଓ ସହନଶୀଳତା ସମସ୍ତଙ୍କୁ ପ୍ରେରଣା ଦେଉଥାଉ । ଆଜିର ଏହି ଶ୍ରଦ୍ଧା ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ଶ୍ରଦ୍ଧେୟ: ପତ୍ନୀ: ସୁରମା, ଝିଅ: ବାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ

ଧ-୩୨୮୪

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାଣି ବାହାନାରେ ଲୁଟ

## ବିଜେଡି ନେତାଙ୍କ ଘରୁ ୬ ଲକ୍ଷ ୮୦ ହଜାର ଟଙ୍କା, ୧୧ ଲକ୍ଷ ଟଙ୍କାର ଗହଣା ନେଇଗଲେ



ଦୁର୍ବୃତ୍ତ ଆଲମିରା ଭାଙ୍ଗି ସୁନା ଅଳଙ୍କାର, ଟଙ୍କା ନେଇଯାଇଛନ୍ତି।



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

କେନ୍ଦୁଝର,୨।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦେଇ ଯାଇଥିବା ଏନ୍‌ଏଚ୍ ୪୯ କଡ଼ରେ ଥିବା ୨ଟି ଘରୁ ୨ଦିନ ମଧ୍ୟରେ ସମାନ ଢଙ୍ଗରେ ହୋଇଛି ସଶସ୍ତ୍ର ଡକାୟତି। ପ୍ରଥମେ ପାଟଣା ଥାନା ଖିରେଇଟାଙ୍ଗିରି ଓ ପରେ ସଦର ଥାନା ବାୟାପଣ୍ଡାଧାର ଗାଁରେ ନାଟକୀୟ ଢ଼ଙ୍ଗରେ ଦୁର୍ବୃତ୍ତ ପହଞ୍ଚି ପାଣି ମାଗି ଘରେ ପଶୁଛନ୍ତି। ପରେ ମୁଣ୍ଡରେ ବନ୍ଧୁକ ଲଗାଇ ଘରର ସଦସ୍ୟଙ୍କୁ ବନ୍ଧକ ରଖି ଲୁଟ୍ କରୁଛନ୍ତି। ରବିବାର ରାତିରେ ଏନ୍‌ଏଚ୍ ୪୯ ପାର୍ଶ୍ୱବର୍ତ୍ତୀ ସଦର ଥାନା ଅନ୍ତର୍ଗତ ବାୟାପଣ୍ଡାଧାର ଗ୍ରାମରେ ରହୁଥିବା ବ୍ୟବସାୟୀ ତଥା ବିଜେଡି ନେତା ସଂଗ୍ରାମ କେଶରୀ ନାୟକଙ୍କ ଘରେ ୭ରୁ ୮ ଦୁର୍ବୃତ୍ତ ପଶିଥିଲେ। ବନ୍ଧୁକ ଓ ଛୁରି ଦେଖାଇ ୧୧ ଲକ୍ଷ ଟଙ୍କା ଓ ଗହଣା ଲୁଟ୍ କରିନେଇଛନ୍ତି। ଏ ନେଇ ସଂଗ୍ରାମଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଉଭୟ ଘଟଣାରେ ଗୋଟିଏ ଡକାୟତ ଦଳ ସମ୍ପୃକ୍ତ ଥିବା କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାତି ପ୍ରାୟ ୧୦ଟା ୧୫ରେ ସଂଗ୍ରାମ ତାଙ୍କ ଭାଇଙ୍କ ଘରକୁ ଲାଗିଥିବା ଦୋକାନ ବନ୍ଦ କରି ଘର ଭିତରକୁ ମୁଖ୍ୟ ଗେଟ୍ ଲଗାଇ ଯାଇଥିଲେ। କିଛି ସମୟ ପରେ କେହି ଜଣେ ତାଙ୍କ ଭାଇଙ୍କ ନାମ ଧରି ଡାକିଥିଲେ। ଦୁର୍ଘଟଣାରେ ଜଣେ ଆହତ ହୋଇଥିବାରୁ ପାଣି ମାଗିଥିଲେ। ଘର ଗ୍ରିଲ ଗେଟ୍ ଖୋଲିବା ପରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଟେକି ନେଇ ଭିତରକୁ ପଶିଥିଲେ। ଏହି ସମୟରେ ସେମାନେ ଘରର ଶିଡିରେ ଉପରକୁ ଚଢିଥିଲେ। ଉପରକୁ କାହିଁକି ଯାଉଛ ବୋଲି ସଂଗ୍ରାମ ପଚାରିଥିଲେ। ସେମାନେ ନ ଶୁଣିବାରୁ ସନ୍ଦେହ କରି ସଂଗ୍ରାମ ସେମାନଙ୍କୁ ଠେଲିଦେଇଥିଲେ। ହଠାତ୍ ଦୁର୍ବୃତ୍ତମାନେ ବନ୍ଧୁକ ବାହାର କରି ସମସ୍ତଙ୍କୁ ଭୟଭୀତ କରାଇଥିଲେ। ଘର ଭିତରକୁ ଯାଇ ଶିଶୁ ଓ ମହିଳାଙ୍କୁ ମାଡ ମାରିବା ସହ ବ୍ଲାଙ୍କ ଫାୟାରିଂ କରିଥିଲେ। ସମସ୍ତଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇ ସେମାନଙ୍କୁ ଗୋଟିଏ ଘରେ ଭର୍ତ୍ତି କରି ବନ୍ଦ କରିବା ପରେ ଆଲମିରା ଓ କପବୋର୍ଡ ଖୋଲି ସୁନାଗହଣା ଓ ଟଙ୍କା ଲୁଟି ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଛାଡ଼ି ଅନ୍ୟମାନେ ମୁଖା ପିନ୍ଧିଥିଲେ। ସେହିପରି ଜଣେ ଓଡ଼ିଆ କହୁଥିବା ବେଳେ ଅନ୍ୟମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିଲେ। ସମସ୍ତଙ୍କ ହାତରେ ପିସ୍ତଲ ଥିବା ବେଳେ ଜଣେ ରିଭଲଭର ଧରିଥିଲେ। ଲୁଟ୍ ପରେ ସେମାନେ ଗ୍ରିଲ ଗେଟ୍ ବନ୍ଦ କରି ମୋବାଇଲ ଫୋନକୁ ପଦାରେ ଫିଙ୍ଗିଦେଇ ପ୍ରାୟ ରାତି ୧୦ଟା ୪୫ରେ ଫେରାର ହୋଇଯାଇଥିଲେ। ସେମାନେ ପାଖାପାଖି ନଗଦ ୬ ଲକ୍ଷ ୮୦ ହଜାର ଏବଂ ୧୧ ଲକ୍ଷ ଟଙ୍କା ମୂଲ୍ୟର ଗହଣା ଲୁଟି ନେଇଥିବା ପ୍ରାଥମିକ ସ୍ତରରେ କୁହାଯାଉଛି। ମୋବାଇଲ ଖୋଜାଖୋଜି କରି ପାଖାପାଖି ୩୦ ମିନିଟ୍ ପରେ ସେସବୁକି ପାଇ ଏସ୍‌ପିଙ୍କୁ ଯୋଗାଯୋଗ କରିଥିଲେ। ତୁରନ୍ତ ପୋଲିସ ପହଞ୍ଚି ଛାନଭିନ୍ନ ଆରମ୍ଭ କରିଥିବା ସଂଗ୍ରାମ କହିଛନ୍ତି। ଦୁର୍ବୃତ୍ତ ସିସିଟିଭି କ୍ୟାମେରାର ହାର୍ଡଡିସ୍କକୁ ନେଇଯାଇଥିବା ଜଣାପଡ଼ିଛି। ପୋଲିସ ଅଞ୍ଚଳକୁ ସଂଯୋଗ ସମସ୍ତ ରାସ୍ତା ବନ୍ଦ କରି ଦୁର୍ବୃତ୍ତଙ୍କୁ ଧରିବାକୁ ରାତି ତମାମ ଉଦ୍ୟମ ଜାରି ରଖିଥିଲା। ସୋମବାର ପୋଲିସ ଫୋରେନସିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ କରିଛି। ଘଟଣାସ୍ଥଳରେ ଏସ୍‌ପି ନୀତିନ କୁଶଲକର ପହଞ୍ଚି ତଦନ୍ତର ଦିଗ ଅନୁଧ୍ୟାନ କରିଥିଲେ। ସଦର ଥାନା ଅଧିକାରୀ ଅମିତ ଭୂୟାଁ କହିଛନ୍ତି, କେତେଜଣ ଆସିଥିଲେ, କେଉଁଥିରେ ଆସିଲେ ଠିକ୍ ଜଣାପଡ଼ିନାହିଁ। ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଡକାୟତ ଗ୍ୟାଙ୍ଗ ଧରାପଡ଼ିବେ। ଦୁର୍ବୃତ୍ତ ଲୁଟ୍ ପୂର୍ବରୁ ଗ୍ରାମରେ ରେକି କରିଥିଲେ। ରାଜପଥ କଡ଼ରେ ଏକ ଧଳା ସ୍କର୍ପିଓ ଜଗି ରହିଥିଲା ବୋଲି ଗ୍ରାମବାସୀ କହିଛନ୍ତି।

ପ୍ରକାଶଯୋଗ୍ୟ, ଅନୁରୂପଭାବେ ୨ ଦିନ ପୂର୍ବେ ଅର୍ଥାତ ଶନିବାର ସନ୍ଧ୍ୟାରେ ଦୁର୍ବୃତ୍ତମାନେ ଦୁର୍ଘଟଣାର ମିଛ ଅଭିନୟ କରି ପାଣି ମାଗିବା ବାହାନାରେ ଏନ୍‌ଏଚ୍ ୪୯ କଡ଼ସ୍ଥିତ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖିରେଇଟାଙ୍ଗିରୀ ଗ୍ରାମରେ ରହୁଥିବା ଜଣେ ଘରୋଇ ମେଡିକାଲ ମାଲିକଙ୍କ ଘରେ ପଶିଥିଲେ। ପରେ ବନ୍ଧୁକ ଓ ଭୁଜାଲି ଦେଖାଇ ଦୁର୍ବୃତ୍ତ ୭୦ ହଜାର ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇଥିଲେ। ସମ୍ପୃକ୍ତ ଅଞ୍ଚଳରେ ଲୁଟ୍, ଡକାୟତିକୁ ନେଇ ଲୋକଙ୍କ ମଧ୍ୟରେ ଭୟର ସଞ୍ଚାର ହୋଇଛି।

# କ୍ରୋଧ

**କ୍ରୋଧ ବା ରାଗ ମଣିଷର ଏକ ଏଭଳି ଶତ୍ରୁ ଯାହା କେବେ ଅଣାୟତ୍ତ ହୋଇଗଲେ ଅନ୍ୟ ସହ ସମ୍ପର୍କ ଖରାପ କରିଦିଏ ତ ଆଉ କେବେ ଅଧିକ ରାଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ପକାଇଥାଏ ନକାରାତ୍ମକ ପ୍ରଭାବ। ତେଣୁ କ୍ରୋଧକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ...**





ମହିଳା ହୁଅନ୍ତୁ ଅବା ପୁରୁଷ, ପିଲା ହୁଅନ୍ତୁ ଅବା ବୃଦ୍ଧ ସଭିଙ୍କ ମନରେ କେବେ ନା କେବେ ବିଭିନ୍ନ କାରଣରୁ କ୍ରୋଧ ସୃଷ୍ଟି ହୋଇଥାଏ ; ଯାହାକି କିଛି ସମୟ ପରେ ଶାନ୍ତ ବି ହୋଇ ଯାଇଥାଏ। ମହିଳାଙ୍କ କ୍ଷେତ୍ରରେ କାମର ଚାପ, ପାରିବାରିକ ସମସ୍ୟା, ଆର୍ଥିକ ସମସ୍ୟା ଭଳି ବିଭିନ୍ନ କାରଣକୁ ନେଇ କ୍ରୋଧ ସମସ୍ୟା ଦେଖାଦେଇଥାଏ। କେବେ କେବେ ଏହି କ୍ରୋଧ ଏତେମାତ୍ରାରେ ବଢ଼ିଯାଏ ଯେ, ସେମାନେ ନିଜ ହିତାହିତ ଜ୍ଞାନ ହରାଇବସନ୍ତି । କେହି କେହି ରାଗରେ ପିଲାଙ୍କୁ ମାରିବା, ପରିବାର ସଦସ୍ୟ କିମ୍ବା ଅନ୍ୟମାନଙ୍କୁ ଏଣୁତେଣୁ କଥା କହି ମାନସିକ ଆଘାତ ପହଞ୍ଚାଇବାଠୁ ଆରମ୍ଭକରି ଅନ୍ୟକୁ ଗାଳି ଦେବା, ଝଗଡା କରିବା, ଗଣ୍ଡଗୋଳ, ମାରପିଟ ଏବଂ ହତ୍ୟା କରିବାକୁ ବି ପଛାନ୍ତି ନାହିଁ। ଆଉ କେହି କେହି କ୍ରୋଧରେ ଆସବାବପତ୍ର ଭଙ୍ଗାରୁଜା କରିବା, ଖାଇବା ପିଇବା ଛାଡ଼ିଦେବା, ମୁଣ୍ଡ ପିଟିବା, ହାତ କାଟିବା, ନିଜକୁ କ୍ଷତି ପହଞ୍ଚାଇବା, ଏମିତିକି ଘର ଛାଡ଼ିବା କିମ୍ବା ଆତ୍ମହତ୍ୟା ଭଳି ଭୁଲ୍ କାମ ମଧ କରିବସନ୍ତି। ତେବେ ଅଧିକ କ୍ରୋଧ ଯୋଗୁ ବ୍ଲଡ୍‌ପ୍ରେସର ବଢ଼ିବା ସହ ବ୍ରେନ୍ ଏବଂ ହାର୍ଟ ଉପରେ ମଧ ଏହାର ପ୍ରଭାବ ପଡ଼େ। ତେଣୁ କୌଣସି କାରଣରୁ ମନରେ କ୍ରୋଧ ସୃଷ୍ଟି ହେଉଥିଲେ ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି କେତେକ ଉପାୟ ଆପଣେଇବା ଆବଶ୍ୟକ...

**ମନକୁ ଶାନ୍ତ ରଖନ୍ତୁ:** ଅତ୍ୟଧିକ ରାଗ ଆସୁଥିଲେ ପ୍ରଥମେ ହଠାତ୍ ପ୍ରତିକ୍ରିୟା ପ୍ରକାଶ ନ କରି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ କ୍ରୋଧର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ନଚେତ୍ ରାଗ କମିବା ପରିବର୍ତ୍ତେ ବଢ଼ିବ ଏବଂ ଆପଣ ଏଭଳି କିଛି କାର୍ଯ୍ୟ କରି ବସିବେ, ଯଦ୍ଦ୍ୱାରା ନିଜ ସହ ଅନ୍ୟମାନେ ବି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସ୍ଥାନ ପରିବର୍ତ୍ତନ କରନ୍ତୁ:** କାହାର କଥା, କୌଣସି ଅପ୍ରିତିକର ପରିସ୍ଥିତିରେ ଯଦି ରାଗ ଆସୁଛି ତେବେ ନିଜକୁ ଏଥିରୁ ଦୂରେଇ ରଖିବା ଲାଗି ସବୁଠୁ ଭଲ ଉପାୟ ହେଉଛି ଉକ୍ତ ସ୍ଥାନରୁ କିଛି ସମୟ ପାଇଁ ଦୂରକୁ ଚାଲିଯିବା। କାରଣ ସ୍ଥାନ ପରିବର୍ତ୍ତନ କିଛି ସମୟ ନିଜର ଧାନ ସେଥିରୁ ହଟିଯାଇଥାଏ ଏବଂ ମନ ଶାନ୍ତ ହୋଇଯାଏ।

**ନୀରବ ରହିବା ଭଲ:** ମିଠାକଥା ସମ୍ପର୍କରେ ମଧୁରତା ଆଣିଥାଏ। ହେଲେ ମନ ଭଲ ନ ଥିଲେ କିମ୍ବା କୌଣସି କାରଣକୁ ନେଇ ଟେନ୍‌ଶନ୍‌ରେ ଥିଲେ ଅନେକେ ଏହାର ରାଗ ନିଜ ପରିବାର ସଦସ୍ୟଙ୍କ ଉପରେ ଶୁଝାଇଥାନ୍ତି। ଅନେକ ସମୟରେ ଦେଖାଯାଏ ରାଗରେ କାହା କାହା ପାଟିରୁ ଏଭଳି କଟୁ କଥା ବାହାରିଆସେ, ଯାହାକି ଅନ୍ୟକୁ ମାନସିକ ଆଘାତ ପହଞ୍ଚାଇଥାଏ ଏବଂ ଏଥିପାଇଁ ସମ୍ପର୍କରେ ଦୂରତା ବଢ଼ିଥାଏ। ତେଣୁ କ୍ରୋଧରେ ଏଭଳି କଥା କହିବାଠୁ ନିଜକୁ ନିବୃତ୍ତ ରଖନ୍ତୁ, ଯାହାକି ସମ୍ପର୍କରେ ତିକ୍ତତା ଆଣିବ। ରାଗ ସମୟରେ ଚୁପ୍ ରହିଯିବା ବୁଦ୍ଧିମତ୍ତାର କାମ।

**ନିଅନ୍ତୁ ମ୍ୟୁଜିକ୍‌ର ସାହାଯ୍ୟ:** ମ୍ୟୁଜିକ୍‌କୁ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବ୍ୟବହାର କରାଯାଉଛି। କାରଣ ଏଥିରେ ଏଭଳି ଯାଦୁକରି ଶକ୍ତି ଅଛି ଯାହାକି ଏକ ବିରକ୍ତ ଏବଂ ଅବସାଦଗ୍ରସ୍ତ ମନକୁ ବି ଶାନ୍ତ କରିବାର କ୍ଷମତା ରହିଛି। ତେଣୁ ଅତ୍ୟଧିକ ରାଗ ଲାଗୁଥିବା ବେଳେ କିଛି ସମୟ ଗୀତ ଶୁଣିବା ଭଲ।

**ଆପଣାନ୍ତୁ ଆଙ୍ଗର ମ୍ୟାନେଜମେଣ୍ଟ ଥେରାପି:** ଯଦି ଆପଣ ଅଧିକାଂଶ ସମୟରେ ରାଗୁଛନ୍ତି ଅବା ରାଗ ସମୟରେ ନିଜେ କହୁଥିବା କଥା ଉପରେ ନିୟନ୍ତ୍ରଣ ହରାଇ ସଭିଙ୍କ ଅପ୍ରିୟ ସାଜୁଥିବା ଅନୁଭବ କରୁଛନ୍ତି, ତେବେ ଆଙ୍ଗର ମ୍ୟାନେଜମେଣ୍ଟ ଥେରାପି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ରାଗ ଆସିଲେ ୧୦୦ରୁ ୧ ପର୍ଯ୍ୟନ୍ତ ଓଲଟା ଗଣନ୍ତୁ। କିଛି ସମୟ ମେଡିଟେଶନ୍ କରନ୍ତୁ କିମ୍ବା କୌଣସି ମନ୍ତ୍ର ଜପ କରନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଧାନ ଏଥିରେ କେନ୍ଦ୍ରିତହେବା ସହ ରାଗ ଶାନ୍ତ ହୋଇଯିବ। ଏହା ବ୍ୟତୀତ ରାଗ ସମୟରେ ନିଜ ରୁଚି ଥିବା କିଛି କାମ ଯେପରିକି ପେଣ୍ଟିଂ, ଗାର୍ଡେନିଂ, କୁକିଂ, ବୁକ୍ ରିଡିଂ ଆଦି କରନ୍ତୁ। ପ୍ରତିଦିନ ଯୋଗ, ବ୍ୟାୟାମ କରନ୍ତୁ, ଏହାର ଉଭୟ ଶାରୀରିକ ଓ ମାନସିକସ୍ତରରେ ସକାରାତ୍ମକ ପ୍ରଭାବ ପଡିବ। ତଥାପି ଯଦି ମନରେ ବାରମ୍ବାର କ୍ରୋଧ ଭାବନା ଆସୁଛି ତେବେ କାଉନ୍‌ସିଲର୍ କିମ୍ବା ମାନସିକରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

## ଏମାନେ କ'ଣ କରନ୍ତି

**ଆତ୍ମସଂଯମ ସବୁଠୁ ଗୁରୁତ୍ୱପୂର୍ଣ୍ଣ**



**ଧରିତ୍ରୀ ପରିଡା**( ଅଧାପିକା, ଭୁବନେଶ୍ୱର)– ହସ, ଖୁସି, ଦୁଃଖ ଭଳି ରାଗ ବା କ୍ରୋଧ ମଧ ଏକ ପ୍ରକାରର ମାନସିକ ସ୍ଥିତି। ତେଣୁ କାହାକୁ କେବେ ନା କେବେ କ୍ରୋଧ ଆସିବା ସ୍ୱାଭାବିକ। ହେଲେ ରାଗ ସମୟରେ ଯେପରି କାହାକୁ ମାନସିକ ଆଘାତ ଦେବା ଭଳି କିଛି ଭୁଲ୍ କଥା ପାଟିରୁ ବାହାରି ନ ଯାଉ କିମ୍ବା ରାଗର ନକାରାତ୍ମକ ପ୍ରଭାବ ଯେପରି ନିଜ ସ୍ୱାସ୍ଥ୍ୟ ଉପରେ ନ ପଡୁ ସେଥିପ୍ରତି ବିଶେଷ ଯତ୍ନଶୀଳ ରହିଥାଏ। ମୋ ମତରେ କ୍ରୋଧ ନିୟନ୍ତ୍ରଣ ପାଇଁ ଆତ୍ମସଂଯମ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ କୌଣସି କାରଣୁ ରାଗ ଲାଗିଲେ କିଛି ସମୟ ନୀରବ ରହିବା ସହ ମନ ପରିବର୍ତ୍ତନ ପାଇଁ ଭଜନ, ଗୀତ ଆଦି ଶୁଣିଥାଏ। ଝିଅ ସହ କଥା ହେବା, ଘରକାମ କରିବା ଆଦିରେ ସମୟ ଦେଲେ ମନରୁ କ୍ରୋଧ ଭାବନା ଦୂର ହୋଇଯାଏ।

**କ୍ରୋଧ ମଣିଷର ସବୁଠୁ ବଡ଼ ଶତ୍ରୁ**



**ମନ୍ଦାକିନୀ ଦାସ**(କର୍ମଜୀବୀ, ଚୌଦ୍ୱାର, କଟକ)– କ୍ରୋଧ ମଣିଷର ସବୁଠୁ ବଡ ଶତ୍ରୁ ବୋଲି ମୁଁ ଭାବିଥାଏ। କାରଣ ଥରେ ଏହାର ବଶବର୍ତ୍ତୀ ହେଲେ ମଣିଷ କ'ଣ ସବୁ ଭୁଲ କରିବସେ ସେ ନିଜେ ବି ଜାଣି ପାରେନି। ଏହାଦ୍ୱାରା ନିଜ ସହ ଅନ୍ୟର ବି କ୍ଷତି ହୋଇଥାଏ। ତେଣୁ କେବେ ମୋ ମନରେ ରାଗ ଆସିଲେ କାହାକୁ କିଛି କହିବା ଅବା ତୁରନ୍ତ କିଛି ପଦକ୍ଷେପ ନ ନେଇ ପ୍ରଥମେ ଚୁପ୍ ରହିଥାଏ କିମ୍ବା ଉକ୍ତ ସ୍ଥାନରୁ ଚାଲିଯାଇଥାଏ। ମନ ଶାନ୍ତ ହେବା ପରେ ଏହାର ସମାଧାନ କରିବାକୁ ଚେଷ୍ଟା କରିଥାଏ।





# ନ ଧୋଇ ପିନ୍ଧୁଥିଲେ ନୂଆ ପୋଷାକ

**ନୂଆ ନୂଆ ପୋଷାକ ପିନ୍ଧିବାକୁ ମହିଳାମାନେ କେତେ ଭଲ ପାଆନ୍ତି ତାହା କିଏ ବା ନ ଜାଣେ। ହେଲେ ଆପଣ ଜାଣନ୍ତି କି, ନୂଆ ପୋଷାକ ସୁନ୍ଦର ଏବଂ ଭଲ ଦେଖାଯାଉଥିଲେ ହେଁ ଏହାକୁ ନ ଧୋଇ ପିନ୍ଧିବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିପାରେ.....**

– ନିଜ ପାଇଁ ହେଉ ଅବା ପରିବାର ସଦସ୍ୟଙ୍କ ପାଇଁ ନୂଆ ପୋଷାକ ଆଣୁଥିଲେ ପିନ୍ଧିବା ପୂର୍ବରୁ ଭଲ ଭାବେ ଧୋଇବାକୁ ଭୁଲନ୍ତୁ ନାହିଁ। କାରଣ କେତେକ ପୋଷାକ ପ୍ରସ୍ତୁତ କରୁଥିବା କମ୍ପାନୀ ପୋଷାକଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ଲାଗି ସେଥିରେ କେମିକାଲଯୁକ୍ତ ରଙ୍ଗ ବ୍ୟବହାର କରିଥାନ୍ତି, ଯଦ୍ଦ୍ୱାରା ଏଭଳି ନୂଆ ପୋଷାକ ପିନ୍ଧିଲେ ଅନେକଙ୍କଠାରେ ସ୍କିନ୍ ଆଲର୍ଜି ଦେଖିବାକୁ ମିଳିଥାଏ। ବିଶେଷକରି ଛୋଟ ପିଲା, ବୃଦ୍ଧ କିମ୍ବା ଘରେ କୌଣସି ସଦସ୍ୟଙ୍କର ସେନ୍ସିଟିଭ୍ ସ୍କିନ୍ ହୋଇଥିଲେ ନ ଧୋଇ ନୂଆ ପୋଷାକ ପିନ୍ଧିବାକୁ ଆଦୌ ଦିଅନ୍ତୁ ନାହିଁ।

– କମ୍ପାନୀରୁ ଗୋଦାମ, ସେଠାରୁ ଟ୍ରକ୍‌ରେ ବିଭିନ୍ନ ଦୋକାନକୁ ନେବା, ଗ୍ରାହକମାନେ ବାରମ୍ବାର ଏହାକୁ ଦେଖିବା, ଟ୍ରାଏ କରିବା ଆଦି ଦ୍ୱାରା ଏଥିରେ ଅନେକ ପ୍ରକାର ବ୍ୟାକ୍ଟେରିଆ ରହିଯାଏ। ତେଣୁ ନୂଆ ପୋଷାକ ଦେଖିବାକୁ ସଫାସୁତୁରା ଲାଗୁଥିଲେ ବି ଏହାକୁ ନ ଧୋଇ ପିନ୍ଧିବା ଦ୍ୱାରା ବ୍ୟାକ୍ଟେରିଆଲ୍ ଇନ୍‌ଫେକ୍ସନ, ସ୍କିନ୍ ର୍‍ୟାସେସ୍ ହେବା ଆଶଙ୍କା ଅଧିକ।

– ସେହିପରି ଅଧିକ ଦିନ ଦୋକାନରେ ରହିଯାଇଥିବା କେତେକ ନୂଆ ପୋଷାକରେ ଧୂଳି ଜମି ରହିଥାଏ, ଯାହାକି ଦେଖିଲେ ଜଣାପଡି ନ ଥାଏ। କିନ୍ତୁ ଏହାକୁ ପିନ୍ଧିବା ଦ୍ୱାରା ଡଷ୍ଟ ଆଲର୍ଜି, ଛିଙ୍କ, ସ୍କିନ୍ ର୍‍ୟାସେସ୍ ଭଳି ସମସ୍ୟା ଦେଖାଦେଇଥାଏ।



– କେତେକ ନୂଆ ପୋଷାକ ଧୋଇବା ପରେ ଏହାର ରଙ୍ଗ ଛାଡ଼ିଥାଏ। ହେଲେ ଏହି ଡରରେ ଅନେକେ କିଣିବା ପରେ ସିଧା ଏହାକୁ ପିନ୍ଧିଦିଅନ୍ତି। କିନ୍ତୁ ନ ଧୋଇ ପିନ୍ଧିଲେ ଝାଳ ଲାଗିବା ଯୋଗୁ ଏହି ରଙ୍ଗ ସିଧା ସଳଖ ତ୍ୱଚାରେ ଲାଗିଥାଏ, ଯାହାକି କେତେକାଂଶରେ ତ୍ୱଚା ପାଇଁ ହାନିକାରକ ହୋଇଥାଏ। ତେଣୁ ଆପଣ ନୂଆ ପୋଷାକ ପିନ୍ଧିବା ପୂର୍ବରୁ ଧୋଇବାକୁ ଆଦୌ ଭୁଲନ୍ତୁ ନାହିଁ।

# ଲୋଫର ଶୁଜ୍ ଫ୍ୟାଶନ

**ଷ୍ଟାଇଲିଶ୍ ଦେଖାଯିବା ସହ ପର୍ସନାଲିଟିକୁ ଆଟ୍ରାକ୍ଟିଭ୍ କରିବା ଲାଗି ବର୍ତ୍ତମାନ ଅଧିକାଂଶ ମହିଳା ଲୋଫର ଶୁଜ୍ ପିନ୍ଧିବାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଏହା ଫର୍ମାଲ୍ ହେଉ ଅବା କାଜୁଆଲ୍ ସବୁ ଆଉଟ୍‌ଫିଟ୍ ମ୍ୟାଚ୍‌କରି ହେଉଥିବା ବେଳେ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ହୋଇଥିବାରୁ ଏହାର ଡିମାଣ୍ଡ ଦିନକୁ ଦିନ ବଢ଼ିବାରେ ଲାଗିଛି ...**

– ଲୋଫର ଶୁଜ୍ ଅଫିସିଆଲ ଓ ଫର୍ମାଲ ଲୁକ୍ ପାଇଁ ପରଫେକ୍ଟ ଲୁକ୍ ଦେଇଥାଏ। ତେଣୁ ଏହି ଶୁଜ୍‌କୁ ଆପଣ କୌଣସି ଅଫିସିଆଲ ଗେଟ୍‌ଅପ୍‌ରେ ବି ପିନ୍ଧିପାରିବେ। ଅଫିସ୍ ପାଇଁ ଲେଦର କିମ୍ବା ପ୍ଲେନ୍ ଡିଜାଇନ୍‌ର ଲୋଫର ପିନ୍ଧିପାରିବେ। ବ୍ରାଇଟ୍ କଲର ଲୋଫର ସହ ଫର୍ମାଲ ଡ୍ରେସ୍ ଭଲ ଲାଗିବ। ଏହି ଶୁଜ୍ ବିନା ଲେସ୍‌ବାଲା ହୋଇଥାଏ। ତେଣୁ ଏହାକୁ ସ୍ଲିପ୍ ଅନ୍ ଶୁ' ମଧ କୁହାଯାଏ। ସ୍ଲିମ୍ ଜିନ୍ସ, ଆଙ୍କେଲ୍ ଲେନ୍ଥ ଟ୍ରାଉଜର କିମ୍ବା ପେନ୍‌ସିଲ୍ ସ୍କର୍ଟ ସହ ଏହା ପିନ୍ଧିଲେ ଷ୍ଟାଇଲିଶ୍ ଲାଗିଥାଏ।

– ବୁଲାବୁଲି କରିବାକୁ ଯାଉଥିଲେ ଲୋଫର ଶୁଜ୍‌କୁ ଜିନ୍ସ, ଜର୍ଗସ କିମ୍ବା ଶର୍ଟ୍ସ ସହ ଟିମ୍‌ଅପ୍ କରିପାରିବେ। ଏହି ସମୟରେ କଲରଫୁଲ୍ ଲୋଫର ବା ଟେକ୍ସଚର୍ଡ ଲୋଫର୍ସ ଟ୍ରାଏ କରନ୍ତୁ ଫ୍ୟାଶନେବଲ୍ ଲାଗିବେ।



– ଏହାକୁ ବିନା ସକ୍ସରେ କିମ୍ବା ନୋ ଶୋ ବା ବାହାରକୁ ଦେଖାଯାଉ ନ ଥିବା ସକ୍ସ ସହିତ ପିନ୍ଧିପାରିବେ। ତେବେ କ୍ଲାସିକ୍ ଲୁକ୍ ପାଇଁ ପେନି ଲୋଫର୍ସ ଏବଂ ଫ୍ୟାଶନେବଲ୍ ଲୁକ୍ ପାଇଁ ଟ୍ୟାସେଲ୍ ଲୋଫର୍ସ ସବୁଠୁ ଭଲ।

ଖାଦ୍ୟରୁଚି

# ସୁଜି ଉତ୍ତପମ୍

**ଆବଶ୍ୟକ ସାମଗ୍ରୀ:**
ସୁଜି– ୧ କପ୍, ଦହି– ୩/୪ କପ୍, କଟାହୋଇଥିବା ଏକ ଟମାଟୋ, କଟା ହୋଇଥିବା ଏକ ମଧ୍ୟମ ଆକାରର ପିଆଜ, କଟା ବନ୍ଧାକୋବି ଅଧା କପ୍, କଟା କ୍ୟାପ୍‌ସିକମ୍ ୧/୪ କପ୍, କଟା କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର କଟା ଅଧା କପ୍, ଛେଚା କିମ୍ବା କୋରା ହୋଇଥିବା ଏକ ଚାମଚ ଅଦା, ୧/୪ ଚାମଚ ବେକିଂ ସୋଡ଼ା, ସୋରିଷ ୧/୪ ଚାମଚ, ତେଲ ୨–୩ ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ, ପାଣି।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସୁଜି ନିଅନ୍ତୁ। ସେଥିରେ ଦହି ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ମିଶାଇ ବ୍ୟାଟର ପ୍ରସ୍ତୁତ କରନ୍ତୁ, ଯେପରି ତାହା ଅଧିକ ବହଳିଆ କିମ୍ବା ପାଣିଆ ନ ହୁଏ ସେଥିପ୍ରତି ଧାନ ଦିଅନ୍ତୁ। ସେଥିରେ କଟାହୋଇଥିବା କଞ୍ଚାଲଙ୍କା, ଅଦା ଏବଂ ସ୍ୱାଦାନୁସାରେ ଲୁଣ ପକାଇ ମିଶାନ୍ତୁ ଏବଂ ୧୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ। ଅନ୍ୟ ଏକ ପତ୍ରରେ କଟାହୋଇଥିବା ଟମାଟୋ, ବନ୍ଧାକୋବି, କ୍ୟାପ୍ସିକମ୍, ପିଆଜ, ଧନିଆ ପତ୍ର ମିଶାଇ ରଖନ୍ତୁ। ରଖାଯାଇଥିବା ବ୍ୟାଟରରେ ବେକିଂ ସୋଡ଼ା ମିଶାଇ ଭଲ ଭାବେ ଗୋଳାନ୍ତୁ। ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ କିମ୍ବା ତାୱା ଗରମ କରନ୍ତୁ। ସେଥିରେ ତେଲ ପକାନ୍ତୁ ଏବଂ ଅଳ୍ପ ସୋରିଷ ପକାନ୍ତୁ। ସୋରିଷ ଫୁଟିଲେ ସେଥିରେ ବ୍ୟାଟର ପକାଇ ଚକୁଳି ପିଠା ପରି ଗୋଲ କରନ୍ତୁ ଏବଂ ଏହା ଉପରେ କଟା ପରିବା ପକାଇ ଚାମଚରେ ଧୀରେ ଧୀରେ ଦବାଇ ଦିଅନ୍ତୁ। ଏହା ଉପରେ ଅଳ୍ପ ତେଲ ଛିଞ୍ଚିଦିଅନ୍ତୁ ଏବଂ ଓଲଟାଇ ଦିଅନ୍ତୁ। ଦୁଇ ପାଖ ଅଳ୍ପ ବ୍ରାଉନ୍ କଲର ହୋଇଗଲେ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମା ଗରମ ସୁଜି ଉତ୍ତପମ୍। ଏହାକୁ ଚଟଣି କିମ୍ବା ସସ୍ ସହ ଖାଇବାର ମଜା ନିଅନ୍ତୁ।



ସୌନ୍ଦର୍ଯ୍ୟ

# ଲଙ୍ଗ୍ ଲାଷ୍ଟିଙ୍ଗ୍ ମେକ୍‌ଅପ୍

**ସୁନ୍ଦର ଓ ଆକର୍ଷଣୀୟ ଲୁକ୍ ପାଇଁ କେଉଁ ମହିଳାଙ୍କୁ ବା ମେକ୍‌ଅପ୍ ନେବା ପସନ୍ଦ ନୁହେଁ। ହେଲେ କେବେ କେବେ କୌଣସି ପାର୍ଟି, ଫଙ୍କସନରେ ଯିବା ବେଳେ ସାମାନ୍ୟ ଝାଳ ହୋଇଗଲେ କିମ୍ବା ଖାଇବା ବେଳେ ମେକ୍‌ଅପ୍ ଛାଡ଼ିଯିବା ଯୋଗୁ ଖରାପ ଲାଗିଥାଏ। ହେଲେ କେଉଁସବୁ ଟ୍ରିକ୍ ଆପଣେଇଲେ ଆପଣଙ୍କ ମେକ୍‌ଅପ୍ ଲଙ୍ଗ୍ ଲାଷ୍ଟିଙ୍ଗ୍ ହୋଇପାରିବ ଜାଣିରଖନ୍ତୁ ସେ ସମ୍ପର୍କରେ...**



➤ ପ୍ରଥମେ ମାଇଲ୍ଡ କ୍ଲିଞ୍ଜରରେ ମୁହଁକୁ ସଫାକରି ଟୋନିଂ କରିବା ଦରକାର। ଅଏଲି ସ୍କିନ୍ ପାଇଁ ଅଏଲ ଆବ୍‌ଜର୍ଭିଂ ଟୋନର ବ୍ୟବହାର କରନ୍ତୁ। ମଶ୍ଚରାଇଜର ଲଗାଇବା ପରେ ମ୍ୟାଟ୍ କିମ୍ବା ସିଲିକନ୍ ବେସ୍‌ଡ୍ ପ୍ରାଇମର ଲଗାଇ ୧ମିନିଟ୍ ଛାଡ଼ି ଦିଅନ୍ତୁ।

➤ ଏହାପରେ ମେକ୍‌ଅପ୍ ଅଧିକ ସମୟ ରହିବା ଲାଗି କ୍ରିମ୍ ଫାଉଣ୍ଡେଶନ ବଦଳରେ ହାଇଲି ପିଗ୍‌ମେଣ୍ଟେଡ୍ କିମ୍ବା ୱାଟରପ୍ରୁଫ୍ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ବ୍ୟୁଟି ବ୍ଲେଣ୍ଡରକୁ ଅଳ୍ପ ଓଦାକରି ଏହା ସାହାଯ୍ୟରେ ଫାଉଣ୍ଡେଶନକୁ ପତଳାକରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ। ଏପରି ଲଗାଇଲେ ପ୍ୟାଚେସ୍ ଦେଖାଯିବ ନାହିଁ।

➤ ଆଖିତଳ ଏବଂ ଦାଗ ଥିବା ସ୍ଥାନଗୁଡିକରେ କନ୍ସିଲର ଲଗାନ୍ତୁ। ଟି–ଜୋନ୍ ଏବଂ ଅଏଲି ଏରିଆ ଯେପରିକି ନାକ, କପାଳ ଆଦି ସ୍ଥାନରେ ଅଳ୍ପ ଟ୍ରାନ୍ସଲୁସେଣ୍ଟ ପାଉଡର ଲଗାନ୍ତୁ। ମନେରଖନ୍ତୁ ଆଦୌ ଅଧିକ ପାଉଡର ବ୍ୟବହାର କରନ୍ତୁ ନାହିଁ, ନଚେତ୍ ମେକ୍‌ଅପ୍ ହେଭି ଲାଗିବ।

➤ କ୍ରିମ୍ ବେସ୍‌ଡ ହାଇଲାଇଟର, ବ୍ଲଶ୍ ସହଜରେ ବ୍ଲେଣ୍ଡ ହୋଇଯିବା ସହ ନାଚୁରାଲ ଗ୍ଲୋ ଦେବାରେ ସାହାଯ୍ୟ କରିଥାଏ ଏବଂ ଅଧିକ ସମୟ ପର୍ଯ୍ୟନ୍ତ ରହୁଥିବାରୁ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ।

➤ ଆଇ ମେକ୍‌ଅପ୍ ପାଇଁ ୱାଟରପ୍ରୁଫ୍ କାଜଲ, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କଲେ କୌଣସି କାରଣରୁ ବୋଳି ହୋଇଗଲେ ଅବା ଛାଡ଼ିଗଲେ ମେକ୍‌ଅପ୍ ଖରାପ ଲାଗି ନ ଥାଏ।

➤ ମେକ୍‌ଅପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାଗ ହେଲା ଠିକ୍ ଏବଂ ଲଙ୍ଗ୍ ଲାଷ୍ଟିଙ୍ଗ୍ ଲିପ୍‌ଷ୍ଟିକ୍ ବାଛିବା। ମନେରଖନ୍ତୁ ମେକ୍‌ଅପ୍ ନେବା ପୂର୍ବରୁ ଓଠକୁ ସ୍କ୍ରବିଂ କରିବା ଭଲ। ଓଠରେ ପ୍ରଥମେ ମଶ୍ଚରାଇଜର ଲଗାଇବା ପରେ ଅଳ୍ପ ଫାଉଣ୍ଡେଶନ କିମ୍ବା କନ୍ସିଲର ଲଗାଇ ବେସ୍ ମେକ୍‌ଅପ୍ ଦିଅନ୍ତୁ। ଏହା ପରେ ଲିପ୍‌ଲାଇନରରେ ଆଉଟ୍‌ଲାଇନ୍ କରନ୍ତୁ ଏବଂ ଭିତରେ ଲିକ୍ୱିଡ୍ ମ୍ୟାଟ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ। ଏହା ଅନ୍ୟ ଲିପ୍‌ଷ୍ଟିକ୍ ତୁଳନାରେ ଅଧିକ ସମୟ ରହିବ।

➤ ମେକ୍‌ଅପ୍ ନେବା ପରେ ସେଣ୍ଟ ସ୍ପ୍ରେ ଲଗାଇବାକୁ ଭୁଲନ୍ତୁ ନାହିଁ। ଏପରି ଉପାୟ ଆପଣାଇଲେ ଆପଣଙ୍କ ମେକ୍‌ଅପ୍ ଅଧିକ ସମୟ ରହିପାରିବ।




# ଭାରତ-ପାକିସ୍ତାନ ମ୍ୟାଚ୍ ନ ହେଲେ ୨୨୦୦ କୋଟି କ୍ଷତି

**ନୂଆଦିଲ୍ଲୀ,୨।୨(ପି.ଟି.)**

ଏକ ଆଇସିସି ଇଭେଣ୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମ୍ୟାଚ୍‌ରୁ ଆନୁମାନିକ ୨୫୦ ମିଲିଅନ ଆମେରିକୀୟ ଡଲାର ବା ୨୨୦୦ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି ହୋଇଥାଏ। ଏଣୁ ଯଦି ଟି୨୦ ବିଶ୍ୱକପ୍‌ରୁ ଭାରତ-ପାକ୍ ମ୍ୟାଚ୍‌କୁ ବାଦ୍ ଦିଆଯାଏ, ତେବେ ଆଇସିସି ସମେତ ପ୍ରତ୍ୟେକ ଅଂଶୀଦାରଙ୍କୁ ପ୍ରବଳ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଭାରତ ବିପକ୍ଷରେ ଆସନ୍ତା ୧୫ ତାରିଖରେ କଲମ୍ବୋରେ ହେବାକୁ ଥିବା ବହୁପ୍ରତୀକ୍ଷିତ ମ୍ୟାଚ୍‌କୁ ପାକିସ୍ତାନ ଦଳ ବର୍ଜନ କରିବ ବୋଲି ପାକିସ୍ତାନ ସରକାର ଘୋଷଣା କରିଛନ୍ତି। ଯଦି ପାକିସ୍ତାନ ନିଜ ଜିଦ୍‌ରେ ଅଟଳ ରୁହେ, ତେବେ ସେମାନଙ୍କୁ ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡ଼ିବ। ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ବିଜ୍ଞାପନ ବାବଦକୁ ୨୦୦ରୁ ୨୫୦ କୋଟି ଟଙ୍କାର ରାଜସ୍ୱ ହରାଇବ।

ଭାରତ ବିପକ୍ଷ ମ୍ୟାଚ୍‌କୁ ବର୍ଜନ କରାଯିବ ବୋଲି ପାକିସ୍ତାନ ସରକାର ଘୋଷଣା ପରେ ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଥିଲା, ଚୟନମୂଳକ ଅଂଶଗ୍ରହଣ କରିବା ନିଷ୍ପତ୍ତି ବିଶ୍ୱ ସ୍ତରୀୟ ଇଭେଣ୍ଟର ମୂଳଗତ ନିୟମକୁ ଉଲ୍ଲଂଘନ କରୁଛି। କାରଣ ବିଶ୍ୱ ସ୍ତରୀୟ ପ୍ରତିଯୋଗିତାରେ ସମସ୍ତ ଯୋଗ୍ୟତାପ୍ରାପ୍ତ ଦଳ କାର୍ଯ୍ୟସୂଚୀ ଆଧାରରେ ସମାନ ସର୍ତ୍ତରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଆଶା କରାଯାଏ। ଆଇସିସି ଟୁର୍ନାମେଣ୍ଟ ଖେଳର ଅଖଣ୍ଡତା, ପ୍ରତିଦ୍ୱନ୍ଦ୍ୱିତାଭାବ, ସ୍ଥିରତା ଓ ନ୍ୟାୟ ଉପରେ ଆଧାରିତ। ଚୟନମୂଳକ ଅଂଶଗ୍ରହଣତା ପ୍ରତିଯୋଗିତାର ପବିତ୍ରତାକୁ କ୍ଷୁଣ୍ଣ କରିବ।

## ମ୍ୟାଚ ବର୍ଜନ ସହଜ ହେବନି

ଭାରତ ବିପକ୍ଷ ମ୍ୟାଚ୍‌କୁ ପାକିସ୍ତାନ ବର୍ଜନ କରିବା ନିଷ୍ପତ୍ତି ସମ୍ପର୍କରେ ଆଇସିସିର ପୂର୍ବତନ ହେଡ୍ ଅଫ୍ କମ୍ୟୁନିକେଶନ୍ସ ସାମି-ଉଲ-ହାସନ ବର୍ନି କହିଛନ୍ତି, ସରକାରଙ୍କ ନିଷ୍ପତ୍ତିରେ ଆମେ ଏକମତ ହୋଇପାରୁ କିମ୍ବା ଭିନ୍ନମତ ରଖିପାରୁ। କିନ୍ତୁ ଏଭଳି ନିଷ୍ପତ୍ତି ନେବା ସହଜ ନୁହେଁ। ଏହି ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ସେମାନେ ଅନେକ ଲୋକଙ୍କ ସହ କଥା ହୋଇଥିବେ ଏବଂ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇଥିବେ। ମୁଁ ନିଶ୍ଚିତ ଯେ, ଖୁବ ଆଲୋଚନା ପର୍ଯ୍ୟାଲୋଚନା ପରେ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି ଆମେ ପ୍ରତିବନ୍ଧକ କିମ୍ବା କ୍ଷତି ସମ୍ପର୍କରେ କଥା ହେବା, ତେବେ ପ୍ରସାରଣ ବାବଦକୁ ହେବାକୁ ଥିବା କ୍ଷତି ସମେତ ସେହି ମ୍ୟାଚ୍ ଲାଗି ପ୍ରାୟ ୨୫୦ ମିଲିଅନ ଆମେରିକୀୟ ଡଲାର କ୍ଷତି ହେବ। ପାକିସ୍ତାନର ବାର୍ଷିକ ରାଜସ୍ୱ ହେଉଛି ୩୫.୫ ମିଲିଅନ ଡଲାର। ଏଣୁ ଏଥିରେ ବହୁତ ବଡ଼ ଫରକ ରହିଛି। ଅନ୍ୟ ଦେଶଗୁଡ଼ିକ ଭଳି ପାକିସ୍ତାନ ଗତ ୨୦ ବର୍ଷରେ ଘରୋଇ ମାଟିରେ ଭାରତ ସହିତ ଦ୍ୱିପାକ୍ଷୀକ ସିରିଜ୍ ଖେଳି ନାହିଁ। ପାକିସ୍ତାନର ଏହି ନିଷ୍ପତ୍ତି କାରଣରୁ ପିସିବିକୁ ଆର୍ଥିକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ। ଯଦି ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ସହ ନ ଖେଳି ୨୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ପାରେ, ତେବେ ପାକିସ୍ତାନ କ୍ରିକେଟ ବଞ୍ଚିପାରିବ।

## 'ସରକାରଙ୍କ ନିଷ୍ପତ୍ତି ମାନିବୁ'

**କରାଚୀ,୨।୨(ପି.ଟି.)**

ସରକାର କିମ୍ବା କ୍ରିକେଟ ବୋର୍ଡ ଯାହା ନିଷ୍ପତ୍ତି ନେବେ, ଆମେ ତାହା ପାଳନ କରିବୁ। ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା ସୋମବାର ଦଳର କଲମ୍ବୋ ଯାତ୍ରା ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

ଆମ ଖେଳାଳିଙ୍କର ବୋର୍ଡ ସହ ଚୁକ୍ତି ହୋଇଛି। ଆମ ସରକାର ଓ ବୋର୍ଡ ଯାହା ନିଷ୍ପତ୍ତି ନେବେ, ସମସ୍ତ ଖେଳାଳି ତାହା ପାଳନ କରିବେ। ଭାରତ ବିପକ୍ଷ ମ୍ୟାଚ୍ ଛଡ଼ା ଆମକୁ ୩ଟି ଗ୍ରୁପ ମ୍ୟାଚ୍ ଖେଳିବାର ଅଛି। ଆମେ ସେଗୁଡ଼ିକୁ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବାକୁ ଲକ୍ଷ୍ୟ ରଖିଛୁ ବୋଲି ସଲମାନ କହିଛନ୍ତି। ଅନ୍ୟପକ୍ଷରେ ଶାହିଦ ଆଫ୍ରିଦୀ, ମହମ୍ମଦ ୟୁସୁଫ, ରଶିଦ ଲତିଫ, ମୋଇନ ଖାନ, ସର୍ଫରାଜ ଅହମଦ, ମହସିନ ଖାନଙ୍କ ଭଳି ପୂର୍ବତନ ଖେଳାଳି ଭାରତ ବିପକ୍ଷ ମ୍ୟାଚ୍‌କୁ ବଏକଟ କରାଯିବା ନିଷ୍ପତ୍ତି ପ୍ରତି ସମର୍ଥନ ବ୍ୟକ୍ତ କରିଛନ୍ତି।



ପୁଣେରେ ଆୟୋଜିତ ୪୩ତମ ଜାତୀୟ ଜଳକ୍ରୀଡ଼ାର ୨୦୦୦ ମିଟର ରୋଇଂ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ରିତୁ କଉଡ଼ି ଓ ସୋନାଲିକା ଦାସ।

# ସେମିରେ ସହିଦ ସ୍ପୋର୍ଟିଂ, ଆଲ୍‌ଫା

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ବିଜୟୀ ହୋଇ ଭୁବନେଶ୍ୱରର ସହିଦ ସ୍ପୋର୍ଟିଂ ଓ ବ୍ରହ୍ମପୁରର ଆଲ୍‌ଫା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ସହିଦ ସ୍ପୋର୍ଟିଂ ୬ ଉଇକେଟରେ ସୋଲାର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ସୋଲାର ୧୯.୫ ଓଭରରେ ୧୬୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବିଶ୍ୱାସ ସର୍ବାଧିକ ୪୨ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୩୪ ରନ କରିଥିଲେ। ବିପକ୍ଷ ଦଳର ଶୁଭମ୍ ଶତ୍ରୁଜିତ ୪ଟି ଓ ସୌମ୍ୟରଞ୍ଜନ ମହାନ୍ତି ୩ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ଶୁଭମ୍ ଶତ୍ରୁଜିତ ସର୍ବାଧିକ ୪୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୩୨ ରନରେ ଆଉଟ ହୋଇଥିବାବେଳେ ସୁଶୀଲ କୁମାର ବାରିକ ୪୨ ରନରେ ଅପରାଜିତ ରହିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶୁଭମ୍ ଶତ୍ରୁଜିତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆଲ୍‌ଫା ୩୫ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆଲ୍‌ଫା ୨୦ ଓଭରରେ ୭ ଉଇକେଟ ହରାଇ ୧୬୫ ରନ କରିଥିଲା। ସୁଜିତ କୁମାର ଲେଙ୍କା ୪୧ ଓ ରୋହିତ ସାଗର ୩୫ ରନ କରିଥିଲେ। ପ୍ରତିପକ୍ଷ ଦଳର ମିଲନ ସାମଲ ଓ ସୁମିତ ମହାରଣା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୬୬ ରନ ବିଜୟ ଲକ୍ଷ୍ୟର ପିଛାକରି ପ୍ରଗତି ୨୦ ଓଭରରେ ୯ ଉଇକେଟ ହରାଇ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଶୁଭମ୍ ନାଏକ ସର୍ବାଧିକ ୨୮ ରନ କରିଥିଲେ। ଆଲ୍‌ଫା ବୋଲରଙ୍କ ମଧ୍ୟରେ ରାମଚନ୍ଦ୍ର ବେହେରା ଓ ଅମିତ ଦାସ ୪ଟି ଲେଖାଏ ଉଇକେଟ ନେଇଥିଲେ। ୧୬ ରନ କରିବା ସହ ୪ ଉଇକେଟ ନେଇଥିବା ରାମଚନ୍ଦ୍ର ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଅମ୍ପାୟର ନିର୍ମଳ ମିଶ୍ର ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ।




ଶୁଭମ୍ ଶତ୍ରୁଜିତ ଓ ରାମଚନ୍ଦ୍ର ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଫ୍ୟାନକୋଡ୍‌କୁ ଆଇଏସ୍‌ଏଲ୍ ପ୍ରସାରଣ ଅଧିକାର

**ନୂଆଦିଲ୍ଲୀ,୨।୨:** ଆସନ୍ତା ୧୪ ତାରିଖରୁ ଆରମ୍ଭ ହେଉଥିବା ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୨୦୨୫-୨୬ ସିଜନ ଲାଗି ପ୍ରସାରଣ ଅଧିକାର ଫ୍ୟାନକୋଡ୍‌କୁ ପ୍ରଦାନ କରାଯାଇଛି। ଏ ନେଇ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଅନ୍ୟ ୬ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ଫ୍ୟାନକୋଡ୍ ଏହି ଚୁକ୍ତି ହାସଲ କରିଛି। ସୋମବାର ବିଡ୍ସ ଦାଖଲ ପ୍ରକ୍ରିୟା ଆରମ୍ଭ କରାଯିବା ପୂର୍ବରୁ ଗତ ମାସ ୧୮ ତାରିଖରେ ଫେଡେରେଶନ ପକ୍ଷରୁ ରିକ୍ୱେଷ୍ଟ ଫର ପ୍ରପୋଜାଲ (ଆର୍‌ଏଫ୍‌ପି) ଟେଣ୍ଡର ଜାରି କରାଯାଇଥିଲା।

ଫ୍ୟାନକୋଡ୍ ଏକ ଡ୍ରିମ ସ୍ପୋର୍ଟ୍ସ କମ୍ପାନୀ ୮.୬୨ କୋଟି ଟଙ୍କାରେ ଆଇଏସ୍‌ଏଲ୍‌ର ପ୍ରସାରଣ ଅଧିକାର ହାସଲ କରିଛି। ଆଇଏସ୍‌ଏଲ୍ ୨୦୨୫-୨୬ ପ୍ରସାରଣ ଅଧିକାର ଲାଗି ସୋନୀ ସ୍ପୋର୍ଟ୍ସ ଓ ଜି ସ୍ପୋର୍ଟ୍ସ ସମେତ ୭ କମ୍ପାନୀ ପ୍ରାରମ୍ଭିକ ଭାବେ ଇଚ୍ଛା ପ୍ରକଟ କରିଥିଲେ। କାଲେଡୋସ୍କୋପ ପ୍ରଡକଶନ ଆଣ୍ଡ ସର୍ଭିସେସ୍ (କେପିଏସ୍ ଷ୍ଟୁଡିଓସ) ଲିଗ୍‌ର ପ୍ରଡକଶନ ଦାୟିତ୍ୱ ସମ୍ଭାଳିବ। ଉଲ୍ଲେଖଯୋଗ୍ୟ, ୫ ମାସର ଅନିଶ୍ଚିତତା ପରେ ବିଳମ୍ବିତ ଆଇଏସ୍‌ଏଲ୍ ଆସନ୍ତା ୧୪ ତାରିଖରୁ ଏକ ଛୋଟ ଭର୍ସନରେ ଆରମ୍ଭ ହେବାକୁ ଯାଉଛି।

# ୪୮ ପଦକ ସହ ଓଡ଼ିଶା ତୃତୀୟ




ଜାତୀୟ ନାନ୍‌ଚାକୁ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ଓଡ଼ିଶା ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଜାତୀୟ ନନ୍‌ଚାକୁ**

**ଭୁବନେଶ୍ୱର ୨।୨ (ବିଜୟ ରଣା)**

ନାନ୍‌ଚାକୁ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଉତ୍ତର ପ୍ରଦେଶର କାନପୁରରେ ୪ର୍ଥ ଜାତୀୟ ନନ୍‌ଚାକୁ ପ୍ରତିଯୋଗିତା ଜାନୁଆରୀ ୩୦ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୧୮ ଜଣ ପ୍ରତିଯୋଗୀ ପ୍ରବନ୍ଧକ ସନ୍ତୋଷ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଂଶଗ୍ରହଣ କରି ୧୨ସ୍ୱର୍ଣ୍ଣ, ୧୨ରୌପ୍ୟ ଓ ୨୪ ବ୍ରୋଞ୍ଜ ପଦକ ପାଇଛନ୍ତି। ରେଫରି ପରୀକ୍ଷାରେ ଦୀପକ କୁମାର ସାମନ୍ତରା ଓ ସପନ କୁମାର ମିଶ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ କୋଚ୍ ପରୀକ୍ଷାରେ ସୁବାସ ଚନ୍ଦ୍ର ଦଳାଇ, କ୍ରିଷ୍ଣା ଶିକାରୀ, ଗୋପାଳ ଚନ୍ଦ୍ର କହଁର, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ୍ ମଲ୍ଲିକ ଓ ଆୟୁଷ ପ୍ରସାଦ ରଥ ପ୍ରମୁଖ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏସୀୟ ନନ୍‌ଚାକୁ ପ୍ରତିଯୋଗିତାରେ ପ୍ରଥମ ଥର ଓଡ଼ିଶାରୁ ଭାଗ ନେଇଥିବା ୫ ଜଣ ପ୍ରତିଯୋଗୀ ମୁକୁନ୍ଦ ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ସାନ୍‌ଭି ମିଶ୍ର, ଶୁଭମ୍ ଦଳାଇ ଓ ପ୍ରଜ୍ଞା ବର୍ଦ୍ଧନଙ୍କୁ ଟ୍ରାକ ସୁଟ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ନାନ୍‌ଚାକୁ ସଂଘ ତରଫରୁ ଜାତୀୟ ସଂଘର ଚେୟାରମ୍ୟାନ, ସମ୍ପାଦକ, ଟେକ୍ନିକାଲ ଡାଇରେକ୍ଟର ଓ ସଂଯୋଜକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ଜାତୀୟ ନାନଚାକୁ ସଂଘର ସମ୍ପାଦକ ବାବୁଲ ବର୍ମା ପ୍ରତିଯୋଗୀମାନଙ୍କୁ ପଦକ ବିତରଣ କରିବା ସହ ଅଫିସିଆଲ୍‌ମାନଙ୍କୁ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଣ୍ଣ ପଦକ ପାଇଥିବା ଖେଳାଳି ହେଲେ ମୁକୁନ୍ଦ ବର୍ଦ୍ଧନ (୨), କ୍ରିଷ୍ଣା ଶିକାରୀ (୨), ସାନଭି ମିଶ୍ର (୨), ପ୍ରଜ୍ଞା ବର୍ଦ୍ଧନ ଗୋପାଳ ଚନ୍ଦ୍ର କହଁର, ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ଖିତିସ କୁମାର ଯାଦବ, ରୌପ୍ୟ ପଦକ ବିଜେତାମାନେ ହେଲେ ଗୋପାଳ ଚନ୍ଦ୍ର କହଁର (୨), ମନଶ୍ରୀ ବରାଳ (୨), ପ୍ରଜ୍ଞା ବର୍ଦ୍ଧନ,ମୁକୁନ୍ଦ ବର୍ଦ୍ଧନ, ଆୟୁଷ ପ୍ରସାଦ ରଥ,ଶୁଭମ୍ ଦଳାଇ, କୁନାଲ ପଟ୍ଟନାୟକ, ଅଭର୍ଥାନ ବରାଳ, ଖିତିସ୍ କୁମାର ଯାଦବ ଓ ହରିହର ମହାପାତ୍ର, ବ୍ରୋଞ୍ଜ ପଦକ ବିଜେତା ମାନେ ହେଲେ ବାଇଲୋଚନ ମଲ୍ଲିକ(୩), ରଞ୍ଜନ କୁମାର ପୃଷ୍ଟି (୩), ଓମ୍ ସାଇ ପ୍ରସାଦ (୩), ଆରାଧନା ନାୟକ (୩), ପ୍ରିୟଂଶୁ ଶେଖର (୨), ପ୍ରଜ୍ଞା ବର୍ଦ୍ଧନ, କ୍ରିଷ୍ଣା ଶିକାରୀ, ଆୟୁଷ୍ମାନ ପୃଷ୍ଟି, ଆୟୁଷ ପ୍ରସାଦ ରଥ, ସାନଭି ମିଶ୍ର, ଶୁଭମ୍ ଦଳାଇ, ମନୁଶ୍ରୀ ବରାଳ, କୁନାଲ ପଟ୍ଟନାୟକ, ଅଭ୍ୟର୍ଥନା ବରାଳ ଓ ହରିହର ମହାପାତ୍ର। ଉତ୍ତୀର୍ଣ୍ଣ ପ୍ରତିଯୋଗୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକ, ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରୀ ମହାନ୍ତି, କରାଟେ ସ୍କୁଲର ବରିଷ୍ଠ ପ୍ରଶିକ୍ଷକ ମାନେ ଓ ଅଭିଭାବକ ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ବଲପୁର ଚାମ୍ପିୟନ, କିଟ୍ ରନରଅପ୍

**ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି**

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି ଟୁର୍ନାମେଣ୍ଟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ଚାମ୍ପିୟନ ଓ କିଟ୍ ରନରଅପ୍ ହୋଇଛି। ସୋମବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଅଲ୍ ଓଡ଼ିଶା ଫାଇନାଲରେ ସମ୍ବଲପୁର ଶୁଟ୍‌ଆଉଟ ୩-୨ ଗୋଲରେ କିଟ୍ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ଲାଗି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ପ୍ଲେଅଫ୍‌ରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିଅରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି, ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)ର ଆଡିଶନାଲ ସେକ୍ରେଟାରି ମମତା ରାଣୀ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ଦଳକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରଥମ ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୁଟ୍‌ଆଉଟରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିୟରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ପ୍ରତିଯୋଗିତାରେ ଦେଶର ୧୬ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ସମ୍ବଲପୁର ଓ ରନରଅପ୍ କିଟ୍ ବିଶ୍ୱବିଦ୍ୟାଳୟର ଖେଳାଳିମାନେ।

# ଜାତୀୟ ପାରା ବୋସିଆରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୨।୨ (ତପନ ସ୍ୱାଇଁ)**

ଗୁଜରାଟର ଅହମଦାବାଦଠାରେ ୧୦ମ ଜାତୀୟ ପାରା ବୋସିଆ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ପ୍ରତିଯୋଗିମାନେ ପ୍ରଭାବୀ ପ୍ରଦର୍ଶନ କରି ୩ ପଦକ ହାସଲ କରିଛନ୍ତି। ମିକ୍ସଡ ବିସି-୪ ଟିମ୍ ଇଭେଣ୍ଟରେ ସୋନାଲି ଓଝା ଓ ତାଙ୍କ ପାର୍ଟନର ହେମନ୍ତ କୁମାର ଶେଠି ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ବ୍ୟକ୍ତିଗତ ବିସି-୪ ବର୍ଗରେ ଦମୟନ୍ତି ଓଝା ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମିକ୍ସଡ ବିସି-୪ ଟିମ୍ ଇଭେଣ୍ଟରେ ଦମୟନ୍ତି ଓଝା ଓ ତାଙ୍କ ପାର୍ଟନର ମିଲଟନ ପୋଥାଳ ବ୍ରୋଞ୍ଜ ଜିତିଛନ୍ତି। କୋଚ୍ କୋଲା ଜଗନ୍ନାଥ ରେଡ୍ଡୀ ଓ ମ୍ୟାନେଜର ରାକେଶ ଚନ୍ଦ୍ର ବେହେରାଙ୍କ ସହ ମୋଟ ୧୧ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।




ଜାତୀୟ ପାରା ବୋସିଆରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ